

ସୂରଜ ବାଛିଲେ ଜୀବନସାଥୀ
ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17








Vol. 33 | ISSUE 110 | ଭାଗ ୩୩ | ସଂଖ୍ୟା ୧୧୦ Bhubaneswar | Friday 11 July 2025 | Page 8 Rs. 4.00 ● ଭୁବନେଶ୍ୱର ଶୁକ୍ରବାର ୧୧ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ରାହୁଲ ଦେବେ ମନ୍ତ୍ର



**ରାହୁଲଙ୍କ ଗସ୍ତକୁ ନେଇ ଉତ୍ସାହିତ କଂଗ୍ରେସ**

**ସଫଳ କରିବାକୁ ଭକ୍ତଙ୍କ ଟିମର ପ୍ରସ୍ତୁତି**

**ଧର୍ମଘଟ କୋହଳ କଲା ଡ୍ରାଇଭର ମହାସଂଘ**

**ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ):** ଆସନ୍ତାକାଲି ଓଡ଼ିଶା ଆସୁଛନ୍ତି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ରାହୁଲଙ୍କ ଗସ୍ତକୁ ନେଇ କଂଗ୍ରେସ ଶିବିର ବେଶ୍ ଚଳଚଞ୍ଚଳ ହୋଇଉଠିଛି । ସମ୍ବିଧାନ ବଞ୍ଚାଅ ଦେଶ ବଞ୍ଚାଅ ନାରା ଦେଇ ରାହୁଲ ଆସନ୍ତାକାଲି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବେ। ଯେଉଁଥିପାଇଁ ରାଜ୍ୟ କଂଗ୍ରେସ ଶିବିର ମଧ୍ୟ ବେଶ ଉତ୍ସାହିତ। ରାହୁଲ ଆସନ୍ତାକାଲି ପୂର୍ବାହ୍ନ ସାଢ଼େ ୧୧ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସିଧାସଳଖ ବରମୁଣ୍ଡାସ୍ଥିତ ସମାବେଶ ସ୍ଥଳ ଅଭିମୁଖେ ଯାତ୍ରା କରିବେ। ବରମୁଣ୍ଡା ସଭାସ୍ଥଳରେ ଆୟୋଜିତ ହେବାକୁ ଥିବା ସମ୍ବିଧାନ ବଞ୍ଚାଅ ମହାସମାବେଶରେ ପ୍ରାୟ ଦେଢ଼ ଘଣ୍ଟା ରହିବେ ରାହୁଲ୍। ଏହି ସମୟ ମଧ୍ୟରେ ସେ ବିଭିନ୍ନ କାରଣରୁ ବିସ୍ଥାପିତ ହୋଇଥିବା ଆଦିବାସୀଙ୍କ ଏକ ପ୍ରତିନିଧି ଦଳକୁ ଭେଟିବା ସହ ଚାଷୀଙ୍କ ପ୍ରତିନିଧିଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି। ସମାବେଶ ପରେ ରାହୁଲ କଂଗ୍ରେସ ଭବନରେ କଂଗ୍ରେସ ରାଜନୈତିକ ବ୍ୟାପାର କମିଟି ଓ ଦଳର ବରିଷ୍ଠ ନେତା ଓ ବିଧାୟକଙ୍କ ସହ ଭିନ୍ନ ଭିନ୍ନ ବୈଠକ କରିବେ। ଭକ୍ତ ଦାସ ପିସିସି ସଭାପତି ହେବା ପରେ ପ୍ରଥମ ଥର ପାଇଁ ରାହୁଲ ଓଡ଼ିଶା ଆସୁଛନ୍ତି ଆଉ ରାଜଧାନୀର ଛାତି ଉପରେ ସରକାର ବିରୋଧୀ ସମାବେଶ କରିବେ। ଏହି ଦୃଷ୍ଟିରୁ ଦଳର ସବୁ ସ୍ତରର ନେତା ଏକାଠି ହୋଇଛନ୍ତି ରାହୁଲଙ୍କ ଗସ୍ତକୁ ସଫଳ କରିବା ପାଇଁ। ତେବେ ରାଜନୈତିକ ସମୀକ୍ଷକମାନେ ରାହୁଲଙ୍କ ଗସ୍ତକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ରାଜ୍ୟରେ ବିଜେପି ସରକାର ବିଭିନ୍ନ କାରଣରୁ ସମାଲୋଚନାର ଶିକାର ହୋଇଥିବା ବେଳେ ମୁଖ୍ୟ ବିରୋଧୀ ➪ପୃଷ୍ଠା-୬

# ମାଓମୁକ୍ତ ଭାରତ ଗଠନ ପାଇଁ ମାନସ ମନ୍ଥନ

- ଆସନ୍ତା ବର୍ଷ ପୁରୀରେ ହେବ ଇଜେଡ଼୍ସି ବୈଠକ
- ରାଜ୍ୟରେ ବ୍ୟାଙ୍କିଙ୍ଗ ସେବାର ଅଭିବୃଦ୍ଧି ପାଇଁ ମୋହନଙ୍କ ପ୍ରସ୍ତାବ
- ସବୁ ପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ଶାଖା ଖୋଲିବାକୁ ରାଜ୍ୟର ଦାବି
- ପ୍ରତି ଗାଁରେ ଇଣ୍ଟରନେଟ ସେବା ପହଞ୍ଚାଇବାକୁ ରାଜ୍ୟର ପ୍ରସ୍ତାବ
- ଅପହଞ୍ଚ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶକୁ ଗୁରୁତ୍ୱ



**ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ):** ରାଜ୍ୟର ଅପହଞ୍ଚ ଅଞ୍ଚଳରେ ବିକାଶ ପହଞ୍ଚାଇବା ସହ ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିରେ ଅନୁଷ୍ଠିତ ପୂର୍ବାଞ୍ଚଳ ଜୋନାଲ ପରିଷଦ (ଇଜେଡ଼୍ସି) ବୈଠକରେ ଓଡ଼ିଶା ସରକାର ପ୍ରସ୍ତାବ ଦେଇଛନ୍ତି। ଓଡ଼ିଶା ସମେତ ଆୟୋଜକ ଝାଡ଼ଖଣ୍ଡ, ବିହାର ଓ ପଶ୍ଚିମବଙ୍ଗକୁ ନେଇ ଅନୁଷ୍ଠିତ ହୋଇଥିବା ପରିଷଦ ବୈଠକରେ ଆସନ୍ତା ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ମାଓବାଦୀଙ୍କୁ ସମ୍ପୂର୍ଣ୍ଣ ନିପାତ କରିବାକୁ ରୋଡ୍‌ମ୍ୟାପ ପ୍ରସ୍ତୁତ କରିଥିଲେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ।

ଏଥିସହ ଆସନ୍ତା ବର୍ଷ ୨୮ତମ ପରିଷଦ ବୈଠକ ଓଡ଼ିଶାରେ ଅନୁଷ୍ଠିତ ହେବ ଓ ଏହା ପୁରୀରେ ଆୟୋଜିତ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆସନ୍ତା ବର୍ଷ ଏହି ବୈଠକ ଓଡ଼ିଶାରେ କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ । ଏହାକୁ କେନ୍ଦ୍ରମନ୍ତ୍ରୀ ଏବଂ ଅନ୍ୟ ସମସ୍ତ ସଦସ୍ୟମାନେ ଗ୍ରହଣ କରିଥିଲେ। ଏହା ପୁରୀରେ ଅନୁଷ୍ଠିତ ହେବ ବୋଲି ବୈଠକରେ ଘୋଷଣା କରାଯାଇଥିଲା ।

ଦେଶକୁ ମାଓମୁକ୍ତ କରିବା ପାଇଁ ଓଡ଼ିଶାର ସହଯୋଗ ସାଙ୍ଗକୁ ପଛୁଆ ଅଞ୍ଚଳରେ ବିକାଶର ଧାରା ପହଞ୍ଚାଇବାକୁ ଇଣ୍ଟରନେଟ୍ ଓ ବ୍ୟାଙ୍କିଂ ସେବା ବଢ଼ାଇବାକୁ କେନ୍ଦ୍ର ନିକଟରେ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ରାଜ୍ୟର ଗ୍ରାମାଞ୍ଚଳରେ ମୋବାଇଲ ନେଟୱର୍କ ବଢ଼ାଇବା, ୧୬୩୧ ବ୍ୟାଙ୍କ ନଥିବା ଗ୍ରାମପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ଶାଖା ଖୋଲିବା, ସମ୍ପୃକ୍ତ ଅଞ୍ଚଳରେ ଉତ୍ତମ ଇଣ୍ଟରନେଟ ସୁବିଧା ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ। ବୈଠକରେ ପୂର୍ବାଞ୍ଚଳ ରାଜ୍ୟର ଆଭ୍ୟନ୍ତରୀଣ ସୁରକ୍ଷା, ମାଓ ସମସ୍ୟା, ରାଜ୍ୟ-ରାଜ୍ୟ ମଧ୍ୟରେ ସମନ୍ୱୟ ଓ ବିଭିନ୍ନ ଆଞ୍ଚଳିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି ।

ଆୟୁଷ୍ମାନ ଭାରତ ଯୋଜନାର ସୁବିଧା ଯେପରି ସମସ୍ତଙ୍କ ପାଖରେ ପହଞ୍ଚିବ ଏବଂ ସମସ୍ତ ହିତାଧିକାରୀ ଏହାର ସୁବିଧା ପାଇବେ ସେ ସମ୍ପର୍କରେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ଯୋଜନାର ସଫଳତା ସମ୍ପର୍କରେ ମଧ୍ୟ ବୈଠକରେ ସେ ଆଲୋକପାତ କରିଥିଲେ ବୋଲି କହିଥିଲେ। ମହିଳାଙ୍କ ସଶକ୍ତିକରଣ, ଶ୍ରୀଅନ୍ନ ଯୋଜନାର ସଫଳତା, ଆୟୁଷ୍ମାନ ଭାରତ ଯୋଜନାର ସଫଳତା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବ୍ୟାଙ୍କିଙ୍ଗ ସେବା କ୍ଷେତ୍ରରେ ଓଡ଼ିଶାରେ ଆହୁରି ଉନ୍ନତିର ଆବଶ୍ୟକତା ଅଛି। ଅନେକ ଅଞ୍ଚଳରେ ବ୍ୟାଙ୍କିଙ୍ଗ ସେବା ପହଞ୍ଚିପାରିନାହିଁ । ତେଣୁ ଓଡ଼ିଶାର ଅଧିକ ଅଞ୍ଚଳରେ ବ୍ୟାଙ୍କିଙ୍ଗ ସେବା ପ୍ରଦାନ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ସେ ବୈଠକରେ ପ୍ରସ୍ତାବ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଗତ ବର୍ଷକ ମଧ୍ୟରେ ରାଜ୍ୟ ସରକାରଙ୍କ ଉପଲବ୍ଧି ସମ୍ପର୍କରେ ମଧ୍ୟ କେନ୍ଦ୍ର ସରକାରଙ୍କୁ ଅବଗତ କରିଥିଲେ ମୁଖ୍ୟମନ୍ତ୍ରୀ। ରାଜ୍ୟରେ ବିଜେପି ସରକାର ଆସିବା ପରେ ରାଜ୍ୟବାସୀ ଆୟୁଷ୍ମାନ ଭାରତ ଓ ଆୟୁଷ୍ମାନ ଭାରତ ବୟୋବନ୍ଦନା ଯୋଜନାର ସୁଫଳ ପାଇପାରୁଛନ୍ତି। ଶ୍ରୀ ଅନ୍ନ ଯୋଜନା ସାରା ବିଶ୍ୱରେ ଏକ ମଡେଲ ହୋଇଛି। କାରଣ ଏହି ଯୋଜନାରେ ମିଲେଟ ଉତ୍ପାଦନ କରୁଥିବା ଚାଷୀଙ୍କୁ ଏମଏସପି ସହ ଇନପୁଟ ସହାୟତା ଦିଆଯାଉଛି। ଏହି ଯୋଜନାରେ କିଭଳି ଅଧିକ ଚାଷୀ ସ୍ୱାବଲମ୍ବୀ ହୋଇପାରିବେ ତାକୁ ରାଜ୍ୟ ସରକାର ଫୋକସରେ ➪ପୃଷ୍ଠା-୬

### କୁଳପତି ସମ୍ମିଳନୀକୁ ଉଦ୍‌ଘାଟନ କଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

# ୨୦୩୫ ସୁଦ୍ଧା ଉଚ୍ଚଶିକ୍ଷାରେ ୫୦% ବଢ଼ିବ ନାମଲେଖା

- ‘ବିକଶିତ ଭାରତ’ ପାଇଁ ଖସଡ଼ା ପ୍ରସ୍ତୁତି ଆହ୍ୱାନ
- ଏନ୍‌ଇପିର ପଞ୍ଚ ସଂକଳ୍ପ ଉଚ୍ଚ ଶିକ୍ଷାନୁଷ୍ଠାନ ପାଇଁ ମାର୍ଗଦର୍ଶକ ନୀତି ହେବ



**କେଭାଡିଆ/ଗୁଜରାଟ,୧୦।୭(ସଂଚାର ବ୍ୟୁରୋ):** ୨୦୩୫ ସୁଦ୍ଧା ଦେଶରେ ଉଚ୍ଚଶିକ୍ଷା କ୍ଷେତ୍ରରେ ନାମଲେଖାକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି। ଏଥିପାଇଁ ପାଠ୍ୟକ୍ରମକୁ ନୂଆ ରୂପ ଦେବା ସହ ଏକ ବ୍ୟବସ୍ଥିତ ଡିଜିଟାଲ ବ୍ୟବସ୍ଥା ତିଆରି କରିବା ପାଇଁ ପଡ଼ିବ। ଅଧ୍ୟାପକମାନଙ୍କୁ ତାଲିମ ସହିତ ବିବିଧ ପଦ୍ଧତିକୁ ପ୍ରୋତ୍ସାହିତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପଦକ୍ଷେପ ନେବାକୁ ହେବ ବୋଲି ଗୁରୁବାର ଗୁଜୁରାଟର କେଭାଡିଆରେ ଅନୁଷ୍ଠିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଦୁଇଦିନିଆ କୁଳପତି ସମ୍ମିଳନୀରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) କାର୍ଯ୍ୟକାରୀ କରିବା ପାଇଁ ଶିକ୍ଷା ନୀତିର ପୂର୍ଣ୍ଣ କ୍ରିୟାନ୍ୱୟନ ଉପରେ ଏକ ରଣନୀତିପତ୍ର ପ୍ରସ୍ତୁତ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଗତ ଦଶନ୍ଧିରେ ଭାରତର ଉଚ୍ଚଶିକ୍ଷା ପରିସଂସ୍ଥାନ ଏକ ମୌଳିକ ପରିବର୍ତ୍ତନ ଦେଇ ଗତି କରିଛି। ଆମର ପଦକ୍ଷେପ ଶିକ୍ଷାନୁଷ୍ଠାନଗୁଡ଼ିକୁ ସର୍ବବ୍ୟାପୀ, ସର୍ବସ୍ପର୍ଶୀ, ବହୁମୁଖୀ କରିବା ସହ ନବସୃଜନରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଆଣିପାରିଛି। ଫଳସ୍ୱରୂପ ଦେଶରେ ମୋଟ ଛାତ୍ରଛାତ୍ରୀଙ୍କ ନାମଲେଖା ୪.୪୬ କୋଟିରେ ପହଞ୍ଚିଛି। ୨୦୧୪-୧୫ ପରଠାରୁ ନାମଲେଖାରେ ୩୦ ପ୍ରତିଶତ ବୃଦ୍ଧି ହୋଇଥିବା ବେଳେ ମହିଳାଙ୍କ ନାମଲେଖା ୩୮ ପ୍ରତିଶତ ବଢ଼ିଛି। ଏପରିକି ଏହା ପୁରୁଷଙ୍କ ତୁଳନାରେ ଅଧିକ ରହିଛି। ପିଏଚଡି ନାମଲେଖା ପ୍ରାୟ ଦ୍ୱିଗୁଣିତ ହୋଇଛି ଓ ମହିଳା ପିଏଚଡିଙ୍କ ସଂଖ୍ୟା ୧୩୬ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ଅନୁସୂଚିତ ଜନଜାତିଙ୍କ ନାମଲେଖା ୧୦ ପ୍ରତିଶତ ପଏଣ୍ଟ ବଢ଼ିଥିବା ବେଳେ ଅନୁସୂଚିତ ଜାତିଙ୍କ କ୍ଷେତ୍ରରେ ୮ ପଏଣ୍ଟ ଅଧିକ ବୃଦ୍ଧି ପାଇଛି। ସକାରାତ୍ମକ ନୀତିଗତ ପଦକ୍ଷେପ ଫଳସ୍ୱରୂପ ୧୨ ଶହରୁ ଅଧିକ ବିଶ୍ୱବିଦ୍ୟାଳୟ ଏବଂ ୪୬ ହଜାରରୁ ଅଧିକ କଲେଜ ସ୍ଥାପିତ ହୋଇଛି, ଯାହା ଭାରତକୁ ବିଶ୍ୱ ସ୍ତରରେ ➪ପୃଷ୍ଠା-୬

### ଅମୁନି ଡ୍ରାଇଭର୍ ମହାସଂଘ ଆନ୍ଦୋଳନ

# ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ବାଧାପ୍ରାପ୍ତ

- ଖାଲି ହେଲାଣି ପେଟ୍ରୋଲ ଟାଙ୍କି
- ଛାନିଆ ନ ହେବାକୁ ଅପିଲ

**ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ):** ଡ୍ରାଇଭର ମହାସଂଘ ଆନ୍ଦୋଳନ ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ପ୍ରଭାବିତ ହୋଇଛି। କ୍ରମାଗତ ଭାବେ ତୃତୀୟ ଦିନ ପାଇଁ ଡ୍ରାଇଭରମାନେ ସେମାନଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଜାରି ରହିଥିବାରୁ ଟାଙ୍କିରେ ପେଟ୍ରୋଲ ଓ ଡିଜେଲ ଗାଡ଼ି ପହଞ୍ଚିରେ ସମସ୍ୟା ସୃଷ୍ଟି ହୋଇଛି। ଯଦିଓ କିଛି ଜିଲ୍ଲାରେ ପୁଲିସ ସୁରକ୍ଷା ବ୍ୟବସ୍ଥାରେ ତେଲ ଟ୍ୟାଙ୍କର ଯାଉଛି, ସବୁ ଜିଲ୍ଲାରେ ସ୍ଥିତି କିନ୍ତୁ ସମାନ ନୁହେଁ। ରାଉରକେଲା, କନ୍ଧମାଳ ଆଦି ଅଞ୍ଚଳରେ ପେଟ୍ରୋଲ ଟାଙ୍କି ବନ୍ଦ ହେଲାଣି। ସେପଟେ ପନିପରିବା ଗାଡ଼ି ମଧ୍ୟ ଆସୁନଥିବାରୁ ପରିବା ଦର ମଧ୍ୟ ଆକାଶଛୁଆଁ ହେଲାଣି।

ପାରାଦୀପ, ବାଲେଶ୍ୱର, ଜଟଣୀ, ଝାରସୁଗୁଡ଼ାର ତେଲ ଡିପୋରେ ଧର୍ମଘଟ ପାଇଁ ବହୁ ସଂଖ୍ୟାରେ ଟ୍ୟାଙ୍କର୍ ରାସ୍ତାରେ ଧାଡ଼ି ବାନ୍ଧି ଛିଡା ହୋଇଛନ୍ତି। କିଛି କିଛି ଗାଡ଼ି ପୁଲିସ ସୁରକ୍ଷାରେ ଯାଉଥିଲେ ବି ଆନ୍ଦୋଳନରତ ଡ୍ରାଇଭରମାନେ ରାସ୍ତା ଉପରେ ସାଷ୍ଟାଙ୍ଗ ଦଣ୍ଡବତ ହୋଇ ଟ୍ୟାଙ୍କର ଡ୍ରାଇଭରଙ୍କୁ ସହଯୋଗ କରିବାକୁ ଅପିଲ କରୁଛନ୍ତି। ସେହିଭଳି ଜଟଣୀ ଇନ୍ଧନ ଗ୍ୟାସ ଡିପୋରୁ ମଧ୍ୟ ସିଲିଣ୍ଡର ଗାଡ଼ି ବାହାରିପାରୁନି। ଏହାଦ୍ୱାରା ଆଗାମୀ ଦିନରେ ➪ପୃଷ୍ଠା-୬

# ସିବିଆଇ ଜାଲରେ ଏମ୍‌ସିଏଲ୍‌ର ବରିଷ୍ଠ ଅଧିକାରୀ

**ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ବସୁନ୍ଧରା ଏରିଆ ଏମ୍‌ସିଏଲ୍‌ର ଜଣେ ବରିଷ୍ଠ ଅଧିକାରୀ ସିବିଆଇ ଜାଲରେ ପଡ଼ିଛନ୍ତି। ଚିଫ୍



**କ୍ଷତିପୂରଣ ରାଶି ଦେବାକୁ ନେଉଥିଲେ ଲାଞ୍ଚ**

ମ୍ୟାନେଜର (ମାଇନିଂ) ଅଖିଳେଶ କୁମାର ବର୍ମା ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ସିବିଆଇ ଅଧିକାରୀଙ୍କ ହାତରେ ଧରାପଡ଼ିଛନ୍ତି। ଏନେଇ ସିବିଆଇ ପକ୍ଷରୁ ଏକ ମାମଲା ରୁଜୁ କରାଯିବା ସହ ଶ୍ରୀ ବର୍ମାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ସୂଚନା ମିଳିଛି।

ମିଳିଥିବା ସୂଚନାନୁସାରେ, ଶ୍ରୀ ବର୍ମା ଜଣେ ବିସ୍ଥାପିତଙ୍କୁ ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ବାବଦରେ ୧୧ ଲକ୍ଷ ୩୭ ହଜାର ୫୯୫ ଟଙ୍କା ପ୍ରଦାନ ସକାଶେ ତାଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ତେବେ ପରବର୍ତ୍ତୀ ସମୟରେ ସେ ୨୦ ହଜାର ଟଙ୍କାରେ ରାଜି ହୋଇଥିଲେ। କିନ୍ତୁ ଏନେଇ ବିସ୍ଥାପିତ ଜଣଙ୍କ ସିବିଆଇ ଅଧିକାରୀଙ୍କୁ ଜଣାଇଥିଲେ। ଆଜି ଯୋଜନା ମୁତାବକ, ଆଜି ଅପରାହ୍ନରେ ଶ୍ରୀ ବର୍ମା ଉକ୍ତ ବିସ୍ଥାପିତଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ସେଠାରେ ପୂର୍ବରୁ ମହଜୁଦ ଥିବା ସିବିଆଇ ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଏଥିସହ ତାଙ୍କ ପାଖରୁ ଉକ୍ତ ୨୦ ହଜାର ଟଙ୍କା ପ୍ରମାଣ ଭାବେ ମଧ୍ୟ ଜବତ କରାଯାଇଛି। ତାଙ୍କୁ ସେଠାରୁ ଭୁବନେଶ୍ୱର କାର୍ଯ୍ୟାଳୟକୁ ନେଇ ସିବିଆଇ ଅଧିକ ପଚରାଉଚରା କରିଥିଲା। ଏହି ମାମଲାର ପରବର୍ତ୍ତୀ ➪ପୃଷ୍ଠା-୬

## ଶନିବାର ଫେରିବେ ନବୀନ




**ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ):** ଆସନ୍ତା ୧୨ ତାରିଖରେ ଓଡ଼ିଶା ଫେରିବେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ମୁମ୍ବାଇରେ ଅପରେସନ ପରେ ଶ୍ରୀ ପଟ୍ଟନାୟକ ଶନିବାର ଓଡ଼ିଶା ଫେରିବେ ବୋଲି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚିକିତ୍ସା ପାଇଁ ଗତ ମାସ ୨୦ ତାରିଖରେ ସେ ମୁମ୍ବାଇ ଯାଇଥିଲେ। ୨୨ ତାରିଖରେ ସେଠାକାର କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଶ୍ରୀ ପଟ୍ଟନାୟକଙ୍କ ସର୍ଭିକାଲ ଆର୍ଥ୍ରାଇଟିସ୍‌ର ଅପରେସନ ହୋଇଥିଲା। ଅପରେସନ ପରେ କିଛି ଦିନ ପାଇଁ ସେଠାରେ ତାଙ୍କର ଫିଜିଓଥେରାପି ଚାଲିଥିଲା। ଗତ ୭ ତାରିଖରେ ସେ ହସ୍ପିଟାଲରୁ ଡିସଚାର୍ଜ ହୋଇସାରିଛନ୍ତି। ଡାକ୍ତରଙ୍କ ପରାମର୍ଶରେ ସେ ଏବେ ମୁମ୍ବାଇରେ ରହୁଥିବା ବେଳେ ଶନିବାର ପୂର୍ବାହ୍ନ ୧୧ଟା ୪୫ ମିନିଟ୍‌ରେ ସେ ➪ପୃଷ୍ଠା-୬

### ୧୦ଟଙ୍କିଆ ଷ୍ଟାମ୍ପ ପେପରରେ ଲିଜ୍‌ରେ ଦିଆଯାଇଛି ସରକାରୀ ଜାଗା

# ଶିଖରପୁରରେ ଦଲାଲ୍ ମାଡ଼ିବସିଛନ୍ତି ୨୩ ଏକର

- ବଡ଼ ବଡ଼ କୋଠା ନିର୍ମାଣ ପାଇଁ ମିଳିସାରିଛି ଅନୁମତି
- ଉଚ୍ଛେଦ ନେଇ ଆନ୍ତରିକତା ଦେଖାଉନି ସିଏମ୍‌ସି
- ଜବରଦଖଲକାରୀଙ୍କୁ ସୁରକ୍ଷା ଦେଉଛନ୍ତି ସିଏମ୍‌ସି କର୍ମଚାରୀ!



**କଟକ, ୧୦।୭ (ସଂଚାର ବ୍ୟୁରୋ) :** କଟକ ସହରରେ ଶିଖରପୁର ଅଞ୍ଚଳର ସିଏମସି ଅର୍ଥାତ ପୌରସଂସ୍ଥାର ୨୩ ଏକର ୫୮୧ ଡିସିମିଲ ଅତି ମୂଲ୍ୟବାନ ଜମି ଥିବା ସୂଚନା ଅଧିକାର ଆଇନରୁ ଜଣାପଡ଼ିଛି। କଟକ ମହାନଗର ନିଗମ (ସିଏମ୍‌ସି)ର ୨୩ ଏକରରୁ ଊର୍ଦ୍ଧ୍ୱ ଜମିକୁ କେତେକ ପ୍ରଭାବଶାଳୀ ଲୋକ ଜବରଦଖଲ କରି ନିଜ ଅକ୍ତିଆରରେ ରଖିଥିବା ବେଳେ ଏଥିରେ ସିଏମସିର ଅଧିକାରୀ ବି ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଛି। ଉକ୍ତ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ପୂର୍ବରୁ ନୋଟିସ ହୋଇଥିଲେ ହେଁ ଅଦ୍ୟାବଧି ଏଥିରେ ସଫଳତା ମିଳିପାରିନାହିଁ। ବରଂ ଏହି ଜାଗାରେ ବେଆଇନ ଭାବେ ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ ପାଇଁ ସିଏମସି ଓ ସିଡିଏ ଅନୁମତି ଦେଇସାରିଛନ୍ତି, ଯାହାକୁ ନେଇ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ସିଏମସିର ଏହି ଜାଗାକୁ ୧୦ଟଙ୍କିଆ ଷ୍ଟାମ୍ପ ➪ପୃଷ୍ଠା-୬

# ଏଆଇ କ୍ୟାମେରାର ପ୍ରହେଳିକା ସୃଷ୍ଟି କରିଥିଲା ପୁଲିସ

**ମିଛ ଧରାଇଲେ ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା**

**ଆଇଜି ଡ୍ରୋନସକୁ କିଏ ଦେଇଥିଲା ଟେଣ୍ଡର?**

**ପୁରୀ,୧୦।୭(ସଂଚାର ବ୍ୟୁରୋ):** ଶରଧାବାଲି ଦଳଚକଟା ଘଟଣାକୁ ନେଇ ଦୁଇ ଦିନ ଧରି ଉନ୍ନୟନ କମିଶନର ଅନୁ ଗର୍ଗ ସାକ୍ଷ୍ୟ ଗ୍ରହଣ କରୁଛନ୍ତି। ସରକାରୀ ଅଧିକାରୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକ, ପ୍ରତ୍ୟକ୍ଷଦର୍ଶୀ ସମସ୍ତଙ୍କଠାରୁ ସାକ୍ଷ୍ୟ ନିଆଯାଉଛି। ଗତକାଲି ଭୁବନେଶ୍ୱରରେ ସାକ୍ଷ୍ୟ ନିଆଯାଇଥିବା ବେଳେ ଆଜି ପୁରୀରେ ସାର୍ବଜନୀନ ସାକ୍ଷ୍ୟଗ୍ରହଣ କରାଯାଇଥିଲା। ଦୁଇ ଦିନରେ ମୋଟ ୬୫ ଜଣଙ୍କ ସାକ୍ଷ୍ୟ ନିଆଯାଇଛି। ଆଉ ଅଧିକାଂଶ ଲୋକଙ୍କ ସମାନ ଅଭିଯୋଗ। ରଥଯାତ୍ରା ପୂର୍ବରୁ ଏଆଇ ପରିଚାଳିତ ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ ବ୍ୟବସ୍ଥା ନେଇ ଯେଉଁ ଦାବି କରିଥିଲା, ତାହା ବାସ୍ତବରେ କାର୍ଯ୍ୟ କରୁନଥିଲା। ଏସବୁ କେବଳ ଫମ୍ପା ଘୋଷଣା ଥିଲା ବୋଲି ପ୍ରାୟ ସବୁ ପ୍ରତ୍ୟକ୍ଷଦର୍ଶୀ, ସ୍ଥାନୀୟ ଲୋକେ ଓ ରଥଯାତ୍ରା ସହ ସଂଶ୍ଳିଷ୍ଟ ସେବାୟତମାନେ କହିଛନ୍ତି।

ରଥଯାତ୍ରା ପାଇଁ ଗତ ବର୍ଷେ ହେଲା ପ୍ରସ୍ତୁତି ଚାଲିଥିଲା। କିନ୍ତୁ ବର୍ଷକ ଭିତରେ ସରକାର ପୁରୀରେ ଏକ ଉପଯୁକ୍ତ ସମନ୍ୱିତ ନିୟନ୍ତ୍ରଣ କକ୍ଷ ସ୍ଥାପନ କରିପାରିଲେ ନାହିଁ। ଶେଷରେ ଭଡ଼ାରେ ନିମ୍ନମାନର କ୍ୟାମେରା ଅଣାଯାଇ ଏକ କାମଚଳା ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଥିଲା। କୌଣସି ସ୍ଥାନରେ କିଛି ଅସ୍ୱାଭାବିକ ଭିଡ଼, ଗତିବିଧି କିମ୍ବା ଅତ୍ୟଧିକ ଅନିୟନ୍ତ୍ରିତ ଭିଡ଼ ଚିହ୍ନଟ



କରିବା ପାଇଁ ନିୟନ୍ତ୍ରଣ କକ୍ଷରେ କୌଣସି ଏଆଇ କ୍ୟାମେରା କିମ୍ବା କୌଣସି ଏଆଇ ସଫ୍ଟୱେର୍ ସ୍ଥାପିତ ହୋଇନଥିଲା ବୋଲି ଅଭିଯୋଗ ହୋଇଛି।

ଅତିରିକ୍ତ ଡିଜି ସମନ୍ୱିତ ନିୟନ୍ତ୍ରଣ କକ୍ଷରେ ଏଆଇ ପରିଚାଳିତ ସିସିଟିଭି ନେଇ ମିଛ ଦାବି କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ହୋଇଛି ଯେ ଯଦି ଏଆଇ କ୍ୟାମେରାଗୁଡ଼ିକ କାର୍ଯ୍ୟ କରୁଥାନ୍ତା, ତା’ହେଲେ ୨୯ ତାରିଖ ଭୋର୍‌ରୁ ଶରଧାବାଲିରେ ଅତ୍ୟଧିକ ଭିଡ଼ ବୃଦ୍ଧି ସମ୍ପର୍କରେ ଏକ ସତର୍କ ସୂଚନା ମିଳିଥାନ୍ତା। ଠାକୁରଙ୍କ ପହଣ୍ଡ଼ି ଉଠାଇବା ପୂର୍ବରୁ ଶ୍ରୀଜିଉମାନଙ୍କୁ ଦର୍ଶନ ପାଇଁ ଯେଭଳି ଭିଡ଼ ହୋଇଥିଲା, ସେନେଇ ନିୟନ୍ତ୍ରଣ କକ୍ଷରେ ପୁଲିସ ସତର୍କ ହୋଇପାରିଥାନ୍ତା ଓ ଏହି ସତର୍କତା ପୁଲିସକୁ ସକ୍ରିୟ ମୋଡ୍‌କୁ ଆଣିବାକୁ ବାଧ୍ୟ କରିଥାନ୍ତା। ଏହାଦ୍ୱାରା ଦଳାଚକଟା ଘଟଣାକୁ ରୋକାଯାଇପାରିବା ସହ ମୂଲ୍ୟବାନ ମାନବ ଜୀବନ ରକ୍ଷା ପାଇପାରିଥାଆନ୍ତା।


ଅଭିଯୋଗ ହେଉଛି ଯେ ବାସ୍ତବରେ କୌଣସି ଏଆଇ କ୍ୟାମେରା ନଥିଲା, ଯେଉଁଥିପାଇଁ କୌଣସି ➪ପୃଷ୍ଠା-୬


**ସାମ୍ବାଦିକ ଆବଶ୍ୟକ**

ଇଚ୍ଛୁକ ଓ ଅଭିଜ୍ଞ ବ୍ୟକ୍ତି ଆବେଦନ କରନ୍ତୁ

**ଯୋଗାଯୋଗ**
ପ୍ଲଟ୍ ନଂ.୩୧୨,
ଫ୍ଲାଟ୍ ନଂ.୦୦୩,
ଗ୍ରୀନ୍ ହାଇ ଆପାର୍ଟମେଣ୍ଟ,
ଖାରବେଳ ନଗର,
ଭୁବନେଶ୍ୱର-୭୫୧୦୦୧
ମୋ-୯୪୩୭୯୧୯୫୯୯,
email: sancharodisha@gmail.com

‘ସଂଚାର’ ପାଇଁ ରାଜ୍ୟର ସବୁ ଜିଲ୍ଲା ମୁଖ୍ୟାଳୟ ଓ ବ୍ଲକ୍‌ରେ ସାମ୍ବାଦିକ ଆବଶ୍ୟକ। ଏଥିପାଇଁ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ଥିବା ଜରୁରୀ। ଅଭିଜ୍ଞ ପ୍ରତିନିଧି ତୁରନ୍ତ ବାୟୋଡାଟା ସହ ‘ସଂଚାର’ ଅଫିସ୍‌ରେ ଯୋଗାଯୋଗ କରିପାରିବେ।



ବି.ଦ୍ର.: ସମ୍ପ୍ରତି କୌଣସି ସ୍ଥାନରେ ‘ସଂଚାର’ର ସାମ୍ବାଦିକ ନାହାନ୍ତି। ତେଣୁ କେହି ବି ନିଜକୁ ‘ସଂଚାର’ର ପ୍ରତିନିଧି ବୋଲି ଦାବି କରୁଥିଲେ କିମ୍ବା କୌଣସି ପ୍ରକାର ବ୍ୟାବସାୟିକ ଫାଇଦା ନେଉଥିଲେ, ସେମାନଙ୍କଠାରୁ ସତର୍କ ରହିବା ସହ ନିମ୍ନ ଠିକଣାରେ ସୂଚନା ଦେବାକୁ ନିବେଦନ।

### ହୋମଗାର୍ଡ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

# ମୋଟା ଅଙ୍କର ଉତ୍କୋଚରେ ମିଳୁଛି ଚାକିରି!



**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚୟନରୁ ବାଦ୍ ପଡ଼ିଥିବା ପ୍ରାର୍ଥୀଙ୍କ ପ୍ରତିବାଦ**

**କେନ୍ଦ୍ରାପଡ଼ା, ୧୦।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ରେ ହୋଇଥିବା ହୋମ୍ ଗାର୍ଡ ନିଯୁକ୍ତିରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ମୋଟା ଅଙ୍କର ଟଙ୍କା ନେଇ ଅଯୋଗ୍ୟ ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି ବୋଲି ଅଭିଯୋଗକାରୀ କହିବା ପରେ ଏବେ ହୋମ୍ ଗାର୍ଡ ନିଯୁକ୍ତିରେ ସାଧୁତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସବୁଠାରୁ ବଡ଼ କଥା ହେଉଛି ଖୋଦ୍ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସମ୍ପୃକ୍ତି କୁ ମଧ୍ୟ ଅଭିଯୋଗକାରୀ ପ୍ରଶ୍ନ କରିଛନ୍ତି। ସେମାନେ କହିଛନ୍ତି ଗୋଟିଏ ଗୋଟିଏ ପିଲାଙ୍କ ପାଖରୁ ୪ ରୁ ୫ ଲକ୍ଷ ଟଙ୍କା ନେଇ ଚାକିରି ପ୍ରଦାନ କରାଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନ୍ୟମାନଙ୍କ ମାଧ୍ୟମରେ ଏହି ଟଙ୍କା ନେଉଥିବା ସେମାନେ କହିବା ପରେ ସମଗ୍ର ଜିଲ୍ଲାରେ ଏବେ ଏହି ପ୍ରସଙ୍ଗ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ବ୍ଲକ୍ ରୁ ଆସିଥିବା ନିଯୁକ୍ତି ଆଶାୟୀ ଯୁବକ ଯୁବତୀ ହୋମ୍ ଗାର୍ଡ ନିଯୁକ୍ତିରେ ଟଙ୍କା କାରବାର ହୋଇଥିବା କହି ସେମାନଙ୍କୁ କାହିଁକି ବାଦ୍ ଦିଆଗଲା ସେଥିପାଇଁ ପ୍ରତିବାଦ କରିଛନ୍ତି। ସେମାନେ କହିଛନ୍ତି ଯେଉଁ ଆଶାୟୀ ପରୀକ୍ଷାର୍ଥୀ ଯୋଗ୍ୟତା ଓ ଶାରୀରିକ ବିଭାଗରେ ନୈରାଶ୍ୟଜନକ ଫଳାଫଳ ଦେଇଥିଲେ ସେମାନଙ୍କୁ ନିଯୁକ୍ତି ମିଳିଛି। ସମସ୍ତ ପ୍ରକାର ବିଭାଗକୁ ସଫଳତାର ସହ ସମ୍ପାଦନ କରିଥିବା ବେଳେ ସେମାନଙ୍କୁ ବାଦ୍ ଦିଆଯାଇଛି। କେମିତି ଓ କେଉଁ ଉପାୟରେ ସେମାନଙ୍କୁ ଚୟନ କରାଗଲା ତାହାର ରିପୋର୍ଟ ସାର୍ବଜନୀନ କରିବାକୁ ସେମାନେ ଦାବି କରିଛନ୍ତି। ସେହିପରି ଜଣେ ଉଚ୍ଚତା ମାପରେ କମ୍ ହେଉଥିବା ସତ୍ତ୍ୱେ ତାଙ୍କୁ ଲମ୍ବ ଡିଆଁ ଓ ମୌଖିକ ପରୀକ୍ଷାରେ ସ୍ଥାନ ଦିଆଯାଇ ନିଯୁକ୍ତି ଦିଆଯାଇଛି। ଏଥିସହିତ ନିଯୁକ୍ତି ପାଇଥିବା ଯୁବକ ଜଣଙ୍କ ମାର୍ଶାଘାଇ ଥାନା ଅଞ୍ଚଳର ହୋଇଥିବା ବେଳେ ତାଙ୍କୁ ଜମ୍ବୁ ସାମୁଦ୍ରିକ ଥାନା ରେ ନିଯୁକ୍ତି ମିଳିଛି ବୋଲି ଏକ କଲ୍ ରେକର୍ଡ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ସେହି ପରି ଦେଉଳ ପଡ଼ା ଅଞ୍ଚଳର ଜଣେ ଯୁବକ ଏହି ନିଯୁକ୍ତି ପାଇଁ ଆବେଦନ କରିବା ସହ ସମସ୍ତ ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହେବା ସହ ତାଙ୍କୁ ଅର୍ଥ ମୋଟା ଅଙ୍କର ଅର୍ଥ ମଗାଯାଇଥିଲା ଏଥିରେ ଜଣେ ରାଜନେତା ସଂପୃକ୍ତ ଥିବା ବେଳେ ଯେହେତୁ ଉକ୍ତ ଯୁବକ ଜଣକ ଗରିବ ଶ୍ରେଣୀର ହୋଇଥିବାରୁ ମାତ୍ର ଏକ ଲକ୍ଷ ଟଙ୍କା ଦେଇଥିଲେ କିନ୍ତୁ ନିଯୁକ୍ତି ପାଇଁ ଦାବି ମୁତାବକ ପୂରଣ କରିନପାରିବାରୁ ପ୍ରକାଶ ପାଇଥିବା ନିଯୁକ୍ତି ଲିଷ୍ଟ ରେ ନାମ ନଥିବା ଜାଣି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏନେଇ ସେ ସଂଚାର ରେ ଫୋନ୍ କରି ଜଣାଇଛନ୍ତି। ଏହି ତମାମ ଘଟଣା ପରେ ଏବେ ଚର୍ଚ୍ଚା ପରିସରକୁ ଆସିଛି କେନ୍ଦ୍ରାପଡ଼ା ପୋଲିସ୍। ଯାହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ବୁଦ୍ଧିଜୀବୀ।



# ବ୍ରାହ୍ମଣୀ ବନ୍ୟା ସ୍ଥିତି ଅପରିବର୍ତ୍ତିତ

**ବ୍ୟାପକ ବୁଡି ଫସଲହାନୀ, ଚିନ୍ତାରେ ଚାଷୀ, କୁମ୍ଭୀର ଆତଙ୍କ**

**ପଟ୍ଟାମୁଣ୍ଡାଇ,୧୦।୭(ସଂଚାର ବ୍ୟୁରୋ):** ବ୍ରାହ୍ମଣୀ ନଦୀରେ ବନ୍ୟା ପରିସ୍ଥିତି ଅପରିବର୍ତ୍ତିତ ରହିଛି ଓ ବନ୍ୟା ଜଳ ଧୀରେ ଧୀରେ ବୃଦ୍ଧି ପାଉଛି । ବାରମ୍ବାର ଲଘୁ ଚାପଜନିତ ଲଗାଣବର୍ଷା ଓ ରେଙ୍ଗାଲି ପାଣି ଛାଡିବା ଯୋଗୁଁ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ପଟ୍ଟାମୁଣ୍ଡାଇ ବ୍ଲକର ସବୁଠାରୁ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ସିଂହଗାଁ ପଞ୍ଚାୟତ ବନ୍ୟା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତ ର ସିଂହଗାଁ, କୃଷ୍ଣଦାସପୁର ରାଉଳିଆଡିଆ, ପାଣିସାଉଁଳିଆ ଆଦି ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଛିଓ କୃଷ୍ଣ ଦାସପୁର - ସିଂହଗାଁ ମୁଖ୍ୟ ରାସ୍ତା ବନ୍ୟା ପାଣିରେ ବୁଡି ଯାଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ସେହିପରି ଅଳପୁଆ ପଞ୍ଚାୟତ ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ଶାସନ ସେଠୀସାହି, ଜେନାସାହି, ପାହାନ୍ତାସିଂହ ସାହି, ତରଡ଼ିପାଳ ପଞ୍ଚାୟତରପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳ ସାହି, ନାଥସାହି, ମଳିକସାହି, ଘାଗରା ଡିଆ, ପେଣ୍ଠପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି, ଅଣ୍ଡରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥପୁର, ଶାନ୍ତିପଡା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ଆଦି ଅଞ୍ଚଳର ଶହ ଶହ ଏକର ଚାଷଜମିରେ ବନ୍ୟା ପାଣି ମାଡି ଯିବା ଫଳରେ ବ୍ୟାପକ ଫସଲହାନୀର ଆଶଙ୍କା ସୃଷ୍ଟି ହୋଇଛି । ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ଚାଷଜମିରେ ବନ୍ୟା ଜଳ ମାଡି ଯିବା ଫଳରେ ସମସ୍ତ ଫସଲ ବୁଡି ଯାଇଛି । ଯାହା ଫଳରେ ବ୍ୟାପକ ଫସଲ ହାନୀ ଆଶଙ୍କା ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, କଷଣଅଣ୍ଟା, ତଳବାଲିପଡ଼ା, ସିଦ୍ଧପାଟଣା, ବଳଦେବନଗର, ତନୁପୁର, ନନ୍ଦିନୀନଗର, କାକୁଡିପଲ୍ଲୀ, ନୂଆଗାଁ ଅଳଭା, ଷଣ୍ଢପଲ୍ଲୀ ଆଦି ଅଞ୍ଚଳର ଚାଷ ଜମିରେ ବନ୍ୟା ଜଳ ମାଡି ଯିବା ଫଳରେ ବିଭିନ୍ନ ଫସଲ ପାଣିରେ ବୁଡି ଯାଇଛି। ବହୁ ପରିଶ୍ରମ କରି ଫସଲ କରୁଥିବା ଚାଷୀମାନେ ବ୍ୟାପକ ଫସଲ ହାନୀ ଆଶଙ୍କାରେ ଚିନ୍ତିତ ହୋଇପଡ଼ିଛନ୍ତି । ବନ୍ୟା ଜଳ ଧୀରେ ଧୀରେ ବୃଦ୍ଧି ପାଉଛି ଓ ଗୃହପାଳିତ ପଶୁମାନେ ଚରିବାକୁ ଯାଇ ନପାରି ଅସୁବିଧାରେ ଅଛନ୍ତି ଓ ବନ୍ୟାଞ୍ଚଳରେ ଫସଲହାନୀ ଆଶଙ୍କା ସାଙ୍ଗକୁ କୁମ୍ଭୀର ଭୟ ସ୍ଥିତିକୁ ସଂଗୀନ କରିଛି ।

## ହୋମଗାର୍ଡଙ୍କ ଅକାଳ ବିୟୋଗ

**କେନ୍ଦ୍ରାପଡ଼ା,୧୦।୭(ସଂଚାର ବ୍ୟୁରୋ):** ଗତକାଲି ରାତିରେ କେନ୍ଦ୍ରାପଡ଼ା ଏସପିଙ୍କ କାର୍ଯ୍ୟାଳୟରେ ହୋମଗାର୍ଡ ଭାବେ ଦୀର୍ଘ ୩ ବର୍ଷ ହେବ କାର୍ଯ୍ୟକରି ଆସୁଥିବା କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ମିରପାଟଣା ଗ୍ରାମର ଗୋଲଖ ସେଠୀଙ୍କ ପୁଅ ହିମାଂଶୁ ସେଠୀ ଓରଫ ଅଜୁ (୨୮)ଙ୍କର ଜଜାଙ୍ଗ ସ୍ଥିତ କ୍ୱାଟରେ ଶୋଇଥିବା ବେଳେ ହୃଦ ଘାତରେ ବିୟୋଗ ହୋଇଥିବା ଆରକ୍ଷୀ ଅଧୀକ୍ଷକ ସିର୍ଦ୍ଧାର୍ଥ କଟାରିଆ ଗଣ ମାଧମକୁ ସୂଚନା ପ୍ରଦାନ କରିଛନ୍ତି। ଅଜୁଙ୍କର ପ୍ରେମ ଜନିତ ବିବାହ ମାତ୍ର ୧ ବର୍ଷ ପୂର୍ବରୁ ହୋଇଥିଲା। ଘରେ ତାଙ୍କର ୬ ମାସର ଅନ୍ତସତ୍ୱା ପତ୍ନୀଙ୍କ ସମେତ ବନ୍ଧୁ, ବାନ୍ଧବ, ଜ୍ଞାନ୍ତି, କୁଟୁମ୍ବ ଏବଂ ସମସ୍ତ ପରିବାର ଲୋକେ ହଠାତ ଅଜୁଙ୍କ ଏପରି ଅକାଳ ବିୟୋଗରେ ମ୍ରିୟମାଣ ହୋଇ ପଡ଼ିଥିବା ଜଣାପଡ଼ିଛି। ଆଜି ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଜୁଙ୍କ ଶବ ବ୍ୟବଚ୍ଛେଦ ପରେ କଜଳା ସ୍ଥିତ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିବା ତାଙ୍କ ବଡ଼ ଭାଇ ରାମ ଚନ୍ଦ୍ର ସେଠୀ ଦୁଃଖର ସହିତ କହିଛନ୍ତି।

## ବିଧାୟକଙ୍କ ପରାମର୍ଶ ପରେ ବନ୍ୟା ପ୍ରତିରୋଧ ବନ୍ଧ କାର୍ଯ୍ୟ ତ୍ୱରାନ୍ୱିତ କଲା ପ୍ରଶାସନ



**ମାର୍ଶାଘାଇ,୧୦।୭(ସଂଚାର ବ୍ୟୁରୋ):** ମାର୍ଶାଘାଇ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ନିକଟରେ ପ୍ରବାହିତ ଲୁଣା ନଦୀରେ ଜଳ ସ୍ତର ବୃଦ୍ଧି ହେବା କାରଣରୁ ଘାଇ ସୃଷ୍ଟି ହେବାର ସମ୍ଭାବନା ଥିଲା। ସେଠାରେ ନିର୍ମାଣ ହୋଇଥିବା ବିଜୁ ସେତୁ କୁ ଆପ୍ରୋଚ ରୋଡ଼ ପାଇଁ ଏଆରଏସଏସ ତରଫରୁ ନଦୀ ଭିତର ଦେଇ ଆଉ ଏକ ସେତୁ ନିର୍ମାଣ ଚାଲିଛି। ଯେଉଁ କାର୍ଯ୍ୟ ପାଇଁ ମାଟି ବନ୍ଧ ଦୁର୍ବଳ ହେବା ଭଳି ସ୍ଥିତି ଦେଖାଦେଇଛି। ସେହିପରି ନଦୀରେ ପ୍ରଥମ ବନ୍ୟାଜଳ ଆସିବା ପରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବନ୍ଧରେ ଘାଇ ସୃଷ୍ଟି ହେବା ଆଶଙ୍କା କରି ସ୍ଥାନୀୟ ଜନସାଧାରଣ ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକଙ୍କୁ ଅବଗତ କରାଇଥିଲେ। ଖବର ପାଇ ବିଧାୟକ ଶ୍ରୀ ନାୟକ ବିଭାଗୀୟ ଅଧିକାରୀ ମାନଙ୍କୁ ଘଟଣାର ସ୍ଥିତି ଅନୁଧାନ କରି ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ନିର୍ଦ୍ଦେଶ ପରେ ପୂର୍ତ୍ତ ବିଭାଗ ଓ ଜଳ ସେଚନ ବିଭାଗର ଅଧିକାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରି ବନ୍ଧ କଡ଼ରେ ବହ୍ଲା ପୋତିବା ସହିତ ବାଲି ବସ୍ତା ଲଦିବା କାର୍ଯ୍ୟ ସମ୍ପୁର୍ଣ୍ଣ କରିଛନ୍ତି। ଯାହା ଦ୍ୱାରା ସମ୍ଭାବ୍ୟ ଘାଇ ସୃଷ୍ଟି ହେବା ଆଶଙ୍କା ହ୍ରାସ ପାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରବିନ୍ଦ୍ର ଜେନା, ଜଳସେଚନ ବିଭାଗର ଅଧ୍ୟକ୍ଷଣ ଯନ୍ତ୍ରୀ ଉମେଶ ସେଠୀ, ଯନ୍ତ୍ରୀ ପ୍ରମୋଦ ତରାଇ, ଏସଡିଓ ଧରଣୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଶିକ୍ଷକଙ୍କୁ ଉଠାଇ ନେଲା ପୁଲିସ

● ପୀଡ଼ିତାଙ୍କ ବୟାନ ରେକର୍ଡ ଓ ଡାକ୍ତରୀ ମାଇନା

**ମହାକାଳପଡ଼ା,୧୦।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ୩୯ ବର୍ଷିଆ ମହିଳାଙ୍କୁ ବଡିଘର ଅଞ୍ଚଳର ଶିକ୍ଷକ ବଳାତ୍କାର କରିଥିବା ବୁଧବାର ଅଭିଯୋଗ ହୋଇଛି। ସରକାରୀ ଶିକ୍ଷକ ଜଣକ ହେଲେ ରଞ୍ଜିତ ମଣ୍ଡଳ। ଅଭିଯୋଗକୁ ଭିତ୍ତିକରି ପୋଲିସ ରଞ୍ଜିତଙ୍କୁ ଉଠାଇ ନେଇଛି। ଅପରପକ୍ଷେ ବୁଧବାର ମହାକାଳପଡ଼ା ଥାନା ମହିଳା ତଦନ୍ତ ଅଧିକାରୀ ଭାରତୀୟ ନ୍ୟାୟ ସଂହିତା ଧାରା ୧୮୦ ଅନୁସାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଅପରାହ୍ନରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତାଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇଛି। ଗୁରୁବାର କେନ୍ଦ୍ରାପଡ଼ା ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କୋର୍ଟରେ ଭାରତୀୟ ନ୍ୟାୟ ସଂହିତା ୧୮୩ ଧାରା ଅନୁସାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ନେଇ ପୋଲିସ ଶିକ୍ଷକଙ୍କ ବିରୋଧରେ ନଂ. ୧୩୯/୨୫ରେ ଏକ ମାମଲା ରୁଜୁ କରିଛି। ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ପୀଡ଼ିତା ମହିଳାଙ୍କୁ କେନ୍ଦ୍ରାପଡ଼ା ସର୍ଟଷ୍ଟେ ହୋମ୍‌ରେ ଅବସ୍ଥାନ କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କୁ ପଚାରିବାରେ ମହିଳାଙ୍କ ଅଭିଯୋଗ ମୁତାବକ ଶିକ୍ଷକ ଜଣକ ତାଙ୍କୁ ପାରାଦୀପ ନେଇ ବଳାତ୍କାର କରିଥିବା ଦର୍ଶାଇଛନ୍ତି। ତାହାକୁ ଭିତ୍ତିକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇଙ୍କୁ ପଚାରିବାରେ ଉକ୍ତ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ମିଳିନି। ଅଭିଯୋଗ ମିଳିଲେ ସରକାରୀ ବ୍ୟବସ୍ଥା ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ବେଆଇନ୍ ଚିଙ୍ଗୁଡି ଘେରି ଭାଙ୍ଗିବାକୁ ନିର୍ଦ୍ଦେଶ

### ଯୋଗଦେଲେ ଜିଲ୍ଲାର ସମସ୍ତ ତହସିଲଦାର



**କେନ୍ଦ୍ରାପଡା, ୧୦।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧକ୍ଷତାରେ ଏକ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ସମସ୍ତ ତହସିଲ୍‌ଦାର, ଜିଲ୍ଲା ପରିବହନ ଅଧିକାରୀ, ଜିଲ୍ଲା ଜଙ୍ଗଲ ଅଧିକାରୀ, ଜିଲ୍ଲା ଅବକାରୀ ଅଧିକ୍ଷ, ଜିଲ୍ଲା ଖଣି ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବେଆଇନ୍ ଭାବେ ଚିଙ୍ଗୁଡ଼ି ଘେରିକୁ ତଦନ୍ତ କରି ଭାଙ୍ଗିବା ପାଇଁ ନୋଟିସ୍ ଜାରି କରିବା ପାଇଁ ଆଲୋଚନା କରାଯାଇଛି। ଜିଲ୍ଲା ପରିବହନ ଅଧିକାରୀଙ୍କୁ ମାଲ୍‌ବାହି ଗାଡିର ଓଭରଲୋଡିଂ ଗାଡି, ହେଲେମେଟ୍ ଏବଂ ଅନ୍ୟାନ୍ୟ କାଗଜପତ୍ର ସବୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ପର୍ଯ୍ୟଟନ ସ୍ଥଳ ଗୁଡିକରେ ନିଶା କାରବାର ବନ୍ଦ କରିବା ଉପରେ ଗୁରୁତ୍ୱଆରୋପ କରାଯାଇଛି। ଏଥିସହିତ ଖଣି ଖାଦାନ ଗୁଡିକରେ ବେଆଇନ୍ ବାଲି, ମାଟି ଆଦି ଚାଲାଣକୁ ବନ୍ଦ କରିବା ପାଇଁ ଉପଜିଲ୍ଲାପାଳ ଶ୍ରୀ ନାୟକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ଆଦାୟ, ବେବନ୍ଦୋବସ୍ତ, ଜବରଦଖଲ ଆଦି ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ବୈଠକରେ ଆଲୋଚନା କରାଯାଇଛି।

## ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟ ଚାଷ ଦିବସ ପାଳନ



**କେନ୍ଦ୍ରାପଡା,୧୦।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମତ୍ସ୍ୟ ବିଭାଗ ଆନୁକୁଲ୍ୟରେ ଏକ ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟ ଚାଷ ଦିବସ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ, ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଦେବଦାସ ଦ, ଅତିରିକ୍ତ କୃଷି ଅଧିକାରୀ ଆଶୁତୋଷ ସାହୁ, ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ କୋକିଳା ମଞ୍ଜରୀ ନାୟକ ପ୍ରମୁଖ ଯୋଗଦେଇ ୧୦ ଜୁଲାଇକୁ ଜାତୀୟ ମତ୍ସ୍ୟ ଦିବସ ରୂପେ ପାଳନ କରାଯାଉଥିବାରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୪ ଜଣ ସଫଳ ମତ୍ସ୍ୟ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ମତ୍ସ୍ୟ ଚାଷୀ ଯୋଗ ଦେଇଥିଲେ। ଉପସ୍ଥିତ ଥିବା ମତ୍ସ୍ୟ ଚାଷୀମାନଙ୍କୁ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମକୁ ଭିଡିଓ ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା। ଜିଲ୍ଲାର ୩ଜଣ ସଫଳ ମତ୍ସ୍ୟ ଚାଷୀଙ୍କୁ ରାଜ୍ୟସ୍ତରରେ ପୁରସ୍କୃତ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଏଫ୍‌ଓ ମୋନାଲିସା ପଣ୍ଡା, ସୁଶ୍ରୀ ସଙ୍ଗିତା ଦେ, ହରପ୍ରିୟା ବେହେରା ସହଯୋଗ କରିଥିବାବେଳେ ବ୍ଲକସ୍ତରୀୟ ମତ୍ସ୍ୟଚାଷୀମାନେ ସହଯୋଗ କରିଥିଲେ।

### ବିପର୍ଯ୍ୟସ୍ତ ହୋଇପଡ଼ିଛି ସରକାରୀ ବିଦ୍ୟାଳୟ

## ଗଳୁଛି ପ୍ଲାଷ୍ଟର,ଭାଙ୍ଗିଲାଣି କବାଟ ଝରକା

**ଅସୁରକ୍ଷିତ ଛାତ୍ରଛାତ୍ରୀ**

**ମହାକାଳପଡ଼ା,୯।୭(ସଂଚାର ବ୍ୟୁରୋ):** ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ବିପର୍ଯ୍ୟସ୍ତ ସୋଇପଡ଼ିଥିବା ଶ୍ରେଣୀ ଗୃହ ର ଅବସ୍ଥା ଦେଖି ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ବିଦ୍ୟାଳୟର କଂକ୍ରିଟ ଖସିଲାଣି, କବାଟ ଝରକା କଥା ନକହିବା ଭଲ। ବର୍ଷା ହେଲେ ଶ୍ରେଣୀ ଗୃହ ଅବସ୍ଥା ବେହାଲ। ଏମିତି ପରିସ୍ଥିତିରେ ବାଧ ହୋଇ ପାଠ ପଢୁଛନ୍ତି ଛାତ୍ର ଛାତ୍ରୀ। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି।

ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଓସ୍ତରରେ। ଶିଶୁ ଠାରୁ ଅଷ୍ଟମ ଶ୍ରେଣୀ ଯାଏଁ ମୋଟ୍ ୧୮୫ ଜଣ ଛାତ୍ର ଛାତ୍ରୀ ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ହେଲେ ଶ୍ରେଣୀ ଗୃହ ର ଅବସ୍ଥା ବେହାଲ ହୋଇ ପଡ଼ିଛି। ଆଜବେଷ୍ଟସ ଭାଙ୍ଗି ଗଲାଣି, କଂକ୍ରିଟ ଖସିବା ସହିତ କବାଟ ଝରକା ନଷ୍ଟ ହୋଇ ଗଲାଣି। ସେଥିରୁ ଦୁଇଟା ଭଙ୍ଗା ଆଜବେଷ୍ଟସ ଘରେ ଅଙ୍ଗନବାଡି କେନ୍ଦ୍ର ଚାଲୁଛି। ବର୍ଷା ହେଲେ ଶ୍ରେଣୀ ଗୃହ ରେ ଛାତ୍ର ଛାତ୍ରୀ ବସିବା କଷ୍ଟ। ଗତ ବର୍ଷ ଯେଉଁ ଗୋଟିଏ ନୂତନ ଗୃହ ହୋଇଛି ସେଥିରେ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ବସାଇବା ସମ୍ଭବ ନୁହେଁ। ଏମିତି ପରିସ୍ଥିତିରେ ଛାତ୍ର ଛାତ୍ରୀ ମାନେ ବାଧ ହୋଇ ପାଠ ପଢୁଛନ୍ତି। ତୁରନ୍ତ ଏଥିପାଇଁ ବିଭାଗୀୟ ତତ୍ପରତା ପ୍ରକାଶ କରିବା ସହିତ ବିଦ୍ୟାଳୟର ମରାମତି କରାଇବାକୁ ଅଭିଭାବକ ମହଲରେ ଦାବି ହେଉଛି।



## କେନ୍ଦ୍ରାପଡା ଲ କଲେଜ୍ ଉନ୍ନୟନ ପରିଷଦ ଗଠିତ

**କେନ୍ଦ୍ରାପଡା,୧୦।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହର ସଂଲଗ୍ନ ଆଇନ୍ ମହାବିଦ୍ୟାଳୟରେ ଉନ୍ନୟନ ପରିଷଦ ଗଠନ କରାଯାଇଛି। ଏ ନେଇ ସଭାପତିଭାବେ ମହେନ୍ଦ୍ର କୁମାର ପଟ୍ଟନାୟକ, ଉପସଭାପତି ସୁଶାନ୍ତ କୁମାର ସେଠୀ, ସଂପାଦକ ନରେନ୍ଦ୍ର ନାଥ ମହାରଣା, ସହ ସଂପାଦକ ବିଚିତ୍ର କୁମାର ନାୟକ ଓ କୋଷାଧକ୍ଷ ଭାବେ ଅବସରପ୍ରାପ୍ତ ଶିକ୍ଷକ ଅଜୟ କୁମାର ନାୟକଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଏଥିସହିତ କମିଟିର ସଭ୍ୟଭାବେ ସର୍ବସୀ ରଞ୍ଜନ କୁମାର ସାମନ୍ତରାୟ, ଶରତ ଚନ୍ଦ୍ର ବିଶ୍ୱାଳ, ଡକ୍ଟର ମଧୁସୁଦନ ଶର୍ମା, ଫକୀର ଚରଣ ରାଉତ, ସତ୍ୟପ୍ରିୟ ମହାନ୍ତି, ଉଦୟନାଥ ସାହୁ, ପ୍ରତାପ ମହାପାତ୍ର, ଡକ୍ଟର ପ୍ରଭାକର ମଲ୍ଲିକ, ଡକ୍ଟର ସ୍ମୃତିରଞ୍ଜନ ବେହେରା, ଶିଶୁର କୁମାର ବେହେରା, ବସନ୍ତ କୁମାର ଜେନା, ଶିଶିର କୁମାର ରାଉତ, ସତ୍ୟପ୍ରିୟ ପରିଡା, ଇତିକାନ୍ତ ସ୍ୱାଇଁ, ଆକୁଳି ସାହୁଙ୍କ ପ୍ରମୁଖଙ୍କୁ ସର୍ବସମ୍ମତୀକ୍ରମେ ସଭ୍ୟଭାବେ ମନୋନୀତ କରାଯାଇଛି। ଏହି ପରିଷଦ ଉକ୍ତ ଅଞ୍ଚଳର ବିଭିନ୍ନ ରାସ୍ତାଘାଟ, ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟ ସଂପର୍କରେ ଆଲୋଚନା କରି ଏହାର ଆଶୁ ସମସ୍ୟାର ସମାଧାନ କରିବା ପାଇଁ ନିଷ୍ପତି ନିଆଯାଇଛି।

● ବାରମ୍ବାର ତୁଳସୀକ୍ଷେତ୍ରରେ ରଥ ବିଭାଟ ପ୍ରସଙ୍ଗ

## ଆଇନ୍ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ଦାବିକଲେ ବିଧାୟକ ଗଣେଶ୍ୱର

**କେନ୍ଦ୍ରାପଡା, ୧୦।୭(ସଂଚାର ବ୍ୟୁରୋ):** ବାରମ୍ବାର କେନ୍ଦ୍ରାପଡା ଜିଲ୍ଲାର ପ୍ରସିଦ୍ଧ ପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ରଥ ବିଭ୍ରାଟ ଦେଖିବାକୁ ମିଳୁଛି। ଯାହାକୁ ନେଇ ଭକ୍ତ ଏବଂ ସେବାୟତ ଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ରଥ ନିର୍ମାଣ ରେ ତ୍ରୁଟି ଏବଂ ରଥ ପରିଚାଳନାରେ ତ୍ରୁଟି ଯୋଗୁଁ ଏଭଳି ସମସ୍ୟା ଦେଖା ଦେଉଥିବା ଅଭିଯୋଗ ହେଉଛି। କିନ୍ତୁ ପୂର୍ବରୁ ଏନେଇ କେନ୍ଦ୍ରାପଡା ବିଧାୟକ ଗଣମାଧମ ଆଗରେ ପ୍ରଶାସନ ବିଫଳତା ସହ ନିର୍ମାଣରେ ତ୍ରୁଟି ମୁଖ୍ୟ କାରଣ ବୋଲି କହିଥିବା ବେଳେ ଆଜି ଏନେଇ ଏକ ପତ୍ର ଆଇନ୍ ମନ୍ତ୍ରୀ ପୃଥିରାଜ ହରିଚନ୍ଦନଙ୍କୁ କେହି ସମସ୍ୟା କୁ ସାମ୍ନାକୁ ଆଣିଛନ୍ତି। ବିଧାୟକ ଶ୍ରୀ ବେହେରା ଲେଖିଛନ୍ତି କି କେନ୍ଦ୍ରାପଡ଼ାର ଇଚ୍ଛାପୁର ସ୍ଥିତ ଶ୍ରୀ ବଳଦେବଜୀଉଙ୍କ ରଥଟଣାରେ ବିଭ୍ରାଟ ସମସ୍ତ ଭକ୍ତଙ୍କୁ ବ୍ୟଥିତ କରିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ଏହା ସବୁଠାରୁ ବଡ଼ ପ୍ରସଙ୍ଗଭାବେ ଜଡିତ ହେଉଛି। କେବଳ ଚଳିତ ୨୦୨୫ ୦୨୫ ର ର ଶ୍ରୀଗୁଣ୍ଡିଚା ଯାତ୍ରା ଓ ବାହୁଡ଼ାଯାତ୍ରା ନୁହେଁ ବିଗତ ୩ ବର୍ଷ ଧରି ନିୟମିତ ଭାବରେ ଅଘଟଣ ସୃଷ୍ଟି ହେଉଛି। ପ୍ରଥମେ ୨୦୨୩ ଓ ଓ ତା ପରେ ଗତବର୍ଷ ୨୦୨୪ ଓ ସଦ୍ୟ ସମାପିତ ୨୦୨୫ ରେ ରଥ ବଡ଼ଦାଣ୍ଡରେ ଅଟକି ଯାଉଛି। ମାଉସୀ ମା ଘରକୁ ଘୋଷ ଯାତ୍ରାରେ ରଥାରୁଢ଼ ହୋଇ ଗଲାବେଳେ ବାମ ପାର୍ଶ୍ୱକୁ ଓ ଆଡ଼ପ ମଣ୍ଡପରୁ ଶ୍ରୀମନ୍ଦିର ବାହୁଡ଼ିବା ବେଳେ ଦକ୍ଷିଣ ପାର୍ଶ୍ୱକୁ ମାଡ଼ି ଯାଉଛି। ରେଳବାଇ ବିଭାଗର ସହାୟତା ମିଳୁନଥିଲେ ରଥଯାତ୍ରା ଅତୀତର ସ୍ମୃତି ହୋଇଯାଆନ୍ତା। ଅତ୍ୟନ୍ତ ସ୍ପର୍ଶକାତର ଘଟଣା ହୋଇଥିବାରୁ ଏହି ଧାରାବାହିକ ବିଭ୍ରାଟ ପ୍ରତି ଉଦାସୀନ ରହିବା ସରକାରଙ୍କ ପକ୍ଷେ ଉଚିତ ହେବ ନାହିଁ। ସ୍ଥାନୀୟ ପ୍ରତିନିଧିଭାବେ ପ୍ରତିବର୍ଷ ଏହି ପବିତ୍ର ବ୍ରହ୍ମ ତାଳଧ୍ୱଜ ରଥଟଣାରେ ସାମିଲ ହେବାର ସ୍ୱଭାଗ୍ୟ ଅର୍ଜନ କରିବାସହ ଏ ସଂକ୍ରାନ୍ତରେ ବିଭିନ୍ନ ଅନୁଭବୀ ଇଂଜିନିୟର ଓ ରଥନିର୍ମାଣକାରୀ ବ୍ୟକ୍ତି ବିଶେଷଙ୍କ ସହ ଆଲୋଚନାରୁ ତିନୋଟି କଥା ସାମନାକୁ ଆସୁଛି। ରଥ ନିର୍ମାଣ ଜନିତ ତୃଟି, ରଥ ପରିଚାଳନାଗତ ତୃଟି ଓ ଅସମତଳ ରଥଦାଣ୍ଡ ନିର୍ମାଣହେତୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଶ୍ରୀ ବଳଦେବଜୀଉଙ୍କର ପ୍ରେମୀ ଭକ୍ତମାନଙ୍କର ଆବେଗ ଓ କେନ୍ଦ୍ରାପଡ଼ାବାସୀଙ୍କ ଉଦ୍‌ବେଗକୁ ଉପଲବ୍ଧିକରି କେନ୍ଦ୍ରାପଡ଼ା ଶ୍ରୀ ବଳଦେବଜୀଉଙ୍କ ରଥଟଣା ବିଭ୍ରାଟର ତଦନ୍ତ କରି ଏହି ଅଭାବନୀୟ ଅଘଟଣ ଯବନିକା ପକାଇବାକୁ ପତ୍ର ମାଧ୍ୟମରେ ଦାବି କରିଛନ୍ତି।

## ରାସ୍ତା ଉପରେ ଲହଡ଼ି ମାରୁଛି ନର୍ଦ୍ଦମା ପାଣି

**ସମାଧାନ ଦାବିରେ ମହିଳାଙ୍କ ପ୍ରତିବାଦ**



**ମାର୍ଶାଘାଇ,୧୦।୭ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ୍ କୁହୁଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁହୁଡି ଗ୍ରାମ ର ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଆଗରେ ନର୍ଦ୍ଦମା ପାଣି ଜମି ରହିଛି। ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ଢଳେଇ ରାସ୍ତା ଉପରେ ପାଣି ଜମି ରହି ଦୁର୍ଗନ୍ଧ ବାହାରୁଛି। ସେହି ନର୍ଦ୍ଦମା ପାଣିରେ ପଶି ନିଇତି ଗ୍ରାମବାସୀ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଯାଆଆସ କରୁଛନ୍ତି। ଦିର୍ଘ ବର୍ଷ ଧରି ଏମିତି ସମସ୍ୟା ଭିତରେ ଲୋକ ଯାତାୟାତ କରୁଥିବା ବେଳେ ପଞ୍ଚାୟତର ଜନପ୍ରତିନିଧିମାନେ ଏଥିପାଇଁ ଦୃଷ୍ଟି ଦେଉ ନଥିବା ଅଭିଯୋଗ କରିଛନ୍ତି ମହିଳାମାନେ। ଆଜି ଗ୍ରାମର ୧୦ ରୁ ଉର୍ଦ୍ଧ୍ୱ ମହିଳା ଜମି ରହିଥିବା ପାଣି ସ୍ଥାନରେ ପହଞ୍ଚି ପ୍ରତିବାଦ କରିବା ସହିତ ସରପଞ୍ଚ ଓ ସଭ୍ୟ ଙ୍କ ପାରିବା ପଣିଆକୁ ଆଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ବର୍ତ୍ତମାନ ସରକାର ହଇଜା ନିରାକରଣ ପାଇଁ ସଚେତନତା କରୁଛନ୍ତି ହେଲେ ନର୍ଦ୍ଦମା ପାଣିରେ ପଶି ଯାତାୟତ କରିଲେ ହଇଜା ରୋଗକୁ ଆମନ୍ତ୍ରଣ କରି ଘରକୁ ନେବେ ବୋଲି ମହିଳାମାନେ କହିଥିଲେ। ସେମାନେ ଆହୁରି ମଧ କହିଛନ୍ତି ଯେ ସେଠାରେ ନାଳ କାର୍ଯ୍ୟ କରାଯିବା ପାଇଁ ପୂର୍ବରୁ ୩ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲେ ମଧ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଢ଼ିଲା ପଣ ପାଇଁ କାମ ଏଯାଏଁ କରାଯାଇ ପାରୁନାହିଁ। ଯେଉଁଥିପାଇଁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏଥିପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଆକର୍ଷଣ କରି ଜଳ ନିଷ୍କାସନ ବ୍ୟବସ୍ଥା କରାଇବାକୁ ଗ୍ରାମର ରଶ୍ମିରେଖା ସୁଭାଷିନୀ, ମମତା ମହାରଣା, ରୋଜାଲିନି ଓଝା, ସୁଚିତ୍ରା ପରିଡ଼ା ଓ ମାନସି ସାହୁ ପ୍ରମୁଖ ଦାବି କରିଛନ୍ତି।

## ନାମାଚାର୍ଯ୍ୟ ବାୟାବାବାଙ୍କ ଜନ୍ମମାଟିରେ ଗୁରୁପୂର୍ଣ୍ଣିମା

**ରାଜନଗର,୧୦।୭ (ସଂଚାର ବ୍ୟୁରୋ):** ବିଶ୍ୱଗୁରୁ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମମାଟି ରାଜନଗର ବ୍ଲକ କେରେଡାଗଡ଼ସ୍ଥିତ ବାୟାବାବାଙ୍କ ଆଶ୍ରମରେ ପବିତ୍ର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛିଓ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବା ଭାରତୀୟ ସଂସ୍କୃତି ପରମ୍ପରା ଓ ସନାତନ ଧର୍ମକୁ ସମଗ୍ର ଭାରତ ବର୍ଷରେ ନାମ ସଂକୀର୍ତ୍ତନ ମାଧ୍ୟମରେ ପ୍ରଚାର ପ୍ରସାର କରି ଅମର ହୋଇ ରହିଛନ୍ତି। ଆଜି ପବିତ୍ର ଗୁରୁପୂର୍ଣ୍ଣିମା ତିଥିରେ ଆଶ୍ରମରେ ଶ୍ରୀମଦ୍ ବାୟାବାବାଙ୍କ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ବାଳଧୂପ, ଆଶ୍ରମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ୧୦୮ କଳସ ଜଳ ଦ୍ୱାରା ଶ୍ରୀମଦ୍ ବାୟାବାବାଙ୍କ ମହାଭିଷେକ କରାଯାଇଥିଲା ଓ ପରେ ଶ୍ରୀମଦ୍ ବାୟାବାବାଙ୍କ ଜୀବନ ଆଦର୍ଶ ଓ ଦିଗ୍‌ଦର୍ଶନ ମୁଖନିସୃତ ଭଜନ ଓ କଥାମୃତ ଆଲୋଚନା କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମକୁ ଆଶ୍ରମର ସଭାପତି ବ୍ରହ୍ମାନନ୍ଦ ତ୍ରିପାଠୀ, ସମ୍ପାଦକ କପିଳ ଚନ୍ଦ୍ର ଦାସ, ପ୍ରଦୀପ କୁମାର ବିଶ୍ୱାଳ, ସୁଧାକର ପଣ୍ଡା, ରାଧାକୃଷ୍ଣ ପାତ୍ର, ମେଘ ଶ୍ୟାମ ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, କେଦାର ଦାସ, ଅନନ୍ତ ଚରଣ ରାଉତ, ଦୀନବନ୍ଧୁ ବେହେରା, ନଟବର ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ରାଷ୍ଟ୍ରପତିଙ୍କ ଗସ୍ତ ନେଇ କଟକରେ ଡିଜିଙ୍କ ସମୀକ୍ଷା



**କଟକ,୧୦।୭(ସଂଚାର ବ୍ୟୁରୋ):** ଆସନ୍ତା ୧୪ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୧୫ ତାରିଖରେ କଟକ ସହରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଆଜି ଉକ୍ତ ସ୍ଥାନଗୁଡ଼ିକୁ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ଉକ୍ତ ସ୍ଥାନମାନଙ୍କରେ ସୁରକ୍ଷା ବ୍ୟବସ୍ଥା ସହ ଟ୍ରାଫିକ ପରିଚାଳନା ସଂକ୍ରାନ୍ତରେ ଡିଜି ଶ୍ରୀ ଖୁରାନିଆ ବିସ୍ତୃତ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ସମୟରେ ଶ୍ରୀ ଖୁରାନିଆଙ୍କ ସହ ଭୁବନେଶ୍ୱର-କଟକ ପୁଲିସ କମିଶନର ଏସ. ଦେବଦତ୍ତ ସିଂ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ କଟକ ସହରାଞ୍ଚଳ ଜିଲ୍ଲା ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ସମେତ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୧୫ ତାରିଖ ପୂର୍ବାହ୍ଣରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ପରେ ସେ କଟକ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ତା'ଛଡ଼ା ରାଷ୍ଟ୍ରପତି କଟକ ତୁଳସୀପୁର ବିଜୁ ପଟ୍ଟନାୟକ ଛକସ୍ଥିତ ଶାରଳା ଭବନରେ ପହଞ୍ଚି ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିବେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି 'କଳିଙ୍ଗ ରତ୍ନ ପୁରସ୍କାର-୨୦୨୪' ମଧ୍ୟ ପ୍ରଦାନ କରିବେ।

## ଆଇସିଏଆର-ସିଫାରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳିତ

# ୧୭ ମତ୍ସ୍ୟ କ୍ଲଷ୍ଟର ଉଦ୍‌ଘାଟନ କଲେ କେନ୍ଦ୍ର ପ୍ରାଣୀ ସମ୍ପଦ ମନ୍ତ୍ରୀ

**ଭୁବନେଶ୍ୱର,୧୦।୭ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟାଗଙ୍ଗାସ୍ଥିତ ଆଇସିଏଆର-କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ପ୍ରତିଷ୍ଠାନ (ସିଫା) ପରିସରରେ ଆଜି ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଯୋଗଦେଇ ୧୭ଟି ନୂଆ ମତ୍ସ୍ୟ କ୍ଲଷ୍ଟରକୁ ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି। ଏଥିସହ ସାରା ଦେଶରେ ମୋଟ ମତ୍ସ୍ୟଚାଷ କ୍ଲଷ୍ଟର ସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ଏହାଛଡ଼ା କେନ୍ଦ୍ରମନ୍ତ୍ରୀ ୧୧ଟି ରାଜ୍ୟର ୧୦୫ କୋଟି ଟଙ୍କା ବିନିମୟରେ ୭୦ଟି ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ମତ୍ସ୍ୟଚାଷ କ୍ଷେତ୍ରର ଗୁଣବତ୍ତା, ମାନକୀକରଣ ଏବଂ କ୍ଷମତା ନିର୍ମାଣ ସୁନିଶ୍ଚିତ କରିବା ପାଇଁ ଆଇସିଏଆର ତାଲିମ କ୍ୟାଲେଣ୍ଡର ପ୍ରକାଶ କରିଛନ୍ତି। ସେହିପରି ବିହନ ପ୍ରମାଣୀକରଣ ଏବଂ ହ୍ୟାଚେରୀ କାର୍ଯ୍ୟ ଉପରେ ମାର୍ଗଦର୍ଶିକା ଉନ୍ମୋଚନ ସମେତ ପ୍ରମୁଖ ମତ୍ସ୍ୟଚାଷ ପଦକ୍ଷେପର ଏକ ଶୃଙ୍ଖଳା ଆରମ୍ଭ କରିଛନ୍ତି। ଏହି ଅବସରରେ କେନ୍ଦ୍ର ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ରାଷ୍ଟ୍ର ମନ୍ତ୍ରୀ ପ୍ର ଏସ.ପି. ସିଂ ବାଘେଲ୍, ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ଓ ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଜର୍ଜ କୁରିୟନ, ରାଜ୍ୟ ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ରାଷ୍ଟ୍ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଅତିଥିମାନେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ମନ୍ତ୍ରୀ ରାଜୀବ ରଞ୍ଜନ ସିଂ ଜାତୀୟ ମତ୍ସ୍ୟ ଚାଷୀ ଦିବସ ଉପଲକ୍ଷେ ଆୟୋଜିତ ପ୍ରଦର୍ଶନୀ ବୁଲି ଦେଖିଥିଲେ। ବୈଜ୍ଞାନିକ, ମାଛ ଚାଷୀ ଓ ଉଦ୍ୟୋଗୀଙ୍କ ସହ ମତ ବିନିମୟ କରିଥିଲେ।




## ମହିଳା ବିଜେଡିର ସ୍ୱାଭିମାନ ରାଲି, ଡିଜିଙ୍କୁ ସ୍ମାରକପତ୍ର

# ତେଜିଲା ବିଧାୟକ ସନ୍ତୋଷ ଖଟୁଆଙ୍କ ଗିରଫ ଦାବି

**ଭୁବନେଶ୍ୱର,୧୦।୭ (ସଂଚାରବ୍ୟୁରୋ) :** ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ପ୍ରତିବାଦରେ ଆଜି ମହିଳା ବିଜେଡି ପକ୍ଷରୁ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଗିରଫ ପାଇଁ ଦାବି କରାଯାଇଛି। ଏହି ଦାବି ନେଇ ମହିଳା ବିଜେଡିର ସଦସ୍ୟାମାନେ ଆଜି ରାଜଧାନୀରେ ସ୍ୱାଭିମାନ ରାଲି କରିବା ସହ ବିଧାୟକଙ୍କ ଗିରଫଦାରୀ ଦାବି ନେଇ ଡିଜିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ରାଜମହଲ ଛକରୁ ମାଷ୍ଟର କ୍ୟାଣ୍ଟିନ ଛକ



ପର୍ଯ୍ୟନ୍ତ ଏହି ରାଲି କରାଯାଇ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ରାଲିରେ ବିଧାୟକଙ୍କ ମନ୍ତବ୍ୟକୁ କଡ଼ା ସମାଲୋଚନା କରାଯିବା ସହ କ୍ଷମତା ନିଶାରେ ବିଜେଡିର ବିଧାୟକମାନେ ଅନ୍ଧ ହୋଇ ନୀତି ନୈତିକତା ଭୁଲିଯାଉଥିବା ଅଭିଯୋଗ କରାଯାଇଛି। ବିଶେଷକରି ଶ୍ରୀ ଖଟୁଆଙ୍କ ମନ୍ତବ୍ୟରୁ ରାଜ୍ୟରେ ମହିଳାମାନେ କେତେ ଅସୁରକ୍ଷିତ, ତାହା ପ୍ରମାଣିତ ହୋଇଛି ବୋଲି ମହିଳା ବିଜେଡିର ସଦସ୍ୟାମାନେ କହିଛନ୍ତି। ଏଥିସହ ଡ. ସାମନ୍ତସିଂହାରଙ୍କ ପ୍ରତି ବିଧାୟକ ଶ୍ରୀ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟ ମାମଲାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସକାଶେ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ମହିଳା ବିଜେଡି ପ୍ରତି ଜିଲ୍ଲାରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦିଆଯାଇଛି।

## ମନୋଜ ମହାନ୍ତି ଓପିଏସ୍‌ସି ସଦସ୍ୟ ନିଯୁକ୍ତ

**ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ):** ଆଇଏଏସ୍ ମନୋଜ କୁମାର ମହାନ୍ତିଙ୍କୁ ରାଜ୍ୟ ସରକାର ଗୁରୁବାର ଓପିଏସ୍‌ସି ସଦସ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ଶ୍ରୀ ମହାନ୍ତିଙ୍କୁ ୬ ବର୍ଷ ପାଇଁ ଏହି ପଦରେ ନିଯୁକ୍ତି ଦିଆଯାଇଛି। ଏନେଇ ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଶ୍ରୀ ମହାନ୍ତି ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଥିଲେ। ଓପିଏସ୍‌ସିରେ ତାଙ୍କର ସଦସ୍ୟତା ଆଗାମୀ ଦିନରେ ବେସାମରିକ ସେବାକୁ ଅଧିକ ଉତ୍ତରଦାୟୀ କରିବା ଦିଗରେ ସହାୟତା କରିବ ବୋଲି ଆଶା ପ୍ରକାଶ ପାଇଛି।

# ବିକାଶ ମେଳାରେ ବେଦାନ୍ତର 'ପ୍ରୋଜେକ୍ଟ ସଖୀ'

**ଲାଞ୍ଜିଗଡ଼,୧୦।୭(ସଂଚାର ବ୍ୟୁରୋ) :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ପ୍ରଥମ ବାର୍ଷିକୀ ଉପଲକ୍ଷେ ଆୟୋଜିତ ବିକାଶ ମେଳା-୨୦୨୫ରେ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ କଳାହାଣ୍ଡିର ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକର ଭୂମିକା ପ୍ରଦର୍ଶନ କରିଥିଲା। କମ୍ପାନୀ ଏହାର ପ୍ରମୁଖ ମହିଳା ସଶକ୍ତିକରଣ ପଦକ୍ଷେପ ପ୍ରୋଜେକ୍ଟ ସଖୀରୁ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ କରିଥିଲା, ଯାହା ଗ୍ରାମୀଣ ମହିଳାଙ୍କ ଉଦ୍ୟୋଗୀ ମନୋଭାବକୁ ପାଳନ କରି କଳାହାଣ୍ଡିର ବିକାଶକୁ ପ୍ରୋତ୍ସାହିତ କରିଥିଲା। ମହିଳାମାନଙ୍କ ନେତୃତ୍ୱରେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହସ୍ତନିର୍ମିତ ଉତ୍ପାଦଗୁଡ଼ିକର ପ୍ରଦର୍ଶନ ମାଧ୍ୟମରେ କମ୍ପାନୀ ଷ୍ଟଲ କଳାହାଣ୍ଡି ଜିଲ୍ଲା ମାଜିଷ୍ଟ୍ରେଟ ପାୱାର ସଚିନ ଓ ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓର୍‌ମାସ୍), ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା (ଆଇଟିଡିଏ) ଓ ଜିଲ୍ଲା ଯୋଜନା ଏବଂ ମନିଟରିଂ ୟୁନିଟ୍ (ଡିପିଏମ୍‌ୟୁ)ର ବରିଷ୍ଠ ପ୍ରତିନିଧିଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରଶଂସା ପାଇଥିଲା। ଏନେଇ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ କଳାହାଣ୍ଡିର ବିକାଶ ମହିଳାଙ୍କ ସଶକ୍ତିକରଣ ସହ ଆନ୍ତରିକ ଭାବେ ଜଡିତ। ବେଦାନ୍ତ ଆଲୁମିନିୟମରେ ମହିଳାମାନେ ଅନ୍ତର୍ଭୁକ୍ତ ଅଭିବୃଦ୍ଧିର ମୂଳଦୁଆ ବୋଲି ବିଶ୍ୱାସ କରାଯାଏ। ପ୍ରୋଜେକ୍ଟ ସଖୀ ମାଧ୍ୟମରେ ସେମାନଙ୍କୁ ଆତ୍ମନିର୍ଭରଶୀଳ ଉଦ୍ୟୋଗୀ ଓ ସାମାଜିକ-ଆର୍ଥିକ ପରିବର୍ତ୍ତନର ସକ୍ରିୟ ଭାଗିଦାରୀ ଦିଗରେ ସକ୍ଷମ କରାଯାଉଛି।

ବିକାଶ ମେଳାରେ ପ୍ରୋଜେକ୍ଟ ସଖୀର ଉପସ୍ଥିତି ଗ୍ରାମୀଣ ମହିଳାମାନଙ୍କୁ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ କରିବା, ନୂତନ ବଜାର ସଂଯୋଗ ସ୍ଥାପନ କରିବା ଏବଂ ବ୍ୟାପକ ଦର୍ଶକଙ୍କ ସମ୍ମୁଖରେ ସେମାନଙ୍କର ଉଦ୍ୟୋଗୀ ପ୍ରୟାସକୁ ବୃଦ୍ଧି କରିବା ପାଇଁ ଏକ ମୂଲ୍ୟବାନ ପ୍ଲାଟଫର୍ମ ପ୍ରଦାନ କରିଥିଲା। ଏହା ସ୍ଥାୟୀ ଜୀବିକା, ସ୍ୱାସ୍ଥ୍ୟସେବା, ଶିକ୍ଷା, ଭିତ୍ତିଭୂମି ଏବଂ ତୃଣମୂଳ କ୍ରୀଡା ଏବଂ ସଂସ୍କୃତିରେ କେନ୍ଦ୍ରିତ ହସ୍ତକ୍ଷେପ ମାଧ୍ୟମରେ କଳାହାଣ୍ଡିକୁ ପରିବର୍ତ୍ତନ କରିବାର ବେଦାନ୍ତର ବ୍ୟାପକ ଦୃଷ୍ଟିକୋଣ ସହିତ ନିରନ୍ତର ସମନ୍ୱୟ ରକ୍ଷା କରେ, ଯାହାଦ୍ୱାରା ଏହି ଅଞ୍ଚଳର ଭବିଷ୍ୟତକୁ ପୁନଃନିର୍ମାଣ କରିଥାଏ। ୨୦୧୬ରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ସଖି କଳାହାଣ୍ଡି ଜିଲ୍ଲାରେ ମହିଳା ବିକାଶର ଏକ ମୂଳଦୁଆ ଭାବରେ ନିଜର ସ୍ଥିତି ବଜାୟ ରଖିଛି। ଏହା ୪,୭୦୧ ସ୍ୱୟଂ ସହାୟକ ଗୋଷ୍ଠୀରେ ୪,୯୦୦ରୁ ଅଧିକ ମହିଳାଙ୍କୁ ସହାୟତା କରିଆସିଛି। କୃଷି ଏବଂ ଅଣ-କୃଷି କ୍ଷେତ୍ରରେ ବ୍ୟାପକ ତାଲିମ, ନେତୃତ୍ୱ ପରାମର୍ଶ ଏବଂ ବଜାର ପ୍ରବେଶ ସୁଯୋଗ ଦେଇ ଏହି ପଦକ୍ଷେପ ସ୍ଥାୟୀ ଜୀବିକା ନିର୍ମାଣ ଓ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରୁଛି। କଳାହାଣ୍ଡି ଆଗକୁ ଏକ ନୂତନ ପଥ ପ୍ରସ୍ତୁତ କରୁଥିବା ସମୟରେ ବେଦାନ୍ତ ଆଲୁମିନିୟମ ପରିବର୍ତ୍ତନର ଏକ ଉତ୍ପ୍ରେରକ ପ୍ରବେ ଏହାର ଭୂମିକାକୁ ଗଭୀର କରିବା ସହ ଗ୍ରାମୀଣ ମହିଳାଙ୍କ ଅନ୍ତର୍ନିହିତ ବିକାଶ ଦିଗରେ ଉଦ୍ୟମ ଚଳାଇଛି।



କଳାହାଣ୍ଡିରେ ମହିଳା ସଶକ୍ତିକରଣର ପ୍ରଦର୍ଶନ

## ବରିଷ୍ଠ ଆଇନଜୀବୀଙ୍କୁ ନିର୍ଯାତନା

# କଳା ବ୍ୟାଚ୍ ପିନ୍ଧି ଓକିଲ ସଂଘର ବିକ୍ଷୋଭ



**ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ):** ବାଲେଶ୍ୱରର ୭୦ ବର୍ଷୀୟ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କୁ ଥାନା ଭିତରେ ପ୍ରୋବେସନ୍ ଆଇଏଏସ୍ ଅଧିକାରୀ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଘଟଣାର ତଦନ୍ତ ନ କରି ପୁଲିସ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ସମ୍ପୃକ୍ତ ମହିଳା ଆଇଏଏସ ଅଧିକାରୀଙ୍କ ବିରୋଧରେ ସହଦେବ ଖୁଣ୍ଟା ଥାନାରେ ବାଲେଶ୍ୱର ଓକିଲ ସଂଘ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା। କିନ୍ତୁ ଅଭିଯୋଗକୁ ମାସେ ପୂରିଯାଇଥିଲେ ମଧ୍ୟ ଅଦ୍ୟାବଧି ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ଏହା ପ୍ରତିବାଦରେ ଆଜି ଭୁବନେଶ୍ୱର ଓକିଲ ସଂଘର ସଦସ୍ୟମାନେ କଳା ବ୍ୟାଚ୍ ପିନ୍ଧି କାର୍ଯ୍ୟ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ଏହି ଘଟଣାର ଜୁଡ଼ିସିଆଲ ତଦନ୍ତ ପାଇଁ ମଧ୍ୟ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ବିକ୍ଷୋଭରେ ସଂଘ ସଭାପତି ଅଶୋକ କୁମାର ପାତ୍ର, ସମ୍ପାଦକ ସତ୍ୟ ରଞ୍ଜନ ସେନାପତି, ଉପସଭାପତି କବିନ୍ଦ୍ର ବାରିକ, ଯୁଗ୍ମ ସମ୍ପାଦକ ରଶ୍ମି ରଞ୍ଜନ ମହାନ୍ତି, ସହସମ୍ପାଦକ ରଶ୍ମି ଭୂଷଣ ମୁଖୀ, କୋଷାଧ୍ୟକ୍ଷ ଦୀପ୍ତିପ୍ରସାଦ ନନ୍ଦ, କାର୍ଯ୍ୟକାରୀ କମିଟି ସଭ୍ୟ ଅକ୍ଷୟ କୁମାର ଦାସ, ଜିତେନ୍ଦ୍ର ଭଟ୍ଟାଚାର୍ଯ୍ୟ, ଓଁ ତତ୍ତ୍ୱବିତ୍, ସୁବ୍ରତ ସେନାପତିଙ୍କ ସମେତ ଶତାଧିକ ଆଇନଜୀବୀ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ ଯେ ଗତ ଜୁନ୍ ୬ ତାରିଖରେ ଶ୍ରୀ ଦାସ ସଦର ବିଧାୟକଙ୍କୁ ଭେଟିବା ପାଇଁ ସର୍କିଟ ହାଉସ୍ ଯାଇଥିଲେ। ବିଧାୟକଙ୍କ ଗାଡ଼ି ବାହାରେ ଥିବାରୁ ସେ ସର୍କିଟ୍ ହାଉସ୍ ଭିତରେ ଥିବା ଅନୁମାନ କରି ଶ୍ରୀ ଦାସ ଭୁଲ୍‌ବଶତଃ ଅନ୍ୟ ଏକ ରୁମ୍ କବାଟ ଖୋଲିଦେଇଥିଲେ। ତେବେ ଉକ୍ତ ରୁମ୍‌ରେ ଜଣେ ପ୍ରୋବେସନ୍ ଆଇଏଏସ୍ ମହିଳା ଅଧିକାରୀ ଥିବା ବେଳେ ଶ୍ରୀ ଦାସ ତାଙ୍କୁ ଏପରି ଭୁଲ୍ କରିଥିବା କ୍ଷମା ପ୍ରାର୍ଥନା କରିଥିଲେ। କିନ୍ତୁ ଏହା ସତ୍ତ୍ୱେ ଉକ୍ତ ମହିଳା ଆଇଏଏସ ଜଣଙ୍କ ଶ୍ରୀ ଦାସ ଗାଳିଗୁଲଜ କରିଥିଲେ। ଅଧିକନ୍ତୁ ପରେ ସେ ଆଇନଜୀବୀ ଶ୍ରୀ ଦାସଙ୍କୁ ତାଙ୍କ ଘରୁ ଉଠାଇ ଆଣିଥିଲେ। ଥାନା ଭିତରେ ତାଙ୍କୁ ତଣ୍ଟି ଚିପି ମାରିବାକୁ ବି ଉଦ୍ୟମ କରିଥିଲେ। ଏଥିସହ ସହଦେବ ଖୁଣ୍ଟା ଥାନା ପୁଲିସ୍ ଶ୍ରୀ ଦାସଙ୍କ ନାମରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା। ତେବେ ଏହି ମାମଲାରେ ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।




# ରେଳଭଡ଼ା ବୃଦ୍ଧିକୁ ବିରୋଧ, ଏସ୍‌ୟୁସିଆଇ(ସି)ର ବିକ୍ଷୋଭ

**ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ):** ରେଳ ଭଡା ବୃଦ୍ଧି, ରେଳ ଚଳାଚଳରେ ଅହେତୁକ ବିଳମ୍ବ, ରେଳ ସେବାରେ ବ୍ୟାପକ ଅବ୍ୟବସ୍ଥା, ପାର୍କିଂ ଫି' ବୃଦ୍ଧି ଇତ୍ୟାଦି ପ୍ରତିବାଦରେ ଆଜି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସ୍ଥାନୀୟ ମାଷ୍ଟର୍ କ୍ୟାଣ୍ଟିନ୍ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ଶତାଧିକ ବିକ୍ଷୋଭକାରୀ ଶୋଭାଯାତ୍ରାରେ ଆସି ମାଷ୍ଟର କ୍ୟାଣ୍ଟିନ ଛକରେ ପହଞ୍ଚିବା ସହ ରେଳବାଇ ଉପରେ ବର୍ଷିଥିଲେ। ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ସଦସ୍ୟ ରଘୁନାଥ ଦାସ, ସଦାଶିବ ଦାସ, ବିଶ୍ୱାବସୁ ଦାସ, ସୁରେନ୍ଦ୍ର ମଲ୍ଲିକ, ସ୍ୱୟଂପ୍ରଭା ନାୟକ, ନିରାକାର ପାଣ୍ଡବ, ଅଶୋକ ମିଶ୍ର, ରାଜ୍ୟ କମିଟି ସଦସ୍ୟ ପୂର୍ଣ୍ଣ ଚନ୍ଦ୍ର ବେହେରା, ପ୍ରମୁଖ ବକ୍ତବ୍ୟରେ ରେଳ ଭଡ଼ା ବୃଦ୍ଧିକୁ ତୀବ୍ର ବିରୋଧ କରିଥିଲେ। ସାରା ଦେଶରେ ଲକ୍ଷ ଲକ୍ଷ ଲୋକ ପ୍ରତିଦିନ ରେଳଯାତ୍ରା କରୁଥିବା ବେଳେ ସମ୍ପ୍ରତି ରେଳ ସେବାରେ ଘୋର ଅବ୍ୟବସ୍ଥା ଓ ଚଳାଚଳରେ ଅହେତୁକ ବିଳମ୍ବ ଯୋଗୁଁ ଯାତ୍ରୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି କହିବା ସହ ସେମାନେ ଏ ଦିଗରେ ତୁରନ୍ତ ଠୋସ୍ ପଦକ୍ଷେପ ନେବାକୁ ଦାବି କରିଥିଲେ। ସେହିପରି ଗତ ୧ରୁ ଲାଗୁ ହୋଇଥିବା ବର୍ଦ୍ଧିତ ଭଡ଼ା ମଧ୍ୟ ଯାତ୍ରୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ତେଣୁ ରେଳବାଇ ପକ୍ଷରୁ ତୁରନ୍ତ ଏହି ବର୍ଦ୍ଧିତ ଭଡ଼ା ଅପସାରଣ କରିବାକୁ ସେମାନେ ଦାବି କରିଛନ୍ତି। ଏହାଛଡ଼ା ବିଭିନ୍ନ ରେଳ ଷ୍ଟେସନରେ ଯାନବାହନ ରଖିବା ପାଇଁ ମଧ୍ୟ ପାର୍କିଂ ଫି'କୁ ମଧ୍ୟ ୪ ଗୁଣ ପର୍ଯ୍ୟନ୍ତ ବଢ଼ାଯାଇଛି, ଯାହାକି ରେଳବାଇର ଚରମ ଜନବିରୋଧୀ ନିଷ୍ପତ୍ତି ବୋଲି ମତ ଦେବା ସହ କମିଟି ସଦସ୍ୟମାନେ କହିଛନ୍ତି। ସେହିପରି ଦେଶରେ ରେଳବାଇ ସର୍ବବୃହତ ସରକାରୀ କ୍ଷେତ୍ର ହୋଇଥିଲେ ମଧ୍ୟ ସରକାର ଷଡ଼ଯନ୍ତ୍ରମୂଳକ ଭାବେ ନିଯୁକ୍ତି ନ ଦେବା, ରେଳ ଲାଇନ ଓ ତା'ର ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକର ରକ୍ଷଣାବେକ୍ଷଣରେ ଅବହେଳା କରିବା, ନୂଆ ରେଳ ଲାଇନ ପ୍ରତିଷ୍ଠା ନ କରିବା, ସାଧାରଣ ବଗି ସଂଖ୍ୟାକୁ କମ କରିବା ଆଦିକୁ କଡ଼ା ସମାଲୋଚନା କରାଯାଇଛି।

ଏପରି ସ୍ଥିତିରେ ଯାତ୍ରୀମାନଙ୍କ ସୁରକ୍ଷିତ ଯାତ୍ରାକୁ ଦୃଷ୍ଟିରେ ରଖି ସରକାର ବର୍ଦ୍ଧିତ ରେଳ ଭଡ଼ା ତୁରନ୍ତ ପ୍ରତ୍ୟାହାର କରିବା ସହ ସମସ୍ତ ଅବ୍ୟବସ୍ଥାକୁ ଦୂର କରି ରେଳ ଚଳାଚଳକୁ ସ୍ୱାଭାବିକ କରିବାକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ଦୁର୍ବାର ଗଣଆନ୍ଦୋଳନ ହେବ ବୋଲି ସରକାରଙ୍କୁ ମଧ୍ୟ ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଦୟନୀୟ ସ୍ଥିତିରେ ଓଡ଼ିଶାର ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୧୦।୭:** ଓଡ଼ିଶାରେ ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା ୧୯୪୩ ମସିହାରେ । ଏବେ ରାଜ୍ୟର ବିଶ୍ୱବିଦ୍ୟାଳୟ ସଂଖ୍ୟା ୪୩ରେ ପହଞ୍ଚିଲାଣି। ଏଥିରୁ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ଉଚ୍ଚ ଶିକ୍ଷା ବିଭାଗ ନିୟନ୍ତ୍ରଣରେ ରହିଥିବା ବେଳେ ଅନ୍ୟ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ କୃଷି, ସଂସ୍କୃତି, ବୈଷୟିକ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଭାଗ ନିୟନ୍ତ୍ରଣରେ ରହିଛି।

ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରାୟ ୬୦ ପ୍ରତିଶତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲି ପଡିଥିବା ଏବଂ ଏକ ଡଜନରୁ ଅଧିକ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନଥିବା ପରିପ୍ରେକ୍ଷୀରେ ଏଗୁଡ଼ିକର ପ୍ରଶାସନିକ, ଶୈକ୍ଷିକ ଓ ଗବେଷଣା ଅବସ୍ଥା ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର କୃତୀ ଛାତ୍ରଛାତ୍ରୀମାନେ ଅନ୍ୟ ବେସରକାରୀ ବିଶ୍ୱବିଦ୍ୟାଳୟ ଏମିତିକି ଦେଶବିଦେଶର ନାମୀଦାମୀ ଶିକ୍ଷାନୁଷ୍ଠାନକୁ ପାଠ ପଢ଼ିବାକୁ ଚାଲିଯାଉଛନ୍ତି।

ସରକାରୀ ତଥ୍ୟ ମୁତାବକ, ଏବେ ଉତ୍କଳ, ରେଭେନ୍ସା, ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ଗଙ୍ଗାଧର ମେହେର, ଖଲ୍ଲିକୋଟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଧରଣୀଧର ବିଶ୍ୱବିଦ୍ୟାଳୟ, ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଆଦିରେ ନିୟମିତ କୁଳପତି ନାହାନ୍ତି। ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଚଳିତ ମାସ ଶେଷରେ ଅବସର ନେବେ। ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ସ୍ଥିତି ମଧ୍ୟ ଅତି ସାଙ୍ଘାତିକ ଅବସ୍ଥାରେ ରହିଛି।

୧୫ଟି ସରକାରୀ ବିଶ୍ୱବିଦ୍ୟାଳୟରେ ନୂଆ କୁଳପତି ନିଯୁକ୍ତ ପାଇଁ ଉଚ୍ଚଶିକ୍ଷା ବିଭାଗ ଓ କୁଳାଧିପତିଙ୍କ ଦପ୍ତର ତତ୍ପରତା ପ୍ରକାଶ କରିଥିଲେ ମଧ୍ୟ ଅଦ୍ୟାବଧି ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏପରି ସ୍ଥିତିରେ କେବେ ବିଶ୍ୱବିଦ୍ୟାଳୟଗୁଡ଼ିକ ନିୟମିତ କୁଳପତି ପାଇବେ, ସେନେଇ ନିର୍ଦ୍ଦିଷ୍ଟ ଭାବେ କେହି କିଛି ବି କହିପାରୁନାହାନ୍ତି। ସଂଶୋଧିତ ନିୟମ ଆଧାରରେ ନୂଆ କୁଳପତି ନିଯୁକ୍ତ ହେବା କଥା।

କୁଳପତି ନିଯୁକ୍ତି ପର୍ବ ସରିବା ପରେ ବିଶ୍ୱବିଦ୍ୟାଳୟଗୁଡ଼ିକର ସିଣ୍ଡିକେଟ୍ ପୁନର୍ଗଠନ ହେବ ଏବଂ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାଲି ପଡିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବୀମାନ ପୂରଣ କରିବା ପାଇଁ ବିଷୟଓ୍ୱାରୀ ପ୍ରକ୍ରିୟା ଆରମ୍ଭ ହେବ। ପ୍ରାର୍ଥୀମାନଙ୍କଠାରୁ ଆବେଦନ ଗ୍ରହଣ ପରେ ସେଗୁଡ଼ିକର ତନଖି କରାଯାଇ ବିଷୟ ବିଶେଷଜ୍ଞମାନଙ୍କ ସହାୟତାରେ ବିଭିନ୍ନ ବିଭାଗର ସହକାରୀ ପ୍ରଫେସର, ସହଯୋଗୀ ପ୍ରଫେସର ଓ ପ୍ରଫେସର ପଦବୀ ପୂରଣ କରାଯିବ । ଏବେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ୨୩୦ରୁ ଅଧିକ ପ୍ରଫେସର ପଦବୀ, ୪୦୦ରୁ ଅଧିକ ସହଯୋଗୀ ପ୍ରଫେସର ଓ ପାଖାପାଖି ୬୦୦ ସହକାରୀ ପ୍ରଫେସର ପଦବୀ ଖାଲି ପଡ଼ିଛି। ସହଯୋଗୀ ପ୍ରଫେସର ଓ ପ୍ରଫେସର ପଦବୀ ପଦୋନ୍ନତି ଓ ପ୍ରତ୍ୟକ୍ଷ ନିଯୁକ୍ତି ମାଧ୍ୟମରେ କରାଯାଇପାରିବ।



ମୋଟାମୋଟି ଭାବେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ଲାଗି ୧୯୧୧ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ଥିବା ବେଳେ ସେଥିରୁ ୧୨୦୦ରୁ ଊର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଛି। ସେହିପରି ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ୨୯୬୯ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ଥିବା ବେଳେ ସେଥିରୁ ବି ପାଖାପାଖି ୨୨୦୦ ପଦବୀ ଖାଲି ରହିଛି। ମୋଟାମୋଟି ଭାବେ ବର୍ଷ ବର୍ଷ ଧରି ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକ ନାହିଁ ନାହିଁରେ ଚାଲିଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଉପରେ ରାଜ୍ୟର କୃଷି ବିକାଶ, ମାଛଚାଷ, ପ୍ରାଣୀଧନ ସମ୍ବଳ ବିକାଶ ଆଦି ନିର୍ଭର କରିଥାଏ। କିନ୍ତୁ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ମଧ୍ୟ ଶିକ୍ଷକ ଓ ଅଣଶିକ୍ଷକ ମରୁଡ଼ିର ସ୍ଥିତି ସାଙ୍ଘାତିକ ଅବସ୍ଥାରେ ରହିଛି । ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଆଦିର ଦୁରବସ୍ଥା କହିଲେ ନ ସରେ।

ସଂଶୋଧିତ ଆଇନ୍ ଆଧାରରେ ଖୁବ୍‌ଶୀଘ୍ର ବିଶ୍ୱବିଦ୍ୟାଳୟଗୁଡ଼ିକର ଖାଲି ପଦବୀ ପୂରଣ ପାଇଁ ବ୍ୟବସ୍ଥା କରାଯାଉଥିବା କୁହାଯାଉଛି। କୃଷି ବିଶ୍ୱବିଦ୍ୟାଳୟରେ ୭୩ଟି ପ୍ରଫେସର ପଦବୀରୁ ୬୩ଟି ଖାଲି ପଡିଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟରେ ୪୬ଟି ପ୍ରଫେସର ପଦବୀରୁ ୩୫ଟି ଖାଲି । ରେଭେନ୍ସାରେ ୨୯ରୁ ୨୦ଟି ପ୍ରଫେସର ପଦବୀ ଖାଲି ଥିବାବେଳେ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟରେ ୧୯ରୁ ୧୫, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୨୨ରୁ ୧୮, ଗଙ୍ଗାଧର ବିଶ୍ୱବିଦ୍ୟାଳୟରେ ୨୩ରୁ ୨୧, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୨୪ରୁ ୧୮, ଫକୀରମୋହନରେ ୧୮ରୁ ୧୪ ପ୍ରଫେସର ପଦବୀ ଖାଲି। ଖଲ୍ଲିକୋଟ, ରାଜେନ୍ଦ୍ର, ବିକ୍ରମଦେବ, ଧରଣୀଧର, ମାଣିକେଶ୍ୱରୀ ଓ ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟରେ ସମସ୍ତ ପ୍ରଫେସର ପଦବୀ ଖାଲି ପଡିଛି। (ତଥ୍ୟ)

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀ ସମାରୋହ

**ଭୁବନେଶ୍ୱର, ୧୦।୭ (ସଂଚାର ବ୍ୟୁରୋ) :** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଗୁରୁପୂର୍ଣ୍ଣିମା ଅବସରରେ ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି ସମାରୋହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମହର୍ଷି ବ୍ୟାସଦେବଙ୍କୁ ଭାରତୀୟ ଐତିହ୍ୟ ଓ ସଂସ୍କୃତିର ଏକ ମହାନ୍ ବ୍ୟକ୍ତିତ୍ୱ ଭାବେ ଅଭିହିତ କରିଥିଲେ। ମହାଭାରତ ଓ ଅଠରଟି ପୁରାଣର ରଚୟିତା ମହର୍ଷି ବ୍ୟାସଦେବ ମନୁଷ୍ୟକୁ ଧର୍ମ, କର୍ମ ଓ ଆଧ୍ୟାତ୍ମିକତା ସମ୍ପର୍କରେ ନିଜ କାଳଜୟୀ ରଚନା ଦ୍ୱାରା ଯେଉଁ ଗଭୀର ଜ୍ଞାନ ଦେଇଛନ୍ତି ତାହା ଅମୂଲ୍ୟ। ତାଙ୍କ ରଚିତ ଶ୍ରୀମଦ୍‌ଭଗବତ୍ ଗୀତା ଆଜି ସମଗ୍ର ବିଶ୍ୱରେ ଭାରତୀୟ ଦର୍ଶନଶାସ୍ତ୍ରର ମହନୀୟତାକୁ ପ୍ରତିପାଦିତ କରିଛି ବୋଲି କୁଳପତି କହିଥିଲେ। ବରିଷ୍ଠ ଶିକ୍ଷାବିତ୍ ତଥା ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଏହି ସମାରୋହରେ ସମ୍ମାନିତ ବକ୍ତାଭାବେ ଯୋଗଦେଇଥିଲେ। ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀକୁ ଗୁରୁପୂର୍ଣ୍ଣିମା ଭାବେ ପାଳନ କରିବାର ପ୍ରାସଙ୍ଗିକତା ସମ୍ପର୍କରେ ସେ ସୁବିସ୍ତୃତ ବକ୍ତବ୍ୟ ରଖିଥିଲେ। ଡ. ଅଜୟ କୁମାର ବିଶ୍ୱାଳ, ଡ. ଲକ୍ଷ୍ମଣ କୁମାର ସାହୁ ଓ ଡ. ଜ୍ଞାନରଞ୍ଜନ ପଣ୍ଡା ପ୍ରମୁଖ ବ୍ୟାସଦେବଙ୍କ ରଚନା ସମୂହ ଉପରେ ଆଲୋକପାତ କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶୁକ୍ରବାର ୧୧ ଜୁଲାଇ ୨୦୨୫, ଭୁବନେଶ୍ୱର
Friday 11 July 2025, Bhubaneswar

# ଛାତ୍ର ଆତ୍ମହତ୍ୟା ନେଇ ଉଦବେଗ

ରାଜସ୍ଥାନର କୋଟା ହେଉଛି ଭାରତର କୋଚିଂ ସେଣ୍ଟର। ଏଠାରେ ଦେଶର ବିଭିନ୍ନ ରାଜ୍ୟରୁ ଛାତ୍ରଛାତ୍ରମାନେ ଆସି ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ବା ପ୍ରବେଶିକା ନିମନ୍ତେ କୋଚିଂ ନିଅନ୍ତି ବା ପ୍ରସ୍ତୁତ ହୁଅନ୍ତି। ଅନେକ ସଫଳ ମଧ ହୁଅନ୍ତି। ଏଠାରେ ବିଭିନ୍ନ ପ୍ରବେଶିକା ପରୀକ୍ଷା ବିଶେଷ କରି ଜେଇଇ ଏବଂ ନିଟ ନିମନ୍ତେ ଭଲ ଶିକ୍ଷକମାନେ ଉନ୍ନତ ମାନର କୋଚିଂ ପ୍ରଦାନ କରନ୍ତି। କିନ୍ତୁ ସବୁ ଛାତ୍ର ଛାତ୍ରୀ ଏଥିରେ ସଫଳ ହୁଅନ୍ତି ନାହିଁ। ଅନେକ କୋଟାରେ କୋଚିଂ ନେଲେ ମଧ ପ୍ରବେଶିକାରେ ସଫଳ ହୁଅନ୍ତି ନାହିଁ। ଏଥିପାଇଁ କିଛି ଛାତ୍ରଛାତ୍ରୀ ନିଜ ଆଶାନୁରୂପ ସଫଳତା ପାଇନଥିବା ହେତୁ ଆତ୍ମହତ୍ୟା କରୁଛନ୍ତି। ଏଥିନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିବା ସହ ରାଜସ୍ଥାନ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଛାତ୍ର ଆତ୍ମହତ୍ୟା ରୋକିବାକୁ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ସୁପ୍ରିମକୋର୍ଟ ଜାଣିବାକୁ ଚାହିଁଛନ୍ତି। କାରଣ ଏହା ଏକ ଜାତୀୟ ସମସ୍ୟା ଏବଂ ନିଶ୍ଚିତ ଭାବେ ଚିନ୍ତାର କାରଣ। ଦେଶର ଯୁବପୀଢ଼ୀଙ୍କୁ ନୈରାଶ୍ୟରୁ ଉଦ୍ଧାର କରିବା ନିହାତି ଜରୁରୀ। ଏଠାରେ କହି ରଖିବା ଉଚିତ ହେବ ଯେ, ଗୁଣାତ୍ମକ ଦୃଷ୍ଟିରୁ ଉନ୍ନତ ପରୀକ୍ଷା କହିଲେ କେବଳ ସ୍କୁଲ-କଲେଜରେ ହେଉଥିବା ପରୀକ୍ଷାକୁ ବୁଝାଏ ନାହିଁ, କିମ୍ବା ଡିଗ୍ରୀ ବା ସାର୍ଟିଫିକେଟ ହାସଲ ନିମନ୍ତେ ହେଉଥିବା ପରୀକ୍ଷାରେ ସଫଳତା ସବୁ କିଛି ନୁହେଁ। ଚାକିରୀ ପାଇଁ ହେଉଥିବା ପରୀକ୍ଷାରେ ସଫଳତା ସବୁ କିଛି ନୁହେଁ ବା ଏଥିରେ ବିଫଳତା ଜୀବନର ବିଫଳତାକୁ ବୁଝାଏ ନାହିଁ। ଡିଗ୍ରୀ ପାଇଁ ବା ଚାକିରୀ ପାଇଁ ହେଉଥିବା ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଫଳତା ସତ୍ତ୍ୱେ ଅନେକ ଜୀବନରେ ବିରାଟ ସଫଳତା ପାଇଛନ୍ତି। ତେଣୁ ସ୍କୁଲ-କଲେଜ ପରୀକ୍ଷାରେ ବିଫଳତା ପାଇଁ ଭାଙ୍ଗି ପଡ଼ିବା ଏବଂ ଜୀବନ ବ୍ୟର୍ଥ ହୋଇଗଲା ବୋଲି ଭାବିବା ଅନୁଚିତ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଭାରତରେ ଏବେ ଅଧିକାଂଶ ଛାତ୍ରଛାତ୍ରୀ ବା ଯୁବକ ଯୁବତୀ ଏହି ଚିନ୍ତାଧାରା ରଖୁଛନ୍ତି। ତାମିଲନାଡୁର ଜଣେ ଛାତ୍ରୀ ମେଡିକାଲ କଲେଜରେ ଆଡମିଶନ ପାଇଁ ଉଦ୍ୟମ କରି ବିଫଳ ହେବା ପରେ ଆତ୍ମହତ୍ୟା କରିଛନ୍ତି। ପ୍ରତି ବର୍ଷ ମାଟ୍ରିକ, ଯୁକ୍ତ ଦୁଇ ବା ଅନ୍ୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇନଥିବା ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରୁଛନ୍ତି। ଏବେ ଅବଶ୍ୟ ପରୀକ୍ଷାରେ ଆଉ ପ୍ରାୟ କେହି ଫେଲ ହେଉ ନାହାଁନ୍ତି। ତେଣୁ ଆତ୍ମହତ୍ୟା ହାର କମିଛି। କିନ୍ତୁ ତଥାପି ଏହା ଜାରି ରହିଛି। ଅନେକ ସମୟରେ ନିଜ ପିତା-ମାତାଙ୍କ ଆଶା ଆକାଂକ୍ଷା ପୂରଣ କରିନପାରିବା ଦୁଃଖରେ ଅନେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି। ଏହାକୁ ରୋକିବା ଶିକ୍ଷକ ଏବଂ ଅଭିଭାବକଙ୍କର ଦାୟିତ୍ୱ। ରାଜସ୍ଥାନର କୋଟା ସହର ଦେଶର କୋଚିଂ ସେଣ୍ଟର ଭାବେ ପରିଚିତ। ବିଭିନ୍ନ ରାଜ୍ୟରୁ ଛାତ୍ରଛାତ୍ରୀମାନେ ଆସି ଏଠାରେ ସର୍ବଭାରତୀୟ ସ୍ତର ପ୍ରବେଶିକା ପରୀକ୍ଷା ନିମନ୍ତେ କୋଚିଂ ନିଅନ୍ତି। ଏଠାରେ ବହୁ ଦକ୍ଷ ଅଧାପକ/ଶିକ୍ଷକ ଛାତ୍ରମାନଙ୍କୁ ସଫଳତା ପାଇଁ ଠିକଣା ବାଟ ବତାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ସଫଳତା ମଧ ପାଆଇଥାଆନ୍ତି। କିନ୍ତୁ ସମସ୍ତେ ସଫଳ ହୁଅନ୍ତି ନାହିଁ। ବିଫଳ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେତେକ ଏଥିପାଇଁ ନୈରାଶ୍ୟରେ ଆତ୍ମହତ୍ୟା କରନ୍ତି। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଗତ ବର୍ଷ କେବଳ କୋଟାରେ ୩୪ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ବାସ୍ତବରେ ଏହା ଏକ ଉଦବେଗର ବିଷୟ। ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀମାନେ ମଧ ବେଧାବୀ ଏବଂ ଅଧ୍ୟବସାୟୀ। କିନ୍ତୁ ପ୍ରସ୍ତୁତିରେ ସାମାନ୍ୟ ତ୍ରୁଟିରୁ ସେମାନେ ବିଫଳ ହୋଇଛନ୍ତି। ହୁଏତ ସେମାନେ ଭିନ୍ନ ପରୀକ୍ଷାରେ କୃତିତ୍ୱ ହାସଲ କରିଥାନ୍ତେ। କିନ୍ତୁ ସେମାନଙ୍କୁ ପ୍ରବୋଧନା ଦେବାକୁ ଏବଂ ସଠିକ ମାର୍ଗ ଦର୍ଶନ କରିବାକୁ କେହି ନାହାଁନ୍ତି। କେବଳ ଶିକ୍ଷାଦାନ ନୁହେଁ, ପିଲାଙ୍କୁ ଜୀବନରେ ଲକ୍ଷ୍ୟ ନିର୍ଦ୍ଧାରଣ କରିବାକୁ ପ୍ରୋତ୍ସାହନ ନିହାତି ଆବଶ୍ୟକ। ବିଗତ ଦୁଇ ଦଶନ୍ଧି ମଧ୍ୟରେ ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିଛି। ପରୀକ୍ଷା ବ୍ୟବସ୍ଥାରେ ଅନେକ ସଂସ୍କାର ହୋଇଛି। ଅନେକ ନୂଆ ନୂଆ ବୈଷୟିକ କଲେଜ ଏବଂ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ତେବେ ଶିକ୍ଷା ବାବଦରେ ବ୍ୟୟ ଭାର ବଢ଼ିଛି। ଯେଉଁମାନେ ଘରୋଇ ସ୍କୁଲ-କଲେଜରେ ପାଠ ପଢୁଛନ୍ତି ସେମାନଙ୍କୁ ଏ ବାବଦରେ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏପରିକି ସ୍ଥଳ ବିଶେଷରେ ମେଡିକାଲ ବା ଏମବିଏ ଭଳି ପାଠ୍ୟକ୍ରମ ଲାଗି କୋଟିଏ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଯଦିଓ ଆଇଆଇଟି, ଏନଆଇଟି, ଏମସ ଭଳି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ଏବଂ ସିଟ ସଂଖ୍ୟା ବୃଦ୍ଧି ପାଉଛି, କିନ୍ତୁ ସେହି ଅନୁପାତରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ ବୃଦ୍ଧି ପାଇଛି। ତେଣୁ ଏସବୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ମଧ ବୃଦ୍ଧି ପାଇଛି। ପ୍ରତିଯୋଗିତାର ମାନ ଏତେ ବଢ଼ିଯାଇଛି ଯେ, ଏଥିରେ ସଫଳ ହେବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରକାର ଚାଲେଞ୍ଜ ପାଲଟିଯାଇଛି। ଏଥିପାଇଁ ସେମାନଙ୍କ ଉପରେ ବାପା-ମା' ବା ପରିବାର ପକ୍ଷରୁ ଚାପ ପକାଯାଉଛି। ଯେମିତି ହେଲେ ସେମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବାକୁ ପଡ଼ିବ। ବାପା-ମା' ମାନେ ସେମାନଙ୍କ ଲାଗି ଏଥିପାଇଁ ବିପୁଳ ଅର୍ଥ ମଧ ବ୍ୟୟ କରୁଛନ୍ତି। ଅନେକ ଛାତ୍ରଛାତ୍ରୀ ଏଥିପାଇଁ ଘରୋଇ କୋଚିଂ ସେଣ୍ଟରରେ କୋଚିଂ ନେଉଛନ୍ତି। ରାଜସ୍ଥାନର କୋଟା ଦେଶର ଏକ ପ୍ରମୁଖ କୋଚିଂ ସେଣ୍ଟର ଭାବେ ପରିଚିତ। ଦେଶର ବିଭିନ୍ନ ଅଞ୍ଚଳରୁ ସେଠାକୁ ଛାତ୍ରଛାତ୍ରୀମାନେ ଯାଇ କୋଚିଂ ନିଅନ୍ତି। ଏ ବାବଦରେ ବିପୁଳ ଅର୍ଥ ବ୍ୟୟ ମଧ କରିବାକୁ ପଡ଼ିଥାଏ। କୋଟା ସହର ବ୍ୟତିତ ଅନ୍ୟାନ୍ୟ ସହରରେ ମଧ ଏଭଳି ଅନେକ କୋଚିଂ ସେଣ୍ଟର ରହିଛି। ଏସବୁ ବ୍ୟବସାୟିକ ସଂସ୍ଥା। ଶିକ୍ଷାଦାନ ନାମରେ ସେମାନେ ପିଲାଙ୍କୁ ଆର୍ଥିକ ଦୃଷ୍ଟିରୁ ଶୋଷଣ କରୁଥିବାର ଅଭିଯୋଗ ମଧ ହେଉଛି। ଏହିସବୁ କୋଚିଂ ସେଣ୍ଟର ଗୁଡ଼ିକରେ ଶିକ୍ଷା ଏବଂ ତାଲିମ ପାଉଥିବା ଅନେକ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ମଧ ହେଉଛନ୍ତି। କିନ୍ତୁ ସମସ୍ତେ ସଫଳ ହେବେ ବୋଲି ଆଶା କରାଯାଇନପାରେ। ଅନେକ ବିପୁଳ ଅର୍ଥ ବ୍ୟୟ କରି କୋଚିଂ ନେବା ସତ୍ତ୍ୱେ ବିଫଳ ମଧ ହେଉଛନ୍ତି। ଏଥିରେ ବାପା-ମା' ମାନେ ଅସନ୍ତୁଷ୍ଟ ହେଉଛନ୍ତି। ଫଳରେ ପିଲାମାନେ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି। ବାପା-ମା'ଙ୍କୁ ସନ୍ତୁଷ୍ଟ କରିନପାରିବାର ଦୁଃଖ ଏବଂ ଭୟ ସେମାନଙ୍କୁ ଘାରୁଛି। ସମସ୍ତଙ୍କର ମାନସିକ ଚାପ ସହ୍ୟ କରିବାର ଶକ୍ତି ସମାନ ନଥାଏ। କେତେକ ମାନସିକ ଚାପ ସହିନପାରି ଆତ୍ମହତ୍ୟା କରିବାକୁ ପଛାଉ ନାହାଁନ୍ତି। ଯେଉଁମାନେ ଦେଶର ଭବିଷ୍ୟତ ସେମାନେ ଯଦି ନୈରାଶ୍ୟରେ ବୁଡ଼ିଯିବେ ଏବଂ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବେ ତେବେ ଦେଶର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ଏକ ନିର୍ଦ୍ଦିଷ୍ଟ ପରୀକ୍ଷାରେ ସଫଳ ହେବା ଜୀବନର ଅନ୍ତିମ ବା ଚରମ ଲକ୍ଷ୍ୟ ନୁହେଁ। ସେମାନେ ଭଲ ଛାତ୍ର। କୌଣସି କାରଣରୁ ସେମାନେ ପରୀକ୍ଷାରେ ସଫଳ ହୋଇପାରିନାହାଁନ୍ତି। ହୁଏତ ସେମାନଙ୍କ ପାଇଁ ଅନ୍ୟ ରାସ୍ତା ଉନ୍ମୁକ୍ତ ଥିବ। ଗୋଟିଏ ପରୀକ୍ଷାରେ ଅକୃତକାର୍ଯ୍ୟ ହେଲେ ବୋଲି ଜୀବନ ଲକ୍ଷ୍ୟଚ୍ୟୁତ ହୋଇଗଲା ବୋଲି ଭାବିବା ଅନୁଚିତ। ସେମାନେ ଏଥିଲାଗି ଭାଙ୍ଗି ନପଡ଼ି ସାହସର ସହିତ ପୁଣି ଲଢ଼େଇ ପାଇଁ ପ୍ରସସ୍ତୁତ ହେବା ଉଚିତ। ଏଥିରେ ଶିକ୍ଷକ, ଅଭିଭାବକ ଓ ଅନ୍ୟ ଆତ୍ମୀୟଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ରଛାତ୍ରୀଙ୍କୁ ସେମାନେ ମାନସିକ ଚାପରୁ ମୁକ୍ତ ହୋଇ ପରବର୍ତ୍ତୀ ଲଢ଼େଇ ପାଇଁ ପ୍ରସ୍ତୁତ ହେବାକୁ ଉତ୍ସାହିତ କରିବା ଉଚିତ। ଛାତ୍ରଛାତ୍ରୀମାନଙ୍କୁ ସେଥିପାଇଁ ଉତ୍ତମ କାଉନସେଲିଂର ଆବଶ୍ୟକତା ରହିଛି। ସ୍କୁଲ ସ୍ତରରୁ ଏହି କାଉନସେଲିଂ ଆବଶ୍ୟକ। ଏହା ଏକ ଛୋଟ ସମସ୍ୟା ବା ପ୍ରସଙ୍ଗ ନୁହେଁ। ଏହା ଏକ ଜାତୀୟ ସମସ୍ୟା। ଏଥିଲାଗି ପୁରା ସମାଜ ଚିନ୍ତା କରିବା ଉଚିତ। ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ ଲାଗି ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତା ଦିଆଯିବା ଉଚିତ। ବାପା-ମା' ସେମାନଙ୍କୁ ନିଜ ଇଚ୍ଛାରେ ନିର୍ଦ୍ଦିଷ୍ଟ ରାସ୍ତାରେ ଯିବାକୁ ବାଧ କରିବା ଅନୁଚିତ। ଏବେ ସାରା ଦେଶରେ ପରୀକ୍ଷା ଋତୁ ଚାଲିଛି। ପିଲାମାନେ ଚାପରେ ଅଛନ୍ତି। ବର୍ଷ ତମାମ କଠିନ ପରିଶ୍ରମ କରି ସେମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଛନ୍ତି। ସେମାନଙ୍କୁ ଯେପରି ନିଜ ପରିଶ୍ରମ ଏବଂ ଅଧ୍ୟବସାୟର ଫଳ ମିଳିପାରିବ ସେଥିଲାଗି ସେମାନେ ଚିନ୍ତିତ। ସେମାନଙ୍କୁ ଚିନ୍ତାମୁକ୍ତ, ଚାପମୁକ୍ତ କରାଯିବା ଜରୁରୀ। ନୈରାଶ୍ୟରୁ ମୁକ୍ତ ହୋଇ ସେମାନଙ୍କ ଜୀବନରେ ଯେପରି ଆଶାର କିରଣ ସୃଷ୍ଟି ହେବ ସେଥିଲାଗି ସମାଜ ଉଦ୍ୟମ କରିବା ଉଚିତ। ଛାତ୍ର ସମାଜକୁ ନୈରାଶ୍ୟମୁକ୍ତ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଜୀବନର ଅର୍ଥ ବ୍ୟାପକ। ଜଣେ ବ୍ୟକ୍ତିର ବୁଦ୍ଧି ଏବଂ ସଫଳତା ଏହାର ଡିଗ୍ରୀ ମାଧମରେ ହିସାବ କରାଯାଏନି। କେବଳ ବଡ଼ ବଡ଼ ଡିଗ୍ରୀ ହାସଲ କରିଦେଲେ ବା ବଡ଼ ଚାକିରୀ କଲେ ଜୀବନ ସଫଳ ହେଲା ଏବଂ ସେହି ଛାତ୍ରଜଣକ ସବୁ କିଛି ସଫଳତା ହାସଲ କରିଲେ ବୋଲି କୁହାଯାଇପାରିବ ନାହିଁ। ପ୍ରତିକୂଳ ପରିସ୍ଥିତିରେ ଲଢ଼େଇ କରି ଏକ ମହତ୍ୱପୂର୍ଣ୍ଣ ଜୀବନ ଯାପନ କରିବା ସବୁଠାରୁ ବଡ଼ ଲକ୍ଷ୍ୟ ହେବା ଉଚିତ।

# ବାୟୋମେଟ୍ରିକ୍ ଉପସ୍ଥାନ ବନାମ ଉପସ୍ଥିତି



ଡ଼ଃ ବିଜ୍ଞାନ ମହାନ୍ତି

ସରକାରୀ ଚାକିରୀ ଖଣ୍ଡିକ ପାଇବା ଯେତିକ କଷ୍ଟ, ଛାଡିବା ବି ସେତିକି କଷ୍ଟ। ଏହି ପ୍ରତିଯୋଗିତା ମୂଳକ ଜୀବନରେ ଚାକିରି ଖଣ୍ଡିଏ ପାଇବା ପାଇଁ ଲକ୍ଷ ଲକ୍ଷ ପିଲାଙ୍କ ସହ ପ୍ରତିଯୋଗିତା କରିବାକୁ ପଡେ। ଚାକିରି ପାଇବା ପାଇଁ କେତେ ପାଠ ପଢିବାକୁ ପଡେଯେ କହିବାକୁ ନାହିଁ। ଡିଗ୍ରୀ ପାଇସାରିବା ପରେ ୪-୫ ବର୍ଷ ଲାଗିଯାଏ ମନମୁତାବକ ସରକାରୀ ହେଉ ବା ବେସରକାରୀ ଚାକିରି ଖଣ୍ଡିଏ ପାଇବା ପାଇଁ। କିନ୍ତୁ ଏ ଜଗତ ବଡ ବିଚିତ୍ର, ଚାକିର ଖଣ୍ଡେ କରିବାପାଇଁ ଯେତେ ନିଷ୍ଠା, ସମୟାନୁବର୍ତ୍ତିତା, କଠିନ ପରିଶ୍ରମ, ସଚ୍ଚୋଟତା ଅବଲମ୍ବନ କରନ୍ତି, ଚାକିରି ପାଇବା ପରେ ସେ ସବୁ ପୋଥି ବାଇଗଣ ହୋଇ ରହିଯାଏ। ସତେ ଯେମିତି ଗଡ ଜିତି ଯାଇଛନ୍ତି, ଇନ୍ଦ୍ର ଚନ୍ଦ୍ର ମାନିବାର ଆବଶ୍ୟକତା ନାହିଁ।

ସରକାରୀ ଚାକିରିଆଙ୍କ ପାଇଁ ଅନେକ ନିୟମ କାନୁନ ସହିତ ଖିଲାପକାରୀଙ୍କ ପାଇଁ ଦଣ୍ଡ ବିଧାନ ଅଛି। ଏହା ଭିତରେ ଅନେକ କର୍ମଚାରୀ ଗଳିପସି ଅନେକ ନିୟମ ଉଲ୍ଲଙ୍ଘନ କରୁଛନ୍ତି। ଯଦି କେବେ ଆଖିରେ ପଡିଯାଉଛି, ତାହେଲେ ଦଣ୍ଡବିଧାନ ହେଉଛି ନହେଲେ ନାହିଁ। ଏହାର ଏକ ନିଛକ ଉଦାହରଣ ନିମ୍ନରେ ଦିଆଗଲା।

ଦେଖୁନାହାନ୍ତି, ଏବେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ସବୁ ସରକାରୀ କର୍ମଚାରୀ ମାନଙ୍କ ଉପସ୍ଥାନ ନେବାପାଇଁ ବାୟୋମେଟ୍ରିକ୍ ମେସିନ୍ ଲଗାଇଛନ୍ତି। ଆଗରୁ ମଧ କର୍ମଚାରୀ ମାନେ ଉପସ୍ଥାନ ଖାତାରେ ନିଜର ଦସ୍ତଖତ ଯିବା ଓ ଆସିବା ବେଳେ ଦେଉଥିଲେ। ସମୟ ବଦଳିବା ସହିତ ଉପସ୍ଥାନର ବ୍ୟବସ୍ଥା ମଧ ବଦଳି ଯାଇଛି। ଯାହାକି କର୍ମଚାରୀ ମାନଙ୍କ ମାସିକିଆ ବେତନ ସହ ଯୋଡା ଯାଇଛି। ରାଜ୍ୟ ସଚିବାଳୟ ଠାରୁ ଆରମ୍ଭ କରି ମୁଖ୍ୟ ଦପ୍ତର ଏବଂ ଜିଲ୍ଲାସ୍ତର ପର୍ଯ୍ୟନ୍ତ ସବୁଠାରେ ଉପସ୍ଥାନ ରେକର୍ଡ କରିବା ପାଇଁ ବାୟୋମେଟ୍ରିକର ବନ୍ଦୋବସ୍ତ କରାଯାଇଛି । ସେଥିପାଇଁ ଗୋଟିଏ ମେସିନ ସହ କମ୍ପ୍ୟୁଟର ରଖାଯାଇଛି। ତା'ର ପରିଚାଳନା ଦାୟିତ୍ୱ ଜଣେ ଦୁଇଜଣ ଅଫିସରଙ୍କ ହାତରେ ରଖାଯାଇଥାଏ। ବଡ ବିଚିତ୍ର ବ୍ୟବସ୍ଥା। ସରକାରୀ ହେଉ କିମ୍ବା ବେସରକାରୀ ଅଫିସ ହେଉ ଅଫିସ ସମୟ ସକାଳ ଘ.୧୦.୦୦ଟିକା ଠାରୁ ସନ୍ଧ୍ୟା ଘ.୦୫.୩୦ଟିକା ପର୍ଯ୍ୟନ୍ତ ଥାଏ। କେଉଁଠି ମେସିନରେ ଟିପଚିହ୍ନ ଦିଆଯାଏ ତ କେଉଁଠି ମୁହଁ ଦେଖାଯାଏ। ତେଣୁ କର୍ମଚାରୀ ମାନେ ସକାଳ ଘ.୧୦.୦୦ଟିକା ଭିତରେ ଅଫିସରେ ପହଞ୍ଚି ତାଙ୍କର ଉପସ୍ଥାନ ମେସିନ ମାଧମରେ ମୁହଁକୁ ଦେଖାଇଥାଆନ୍ତି ଏବଂ ସନ୍ଧ୍ୟା ଘ.୫.୩୦ଟିକା ପରେ ଅର୍ଥାତ୍ ୬.୦୦ଟା କିମ୍ବା ତା ପରେ ମୁହଁକୁ ମେସିନ୍ ରେ ଦେଖାଇ ଘରକୁ ବାହୁଡି ଯାଆନ୍ତି। କେତେଜଣ ଅଧିକାରୀ ମଧ ୧୦.୦୦ଟା ବାଜିବାର ବହୁ ପୂର୍ବରୁ ପିଲାଙ୍କ ସ୍କୁଲ୍ ଛାଡିବା ସମୟରେ ଆସି ବାୟୋମେଟ୍ରିକ୍ ମେସିନ୍ ରେ ମୁହଁ ଦେଖାଇ ଘରକୁ ଚାଲିଯାଆନ୍ତି, ପୁଣି ସନ୍ଧ୍ୟାରେ ଆସି ମୁହଁ ଦେଖାନ୍ତି। ଆସିବା ଓ ଯିବା ସମୟ ତ ମେସିନ ମାଧମରେ ଲେଖି ହୋଇ ଯାଉଛି। ମାସିକ ଦରମା ମଧ ଠିକ୍ ସମୟରେ ମିଳି ଯାଉଛି। କାରଣ ସବୁଦିନ ତ ଉପସ୍ଥାନ ଓ ପ୍ରସ୍ଥାନ ସମୟ ଠିକ୍ ଅଛି। ଦରମା ଗଣ୍ଡିକ ମିଳିଗଲେ ଗଲା। କାମକୁ କିଏ ପଚାରୁଛି। ମଝି ସମୟ ଭିତରେ ଅଫିସରେ ନରହିଲେ ମଧ ଚଳିଯାଉଛି। କିଏ ବା ସବୁବେଳେ ବାଡିଧରି ବସିଛିଯେ ମଝି ସମୟରେ କର୍ମଚାରୀ ଜଣକ କୁଆଡେ ଯାଉଛି, କ'ଣ କରୁଛି ଜାଣିହେବ। ମେସିନ କହୁଛି ସେ କର୍ମଚାରୀ ଜଣଙ୍କ ଅଫିସରେ ଅଛନ୍ତି। ଏହି ପରି ଅଭ୍ୟାସ ଖାଲି ତଳ ସ୍ତରର କର୍ମଚାରୀଙ୍କ ଠାରେ ଦେଖାଯାଏନାହିଁ, ଉଚ୍ଚ ପଦସ୍ତ ଅଫିସର ମଧ ସେଥିରୁ ବାଦ୍ ପଡନ୍ତିନି। ଆହୁରି ମଧ ଦେଖାଯାଏ ବହୁ ଅଫିସର ଓ କର୍ମଚାରୀ ମାନେ ଅଫିସ୍ ସମୟରେ ଘରୁ ଆଣିଥିବା ଲମ୍ବା ଚିଠା ଅନୁସାରେ କାମ କରିଥାଆନ୍ତି। ସେଗୁଡିକ ଉପସ୍ଥାନ ପକାଇଲା ପରେ ଗୋଟି ଗୋଟି କରି ଅଫିସ୍ ସମୟରେ କରିବାରେ ଲାଗିପଡନ୍ତି। ସେମାନେ ଭାବନ୍ତି ଯେ ଅଫିସ୍ କାମ ପଛରେ କଲେ ଚଳିବ, ଆଜି ନକଲେ କାଲିକି ହେବ। ସେଥିପାଇଁ ତ ବର୍ଷବର୍ଷ ଧରି ଫାଇଲ୍ ପତ୍ର ଗୋଟିଏ ସ୍ଥାନରେ ପଡିରହୁଛି। ଏହି ମାନସିକତାରେ ଯଦି କର୍ମଚାରୀ ମାନେ କାମ କରିବେ ତେବେ ସରକାରଙ୍କ ଅବସ୍ଥା ଯାହା ହେବ ଆପଣ ମାନେ ଭାବି ପାରୁଥିବେ। କଥାରେ ଅଛି "ସରକାର କା ମାଲ୍ ଦରିଆ ମେ ଡାଲ୍"। ଏପରି ମଧ ଦେଖିବାକୁ ମିଳେ। ସଚିବାଳୟ ଓ ମୁଖ୍ୟ ଦପ୍ତରର ପଛପଟେ ରାସ୍ତା ଉପରେ ଏକ ଛୋଟ ବଜାର ଯେମିତି ଅପେକ୍ଷା କରିଥାଏ, ମହିଳା କର୍ମଚାରୀ ମାନଙ୍କ ଠାରୁ ଆରମ୍ଭ କରି ସମସ୍ତ କର୍ମଚାରୀ ମାନଙ୍କ ପାଇଁ। ବେଳ ଉଣ୍ଡି ଅଧିକାରୀ ମାନେ ଘରର ଯାବତୀୟ ସାମଗ୍ରୀ କିଣି ନିଅନ୍ତି। କାହିଁକି ବା ଘରପାଇଁ ଉଦ୍ଦିଷ୍ଟ ସମୟ ନଷ୍ଟ କରିବେ। ସରକାରୀ ସମୟରେ ତ ସବୁ ହୋଇଯାଉଛି....ଇତ୍ୟାଦି....ଇତ୍ୟାଦି....

ମଝିରେ ମଝିରେ ଉପସ୍ଥାନ ମେସିନଟା କୌଣସି ଯାନ୍ତ୍ରିକ ତ୍ରୁଟି ପାଇଁ ଖରାପ ହୋଇଯାଏ । ସେଦିନ କର୍ମଚାରୀଙ୍କ ମନ ଆକାଶରେ ଉଡୁଥାଏ। ଯାହାହେଉ ଆଉକିଛି ଦିନ ବିନା ଉପସ୍ଥାନରେ ଚଳିଯିବ। ଏ ହେଉଛି କର୍ମଚାରୀ ମାନଙ୍କ ମାନସିକତା ଓ କର୍ମ ପ୍ରତି ନିଷ୍ଠା ତଥା ସଚ୍ଚୋଟତା ଭାବ। କହିଲେ ଦେଖି ଆପଣ ଯଦି ନିଜ ଘର କାମ କରିବା ପାଇଁ ଗୋଟିଏ ମିସ୍ତ୍ରୀ କୁ ଘରେ ନିୟୋଜିତ କରିଥାଆନ୍ତି ତେବେ ଅଫିସ୍ ଆସିବା ସମୟରେ ଘରଣିକୁ କହି ଆସିଥାଆନ୍ତି, ମିସ୍ତ୍ରୀକୁ ଟିକେ ଦେଖୁଥିବ। ଯେମିତି ସେମାନେ ନ ବସନ୍ତି କି ନଠକନ୍ତି। ଗୋଟିଏ ମିସ୍ତ୍ରୀର ଦିନକର ମଜୁରୀ ଟ.୭୦୦-୮୦୦ଙ୍କା ହେଲାବେଳକୁ ଗୋଟେ ସରକାରୀ କର୍ମଚାରୀଙ୍କ ଦିନକୁ ଦରମା ଟ.୨୦୦୦-୩୦୦୦ଙ୍କା ପର୍ଯ୍ୟନ୍ତ ଯାହାକି ମିସ୍ତ୍ରୀ ମଜୁରୀର ୩-୪ ଗୁଣ। ହେବ। ଆପଣ ମାନେ କ'ଣ କାମ କରୁଛନ୍ତି ତାକୁତ କେହି ଜଗୁ ନାହାନ୍ତି, ତଥାପି କାମ ନକରି ଆପଣ ମାନେତ ଦରମା ଠିକ୍ ସମୟରେ ନେଇଯାଉଛନ୍ତି। ଆପଣ ମାନଙ୍କର ଦରମାତ କଟୁନି। ସମସ୍ତେ ଭାବୁଥିବେ ଆମେ ଯାହା କରୁଛୁ କେହି ଦେଖୁନି ବୋଲି। କିନ୍ତୁ ଜଣେ ଦେଖୁଛି। ସେ ହେଉଛି ଉପରବାଲା ଭଗବାନ। ସେ ଠିକ୍ ସମୟରେ ଆମ ମାନଙ୍କୁ ଉଚିତ୍ ଶିକ୍ଷା ଦେବେ। ଯଦି ବେସରକାରୀ ଅଫିସ ରେ କାମ କରୁଥାଆନ୍ତେ ତାହାହେଲେ ସକାଳ ପାହିଲା ବେଳକୁ ଚାକିରି ନଥାଆନ୍ତା। ଏହା ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ଲାଗୁ ହେବନି, କାହିଁକି ନା ଶତକଡା ୨୦-୩୦ ଭାଗ କର୍ମଚାରୀ ନିଷ୍ଠାର ସହ ନିଜର କର୍ତ୍ତବ୍ୟ କରୁଛନ୍ତି। ତାଙ୍କର ବିବେକ ବୋଲି କିଛି ଥାଏ। ସେହି କେତେଜଣ ସଚ୍ଚୋଟ ଓ ନିଷ୍ଠାପର କର୍ମଚାରୀଙ୍କ ପାଇଁ ସରକାରୀ କଳ ଗଡି ଚାଲିଛି। ନଚେତ୍ ସବୁ ଯାଗାରେ ଏ ପରି ଅନିୟମିତତା ଦେଖିବାକୁ ମିଳନ୍ତା। କାହାକୁ ନ୍ୟାୟ ମିଳନ୍ତାନି କି ଦେଶ ଆଗକୁ ଚାଲି ପାରନ୍ତାନି।

ଏଠାରେ ଏ ବିଷୟ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଲା ପାଠକ ମାନେ ଯଦି ବିଷୟଟି ପଢି ଓ ବିଚାର କରି ନିଜର କର୍ତ୍ତବ୍ୟ ନିଷ୍ଠା ଓ ସଚ୍ଚୋଟତା ସହ ସମ୍ପାଦନ କରନ୍ତେ, ଏ ସଂସାର ଦିନେ ନା ଦିନେ ସୁନାର ସଂସାର ପାଲଟି ଯାଆନ୍ତା, କାହାର ଆଉ ଅସୁବିଧା ହୁଅନ୍ତା ନାହିଁ କି କିଏ ଆଉ ହଇରାଣ ହୁଅନ୍ତା ନାହିଁ। ସରକାରୀ ଅଫିସରେ ବର୍ଷ ବର୍ଷ ଧରି କୌଣସି କାମ ପଡନ୍ତା ନାହିଁ କି ସରକାରଙ୍କ କୋଟି କୋଟି ଟଙ୍କା ବରବାଦ ହୁଅନ୍ତା ନାହିଁ। ସଚ୍ଚୋଟତା ସହ କାମ କରି ଅଫିସର ବାତାବରଣ ସୁଧୁରି ଯାଆନ୍ତା। ମାନସିକ ସ୍ତରରେ ସମସ୍ତେ ସମସ୍ତଙ୍କ ପାଇଁ ଉତ୍ତରଦାୟୀ ହୁଅନ୍ତେ। କିଏ ବେଶୀ କିଏ କମ୍ କାମ କରନ୍ତେ ନାହିଁ। କର୍ମଚାରୀ ମାନେ ବାୟୋମେଟ୍ରିକ୍ ମାଧମରେ ଉପସ୍ଥାନ ସିନା ଠିକ୍ ସମୟରେ ଦେଉଛନ୍ତି କିନ୍ତୁ ଉପସ୍ଥିତିର ସଠିକତା ନାହିଁ। ତାର ବିଚାର କିଏ କରିବ? ଏହି ଆଧୁନିକ ଉପସ୍ଥାନ ବ୍ୟବସ୍ଥାରେ କିଛିଟା ସଂସ୍କାର ଆଣିବାର ଆବଶ୍ୟକତା ଅଛି। ଏହାଦ୍ୱାରା କେତେକାଂଶରେ ଠିକ୍ ସମୟରେ ଅଫିସ୍ ଆସିବା ଓ ଯିବାରେ ନିୟମିତତା ପରିଲକ୍ଷିତ ହେଉଛି। ଆହୁରି ଏହି ପଦ୍ଧତିକୁ ତ୍ରୁଟିଶୂନ୍ୟ କରିବା ସହିତ କର୍ମଚାରୀଙ୍କ ମାନସିକତାର ପରିବର୍ତ୍ତନ ଏକାନ୍ତ କାମ୍ୟ। ବରିଷ୍ଠ ଅଧିକାରୀ ମାନେ ଯଦି ନିଜେ ଏହି ପଦ୍ଧତିକୁ କଡାକଡି ଭାବେ ପାଳନ କରନ୍ତେ ତାହେଲେ ତଳସ୍ତରର କର୍ମଚାରୀ ମାନେ ତାହା ଦେଖି ସେମାନେ ମଧ ପାଳନ କରନ୍ତେ। କିମ୍ବା ଏଥିପାଇଁ ଯଦି କୌଣସି ଦଣ୍ଡବିଧାନ ରଖାଯାଆନ୍ତା ତାହେଲେ କର୍ମଚାରୀ ମାନେ ଭୟରେ ମଧ ଏହି ପଦ୍ଧତି ସହ ଖାପ ଖୁଆଇ କର୍ତ୍ତବ୍ୟ ପଥରେ ଆଗେଇ ଯାଆନ୍ତେ। ଏହି ପରି ବେନିୟମ କରୁଥିବା କର୍ମଚାରୀ ମାନଙ୍କ ସିସିଆର କିମ୍ବା ଏଚଆରରେ ଯଦି ଏହାକୁ କଡାକଡି ଭାବେ ବିଚାରକୁ ନିଆଯାଆନ୍ତା ତାହା ହେଲେ ତାଙ୍କର ଭୟ ରହନ୍ତା ଯେ କାଳେ ଆଗକୁ ସେମାନଙ୍କର ପ୍ରମୋଶନ ନହୋଇ ପାରେ। ନିଷ୍ଠା ଓ ସଚ୍ଚୋଟତା ମଣିଷର ଦୁଇଟି ଅବିଚ୍ଛେଦ୍ୟ ଅଙ୍ଗ ହେବା ଉଚିତ୍। ଏହାକୁ ପାଥେୟ କରି ଯଦି କର୍ମଚାରୀ ମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି, ତାହେଲେ ଏ ଦେଶ ରାମ ରାଜ୍ୟ ହୋଇଯାଆନ୍ତା। ଦେଶରେ ଆଉ ଅଭାବ ଅନାଟନ ଦେଖାଯାଆନ୍ତାନି। ଏସବୁର ବିଚାର ସରକାରଙ୍କର, ଠିକ୍ ସମୟରେ ସରକାର ନିଶ୍ଚୟ ଉଚିତ୍ ପଦକ୍ଷେପ ନେବେ ବୋଲି ଆଶା ଓ ବିଶ୍ୱାସ। ଯାହାଦ୍ୱାରା ଏକ ସୁସ୍ଥ ଓ ଉନ୍ନତ ରାଜ୍ୟ ଗଠନରେ ନିଷ୍ଠାର ସହ କର୍ମଚାରୀ ମାନେ ଅଂଶ ଗ୍ରହଣ କରିପାରନ୍ତେ।

ମୋବାଇଲ୍: ୯୮୬୧୨୫୭୨୭୦

## ନବଦିନାତ୍ମକ ଯାତ୍ରାର ଶେଷ ପର୍ବ ନୀଳାଦ୍ରି ବିଜେ



ସନ୍ତୋଷ କୁମାର ଦାଶ

ଶ୍ରୀ ଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରାକୁ ନବ ଦିନାତ୍ମକଯାତ୍ରା ବୋଲି ମଧ୍ଯ କୁହାଯାଇଥାଏ। ଏହି ନବଦିନାତ୍ମକଯାତ୍ରାର ଶେଷପର୍ବ ହେଉଛି ନୀଳାଦ୍ରି ବିଜେ। ଅର୍ଥାତ ପବିତ୍ର ସ୍ନାନ ପୂର୍ଣ୍ଣିମା ଦିନଠାରୁ ଶ୍ରୀମନ୍ଦିରର ରତ୍ନ ସିଂହାସନ ଛାଡ଼ି ଯାଇଥିବା ଚତୁର୍ଦ୍ଧା ବିଗ୍ରହ ଏହି ଦିନ ପୁଣି ଥରେ ଶ୍ରୀମନ୍ଦିରର ରତ୍ନ ସିଂହାସନକୁ ଫେରିଥାନ୍ତି। ଶେଷ ହୋଇଥାଏ ମହାପ୍ରଭୁଙ୍କ ଜନ୍ମବେଦୀ ଆଉ ମାଉସୀ ମା ଘରବୁଲା। ଏହି ପର୍ବକୁ ନୀଳାଦ୍ରି ବିଜୟ ମଧ କୁହାଯାଇଥାଏ। ରଥ ଉପରେ ସଂଧ୍ୟା ଧୂପ ନୀତି ପରେ ବନ୍ଦାପନା ଓ ଡୋରି ଲାଗି ଅନୁଷ୍ଠିତ ହୋଇଥାଏ। ବିଜେ କାହାଳୀ ବାଜିବା ପରେ ଆରମ୍ଭ ହୋଇଥାଏ ଶ୍ରୀବିଗ୍ରହମାନଙ୍କ ଗୋଟି ପହଣ୍ଡି। ତା ପୂର୍ବରୁ ରଥରେ ବିରାଜିତ ମଦନ ମୋହନ ଓ ରାମକୃଷ୍ଣ ବିଗ୍ରହକୁ ଦକ୍ଷିଣୀ ଘରକୁ ବିଜେ କରାଯାଇଥାଏ। ଏହି ପର୍ବର ଏକ ବିଶେଷ ଆକର୍ଷଣ ହେଉଛି ମହାପ୍ରଭୁଙ୍କୁ ରସଗୋଲା ଭୋଗ ଲାଗି ଆଉ ମା ଲକ୍ଷ୍ମୀଙ୍କ ସହିତ ବଚନିକା ଓ ଭେଟ ଉତ୍ସବ। ଏହି ସମୟରେ ଭକ୍ତମାନଙ୍କ ହରିବୋଲ, ହୁଳହୁଳି, ଘଣ୍ଟ ଘଣ୍ଟି ନାଦରେ ଶ୍ରୀମନ୍ଦିରର ସିଂହଦ୍ୱାର ପ୍ରକମ୍ପିତ ହୋଇଉଠେ। ପରମ୍ପରା ଅନୁସାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ପହଣ୍ଡିରେ ଯାଇ ସିଂହଦ୍ୱାର ପହଞ୍ଚିବା ପରେ ସାମୟିକ ଭାବେ ବନ୍ଦ ଥିବା ସିଂହଦ୍ୱାର ଖୋଲିଥାଏ କିନ୍ତୁ ଠାକୁର ଜୟ ବିଜୟ ଦ୍ୱାର ନିକଟରେ ପହଞ୍ଚିବା ପରେ ଆଉ ଥରେ ସିଂହଦ୍ୱାର ଭିତର ପଟୁ ବନ୍ଦ କରିଦିଆଯାଏ। ଏଠାରେ ଶ୍ରୀଜଗନ୍ନାଥ ଓ ମା ଲକ୍ଷ୍ମୀଙ୍କ ମଧ୍ୟରେ କଳି ଲାଗିଥାଏ । ମହାପ୍ରଭୁ ବଡ଼ ଭାଇ ଓ ଭଉଣୀଙ୍କୁ ନେଇ ନବ ଦିନାତ୍ମକ ଯାତ୍ରା କରିଥିଲେ କିନ୍ତୁ ମା ଲକ୍ଷ୍ମୀଙ୍କୁ ସାଙ୍ଗରେ ନେଇ ନଥିଲେ। ସେଥିପାଇଁ ମା ଲକ୍ଷ୍ମୀ ରାଗରେ ଏଣୁ ତେଣୁ ଗାଳି କରିଥାନ୍ତି। ଉଭୟ ଶ୍ରୀଜଗନ୍ନାଥ ଓ ମା ଲକ୍ଷ୍ମୀଙ୍କ ସେବକମାନେ ଠାକୁର ଓ ଠାକୁରାଣୀଙ୍କ ପ୍ରତିନିଧି ସାଜି ପରସ୍ପର ମଧ୍ୟରେ ବଚନିକା କରିଥାନ୍ତି। ଯାହା ଶୁଣିବାକୁ ବେଶ ଆମୋଦିତ ଲାଗେ। ଠିକ୍ ଓଡ଼ିଆ ପରିବାରରେ ସ୍ୱାମୀ ଆଉ ସ୍ତ୍ରୀଙ୍କ ମଧ୍ୟରେ କଳି ଝଗଡ଼ା ଲାଗିବା ପରି ପ୍ରତୀୟମାନ ହୋଇଥାଏ। ଶେଷରେ ସାଙ୍ଗରେ ଆଣିଥିବା ରସଗୋଲାକୁ ମହାପ୍ରଭୁ ମା ଲକ୍ଷ୍ମୀଙ୍କୁ ଖୁଆଇ ତାଙ୍କ ମାନଭଞ୍ଜନ କରିଥାନ୍ତି। ଏହା ପରେ ଜୟ ବିଜୟ ଦ୍ୱାର ଖୋଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିର କୁ ପ୍ରବେଶ କରି ରତ୍ନସିଂହାସନ ଉପରେ ବିରାଜ ମାନ କରିଥାନ୍ତି। ଶେଷ ହୋଇଥାଏ ପ୍ରସିଦ୍ଧ ରଥଯାତ୍ରା ଉତ୍ସବ ବା ମହାପ୍ରଭୁଙ୍କ ନବ ଦିନାତ୍ମକ ଯାତ୍ରା। ବର୍ଷକୁ ଗୋଟିଏ ଦିନ ନୀଳାଦ୍ରି ବିଜେ ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରସଗୋଲା ଭୋଗ ଲାଗି କରାଯାଇଥାଏ।

ତୁଳସୀପୁର, ପୁରୀ, ମୋବାଇଲ୍:୯୪୩୯୩୬୧୮୮୮

# ଆଦର୍ଶ ଗୁରୁଙ୍କ ସଂଜ୍ଞା



ଆଶୁତୋଷ ନାୟକ

ଇତିହାସର ପୃଷ୍ଠାକୁ ଆଲୋଚନା ପର୍ଯ୍ୟାଲୋଚନା କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏଯେ ଆଦର୍ଶ ଗୁରୁଙ୍କ ଆଶୀର୍ବାଦ ବିନା ମନୁଷ୍ୟ ସଫଳତାର ଶୀର୍ଷରେ ପହଞ୍ଚିବା ଅସମ୍ଭବ। ମନୁଷ୍ୟର ଜୀବନକୁ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ କରିବାରେ ଆଦର୍ଶ ଗୁରୁଙ୍କ ଭୂମିକା ଅବର୍ଣ୍ଣନୀୟ। ମହାନ ସ୍ୱାଧୀନତା ସଂଗ୍ରାମୀ ଜାତିର ପିତା ମହାତ୍ମାଗାନ୍ଧୀ, ମହାପୁରୁଷ ଦିବ୍ୟପୁରୁଷ ତଥା ବିଦ୍ୱାନୀ ସନ୍ଥ ସ୍ୱାମୀ ବିବେକାନନ୍ଦଙ୍କ ଠାରୁ ଆରମ୍ଭକରି କ୍ରିକେଟର ଭଗବାନ କୁହାଯାଉଥିବା ଭାରତରତ୍ନ ଉପାଧି ହାସଲ କରିଥିବା ମାଷ୍ଟରବ୍ଲାଷ୍ଟର ସଚିନ ତେନ୍ଦୁଲକର ପ୍ରଯ୍ୟନ୍ତ ଏପରି ଅନେକ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଏବଂ ସୁପ୍ରତିଷ୍ଠିତ କରିପାରିଛନ୍ତି। ସେମାନଙ୍କ ସଫଳତା ପଛରେ ରହିଛି ତାଙ୍କ ଗୁରୁଙ୍କର ପ୍ରମୁଖ ଭୂମିକା। ଏହାକୁ କେହିକେବେ ଅସ୍ୱୀକାର କରିପାରିବେ ନାହିଁ। ଅର୍ଜୁନଙ୍କ ରଥର ସାରଥୀ ସାଜି ଭଗବାନ ଶ୍ରୀକୃଷ୍ଣ ସାରା ମାନବ ସମାଜକୁ ଏହି ବାର୍ତ୍ତା ଦେଇଛନ୍ତି ଯେ ଆଦର୍ଶ ଗୁରୁଙ୍କ ବିନା ଜୀବନରେ ସଫଳତା ପାଇବା ଅସମ୍ଭବ।ଗୁରୁଙ୍କ ଆଶୀର୍ବାଦ ରହିଲେ ସବୁ ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇପାରିବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ। ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିଜର ଶିଷ୍ୟ ଭାବରେ ବିବେଚନା କରିଥିବାରୁ ତାଙ୍କୁ ନିଜର ଦିବ୍ୟଦୃଷ୍ଟି ପ୍ରଦାନ କରିଥିଲେ। ଏହି ଦିବ୍ୟଦୃଷ୍ଟି ବଳରେ ଅର୍ଜୁନ ଭଗବାନଙ୍କ ବିରଳ ବିଶ୍ୱରୂପ ଦେଖିବାକୁ ସମର୍ଥ ହୋଇଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ଅପାର କରୁଣା ଆଶୀର୍ବାଦ ବଳରେ ମହାଭାରତ ଯୁଦ୍ଧରେ ବିଜୟ ଲାଭ କରିବାକୁ ପଞ୍ଚ ପାଣ୍ଡବ ସମର୍ଥ ହୋଇଥିଲେ ଏବଂ ବିଧର୍ମୀ ମହାପରାକ୍ରମଶାଳୀ କୌରବସେନାଙ୍କ ବଂଶ ନିପାତ କରିଥିଲେ। ଏକବିଂଶ ଶତାବ୍ଦୀର ମନୁଷ୍ୟ ଆଧୁନିକ ପଶ୍ଚାତ୍ୟ ସଭ୍ୟତାକୁ ଅନୁସରଣ କରି ନିଜ ଜୀବନକୁ ରଙ୍ଗୀନ କରିବା ଲକ୍ଷ୍ୟରେ ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇବା ଆଶାରେ ଆଧୁନିକତାର ମାୟା ଜାଲରେ ବୁଢ଼ୀଆଣୀ ବସା ପରି ଛନ୍ଦି ହୋଇପଡୁଛି। ଅଳ୍ପ ପରିଶ୍ରମରେ ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ଅର୍ଜନ କରିବା ଅଭିଳାଷାରେ ମନୁଷ୍ୟ ବିଭିନ୍ନ ଅସାମାଜିକ କାର୍ଯ୍ୟ ଯେପରି ହତ୍ୟା, ଲୁଣ୍ଠନ, ଚୋରି, ଡକାୟତି, ଅପହରଣ ପରି କୁକର୍ମ କରୁଛି। ପରିଶେଷରେ ସେ ନିଜେ ବିପଦରେ ପଡ଼ିବା ସହିତ ତାର ହସଖୁସିର ପରିବାରକୁ ନର୍କ କରିଦେଉଛି। ସେଥିପାଇଁ ପରମଶାସ୍ତ୍ର ଭାଗବତରେ କୁହାଯାଇଛି।

'ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତାର ପ୍ରତିବାଦୀ '

ତେଣୁ ମନୁଷ୍ୟକୁ ଅଜ୍ଞାନ ରୂପକ ଅନ୍ଧକାରରୁ ଜ୍ଞାନ ରୂପକ ଆଲୋକରେ ପରିଚାଳିତ କରିବା ପାଇଁ ଆଦର୍ଶ ଗୁରୁଙ୍କ ସାନିଧ୍ୟ ପାଇବା ଅତ୍ୟନ୍ତ ଆବଶ୍ୟକ। ଆଦର୍ଶ ଗୁରୁ ହେଉଛନ୍ତି ଆମର ପଥ ପ୍ରଦର୍ଶକ, ମାର୍ଗଦର୍ଶକ, ବନ୍ଧୁ, ସଖା। ତାଙ୍କ ଉପଦେଶ, ନୀତି, ଆଦେଶ ମାନିବା ଆମର କର୍ତ୍ତବ୍ୟ, ଆମେ ତାଙ୍କର ଆଜ୍ଞାଧୀନ।ସେଥିପାଇଁ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ନିଜର ମୁଖ ନିଃସୃତ ବାଣୀ ଭଗବତ ଗୀତାରେ ଅର୍ଜୁନଙ୍କୁ କହିଛନ୍ତି

'ଗୁରୁ ନଧରି ଅର୍ଜୁନ, କାହୁଁ ପାଇବୁ ସଦଜ୍ଞାନ 'ଜ୍ଞ

ଏକବିଂଶ ଶତାବ୍ଦୀର ମନୁଷ୍ୟ ଆଦର୍ଶ ଗୁରୁଙ୍କ ଠାରୁ ଦୂରେଇ ଯାଇ ଅସତ୍ୟ, ଛଳନା, ହିଂସା, କପଟତା, ଅଧର୍ମର ସାହାରା ନେଉଛି ଏବଂ ଧୀରେ ଧୀରେ ତାମନରୁ ମାନବିକତା, ସ୍ନେହ, ପ୍ରେମ, ଦୟା, କ୍ଷମା, କରୁଣା ଲୋପ ପାଉଛି।ସେଥିପାଇଁ ନିଜର ରକ୍ତ ସମ୍ପର୍କୀୟ ଜନ୍ମଦାତା ପିତା ଏବଂ ଜନ୍ମଦାତ୍ରୀ ମାତାଙ୍କୁ ମଧ୍ୟ ଆଜିର ସ୍ୱାର୍ଥପର ଅହଂକାରୀ ମନୁଷ୍ୟ ଅକଥନୀୟ ଅତ୍ୟାଚାର କରୁଛି। ଅନେକ ସମୟରେ ସେ ନିରୀହ ପିତାମାତାଙ୍କୁ ହତ୍ୟା କରୁଛି, ସାମାନ୍ୟ ଟଙ୍କା, ଜମିବାଡ଼ି ପାଇଁ ନିଜର ରକ୍ତ ସମ୍ପର୍କୀୟଙ୍କୁ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ। ନୈତିକ ମୂଲ୍ୟବୋଧ ଅଭାବ, ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ, ବିଶୃଙ୍ଖଳିତ ଅସାମାଜିକ ବ୍ୟକ୍ତିଙ୍କ ପରୋଚନା ରେ ପଡ଼ି ମନୁଷ୍ୟର ଜୀବନ କଳୁଷିତ ହେବାର ଲାଗିଛି। ସେଥିପାଇଁ ଅନେକାଂଶରେ ଆମ ଶିକ୍ଷା ବ୍ୟବସ୍ଥା ଦାୟୀ। ନୈତିକ ମୂଲ୍ୟବୋଧର ଶିକ୍ଷା ଏବେ ଅତ୍ୟନ୍ତ ଆବଶ୍ୟକ ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଆଦର୍ଶ ଗୁରୁଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣୀତ ହୋଇ ନିଜ ଜୀବନରେ ଏହାକୁ ଉପଯୋଗ କରିପାରିଲେ ଆମ ଜୀବନ ଶୃଙ୍ଖଳିତ, ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ।

ସେଥିପାଇଁ କୁହାଯାଇଛି

'ଶାନ୍ତ ଓ ସରଳ ସ୍ୱଭାବ ଯାହାର, ସୁମଧୁର ଯାର ଭାଷା,
ପଢ଼ାନ୍ତି ସେ ପାଠ ଦେଖାନ୍ତି, ସେ ବାଟ ଆଣନ୍ତି ନବୀନ ଆଶା।
ସେନେହ ବରଷି ପ୍ରେମକୁ ପରସି, କିଣନ୍ତି ଶିଶୁଙ୍କ ମନ।
ଅଜ୍ଞାନ ବାଳୁତ ଚକ୍ଷୁ ଲାଭ କରେ, ଦିବ୍ୟ ଜ୍ଞାନଜ୍ୟୋତି ପାଇ।
ଗୁରୁଙ୍କ ପ୍ରୟାସେ ମୃଣୟ ପିଣ୍ଡୁଳା, ସୁଗଠିତ ପାତ୍ର ହୋଇ।
କେତେ ଦୁଷ୍ଟମନା ଶିଷ୍ଟ ହୋଇଯାନ୍ତି, ଛାଟର ପ୍ରହାର ଖାଇ।
ବିଜ୍ଞ ଗୁଣୀ ହୋଇ ପ୍ରତିଷ୍ଠା ପାଆନ୍ତି, ତାଙ୍କର ଆଶିଷ ପାଇ।

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ନିଜକୁ ସର୍ବଶେଷ୍ଠ ସର୍ବଶକ୍ତିମାନ ମନେକରୁଥିବା ଏକବିଂଶ ଶତାବ୍ଦୀର ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତିର ଅଧିକାରୀ ହୋଇମଧ ଅନେକ ବ୍ୟକ୍ତି ଅଶାନ୍ତିରେ କାଳାତିପାତ କରୁଛନ୍ତି। ସବୁକିଛି ସୁଖ ସ୍ୱାଛନ୍ଦ୍ୟ, ଦାମୀ ଗାଡ଼ି, ସୁରମ୍ୟ ଅଟ୍ଟାଳିକା, ସୁନା, ରୁପା, ହୀରା ଅଳଙ୍କାର ଥିଲେ ମଧ ମାନସିକ ଆବସାଦ ଏବଂ ଅତ୍ୟଧିକ ଚାପଗ୍ରସ୍ତ ହୋଇ ସୁଶାନ୍ତ ସିଂ ରାଜପୁତଙ୍କ ଠାରୁ ଆରମ୍ଭ କରି ଅନେକ ହିନ୍ଦୀ, ତେଲୁଗୁ, କନ୍ନଡ଼ ସିନେମା ଅଭିନେତା, ଉଚ୍ଚପ୍ରଦସ୍ତ ଅଧିକାରୀ, ପୋଲିସ ଅଫିସର, ଆଇଏସ ଅଫିସର ଆତ୍ମହତ୍ୟାର ରାସ୍ତା ବାଛିନେଉଛନ୍ତି। ଏହାର ଅନେକ ଦୃଷ୍ଟାନ୍ତ ରହିଛି।

ବିଦ୍ୟା କେବେ ପୁଳା ପୁଳା ଟଙ୍କା ଏବଂ ବାଟି ବାଟି ସମ୍ପତ୍ତି ଅର୍ଜନ କରିବାକୁ ଶିକ୍ଷା ଦିଏ ନାହିଁ ମନ ଭିତରେ ଅହଂ ଭାବନା ଆସିଲେ ଆମର ଶିକ୍ଷା ମୂଲ୍ୟହୀନ।ଉଦାରବାଦୀ, ନିର୍ଭିକ, ସରଳ, ନମ୍ର, ବ୍ୟକ୍ତି ହି ପକୃତ ଆଦର୍ଶ ଶିକ୍ଷକ ପଦବାଚ୍ୟ। ପ୍ରକୃତି ର ଜୀବଜନ୍ତୁ, କୀଟପତଙ୍ଗ ଠାରୁ ଆରମ୍ଭ କରି ଉଦ୍ଭିଦ ପ୍ରଯ୍ୟନ୍ତ ଆମକୁ ବହୁତ କିଛି ଶିକ୍ଷା ମିଳେ। ବିନମ୍ରତା ସହନଶିଳତା ଆମକୁ ଉଦ୍ଭିଦ ଠାରୁ ଶିକ୍ଷା ମିଳିଥାଏ। ପରିଶ୍ରମ, ନିଷ୍ଠା, ଉଦ୍ୟମ ଆମକୁ ମହୁମାଛି ଶିକ୍ଷା ଦେଇଥାଏ। ଜନ୍ଦା, ପିମ୍ପୁଡି ଙ୍କ ପରି ଛୋଟ କୀଟପତଙ୍ଗ ମାନଙ୍କ ଠାରୁ ଶୃଙ୍ଖଳିତ ଜୀବନ ଶୈଳୀ ର ଶିକ୍ଷା ମିଳିଥାଏ। ସବୁଠାରୁ ବିଶ୍ୱସ୍ତ ପ୍ରାଣୀ କୁକୁର ଠାରୁ ଆମକୁ ବିଶ୍ୱସ୍ତତା ଶିକ୍ଷା ମିଳିଥାଏ। ଦୁବ ଘାସ କୁ ଲୋକମାନେ ପାଦରେ ଦଳି ଦିଅନ୍ତି, କିନ୍ତୁ ଦୁବ ଘାସ ଛୋଟ ହେଲେ ବି ଈଶ୍ୱର କାର୍ଯ୍ୟ ରେ ଲାଗି ଥାଏ। ଦୁବ ଘାସ ଠାରୁ ଆମକୁ ସହନଶୀଳତା ର ଶିକ୍ଷା ମିଳେ। ଉଚ୍ଚ ପର୍ବତ ମାଳା ଆମକୁ ବହୁତ କିଛି ଶିକ୍ଷା ଦିଏ। ମନୁଷ୍ୟ ଜୀବନ ରେ ଘଟୁଥିବା ଦୁଃଖ, କଷ୍ଟ, ବାଧା, ବିଘ୍ନ, ଘାତ ପ୍ରତିଘାତ କୁ କିପରି ସାହସ ର ସହିତ ମୁକାବିଲା କରିବାକୁ ହୁଏ ତାହା ପର୍ବତ ଠାରୁ ଶିକ୍ଷା ମିଳେ। ବିଶାଳ ସାଗର ମନୁଷ୍ୟ କୁ ସ୍ଥିତପ୍ରଜ୍ଞ ହେବା ପାଇଁ ଶିକ୍ଷା ଦିଏ। ଉଭୟ ସୁଖ ଓ ଦୁଃଖ ରେ ନିର୍ବିକାର ଅର୍ଥାତ ମନୁଷ୍ୟ ର ଆଚରଣ ଓ କାର୍ଯ୍ୟ ରେ କୌଣସି ପରିବର୍ତନ ହେବା ଉଚିତ ନୁହଁ। ସେଥିପାଇଁ ଏ ବିଶ୍ୱବ୍ରହ୍ମାଣ୍ଡ ରେ ମନୁଷ୍ୟ ଈଶ୍ୱର ଙ୍କର ସୁନ୍ଦର ସୃଷ୍ଟି ପ୍ରକୃତି ରୁ ଶିକ୍ଷା ଗ୍ରହଣ କରି ନିଜର ଆଚରଣ କୁ ପରିମାର୍ଜିତ କରିବା ଉଚିତ। ଏହି କାର୍ଯ୍ୟ କରିପାରିଲେ ମନୁଷ୍ୟ ସର୍ବଶେଷ୍ଠ ପ୍ରାଣୀ ଭାବେ ନିଜକୁ ପ୍ରତିପାଦିତ କରିପାରିବ।ଏଥିରେ ସଂନ୍ଦେହ ର କୌଣସି ଅବକାଶ ନାହିଁ।

ସୁସ୍ଥ ସମାଜ ଗଠନ କରିବା ରେ ତଥା ରାଷ୍ଟ୍ର କୁ ସର୍ବଶ୍ରେଷ୍ଠ ଗଢି ତୋଳିବା ରେ ଆଦର୍ଶ ଶିକ୍ଷକ ଙ୍କର ଭୂମିକା ଅତୁଳନୀୟ। କଥାରେ ଅଛି ଏକ ମାଛ ଟିଏ ଦାନ କରି ଆପଣ କେବଳ ଗୋଟିଏ ଥର ପାଇଁ କିଛି ବ୍ୟକ୍ତି ଙ୍କର କ୍ଷୁଧା ନିବାରଣ କରି ପାରନ୍ତି, କିନ୍ତୁ ମାଛ ଧରିବା ର ଉପାୟ ଶିକ୍ଷା ଦେଇ ଆପଣ ସେମାନଙ୍କୁ ସବୁଦିନ ପାଇଁ ଆତ୍ମନିର୍ଭରଶୀଳ କରିପାରିବେ, ଯାହା ଫଳରେ ସେମାନେ ନିଜ ଖାଦ୍ୟ ର ବ୍ୟବସ୍ଥା ନିଜେ କରିବା ପାଇଁ ଯୋଗ୍ୟ ଏବଂ ସାମର୍ଥ୍ୟ ହୋଇପାରିବେ। ସେହିପରି ଶିକ୍ଷକ ହେଉଛନ୍ତି ଭବିଷ୍ୟତ ର ନିର୍ମାତା, ଯିଏ ଏକ ପ୍ରଦୀପ ସଦୃଶ, ନିଜେ ଜଳି ଅନ୍ୟମାନଙ୍କ ପଥ କୁ ଆଲୋକିତ କରିଥାନ୍ତି। ଜଣେ ମହାନ ଆଦର୍ଶ ଶିକ୍ଷକ କେବଳ କଥା ରେ କୁହନ୍ତି ନାହିଁ, ନିଜ ଆଚରଣ ଓ କର୍ମ ରେ ତାହା ପ୍ରଦର୍ଶିତ କରିଥାନ୍ତି। ଶିକ୍ଷକ ଙ୍କର ଉଦ୍ଦେଶ୍ୟ ହେଉଛି ଛାତ୍ର ଛାତ୍ରୀ ମାନଙ୍କୁ ନିଜ ଭାବମୂର୍ତ୍ତିରେ ଗଢି ତୋଳିବା ନୁହେଁ ବରଂ ନିଜର ଭାବମୂର୍ତ୍ତିରେ ସୃଷ୍ଟି କରିପାରିବା ନିମନ୍ତେ ସେମାନଙ୍କୁ ଯୋଗ୍ୟ ଏବଂ ସାମର୍ଥ୍ୟ କରିଦେବା। ଶିକ୍ଷକ ହେଉଛନ୍ତି ବଗିଚାର ସେହି ମାଳି ସଦୃଶ, ଯିଏ କି ବଗିଚାରେ ରଙ୍ଗ ବେରଙ୍ଗ ଫୁଲରେ ସୁସଜ୍ଜିତ କରିଥାନ୍ତି। ଅର୍ଥାତ ବିଦ୍ୟାଳୟ ଯଦି ବଗିଚା ହୁଏ ସେହି ବଗିଚାର ମାଳି ହେଉଛନ୍ତି ଶିକ୍ଷକ ଏବଂ ଶିଷ୍ୟ ହେଉଛନ୍ତି ସେହି ବଗିଚାର ଫୁଲ। ଫୁଲର ରଙ୍ଗ ହେଉଛି ସେହି ବିଦ୍ୟାର୍ଥୀଙ୍କ ଉଜ୍ଜଳ ଭବିଷ୍ୟତ, ଅର୍ଥାତ କିଏ କଣ ହେବା ଏ ବିଶ୍ୱବ୍ରହ୍ମାଣ୍ଡ ରେ ଯିଏ ଯେତେ ବଡ଼ ପଦବୀରେ ଅଧିଷ୍ଠିତ ହୋଇଥାଉ ନା କାହିଁକି ତାର ସଫଳତା ପଛରେ ଆଦର୍ଶ ଗୁରୁଙ୍କ ଭୂମିକା ନିଶ୍ଚିତ ଭାବରେ ରହିଥାଏ, ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ କଥା ରେ ଅଛି 'ସତ ଗୁରୁ ଯେବେ ମାରେ ଗୋଇଠା, ଅନ୍ଧାର ଘରେ ଜଳେ ବଇଠା

କବିର ଦାଶ କହିଛନ୍ତି

ଗୁରୁ ଗୋବିନ୍ଦ ଦୋ ଖୋଡ଼ା, କାକେ ଲାଗୁ ପାଏଁ, ବଲହାରୀ ଗୁରୁ ଆପେଁ
ଗୋବିନ୍ଦ ଦିଏୟ ମିଳାଏ

ଏହାର ଅର୍ଥ ଯେତେବେଳେ ଗୁରୁ ଏବଂ ସ୍ୱୟଂ ଭଗବାନ ଦୁଇ ଜଣ ଆପଣଙ୍କ ସମ୍ମୁଖରେ ଦଣ୍ଡାୟମାନ। ଆପଣ ସର୍ବ ପ୍ରଥମେ ଗୁରୁ ଙ୍କୁ ପ୍ରଣାମ କରିବେ। କାରଣ ଗୁରୁ ହିଁ ଆପଣଙ୍କର ପଥ ପ୍ରଦର୍ଶକ। ସେହିଁ କେବଳ ଗୋବିନ୍ଦ ଅର୍ଥାତ ଭଗବାନଙ୍କ ପାଖରେ ପହଁଚିବା ପାଇଁ ସଠିକ ମାର୍ଗ ଦର୍ଶାଇଥାନ୍ତି। ଶିକ୍ଷକ ଙ୍କୁ ସମ୍ମାନିତ କରିବା ପାଇଁ କୌଣସି ଦିନର ଆବଶ୍ୟକତା ନାହିଁ। କାରଣ ଶିକ୍ଷକ ସଦାସର୍ବଦା ଚିରନମସ୍ୟ, ଚିରପୂଜନୀୟ, ଚିରସମ୍ମାନିତ, ସର୍ବଶ୍ରେଷ୍ଠ। ତଥାପି ଅନେକ ଦେଶରେ ଶିକ୍ଷକଙ୍କୁ ସମ୍ମାନିତ କରିବା ପାଇଁ ଏକ ବିଶେଷ ଦିବସ ଘୋଷଣା କରାଯାଇଛି।

ଆମ ଦେଶ ରେ ଏହା ସେପ୍ଟେମ୍ବର୫ ତାରିଖରେ ଅତି ଆଡମ୍ବର ସହକାରେ ପାଳନ କରାଯାଏ। ଡ଼କ୍ଟର ରାଧାକୃଷ୍ଣନ ଙ୍କ ର ଶିକ୍ଷା ପ୍ରତି ଭାରି ରୁଚି ଥିଲା। ସେ କୁହନ୍ତି ଶିକ୍ଷକ ବିନା ଜଣେ ବ୍ୟକ୍ତି ଲକ୍ଷ୍ୟ ସ୍ଥଳରେ ପହଁଚିବା ଅସମ୍ଭବ। ଜଣେ ଉତ୍ତମ ଆଦର୍ଶ ଶିକ୍ଷକ ତାର ବିଦ୍ୟାର୍ଥୀ କୁ ସମସ୍ତ ବାଧା ବିଘ୍ନ, ଘାତ, ପ୍ରତିଘାତ କୁ ସାମନା କରିବା ପାଇଁ ପ୍ରସ୍ତୁତ କରିଥାଏ। ଯାହା ଫଳରେ ବିଦ୍ୟାର୍ଥୀ ଉଜ୍ଜ୍ୱଳ ଭବିଷ୍ୟତ ଗଢିବାକୁ ସମର୍ଥ ହୋଇଥାଏ। ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ ୪୦ବର୍ଷ ବୟସରେ ଶିକ୍ଷା କ୍ଷେତ୍ରରେ ତାଙ୍କର ଜୀବନ ଅତିବାହିତ କରିଥିଲେ। ସେ ସ୍ୱାଧୀନ ଭାରତ ର ଉପରାଷ୍ଟ୍ରପତି ଓ ପରେ ରାଷ୍ଟ୍ରପତି ଥିଲେ। ଶିକ୍ଷା ପ୍ରତି ତାଙ୍କର ଅତୁଳନୀୟ ଅବଦାନ ରହିଛି ଯାହାକୁ କିଛି ଶବ୍ଦରେ ପ୍ରକାଶ କରିବା ଅସମ୍ଭବ। ତେଣୁ ତାଙ୍କ ଜନ୍ମତିଥି କୁ ଗୁରୁ ଦିବସ ରୂପେ ପାଳନ କରାଯାଏ। ଶିକ୍ଷକ ହେଉଛନ୍ତି ସୁସ୍ଥ ସମାଜ ନିର୍ମାଣକାରୀ। ଯିଏ ଆମକୁ ନୈତିକ ମୂଲ୍ୟବୋଧ ଓ ମାନବିକତା ଶିକ୍ଷା ଦେଇଥାନ୍ତି। ଯାହା ଦ୍ୱାରା ଏକ ଉନ୍ନତ ରାଷ୍ଟ୍ର ନିର୍ମାଣ ରେ ଏହା ସହାୟକ ହୋଇଥାଏ। ଶିକ୍ଷକ ଙ୍କର ମହାନତା କୁ ବର୍ଣ୍ଣନା କରିବା ପାଇଁ ଦୁନିଆ ର ପ୍ରତେକ ଶବ୍ଦ ତାଙ୍କ ପାଇଁ ଛୋଟ ପଡ଼ିଯିବ। 'ଶିକ୍ଷକ ଙ୍କୁ ନା ପ୍ରଂଶସା ଲୋଡ଼ା, ନା ତାଙ୍କୁ ସୁନା ରୁପା ମୋତି ମାଣିକ ଭଳି ଦାମୀ ଉପହାର ଲୋଡ଼ା, ତାଙ୍କୁ ତ ବାସ ଆତ୍ମୀୟ ଶାନ୍ତି ଲୋଡ଼ା, ଆତ୍ମୀୟ ଶାନ୍ତି ଶିକ୍ଷକ କୁ ସେତେବେଳେ ମିଳେ ଯେତେବେଳେ ବିଦ୍ୟାର୍ଥୀ ର ଯଶଗାନ ସାରା ବିଶ୍ୱରେ ହୁଏ '। ବିଂଶ ଶତାବ୍ଦୀ ର ଆଧୁନିକ ଭାରତ ରେ ଗୁରୁଶିଷ୍ୟ ର ପରମ୍ପରା ଧୀରେ ଧୀରେ କଳଙ୍କିତ ହେବାରେ ଲାଗିଛି। ତେଣୁ ବିଦ୍ୟାର୍ଥୀ ଓ ଶିକ୍ଷକ ଏହାର ମହତ୍ୱ କୁ ବୁଝିବା ନିହାତି ଆବଶ୍ୟକ। ଏହା ଦ୍ୱାରା ଏକ ସୁସ୍ଥ ସମାଜ ଏବଂ ଉନ୍ନତ ରାଷ୍ଟ୍ର ନିର୍ମାଣ ହୋଇ ପାରିବ। ଗୁରୁ ଶିଷ୍ୟ ପରମ୍ପରା ରେ ଯେପରି ପ୍ରଶ୍ନ ଚିହ୍ନ ନ ଲାଗେ ସେଥିପ୍ରତି ଯଥେଷ୍ଟ ସଚେତନ ହେବା ଆମର କର୍ତ୍ତବ୍ୟ।

ଗୋପାଳପୁର, ବାଲେଶ୍ୱର, ମୋବାଇଲ- ୭୦୨୦୭୬୧୧୩୦୦

## ଆଧାର କାର୍ଡ ନାଗରିକତାର ପରିଚୟ ନୁହେଁ : ନିର୍ବାଚନ କମିଶନ

**ନୂଆଦିଲ୍ଲୀ,୧୦।୭:** ଆଧାର କାର୍ଡ ନାଗରିକତାର ପରିଚୟ ନୁହେଁ । ଏହା କହିଛନ୍ତି ନିର୍ବାଚନ କମିଶନ। ସୁପ୍ରିମକୋର୍ଟରେ ବିହାରର ଭୋଟର ତାଲିକା ସମ୍ପର୍କିତ ମାମଲାର ଶୁଣାଣି ସମୟରେ ଏଭଳି ତଥ୍ୟ ରଖିଛନ୍ତି ଭାରତୀୟ ନିର୍ବାଚନ କମିଶନ । ୨୦୦୩ ନିର୍ବାଚନ ସମୟରେ ଭୋଟର ତାଲିକାରେ ନଥିବା ଆଧାର କାର୍ଡଧାରୀ ଓ ଭୋଟର କାର୍ଡଧାରୀଙ୍କୁ ଭୋଟର ତାଲିକାରୁ ବାଦ ଦେବାକୁ ନେଇଥିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଏହି ମାମଲା ରୁଜୁ ହୋଇଛି । ବିହାରରେ ସ୍ପେଶାଲ ଇଣ୍ଟେନସିଭ ରିଭିଜନ ବା ଭୋଟ ତାଲିକାର ପୁନଃ ନିରୀକ୍ଷଣ କାର୍ଯ୍ୟ ଭାରତୀୟ ନିର୍ବାଚନ କମିଶନ କରାଉଛନ୍ତି। ଭୋଟରମାନଙ୍କୁ ଏବେ ନାଗରିକତାର ପ୍ରମାଣ ଦେବାକୁ ପଡୁଛି । ଯାହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଛି। ଏହି ସମସ୍ତ ମାମଲାର ଏକତ୍ର ଶୁଣାଣି ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଜଷ୍ଟିସ ସୁଧାଂଶୁ ଧୁଲିଆ ଓ ଜଷ୍ଟିସ ଜୟମାଲ୍ୟ ବାଗଚୀ କରୁଛନ୍ତି । ଜଣେ ଆବେଦନକାରୀ ଓକିଲ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କର ନାରାୟଣ କୋର୍ଟଙ୍କ ଦୃଷ୍ଟିକୁ ଆଣିଥିଲେ ଯେ, ବିହାରରେ ହେଉଥିବା ସ୍ପେଶାଲ ଇଣ୍ଟେନସିଭ ରିଭିଜନରେ ଆଧାର କାର୍ଡକୁ ନିର୍ବାଚନ କମିଶନ ଗ୍ରହଣ କରୁ ନାହାନ୍ତି। ଏହାର ଜବାବରେ ଭାରତୀୟ ନିର୍ବାଚନ କମିଶନଙ୍କ ଓକିଲ ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ କହିଛନ୍ତି, ଆଧାର କାର୍ଡ ନାଗରିକତାର ପ୍ରମାଣ ଭାବେ ବ୍ୟବହାର କରାଯାଇ ପାରିବ ନାହିଁ । ସୁପ୍ରିମକୋର୍ଟରେ ଏହି ମାମଲା ମହୁଆ ମୈତ୍ର, ମନୋଜ କୁମାର ଝା, କେ ସି ବେଣୁଗୋପାଳ, ସୁପ୍ରିୟା ସୁଲେ, ଡି ରାଜା, ହରିନ୍ଦର ମଲ୍ଲିକ, ଅରବିନ୍ଦ ସାୱନ୍ତ, ସାଫରଜ ଅହମ୍ମଦ, ଦୀପଙ୍କର ଭଟ୍ଟାଚାର୍ଯ୍ୟ ଭଳି ସାଂସଦ ନେତାଙ୍କ ଦ୍ୱାରା କରାଯାଇଛି।

# ଭାରତକୁ ପୁଟିନଙ୍କ ବଡ଼ ଉପହାର



**ମସ୍କୋ/ନୂଆଦିଲ୍ଲୀ,୧୦।୭:** ରୁଷିଆରେ ଶ୍ରମିକ ଅଭାବକୁ ଦୃଷ୍ଟିରେ ରଖି ଏବେ ରୁଷିଆ ୨୦୨୫ ଶେଷ ସୁଦ୍ଧା ଭାରତରୁ ୧୦ ଲକ୍ଷ ଶ୍ରମିକଙ୍କୁ ଡାକିବାକୁ ଯୋଜନା କରିଛି। ୟୁକ୍ରେନ ଯୁଦ୍ଧ ଯୋଗୁ ରୁଷିଆରେ ପୁରୁଷ ଏବଂ ଶ୍ରମିକଙ୍କ ଅଭାବ ଦୂର କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ୟୁରାଲ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ମୁଖ୍ୟ ଆଣ୍ଡ୍ରେ ବେସେଡିନ କହିଛନ୍ତି, ଭାରତ ସହିତ ଏହି ସମ୍ପର୍କରେ ଚୁକ୍ତି ଚୂଡ଼ାନ୍ତ ହୋଇଯାଇଛି। ସେ ତାଙ୍କ ଭାରତୀୟ ବନ୍ଧୁମାନଙ୍କଠାରୁ ଶୁଣିଛନ୍ତି ଯେ, ୨୦୨୫ ସୁଦ୍ଧା ୧୦ ଲକ୍ଷ ଭାରତୀୟ ଶ୍ରମିକ ରୁଷିଆରେ ପହଞ୍ଚିବେ, ବିଶେଷକରି ସେଓ୍ୱର୍ଦଲୋଭସ୍କ ଅଞ୍ଚଳରେ। କେବଳ ଏତିକି ନୁହେଁ, ଭାରତୀୟ ଶ୍ରମିକମାନଙ୍କୁ ସାହାଯ୍ୟ କରିବା ପାଇଁ ସେଓ୍ୱର୍ଦଲୋଭସ୍କର ରାଜଧାନୀ ଯେକାଟେରିନବର୍ଗରେ ଏକ ନୂତନ ଭାରତୀୟ ଦୂତାବାସ ମଧ୍ୟ ଖୋଲିବାକୁ ଯାଉଛି। ରୁଷିଆର ସେଓ୍ୱର୍ଦଲୋଭସ୍କ ଅଞ୍ଚଳ ଶିଳ୍ପର ଏକ ବଡ଼ କେନ୍ଦ୍ର। ଏଠାରେ ଧାତୁ ଏବଂ ଯନ୍ତ୍ରପାତି ସହିତ ଜଡିତ କାରଖାନାରେ ଶ୍ରମିକଙ୍କ ଏକ ବଡ଼ ଅଭାବ ରହିଛି। ବେସେଡିନଙ୍କ ଅନୁଯାୟୀ, ୟୁକ୍ରେନ ଯୁଦ୍ଧରେ ରୁଷୀୟ ପୁରୁଷମାନଙ୍କୁ ନିୟୋଜିତ କରିବା ଏବଂ ଯୁବକମାନେ କାରଖାନାରେ କାମ ନ କରିବାକୁ ପ୍ରବୃତ୍ତ ହେବା ଏହାର ପ୍ରମୁଖ କାରଣ। ଭାରତର ପରିଶ୍ରମୀ ଏବଂ କୁଶଳୀ ଶ୍ରମିକ ଏହି ଅଭାବକୁ ପୂରଣ କରିପାରିବେ। ଯେକାଟେରିନବର୍ଗ ସହର ଟ୍ରାନ୍ସ-ସାଇବେରିଆନ ରେଳପଥ ମାଧ୍ୟମରେ ୟୁରୋପ ଏବଂ ଏସିଆକୁ ସଂଯୋଗ କରୁଥିବା ଏକ ବଡ଼ ଲଜିଷ୍ଟିକ୍ସ ହବ ହେବାକୁ ଯାଉଛି। ଏହା ସହିତ, ଏହି ସହର ଆର୍ଥିକ ବିକାଶରେ ମଧ୍ୟ ଏକ ବଡ଼ ଭୂମିକା ଗ୍ରହଣ କରିବ। ଏଠାରେ ଧାତୁ ଏବଂ ଯନ୍ତ୍ରପାତି ଶିଳ୍ପରେ ଭାରତୀୟ ଶ୍ରମିକମାନଙ୍କୁ ଏକ ବଡ଼ ସୁଯୋଗ ମିଳିବ। ଯେକାଟେରିନବର୍ଗର ପାଗ ଭାରତୀୟମାନଙ୍କ ପାଇଁ ଏକ କଠିନ କାମ ହୋଇପାରେ। ଗ୍ରୀଷ୍ମ ଋତୁରେ, ସେଠାରେ ତାପମାତ୍ରା ୨୪ ଡିଗ୍ରୀ ପର୍ଯ୍ୟନ୍ତ ରହିଥାଏ, କିନ୍ତୁ ଶୀତ ଋତୁରେ ଏହା -୧୭ ଡିଗ୍ରୀକୁ ଖସିଯାଏ। ଅକ୍ଟୋବରରୁ ଏପ୍ରିଲ ପର୍ଯ୍ୟନ୍ତ ତୁଷାରର ଏକ ଆବରଣ ରହିଥାଏ। ଅଧିକାଂଶ ଭାରତୀୟ ଶ୍ରମିକ ମଧ୍ୟପ୍ରାଚ୍ୟର ଗରମ ପାଗରେ କାମ କରିବାରେ ଅଭ୍ୟସ୍ତ, ତେଣୁ ରୁଷିଆର ଶୀତ ସେମାନଙ୍କ ପାଇଁ ଏକ ନୂତନ ଚ୍ୟାଲେଞ୍ଜ ହେବ। ଏହା ବ୍ୟତୀତ, ଯେଉଁମାନେ ଶୁଦ୍ଧ ନିରାମିଷାଶୀ, ସେମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିବା ମଧ୍ୟ କଷ୍ଟକର ହୋଇପାରେ। ତଥାପି, ରୁଷିଆରେ ଭାରତୀୟ ଏବଂ ଅନ୍ତର୍ଜାତୀୟ ବ୍ରାଣ୍ଡର ଗରମ ପୋଷାକ ସହଜରେ ଉପଲବ୍ଧ, ଯାହା ଥଣ୍ଡାରୁ କିଛି ଆଶ୍ୱସ୍ତି ଦେଇପାରେ। ଏହି ପଦକ୍ଷେପ ଭାରତ ଏବଂ ରୁଷିଆ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବ। ଭାରତ ପୂର୍ବରୁ ରୁଷିଆର ତେଲ, ଗ୍ୟାସ, ଔଷଧ ଏବଂ ଆଇଟି କ୍ଷେତ୍ରରେ ନିବେଶ କରୁଛି। ଭାରତୀୟ ଶ୍ରମିକଙ୍କ ରୁଷକୁ ସ୍ଥାନାନ୍ତର କେବଳ ସେଠାରେ ଶ୍ରମିକ ଅଭାବ ପୂରଣ କରିବ ନାହିଁ, ବରଂ ଭାରତ ମଧ୍ୟ ଲାଭବାନ ହେବ।

## ପୁରୁଣା ଟର୍ମିନାଲ ବିଲିଡିଂ ଭାଙ୍ଗିବା ସମୟରେ ପାଟନା ଏୟାରପୋର୍ଟରେ ଲାଗିଲା ନିଆଁ



**ପାଟନା,୧୦।୭ :**ବିହାରର ରାଜଧାନୀ ପାଟନା ସ୍ଥିତ ଜୟପ୍ରକାଶ ନାରାୟଣ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭୟଙ୍କର ଅଗ୍ନିକାଣ୍ଡ । ବିମାନବନ୍ଦରର ପୁରୁଣା ଟର୍ମିନାଲ ବିଲିଡିଂରେ ଚାଲିଥିବା ଭାଙ୍ଗିବା ପ୍ରକ୍ରିୟା ସମୟରେ ଓ୍ୱେଲେଡିଂ କାମ ଚାଲୁଥିବା ବେଳେ ସ୍ପାର୍କ ଯୋଗୁଁ ନିଆଁ ଲାଗିଯାଇଥିଲା । ଏୟାରପୋର୍ଟରେ ଥିବା ଅଗ୍ନିଶମ ଟିମ୍ ତୁରନ୍ତ ନିଆଁକୁ ଆୟତ୍ତ କରିଥିଲେ । ତେବେ ଏହି ଅଗ୍ନିକାଣ୍ଡରେ କୌଣସି ଜୀବନହାନି କିମ୍ବା ବଡ଼ ଧରଣର କ୍ଷୟକ୍ଷତିର ସୂଚନା ମିଳିନାହିଁ। ପାଟନା ବିମାନବନ୍ଦରରେ ନୂଆ ଟର୍ମିନାଲ ନିର୍ମାଣର ଯୋଜନା ଅଧୀନରେ ପୁରୁଣା ଟର୍ମିନାଲ ବିଲିଡିଂକୁ ଭାଙ୍ଗିବା ପାଇଁ କାର୍ଯ୍ୟ ଚାଲିଛି । ଏହି ପ୍ରକ୍ରିୟାରେ ଓ୍ୱେଲେଡିଂ କାମ ଚାଲୁଥିବା ସମୟରେ ସ୍ପାର୍କ ସୃଷ୍ଟି ହୋଇ ନିଆଁ ଲାଗିଯାଇଥିଲା। ତେବେ ନିଆଁ ପୁରୁଣା ଟର୍ମିନାଲ ବିଲିଡିଂରେ ଲାଗିଥିଲା। ଯାହା ବର୍ତ୍ତମାନ ବ୍ୟବହାରରେ ନାହିଁ। ଏହି ବିଲିଡିଂଟି ବିମାନବନ୍ଦରର ଆଧୁନିକୀକରଣ ଯୋଜନାର ଅଂଶବିଶେଷ ଭାବେ ଭାଙ୍ଗିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ଅଗ୍ନିକାଣ୍ଡର କାରଣ ଜାଣିବା ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଛନ୍ତି। ବିମାନବନ୍ଦର କର୍ତ୍ତୃପକ୍ଷ ଏହି ଘଟଣାକୁ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି ଏବଂ ଭବିଷ୍ୟତରେ ଏଭଳି ଦୁର୍ଘଟଣା ରୋକିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅଗ୍ନିକାଣ୍ଡ ସତ୍ତ୍ୱେ ପଟନା ବିମାନବନ୍ଦରରେ ଯାତ୍ରୀ ସେବା ଏବଂ ବିମାନ ଚଳାଚଳ ସାଧାରଣ ଭାବେ ଚାଲିଛି ।

## ବଢୁଛି ପୃଥିବୀର ଘୂର୍ଣ୍ଣନ ଗତି ; ଛୋଟ ହୋଇଯିବ ଦିନ



**ହାଇଦ୍ରାବାଦ,୧୦।୭:** ଆଗାମୀ କିଛି ଦିନରେ ପୃଥିବୀରେ ଏକ ବଡ଼ ପରିବର୍ତ୍ତନ ହେବ । ଦିନ ଛୋଟ ହେବାକୁ ଯାଉଛି ବୋଲି ଲାଇଭ ସାଇନ୍ସର ଏକ ରିପୋର୍ଟରୁ ଜଣାପଡ଼ିଛି। ଗବେଷକମାନେ ଅଧ୍ୟୟନରେ ଜାଣିବାକୁ ପାଇଛନ୍ତି ଯେ ଗତ ପାଞ୍ଚ ବର୍ଷ ଧରି ପୃଥିବୀର ଘୂର୍ଣ୍ଣନ ଗତି ବୃଦ୍ଧି ପାଉଛି। ୨୦୨୦ମସିହାରୁ, ପୃଥିବୀ ତା'ର ଅକ୍ଷ ଉପରେ ସାଧାରଣ ଅପେକ୍ଷା ଦ୍ରୁତ ଗତିରେ ଘୂରୁଛି । ଏହି କାରଣରୁ, ବିଶ୍ୱ ଇତିହାସର ସବୁଠାରୁ ଛୋଟ ଦିନ ଅନୁଭବ କରିବ ଅର୍ଥାତ ଦିନ ୨୪ ଘଣ୍ଟାରୁ କମ୍ ହେବ । ଏହି ଛୋଟ ଦିନଟି ଚଳିତ ବର୍ଷ ଜୁଲାଇଠାରୁ ଆରମ୍ଭ ହୋଇଛି ।ଜ୍ୟୋତିର୍ବିଜ୍ଞାନୀ ଗ୍ରାହାମ ଜୋନ୍ସ ତିନୋଟି ତାରିଖ କହିଛନ୍ତି, ଯାହା ସବୁଠାରୁ ଛୋଟ ଦିନ ହେବ । ଏହା ୨୦୨୫ ମସିହାରେ ୯ ଜୁଲାଇ, ୨୨ ଜୁଲାଇ ଓ ଆସନ୍ତା ମାସ ୫ ଅଗଷ୍ଟରେ ହୋଇପାରେ । ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ପୃଥିବୀ ଉପରେ ଚନ୍ଦ୍ରର କକ୍ଷପଥର ପ୍ରଭାବ ଯୋଗୁଁ ଏହା ଘଟିବ। ସେମାନେ କହିଛନ୍ତି ଯେ ଏହି ଦିନଟି ସାଧାରଣ ଦିନ ଅପେକ୍ଷା ୧.୩ରୁ ୧.୫୧ ମିଲିସେକେଣ୍ଡ ମଧ୍ୟରେ ଛୋଟ ହେବ ।

## ଭୂମିକମ୍ପ ଝଟକାରେ ଥରିଲା ଦିଲ୍ଲୀ ଏନ୍‌ସିଆର୍, ଲୋକେ ଭୟଭୀତ


**ଦିଲ୍ଲୀ,୧୦।୭:** ରାଜଧାନୀ ଦିଲ୍ଲୀରେ ଶକ୍ତିଶାଳୀ ଭୂମିକମ୍ପର ଝଟକା । ଆଜି (ଗୁରୁବାର) ସକାଳ ସମୟ ୯.୦୪ ମିନିଟ ସମୟରେ ଦିଲ୍ଲୀର ଏନସିଆର ଅଞ୍ଚଳରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି । ଗାଜିଆବାଦ, ନୋଏଡା ଏବଂ ଦିଲ୍ଲୀ ଏନସିଆରର ବହୁ ସ୍ଥାନରେ ଭୂମିକମ୍ପର ଝଟକା ଅନୁଭବ ହୋଇଥିଲା । ପ୍ରାଥମିକ ସୂଚନା ଅନୁଯାୟୀ ଏହି ଭୂମିକମ୍ପ ପାଖାପାଖି ୪ରୁ ୫ ସେକେଣ୍ଡ ଧରି ଅନୁଭୂତ ହୋଇଥିଲା । ଭୂମିକମ୍ପର ତୀବ୍ରତା ୪.୪ ରହିଥିବାର ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ରନିଜର X ହ୍ୟାଣ୍ଡେଲ ମାଧ୍ୟମରେ ସୂଚନା ଦେଇଛି । ଭୂମିକମ୍ପର ଝଟକାରେ ଭୟଭୀତ ହୋଇ ଲୋକେ ଘରୁ ବାହାରକୁ ଆସିଯାଇଥିଲେ । ତେବେ ଏହି ଭୂମିକମ୍ପରେ କୌଣସି କ୍ଷୟକ୍ଷତି ହୋଇନାହିଁ ।

## ରାଧିକା ଯାଦବଙ୍କୁ ଗୁଳି କରି ହତ୍ୟା, ଅଭିଯୁକ୍ତ ବାପା ଗିରଫ



**ନୂଆଦିଲ୍ଲୀ,୧୦।୭:** ଟେନିସ୍ ପ୍ଲେୟାର ରାଧିକା ଯାଦବଙ୍କୁ ଗୁଳି କରି ହତ୍ୟା। ରାଧିକାଙ୍କୁ ଗୁରଗ୍ରାମ୍‌ର ସୁଶାନ୍ତ ଲୋକ-୨ ସ୍ଥିତ ଇ-୧୫୭ ବାସଭବନରେ ହତ୍ୟା କରାଯାଇଛି। ରାଧିକାଙ୍କୁ ଗୁଳି ମାରିଥିବା ବ୍ୟକ୍ତି ଆଉ କେହି ନୁହେଁ ସେ ହେଉଛନ୍ତି ତାଙ୍କ ବାପା। ରାଧିକାଙ୍କ ବାପା ଲାଇସେନ୍ସ ରିଭଲଭରୁ ନିଜ ଝିଅକୁ ୩ ରାଉଣ୍ଡ ଗୁଳିମାରିଥିଲେ। ଗୁରଗ୍ରାମ ପୋଲିସ ଅଭିଯୁକ୍ତକୁ କଷ୍ଟଡିରେ ନେଇଥିବା ବେଳେ ମାମଲାର ତଦନ୍ତ ଆରମ୍ଭ କରିଛି। ୨୫ ବର୍ଷୀୟ ରାଧିକା ଅନ୍ତର୍ଜାତୀୟ ସ୍ତରରେ ଜଣେ ଟେନିସ୍ ଖେଳାଳି ଭାବରେ ଭାରତକୁ ପ୍ରତିନିଧିତ୍ୱ କରୁଥିଲେ। ଡବଲ୍ସ ଟେନିସ୍ ପ୍ଲେୟାର ରାଙ୍କିଙ୍ଗରେ ସେ ୧୧୩ ତମ ସ୍ଥାନରେ ଥିଲେ। ଆଇଟିଏଫ୍ ଡବ୍ଲସରେ ଟପ୍ ୨୦୦ ରେ ରାଧିକଙ୍କ ବେଷ୍ଟ ରାଙ୍କିଙ୍ଗ ଥିଲା। ସେ ଦେଶର ଜଣେ ଉଦୀୟମାନ ଖେଳାଳି ଥିଲେ, କିନ୍ତୁ ତାଙ୍କ ବାପା ଦୀପକ ଯାଦବ ଟେନିସ୍ ଯାତ୍ରା ଆଗକୁ ଆହୁରି ବଢିବା ପୂର୍ବରୁ ହତ୍ୟା କରିଛନ୍ତି। ଦୀପକ ପେଶାରେ ଜଣେ ପ୍ରପଟି ଡିଲର ରାଧିକା ନିକଟରେ ସେହି ଅଞ୍ଚଳରେ ଏକ ଟେନିସ୍ କୋଚିଂ ଏକାଡେମୀ ଆରମ୍ଭ କରିଥିଲେ। ସେଠାରେ ଅନେକ ଯୁବକ ଏବଂ ଯୁବତୀ କୋଚିଂ ନେବାକୁ ଆସୁଥିଲେ। ପୋଲିସର କହିବା ଅନୁଯାୟୀ, ଦୀପକ ତାଙ୍କ ଝିଅ ରାଧିକାକୁ ଏହି ଏକାଡେମୀ ବନ୍ଦ କରିବା ପାଇଁ ଚାପ ଦେଉଥିଲେ, କିନ୍ତୁ ରାଧିକା ମନା କରୁଥିଲେ। ଆଜି ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଏତେ ତୀବ୍ର ହୋଇଗଲା ଯେ ଦୀପକ ରାଗିଯାଇ ରାଧିକାକୁ ଗୁଳି କରିଥିଲେ।


## ଖେଳୁଥିବା ବେଳେ ପୋଖରୀରେ ବୁଡ଼ି ୪ ଭାଇ ଭଉଣୀ ମୃତ



**ଜୟପୁର, ୧୦।୭ :**ସାଙ୍ଗ ହୋଇ ଖେଳୁଥିବା ବେଳେ ବୁଡ଼ିଗଲେ ୪ ଭାଇ ଭଉଣୀ। ଖେଳୁ ଖେଳୁ ପୋଖରୀରେ ବୁଡ଼ିଗଲେ ୨ ଜଣ ପୁଅ ଏବଂ ୨ ଜଣ ଝିଅ । ରାଜସ୍ଥାନ ଜୈସଲମେର ଜିଲ୍ଲା ପୋଖରନରେ ଅଘଟଣ ଘଟିଛି । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଖବର ମୁତାବକ, ଛୋଟ ପିଲାମାନେ ଖେଳୁଥିବା ବେଳେ ପୋଖରୀ ନିକଟରେ ପହଞ୍ଚିଥିଲେ । ଖେଳ ଖେଳରେ ପିଲାମାନଙ୍କ ମଧ୍ୟରୁ ଜଣେ ପୋଖରୀରେ ଖସିପଡିଥିଲା। ତାଙ୍କୁ ବଞ୍ଚାଇବାକୁ ଯାଇ ଅନ୍ୟ ୩ ଜଣ ବୁଡ଼ିଯାଇଥିଲେ । ପିଲାମାନେ ବୁଡ଼ି ଯାଇ ଦୀର୍ଘ ସମୟ ପରେ ଭାସିଥିଲେ । ଏହାପରେ ତାଙ୍କୁ ସ୍ଥାନୀୟ ଲୋକ ଦେଖିଥିଲେ । ବୁଡ଼ି ଯାଇଥିବା ପିଲାଙ୍କ ମଧ୍ୟରେ ୩ ବର୍ଷୀୟ ଅହମଦ, ୫ ବର୍ଷୀୟ ମହମ୍ମଦ, ୭ ବର୍ଷୀୟ ଶେହନାଜ ଏବଂ ୧୨ ବର୍ଷୀୟ ରିଜୱାନା ରହିଛି। ଏହି ୪ ଜଣ ସ୍ଥାନୀୟ ନିବାସୀ ହଜୁର ଖାନଙ୍କ ସନ୍ତାନ । ତେବେ ପିଲାମାନେ ଖେଳିକରି ବହୁତ ସମୟରୁ ଫେରିନଥିବାରୁ ଘର ଲୋକ ଖୋଜିଥିଲେ । ବହୁତ ଖୋଜାଖୋଜି କରିବା ପରେ ପୋଖରୀ ନିକଟରେ ପହଞ୍ଚିଥିଲେ । ପୋଖରୀରେ ୪ ଜଣ ପିଲା ଭାସୁଥିବାର ଦେଖିବାକୁ ମିଳିଥିଲା । ସେଠାରୁ ପିଲାମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ସେଠାରେ ତାଙ୍କ ମୃତ୍ୟୁ ଘୋଷଣା କରିଥିଲେ । ଘଟଣା ସ୍ଥଳରେ ପୋଲିସ ଆସି ଯାଞ୍ଚ ଆରମ୍ଭ କରିଛି।

**ବଜେଟ କାଟ କଲେ ଟ୍ରମ୍ପ, କର୍ମଚାରୀଙ୍କୁ ଦେଲେ ରିଟାୟରମେଣ୍ଟ ପ୍ଲାନ ଅଫର**

## ନାସାରୁ ୨୦୦୦ କର୍ମଚାରୀ ଛଟେଇ ହେବେ !



**ୱାଶିଂଟନ,୧୦।୭:** ଆମେରିକୀୟ ମହାକାଶ ସଂସ୍ଥା ନାସା ଏବେ ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରୁଛି। ରିପୋର୍ଟ ହୋଇଛି ଯେ ନାସା ଏହାର ପ୍ରାୟ ୨୧୪୫ କର୍ମଚାରୀଙ୍କୁ ବାହାରର ରାସ୍ତା ଦେଖାଇବାକୁ ପ୍ରସ୍ତୁତ ହେଉଛି।

ଆମେରିକୀୟ ଗଣମାଧ୍ୟମ ପଲିଟିକୋ ଏ ବିଷୟରେ ସୂଚନା ଦେଇଛି। କୁହାଯାଇଛି ଯେ କର୍ମଚାରୀମାନଙ୍କୁ ଛଟେଇ କରିବା ବଜେଟ କାଟିବା ଏବଂ ଏଜେନ୍ସିର କାମକୁ ଅଧିକ ପ୍ରାଥମିକତା ଦେବା ଯୋଜନାର ଏକ ଅଂଶ। ନାସାର ଏହି ନିଷ୍ପତ୍ତି ବୈଜ୍ଞାନିକ ଗଠନ ଉପରେ ବଡ଼ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି। ପଲିଟିକୋର ରିପୋର୍ଟ ଅନୁଯାୟୀ, ବହିଷ୍କାର ହେଉଥିବା କର୍ମଚାରୀମାନେ ଅଧିକାଂଶ ଜିଏସ୍-୧୩ ରୁ ଜିଏସ୍-୧୫ ଗ୍ରେଡ ପର୍ଯ୍ୟନ୍ତ, ଯେଉଁମାନେ ଆମେରିକା ସରକାରୀ ସେବାରେ ବରିଷ୍ଠ ପଦବୀ ଭାବରେ ବିବେଚନା କରାଯାଏ। ନାସାର ମୁଖପାତ୍ର ବେଥାନି ଷ୍ଟିଭେନ୍ସ ରଏଟର୍ସଙ୍କୁ କହିଛନ୍ତି, 'ଆମେ ଆମର ମିଶନ ପ୍ରତି ପ୍ରତିବଦ୍ଧ, କିନ୍ତୁ ଏବେ ଆମକୁ ସୀମିତ ବଜେଟରେ ପ୍ରାଥମିକତା ସ୍ଥିର କରିବାକୁ ପଡିବ।' ସୂଚନାଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳ ମଧ୍ୟରେ ନାସା ଏବଂ ଆମେରିକାର ମହାକାଶ ନୀତିରେ ଅନେକ ପରିବର୍ତ୍ତନ ହୋଇଛି। ଏହା ନାସାର ୧୮ ହଜାର କର୍ମଚାରୀଙ୍କ ଦଳକୁ ମଧ୍ୟ ପ୍ରଭାବିତ କରିଛି। ଟ୍ରମ୍ପ କୋଟିପତି ଏବଂ ସ୍ପେସଏକ୍ସ ସମର୍ଥକ ଜାରେଡ ଆଇଜାକମ୍ୟାନଙ୍କୁ ନାସାର ନୂତନ ପ୍ରଶାସକ ଭାବରେ ମନୋନୀତ କରିଥିଲେ। କିନ୍ତୁ ଟ୍ରମ୍ପ ଏବଂ ଏଲୋନ ମସ୍କଙ୍କ ମଧ୍ୟରେ ମତଭେଦ ପରେ, ହ୍ୱାଇଟ ହାଉସ ଆଇଜାକମ୍ୟାନଙ୍କ ନାମ ହଟାଇ ଦେଇଥିଲା, ଯାହା ଫଳରେ ଏହି ନିଯୁକ୍ତି ସ୍ଥଗିତ ରଖାଯାଇଥିଲା।

## ନେପାଳ-ଚୀନ୍ ସୀମାରେ ବନ୍ୟା, ୬ ମୃତ, ୧୯ ନିଖୋଜ



**କାଠମାଣ୍ଡୁ,୧୦।୭:** ନେପାଳର ରସୁୱା ଜିଲ୍ଲାରେ ମୌସୁମୀ ବର୍ଷା ହେଉଛି । ଯାହା ପ୍ରଭାବରେ ନଦୀରେ ବନ୍ୟା ଆସୁଛି। ଏହି ବନ୍ୟାରେ ଅତି କମରେ ନଅ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୯ ଜଣ ନିଖୋଜ ହୋଇଛନ୍ତି । ଏହି ବନ୍ୟା ଦେଶକୁ ଚୀନ୍ ସହିତ ସଂଯୋଗ କରୁଥିବା "ବନ୍ଧୁତା ସେତୁ"କୁ ମଧ୍ୟ ଧୋଇ ନେଇଛି । ସୋମବାର ରାତିରେ ଚୀନ୍‌ରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ନେପାଳର ଭୋଟେକୋଶି ନଦୀରେ ବନ୍ୟା ଆସିଛି । ଜାତୀୟ ବିପର୍ଯ୍ୟୟ ବିପଦ ହ୍ରାସ ଏବଂ ପରିଚାଳନା କର୍ତ୍ତୃପକ୍ଷ ନିର୍ଦ୍ଦେଶକ ଜେନେରାଲ ଦିନେଶ ଭଟ୍ଟ ସାମ୍ବାଦିକମାନଙ୍କୁ କହିଛନ୍ତି, "ଏପର୍ଯ୍ୟନ୍ତ ନଅ ଜଣଙ୍କର ମୃତ୍ୟୁ ହୋଇଛି, ଜଣେ ଆହତ ହୋଇଛନ୍ତି, ୧୯ ଜଣ ନିଖୋଜ ଅଛନ୍ତି ଏବଂ ୫୭ ଜଣଙ୍କୁ ଉଦ୍ଧାର କରାଯାଇଛି ।" ବନ୍ୟାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରକୁ ନେପାଳ ସରକାର ପ୍ରତ୍ୟେକ ମୃତକଙ୍କ ପିଛା ୨ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି । ନିଖୋଜ ଲୋକଙ୍କ ମଧ୍ୟରେ ଛଅ ଜଣ ଚୀନ୍ ନାଗରିକ ଏବଂ ତିନି ଜଣ ପୋଲିସ କର୍ମଚାରୀ ଅଛନ୍ତି। ଭଟ୍ଟ କହିଛନ୍ତି ଯେ ମଙ୍ଗଳବାର କାଠମାଣ୍ଡୁରୁ ୧୨୦ କିଲୋମିଟର ଉତ୍ତର-ପୂର୍ବରେ ଥିବା ରସୁୱା ଜିଲ୍ଲାର କିଛି ସ୍ଥାନରେ ଆସିଥିବା ଆକସ୍ମିକ ବନ୍ୟା ମିତେରି ସେତୁ, ରସୁୱାଗାଧି ଜଳବିଦ୍ୟୁତ କେନ୍ଦ୍ର ଏବଂ ନେପାଳ-ଚୀନ୍ ସୀମା ନିକଟରେ ଅବସ୍ଥିତ 'ଶୁଷ୍କ ବନ୍ଦର'ର କିଛି ଅଂଶକୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ କରିଛି । ମଙ୍ଗଳବାର ଭୋର ପ୍ରାୟ ୩:୧୫ ସମୟରେ ଆସିଥିବା ବନ୍ୟାରେ ମିତେରି ସେତୁ ଭାସି ଯାଇଥିଲା । ନଦୀ ବନ୍ୟା ୨୩ଟି ମାଲବାହୀ କଣ୍ଟେନର, ଛଅଟି ମାଲବାହୀ ଟ୍ରକ୍ ଏବଂ ୩୫ଟି ବୈଦ୍ୟୁତିକ ଯାନକୁ ମଧ୍ୟ ଭାସେଇ ନେଇଛି। ବନ୍ୟା ଜିଲ୍ଲାର ଚାରୋଟି ଜଳବିଦ୍ୟୁତ ପ୍ରକଳ୍ପକୁ କ୍ଷତିଗ୍ରସ୍ତ କରିଛି, ଯାହା ଜାତୀୟ ବିଦ୍ୟୁତ୍ ଗ୍ରୀଡକୁ ଅତି କମରେ ୨୧୧ ମେଗାୱାଟ ବିଦ୍ୟୁତ୍ ଯୋଗାଣକୁ ପ୍ରଭାବିତ କରିଛି ।

## ୟେମେନରେ ଭାରତୀୟ ନର୍ସଙ୍କୁ ହେବନି ଫାଶୀ !



**ସାନା/ନୂଆଦିଲ୍ଲୀ,୧୦।୭:** କେରଳର ବାସିନ୍ଦା ଭାରତୀୟ ନର୍ସ ନିମିଷା ପ୍ରିୟାଙ୍କ ଜୀବନ ଏବେ ଏକ ଅତ୍ୟନ୍ତ ସଙ୍କଟପୂର୍ଣ୍ଣ ସ୍ଥିତିରେ ଅଛି। ୟେମେନର ଏକ କୋର୍ଟ ତାଙ୍କୁ ତାଙ୍କ ୟେମେନୀ ବ୍ୟବସାୟିକ ଅଂଶୀଦାରଙ୍କ ହତ୍ୟା ପାଇଁ ମୃତ୍ୟୁଦଣ୍ଡ ଦେଇଛନ୍ତି ଏବଂ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ତାଙ୍କୁ ଜୁଲାଇ ୧୬ରେ ଫାଶୀ ଦିଆଯାଇପାରେ। ମାମଲାର ଗମ୍ଭୀରତାକୁ ଦେଖି ସୁପ୍ରିମକୋର୍ଟ ଏବେ ଆବେଦନକୁ ଗ୍ରହଣ କରି ଜୁଲାଇ ୧୪ରେ ଶୁଣାଣି ଧାର୍ଯ୍ୟ କରିଛନ୍ତି।

ନିମିଷା ପ୍ରିୟା କେରଳର ପାଲକ୍କଡ ଜିଲାର ବାସିନ୍ଦା ଏବଂ ୨୦୧୭ରେ ୟେମେନରେ ନର୍ସ ଭାବରେ କାମ କରୁଥିଲେ। ସେହି ଦିନମାନଙ୍କରେ ତାଙ୍କର ଜଣେ ୟେମେନୀ ନାଗରିକଙ୍କ ସହିତ ବ୍ୟବସାୟିକ ସମ୍ପର୍କ ଥିଲା, କିନ୍ତୁ ପରେ ସମ୍ପର୍କ ତିକ୍ତ ହୋଇଗଲା ଏବଂ ହତ୍ୟା ମାମଲା ସାମ୍ନାକୁ ଆସିଲା। ୟେମେନ କୋର୍ଟ ତାଙ୍କୁ ୨୦୨୦ରେ ମୃତ୍ୟୁଦଣ୍ଡ ଦେଇଥିଲେ ଏବଂ ତାଙ୍କର ଶେଷ ଆବେଦନ ମଧ୍ୟ ୨୦୨୩ରେ ଖାରଜ କରାଯାଇଥିଲା।

ବର୍ତ୍ତମାନ, ନିମିଷା ୟେମେନର ରାଜଧାନୀ ସାନାର ଏକ ଜେଲରେ ବନ୍ଦ ଅଛନ୍ତି। ଏପରି ପରିସ୍ଥିତିରେ, ନିମିଷାଙ୍କ ଫାଶୀ ବନ୍ଦ ହୋଇପାରେ ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ଓକିଲ ସୁପ୍ରିମକୋର୍ଟରେ ବ୍ଲଡ ମନି ଟ୍ରିକ ମଧ୍ୟ ପରାମର୍ଶ ଦେଇଛନ୍ତି। ବ୍ଲଡ୍ ମନି ଟ୍ରିକ୍ କ'ଣ ଯାହା ନିମିଷାଙ୍କ ଜୀବନ ରକ୍ଷା କରିପାରିବ।


ଆଇନଜୀବୀ ସୁଭାଷ ଚନ୍ଦ୍ରନ କେ.ଆର. ଦ୍ୱାରା ସୁପ୍ରିମକୋର୍ଟରେ ଦାୟର ଆବେଦନରେ ଦାବି କରାଯାଇଛି ଯେ ଭାରତ ସରକାର ଏହି ମାମଲାରେ କୂଟନୈତିକ ହସ୍ତକ୍ଷେପ କରି ନିମିଷାଙ୍କ ଜୀବନ ରକ୍ଷା କରିବା ଉଚିତ।

ଆବେଦନରେ ଓକିଲ କୋର୍ଟଙ୍କୁ କହିଛନ୍ତି ଯେ ୟେମେନର ଶରିଆ ଆଇନ ମୃତକଙ୍କ ପରିବାରକୁ 'ବ୍ଲଡ୍ ମନି' ଦେଇ ଅଭିଯୁକ୍ତଙ୍କୁ କ୍ଷମା କରିବାକୁ ଅନୁମତି ଦିଏ। ଏପରି ପରିସ୍ଥିତିରେ, ଯଦି ମୃତକଙ୍କ ପରିବାର ଏହି ଟଙ୍କା ଗ୍ରହଣ କରନ୍ତି, ତେବେ ମୃତ୍ୟୁଦଣ୍ଡ ବନ୍ଦ କରାଯାଇପାରିବ। ଶୁଣାଣି ସମୟରେ, ସୁପ୍ରିମକୋର୍ଟ ଆବେଦନକାରୀଙ୍କୁ ଆବେଦନର ଏକ କପି ଆଟର୍ଣ୍ଣି ଜେନେରାଲଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଏହି ମାମଲାରେ ଭାରତ ସରକାରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏବଂ ଯଥାଶୀଘ୍ର କୂଟନୈତିକ ପ୍ରୟାସ ଆବଶ୍ୟକ।

'ସେଭ ନିମିଷା ପ୍ରିୟା - ଇଣ୍ଟରନ୍ୟାସନାଲ ଆକ୍ସନ କାଉନସିଲ' ନାମକ ଏକ ସଂଗଠନ ଦ୍ୱାରା ଏହି ମାମଲାକୁ ପ୍ରମୁଖ ଭାବରେ ଉଠାଯାଇଛି। ଏହି ସଂଗଠନ ଭାରତ ସରକାରଙ୍କ ଉପରେ ୟେମେନ ସରକାରଙ୍କ ସହିତ କଥା ହୋଇ ଫାଶୀ ତାରିଖକୁ ସ୍ଥଗିତ ରଖିବା କିମ୍ବା ଦଣ୍ଡାଦେଶ କ୍ଷମା କରିବା ଦିଗରେ ପଦକ୍ଷେପ ନେବାକୁ ଲଗାତାର ଚାପ ପକାଉଛି।

୩୮ ବର୍ଷୀୟା ନିମିଶା ପ୍ରିୟାଙ୍କ ଜୀବନ ଏବେ ଭାରତ ସରକାରଙ୍କ ଦ୍ରୁତ ଏବଂ ପ୍ରଭାବଶାଳୀ କୂଟନୈତିକ ପ୍ରୟାସ ଏବଂ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଉପରେ ନିର୍ଭର କରୁଛି। ପ୍ରତ୍ୟେକ ଦିନ ତାଙ୍କୁ ମୃତ୍ୟୁ ପାଖକୁ ନେଇଯାଉଥିବାରୁ ୧୪ ଜୁଲାଇରେ ଶୁଣାଣି ପୂର୍ବରୁ ସରକାରଙ୍କୁ ସକ୍ରିୟ ଭାବରେ କାର୍ଯ୍ୟ କରିବାକୁ ପଡିବ।

# ନିଜ ଜାଲରେ ଫସିଲା ଚୀନ: ଭାରତରେ ପଡ଼ିବ ପ୍ରଭାବ



**ବେଜିଂ,୧୦।୭:** ରେୟାର୍ ଆର୍ଥ ଏଲିମେଣ୍ଟ୍ସ ଉପରେ ଚାଇନା ଦ୍ୱାରା ଲଗାଯାଇଥିବା ପ୍ରତିବନ୍ଧକ ଏହାର ନିଜ କମ୍ପାନୀଗୁଡ଼ିକ ପାଇଁ ସମସ୍ୟା ସୃଷ୍ଟି କରିପାରେ। ରେୟାର୍ ଆର୍ଥ ଏଲିମେଣ୍ଟ୍ସ କ୍ଷେତ୍ରରେ ଚାଇନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରଭାବଶାଳୀ। ଚାଇନା ବିଶ୍ୱର ସର୍ବବୃହତ ରେୟାର୍ ଆର୍ଥ ଏଲିମେଣ୍ଟ୍ସ ଏବଂ ପ୍ରକ୍ରିୟାକରଣକାରୀ। କେବଳ ଚାଇନା ବିଶ୍ୱର ପ୍ରାୟ ୬୦୭୦% ଯୋଗାଣ କରେ ଏବଂ ୯୦% ପ୍ରକ୍ରିୟାକରଣ କରେ। ଏପର୍ଯ୍ୟନ୍ତ ଭାରତରେ ୯୦ ପ୍ରତିଶତ ରେୟାର୍ ଆର୍ଥ ଏଲିମେଣ୍ଟ୍ସ ଚାଇନାରୁ ଆମଦାନୀ କରାଯାଉଥିଲା, କିନ୍ତୁ ବର୍ତ୍ତମାନ ଏହା ଦ୍ୱାରା ଲଗାଯାଇଥିବା ପ୍ରତିବନ୍ଧକ ଭାରତୀୟ ଅଟୋମୋବାଇଲ କମ୍ପାନୀଗୁଡ଼ିକ ସହିତ ଚାଇନା ସହ ଜଡିତ କମ୍ପାନୀଗୁଡ଼ିକ ପାଇଁ ଚିନ୍ତା ସୃଷ୍ଟି କରିଛି।

ଏହି କ୍ଷେତ୍ରରେ, ଚାଇନା ସହ ଜଡିତ JSW MG ମୋଟର ଇଣ୍ଡିଆ କହିଛି ଯେ, ଯଦିଓ କମ୍ପାନୀରେ ଚାଇନାର କିଛି ଅଂଶ ରହିଛି, ତଥାପି ରେୟାର୍ ଆର୍ଥ ଏଲିମେଣ୍ଟ୍ସ ଅଭାବ ଏହାକୁ ଅନ୍ୟ ଯେକୌଣସି ଭାରତୀୟ ଯାନବାହନ ନିର୍ମାତାଙ୍କ ପରି ପ୍ରଭାବିତ କରିଛି। ଅଟୋକାର୍ ପ୍ରଫେସନାଲ୍ସର ଏକ ରିପୋର୍ଟ ଅନୁଯାୟୀ, କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଅନୁରାଗ ମେହରୋତ୍ରା ସ୍ପଷ୍ଟ ଭାବରେ କହିଛନ୍ତି, SAIC ମୋଟର ସହିତ ଚାଇନାର ସମ୍ପର୍କ ସେମାନଙ୍କୁ କୌଣସି ବିଶେଷ ସୁବିଧା ଦେଉନାହିଁ। MG ମୋଟର ଏକ ବ୍ରିଟିଶ ଅଟୋମୋଟିଭ ବ୍ରାଣ୍ଡ, ଯାହା ବର୍ତ୍ତମାନ ଚାଇନାର ରାଷ୍ଟ୍ରାୟତ୍ତ କମ୍ପାନୀ SAIC ମୋଟରର ମାଲିକାନା। SAIC ୨୦୦୭ରେ ନାନଜିଂ ଅଟୋମୋବାଇଲ କର୍ପୋରେସନକୁ କିଣିବା ପରେ ବ୍ରାଣ୍ଡକୁ ଅଧିଗ୍ରହଣ କରିଥିଲା, ଯାହା ପୂର୍ବରୁ ନିଷ୍କ୍ରିୟ MG ରୋଭର ଗ୍ରୁପ୍ ବ୍ରାଣ୍ଡଟିକୁ କିଣିଥିଲା। ତଥାପି, MG ଏହାର ବ୍ରିଟିଶ ଐତିହ୍ୟ ଏବଂ ଡିଜାଇନ ବଜାୟ ରଖିଛି।

MG ଅଧିକାରୀ କହିଛନ୍ତି ଯେ, କମ୍ପାନୀ ରେୟାର୍ ଆର୍ଥ ଏଲିମେଣ୍ଟ୍ସ ପରିସ୍ଥିତି ଉପରେ କଡ଼ା ନଜର ରଖିଛି ଏବଂ ବର୍ତ୍ତମାନ କୌଣସି ବଡ଼ ଯୋଗାଣ ସମସ୍ୟା ନାହିଁ। ତଥାପି, ସେ ସତର୍କ କରାଇ ଦେଇଛନ୍ତି ଯେ ଅଟୋ ଶିଳ୍ପ ପାଇଁ ପ୍ରକୃତ ଚ୍ୟାଲେଞ୍ଜ ଆଗାମୀ କିଛି ମାସରେ ଆସିପାରେ। ସେ କହିଛନ୍ତି, ବର୍ତ୍ତମାନ କମ୍ପାନୀ ଏପ୍ରିଲରେ ଅର୍ଡର କରାଯାଇଥିବା ଅଂଶଗୁଡ଼ିକ ପାଉଛି, କାରଣ ଏହା ଏକ ତିନି ମାସର ଚକ୍ର। ମେହରୋତ୍ରା କହିଛନ୍ତି ଯେ, ଏହି ସମସ୍ୟା କେବଳ ବୈଦ୍ୟୁତିକ ଯାନ (EV) ପର୍ଯ୍ୟନ୍ତ ସୀମିତ ନୁହେଁ। ରେୟାର୍ ଆର୍ଥ ଚୁମ୍ବକର ଅଭାବ ପେଟ୍ରୋଲ-ଡିଜେଲ ଯାନଗୁଡ଼ିକୁ ମଧ୍ୟ ପ୍ରଭାବିତ କରିପାରେ, କାରଣ ସେଗୁଡ଼ିକ ଅନେକ ଯାନବାହାନ ଅଂଶରେ ବ୍ୟବହୃତ ହୁଏ।

ବର୍ତ୍ତମାନ MG ମୋଟର ଉତ୍ପାଦନରେ କୌଣସି ବଡ଼ ବାଧା ନାହିଁ, କିନ୍ତୁ କମ୍ପାନୀ ଆଗାମୀ ସମୟରେ ପରିସ୍ଥିତି ଉପରେ କଡ଼ା ନଜର ରଖିବ। ମେହରୋତ୍ରା କହିଛନ୍ତି ଯେ, ଏହି ସମସ୍ୟାକୁ ଶିଳ୍ପ ସ୍ତରରେ ଗମ୍ଭୀରତାର ସହ ନିଆଯାଉଛି ଏବଂ କମ୍ପାନୀର ସଂଘ ସରକାରଙ୍କ ସହିତ ଘନିଷ୍ଠ ଭାବରେ କାମ କରୁଛି ଯାହା ଦାରା ଯେକୌଣସି ଯାନ ନିର୍ମାତା କମ୍ପାନୀର ଉତ୍ପାଦନ ପ୍ରଭାବିତ ନ ହୁଏ।

ରେୟାର୍ ଆର୍ଥ ଚୁମ୍ବକର ଅଭାବ ଏବେ ଭାରତର ବେଦ୍ୟୁତିକ ଦୁଇଚକିଆ (EV) କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି। ଦେଶର ବଡ଼ EV କମ୍ପାନୀଗୁଡ଼ିକ ଖୋଲାଖୋଲି ଭାବରେ କହିଛନ୍ତି, ଚାଇନା ଦ୍ୱାରା ଲଗାଯାଇଥିବା ରପ୍ତାନି କଟକଣା ଯୋଗୁ ସେମାନଙ୍କର ଉତ୍ପାଦନ ପ୍ରଭାବିତ ହୋଇପାରେ। ଏହି କଟକଣା ଗତ ଚାରି ମାସ ଧରି ଜାରି ରହିଛି ଏବଂ କମ୍ପାନୀଗୁଡ଼ିକ ପାଖରେ ଏବେ ବହୁତ ସୀମିତ ଷ୍ଟକ ବାକି ଅଛି। ଏହି କାରଣରୁ, ଆଥର ଏନର୍ଜି, ବଜାଜ ଅଟୋ ଏବଂ ଟିଭିଏସ ମୋଟର ଏବେ ସେମାନଙ୍କର ଯାନର ଉତ୍ପାଦନ ହ୍ରାସ କରିବାକୁ ଯାଉଛନ୍ତି। ଇକୋନୋମିକ ଟାଇମ୍ସ ରିପୋର୍ଟ ଅନୁଯାୟୀ, ବଜାଜ ଅଟୋ ଏହାର ଉତ୍ପାଦନ କ୍ଷମତା ପ୍ରାୟ ୫୦% ହ୍ରାସ କରିବାକୁ ଯୋଜନା କରୁଛି। ସେହି ସମୟରେ, ଆଥର ଏନର୍ଜି ଏହାର ଉତ୍ପାଦନ ୮ ରୁ ୧୦ ପ୍ରତିଶତ ହ୍ରାସ କରିପାରିବ।

# ଲର୍ଡସ୍ ଲଢ଼େଇ ଆରମ୍ଭ › ଶତକ ଦ୍ୱାରରେ ରୁଟ୍, ଇଂଲଣ୍ଡ ୨୫୧/୪



**ଲର୍ଡସ୍, ୧୦।୭ (ସଂଚାର ବ୍ୟୁରୋ):** ଚଳିତ ଭାରତ-ଇଂଲଣ୍ଡ ଟେଷ୍ଟ୍ ସିରିଜ୍‌ର ତୃତୀୟ ମ୍ୟାଚ୍ ଆଜିଠାରୁ ଲର୍ଡସ୍‌ରେ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ଘରୋଇ ଦଳ ୪ ୱିକେଟ୍ ହରାଇ ୨୫୧ ରନ୍ କରିଛି। ଖେଳ ଶେଷ ବେଳକୁ ଇଂଲଣ୍ଡ ଦଳର ପୂର୍ବତନ ଅଧିନାୟକ ଜୋ ରୁଟ୍ ୯୯ ରନ୍ କରି ଶତକ ଦ୍ୱାର ଦେଶରେ ରହିଥିବା ବେଳେ ତାଙ୍କ ସହ ଅଧିନାୟକ ବେନ୍ ଷ୍ଟୋକ୍ସ ୩୯ ରନ୍‌ରେ ଅପରାଜିତ ଅଛନ୍ତି। ଭାରତ ପକ୍ଷରୁ ନୀତୀଶ କୁମାର ରେଡ୍ଡୀ ୨ଟି ଏବଂ ଜସପ୍ରୀତ୍ ବୁମ୍‌ରା ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି।

ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିବା ପରେ ଦୁଇ ଓପନର ବେନ୍ ଡକେଟ୍ ଓ ଜନ୍ କ୍ରଲି ଇନିଂସ ଆରମ୍ଭ କରି ୪୩ ରନ୍ ଯୋଡ଼ିଥିଲେ। ୪ଟି ଚୌକା ସହ ୨୩ ରନ୍ କରି ଡକେଟ୍ ଆଉଟ୍ ହୋଇଥିଲେ। ଉକ୍ତ ଓଭର୍‌ର ଅନ୍ତିମ ବଲ୍‌ରେ ରେଡ୍ଡୀ ତାଙ୍କର ଦ୍ୱିତୀୟ ସଫଳତା ପାଇଥିଲେ, ଯେତେବେଳେ କ୍ରଲି ୨୩ ରନ୍ କରି ଆଉଟ୍ ହୋଇଥିଲେ। ଏହି ସମୟରେ ରୁଟ୍ ଓ ଓଲି ପୋପ୍‌ଙ୍କ ମଧ୍ୟରେ ତୃତୀୟ ୱିକେଟ୍‌ରେ ୧୦୯ ରନ୍‌ର ଭାଗୀଦାରୀ ହୋଇଥିଲା। କିନ୍ତୁ ମଧ୍ୟାହ୍ନଭୋଜନ ବିରତି ପରେ ପୋପ୍ ୪୪ ରନ୍ କରି ଜାଡେଜାଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। କିନ୍ତୁ ରୁଟ୍ ତାଙ୍କ ବ୍ୟାଟିଂ ଜାରି ରଖିଥିଲେ। ସେ ଅଧିନାୟକ ଷ୍ଟୋକ୍‌ଙ୍କ ସାଥୀରେ ମିଶି ପଞ୍ଚମ ୱିକେଟ୍ ପାଇଁ ୨୯ ରନ୍ ଯୋଡ଼ିସାରିଛନ୍ତି। ରୁଟ୍ ବ୍ୟକ୍ତିଗତ ଭାବେ ୯୯ ରନ୍‌ରେ ଅପରାଜିତ ରହିବା ସହ ଟେଷ୍ଟ୍ କ୍ରିକେଟ୍‌ରେ ତାଙ୍କର ଏକାଦଶ ଶତକ ଦ୍ୱାରରେ ଅଛନ୍ତି। ତାଙ୍କର ଏହି ଇନିଂସରେ ରହିଛି ୯ଟି ଚୌକା। ସୂଚନାଯୋଗ୍ୟ ଯେ ରୁଟ୍ ପୂର୍ବରୁ ଭାରତ ବିପକ୍ଷରେ ସର୍ବାଧିକ ଟେଷ୍ଟ ରନ୍ ଏବଂ ଟେଷ୍ଟ ଶତକର ରେକର୍ଡ ହାସଲ କରିସାରିଛନ୍ତି। ସେହିପରି ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିବା ଷ୍ଟୋକ୍ସ ଅଦ୍ୟାବଧି ୩ଟି ଚୌକା ଲଗାଇଛନ୍ତି। ଭାରତ ପକ୍ଷରୁ ପେସର୍ ପ୍ରସିଦ୍ଧ କ୍ରିଷ୍ଣାଙ୍କ ସ୍ଥାନରେ ବୁମ୍‌ରା ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କିନ୍ତୁ ସେ ପ୍ରଥମ ଦିନରେ ବିଶେଷ ପ୍ରଭାବ ପକାଇବାରେ ସକ୍ଷମ ହୋଇପାରିନାହାନ୍ତି।

## ଭାରତୀୟ 'ଏ' ହକି ଦଳର ବିଜୟ ଅଭିଯାନ

**ଇନ୍ଧୋଭେନ୍, ୧୦।୭:** ଭାରତୀୟ 'ଏ' ପୁରୁଷ ହକି ଦଳର ୟୁରୋପ ଗସ୍ତ ବିଜୟରୁ ଆରମ୍ଭ ହୋଇଛି। ନେଦରଲାଣ୍ଡ୍‌ସର ଇନ୍ଧୋଭେନ୍‌ରେ ଖେଳାଯାଇଥିବା ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌କୁ ଭାରତ ୬-୧ ଗୋଲ୍‌ରେ ଜିତି ନେଇଛି। ଚାରିଟି ଯାକ କ୍ୱାର୍ଟର ନିଜ ନିୟନ୍ତ୍ରଣରେ ରଖିଥିବା ଭାରତ ପକ୍ଷରୁ ଉତ୍ତମ ସିଂହ ଗୋଲ୍ ଅଭିଯାନ ଆରମ୍ଭ କରିଥିଲେ। ଏହାପରେ ଓଡ଼ିଆ ପୁଅ ଅମନଦୀପ ଲାକ୍ରା ଗୋଲ୍ ଦେଇ ଭାରତର ଅଗ୍ରଣୀକୁ ଆଗକୁ ନେଇଥିଲେ। ଆଦିତ୍ୟ ଲାଲାଗେ ଲଗାତାର ଦୁଇଟି ଏବଂ ସେଲ୍‌ଭାମ କାର୍ତ୍ତି ଓ ବବି ସିଂହ ଧାମି ଗୋଟିଏ ଲେଖାଏଁ ଗୋଲ୍ ଦେଇ ବଡ଼ ବିଜୟରେ ଅବଦାନ ରଖିଥିଲେ। ଆୟର୍ଲାଣ୍ଡ ଗୋଟିଏ ଗୋଲ୍ ଶୁଝି ପରାଜୟ ବ୍ୟବଧାନକୁ ସାମାନ୍ୟ କମାଇଥିଲା।

**ୟୁରୋପ ଗସ୍ତ**

## ନୂଆଗାଁର ଗୋଲ୍ ବର୍ଷା

**ଭୁବନେଶ୍ୱର, ୧୦।୭ (ସଂଚାର ବ୍ୟୁରୋ):** କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ୍‌ର ୫ମ ସଂସ୍କରଣର ଦ୍ୱିତୀୟ ଦିନରେ ୮ଟି ମ୍ୟାଚ୍ ଖେଳାଯାଇଛି। ଅଧିକାଂଶ ମ୍ୟାଚ୍ ରୋମାଞ୍ଚକ ହୋଇଥିଲା ବେଳେ ଦଳଗୁଡ଼ିକ ନିଜନିଜ ଅସାଧାରଣ ହକି ଦକ୍ଷତାର ବଳିଷ୍ଠ ପ୍ରମାଣ ଦେଇଛନ୍ତି। ବୁଧବାର ଖେଳାଯାଇଥିବା ବାଳିକା ମ୍ୟାଚ୍‌ଗୁଡ଼ିକରେ ଏଚ୍‌ଟିସି ଲାଠିକଟା-ଏଚ୍‌ଟିସି ଗୁରୁଣ୍ଡିଆ ମ୍ୟାଚ୍ ୨-୨ରେ ଅମୀମାଂସିତ ରହିଥିଲା। ଅନ୍ୟପକ୍ଷରେ ଆକ୍ରମଣାତ୍ମକ ହକି ଖେଳିଥିବା ଏଚ୍‌ଟିସି କୁତ୍ରା ୫-୦ ଗୋଲ୍‌ରେ ସଉନାମରାକୁ, ବାମରା ୩-୧ରେ ଯାଜପୁରକୁ, ବରଗାଁ ୪-୧ରେ ସବ୍‌ଡ଼େଗା ଏଚ୍‌ଟିସିକୁ ହରାଇଥିଲା। ବାଳକରେ ଏଚ୍‌ଟିସି ରାଜଗାଙ୍ଗପୁର ୩-୧ ଗୋଲ୍‌ରେ ଏଚ୍‌ଟିସି କୁତ୍ରାକୁ, ଏଚ୍‌ଟିସି ସଉନାମରା ୬-୩ରେ ଏଚ୍‌ଟିସି ସବ୍‌ଡ଼େଗାକୁ, ଏଚ୍‌ଟିସି କଉରମୁଣ୍ଡା ୫-୧ ଗୋଲ୍‌ରେ ଏଚ୍‌ଟିସି କରଡ଼ାପଲାକୁ ଏବଂ ଏଚ୍‌ଟିସି ନୂଆଗାଁ ଗୋଲ୍ ବର୍ଷା କରି ୧୦-୦ ଗୋଲ୍‌ର ବଡ଼ ବ୍ୟବଧାନରେ ଏଚ୍‌ଟିସି ଛତ୍ରପୁରକୁ ଧରାଶାୟୀ କରିଛନ୍ତି।

**ଓଡ଼ିଶା ନାଭାଲ୍ ଟାଟା ହକି ତୃଣମୂଳ ଲିଗ୍**

## ଟେଷ୍ଟ୍‌ରୁ ଅବସର ନେବାର କାରଣ କହିଲେ କୋହଲି



**ଲଣ୍ଡନ, ୧୦।୭:** ଟେଷ୍ଟ୍ କ୍ରିକେଟ୍‌ରୁ ଅବସର ପରେ ପ୍ରଥମ ଥର ଏହି ନିଷ୍ପତ୍ତି ନେବାର କାରଣ କହିଛନ୍ତି ଭାରତର ତାରକା ବ୍ୟାଟର୍ ବିରାଟ କୋହଲି। ଲଣ୍ଡନରେ ୟୁବିକ୍ୟାନ୍ ଫାଉଣ୍ଡେସନ୍ ପାଇଁ ପୂର୍ବତନ ଭାରତୀୟ କ୍ରିକେଟର୍ ଯୁବରାଜ ସିଂହ ପାଣ୍ଠି ସଂଗ୍ରହ ଲାଗି ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୧୧ ବିଶ୍ୱକପ୍ ହିରୋ କୋହଲି ଟେଷ୍ଟ ଅବସର ଉପରେ ମୁହଁ ଖୋଲିଥିଲେ। ଯୁବରାଜ, ରବି ଶାସ୍ତ୍ରୀ, କେଭିନ ପିଟରସନ, କ୍ରିସ୍ ଗେଲ୍ ଓ ଡାରେନ୍ ଗଫ୍‌ଙ୍କ ସହ ମଞ୍ଚରେ ଉପସ୍ଥିତ ଥିବା କୋହଲି ପରିଚାଳକ ଗୌରବ କାପୁରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଟେଷ୍ଟ୍‌ରୁ ଅବସର କାହିଁକି ନେଲେ ତା'ର ଉତ୍ତର ମଜାଳିଆ ଢଙ୍ଗରେ ଦେଇଥିଲେ। କହିଥିଲେ, 'ଦୁଇ ଦିନ ତଳେ ମୁଁ ମୋ ଦାଢ଼ି ରଙ୍ଗ କରିଛି। ଯଦି ପ୍ରତି ୪ ଦିନରେ ରଙ୍ଗ କରିବ ତେବେ ଜାଣିପାରିବ ତୁମ ଅବସର ସମୟ ଆସିଗଲା''।

## ସୁପରଷ୍ଟାର ପାଲଟିଲେ ସୂର୍ଯ୍ୟବଂଶୀ

**ନୂଆଦିଲ୍ଲୀ, ୧୦।୭:** ସୋସିଆଲ ମିଡିଆ ଦୁନିଆରେ ଲୋକମାନେ ରାତାରାତି ସୁପରଷ୍ଟାର ହେବାର ଦେଖାଯାଇଛି, କିନ୍ତୁ କେତେକ ଲୋକ ଅଛନ୍ତି ଯେଉଁମାନେ ନିଜ କଠିନ ପରିଶ୍ରମ ବଳରେ ଦୁନିଆରେ ନିଜର ସ୍ୱତନ୍ତ୍ର ଛାପ ସୃଷ୍ଟି କରନ୍ତି। ଏହା କ୍ରିକେଟ ଦୁନିଆରେ ମଧ୍ୟ ଦେଖାଯାଏ। ଆଜିକାଲି ଏପରି ଏକ ନାମ ଅଛି ଯାହା ବିଷୟରେ ବହୁତ ଆଲୋଚନା ହେଉଛି। ସେ ହେଉଛନ୍ତି ବୈଭବ ସୂର୍ଯ୍ୟବଂଶୀ, ଯାହାଙ୍କ ଫ୍ୟାନ ଫଲୋଇଂ ପ୍ରତିଦିନ ବୃଦ୍ଧି ପାଉଛି।

ଆଇପିଏଲ ୨୦୨୫ରେ ରାଜସ୍ଥାନ ରୟାଲ୍ସ (ଆରଆର ପ୍ଲେୟାର ବୈଭବ ସୂର୍ଯ୍ୟବଂଶୀ) ପାଇଁ ବ୍ୟାଟରେ ନିଜର ଦକ୍ଷତା ଦେଖାଇଥିବା ବୈଭବ ଇଂଲଣ୍ଡରେ ମଧ୍ୟ ନିଜର ଭିନ୍ନ ଛାପ ସୃଷ୍ଟି କରିଥିଲେ।

ସମ୍ପ୍ରତି, ଏକ ଆକର୍ଷଣୀୟ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଦୁଇ ଝିଅ ଇଂଲଣ୍ଡରେ ତାଙ୍କୁ ଭେଟିବା ପାଇଁ ପାଗଳ ହୋଇଯାଇଥିଲେ ଏବଂ ଜଣେ ପ୍ରଶଂସକ ତାଙ୍କୁ ଭେଟିବା ପାଇଁ ୬ ଘଣ୍ଟା ପର୍ଯ୍ୟନ୍ତ ଗାଡ଼ି ଚଳାଇଥିଲେ। ବର୍ତ୍ତମାନ ତାଙ୍କର ଫଟୋ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି।



## ସୂରଜ ବାଛିଲେ ଜୀବନସାଥୀ

ନୂଆଦିଲ୍ଲୀ, ୧୦।୭: ଭାରତୀୟ ହକି ଦଳର ଗୋଲ୍‌କିପର ସୂରଜ କରକେରା ନୂଆ ପାଳି ଆରମ୍ଭ କରିଛନ୍ତି। ଏହି ନୂଆ ପାଳି ପଡ଼ିଆ ବାହାରେ ହୋଇଛି। ପରିବାର ଓ ବନ୍ଧୁବାନ୍ଧବ ସମ୍ମୁଖରେ ସେ ଶିଫାଳି ଦୁବେଙ୍କ ହାତ ଧରିଛନ୍ତି। ହକି ଇଣ୍ଡିଆ ସାମାଜିକ ଗଣମାଧମରେ ହୃଦୟସ୍ପର୍ଶୀ ବାର୍ତ୍ତା ପୋଷ୍ଟ କରି ବିବାହ ଲାଗି ଅଭିନନ୍ଦନ ଜଣାଇଛି। ଶିରୋନାମରେ ଲେଖିଛି, ''ଜୀବନ ପାଇଁ ଏକ ସଠିକ୍ ସଞ୍ଚୟ! ନୂଆ ଓ ସୁନ୍ଦର ପାଳିର ଆରମ୍ଭ ପାଇଁ ସୂରଜ ଓ ଶିଫାଲିଙ୍କୁ ଅଭିନନ୍ଦନ। ସୁନ୍ଦର ଦମ୍ପତିଙ୍କୁ ଜୀବନସାରା ଏକାଠି ରହିବା ପ୍ରେମ, ଆନନ୍ଦ ମିଳୁ କାମନା କରୁଛୁ''।

## ମାଇଲ୍‌ଖୁଣ୍ଟ ଲକ୍ଷ୍ୟରେ ଜାଡ଼େଜା, ରାହୁଲ ଓ ସିରାଜ

ଲଣ୍ଡନ, ୧୦।୭: ଲର୍ଡସ ଟେଷ୍ଟ୍‌ରେ ଭାରତୀୟ ଅଲ୍‌ରାଉଣ୍ଡର୍ ରବୀନ୍ଦ୍ର ଜାଡ଼େଜା, ଓପନର୍ କେଏଲ୍ ରାହୁଲ ଏବଂ ଦ୍ରୁତ ବୋଲର୍ ମହମ୍ମଦ ସିରାଜ୍‌ଙ୍କ ଲାଗି ନୂଆ ମାଇଲ୍‌ଖୁଣ୍ଟ ଛୁଇଁବାର ସୁଯୋଗ ରହିବ। ଆଉ ୧୧୫ ରନ୍ କଲେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୭,୦୦୦ ରନ୍ କରିବେ ଜାଡ଼େଜା। ସେହିଭଳି ଆଉ ୧୯୯ ରନ୍ କରିପାରିଲେ ରାହୁଲ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୯,୦୦୦ ରନ୍ କରିବେ। ସିରାଜ ମଧ ୬ ୱିକେଟ୍ ନେଲେ ୨୦୦ ଅନ୍ତର୍ଜାତୀୟ ୱିକେଟ୍ ନେବାର ଗୌରବ ଅର୍ଜନ କରିବେ।

## ଡାଏମଣ୍ଡ ଲିଗ୍‌ରେ ପଦାର୍ପଣ କରିବେ ଅନିମେଷ

**ଭୁବନେଶ୍ୱର, ୧୦।୭ (ସଂଚାର ବ୍ୟୁରୋ):** ଭାରତର ଦ୍ରୁତତମ ଧାବକ ଅନିମେଷ କୁଜୁରଙ୍କୁ ମୋନାକୋ ଡାଏମଣ୍ଡ ଲିଗ୍‌ରେ ଦେଖିବାକୁ ମିଳିବ। ନିକଟରେ ୧୦୦ ମିଟରରେ ଜାତୀୟ ରେକର୍ଡର ଅଧିକାରୀ ହୋଇଥିବା ଏହି ଓଡ଼ିଶା ଧାବକ ଶୁକ୍ରବାର ଖେଳାଯିବାକୁ ଥିବା ଏହି ଡାଏମଣ୍ଡ ଲିଗ୍‌ର ୨୩ ବର୍ଷରୁ କମ୍ ୨୦୦ ମିଟର ଦୌଡ଼ରେ ଭାଗନେବେ। ଏଥିସହ ସେ ଡାଏମଣ୍ଡ ପଦାର୍ପଣ କରିବାରେ ପ୍ରଥମ ଭାରତୀୟ ସ୍ପ୍ରିଣ୍ଟର ହେବାର ଗୌରବ ଅର୍ଜନ କରିବେ। ତାଙ୍କର ଲଢ଼େଇ ଅଷ୍ଟ୍ରେଲିଆର ୧୭ ବର୍ଷୀୟ ସ୍ପ୍ରିଣ୍ଟର୍ ଗୌଟ ଗୌଟଙ୍କ ସହ ହେବାର ସମ୍ଭାବନା ରହିଛି।

## ୱିମ୍ବଲଡନ୍: ସେମିରେ ସ୍ୱିଟେକ, ବେନ୍‌ସିକ୍

**ଲଣ୍ଡନ, ୧୦।୭:** ବିଶ୍ୱର ୮ ନମ୍ବର ଇଗା ସ୍ୱିଟେକ ଏବଂ ପୂର୍ବତନ ଅଲିମ୍ପିକ୍ ବିଜୟିନୀ ବେଲିଣ୍ଡା ବେନ୍‌ସିକ୍ ଚଳିତ ୱିମ୍ବଲଡନ୍ ଟେନିସ୍ ପ୍ରତିଯୋଗିତା ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି। ବୁଧବାର କ୍ୱାର୍ଟରଫାଇନାଲ୍‌ରେ ପୋଲାଣ୍ଡର ସ୍ୱିଟେକ ୬-୨, ୭-୫ ସେଟ୍‌ରେ ରୁଷିଆର ଲିଉଦମିଲା ସାମ୍‌ସୋନୋଭାଙ୍କୁ ଏବଂ ସ୍ୱିଜରଲାଣ୍ଡର ବେନ୍‌ସିକ୍ ୭-୬, ୭-୬ ସେଟ୍‌ରେ ସପ୍ତମ ମାନ୍ୟତାପ୍ରାପ୍ତ ରୁଷିଆର ମୀରା ଆନ୍ଦ୍ରିଭାଙ୍କୁ ହରାଇଥିଲେ। ପୁରୁଷ ଏକକ ସେମିଫାଇନାଲ୍‌ରେ ବିଶ୍ୱର ଏକ ନମ୍ବର ଜାନ୍ନିକ ସିନ୍ନର ଓ ୨୪ ଗ୍ରାଣ୍ଡ ସ୍ଲାମ୍ ବିଜେତା ନୋଭାକ ଜୋକୋଭିକ୍ ମୁହାଁମୁହିଁ ହେବେ। ଇଟାଲିର ସିନ୍ନର ୭-୬, ୬-୪, ୬-୪ ସେଟ୍‌ରେ ଆମେରିକାର ବେନ୍ ସେଲ୍‌ଟନ୍ ଏବଂ ସର୍ବିୟାର ଜୋକୋଭିକ୍ ୬-୭, ୬-୨, ୭-୬, ୬-୪ ସେଟ୍‌ରେ ଇଟାଲିର ଫ୍ଲାବିଓ କୋବୋଲିଙ୍କୁ ହରାଇଛନ୍ତି।

# ଜାତୀୟ କନିଷ୍ଠ ରଗ୍‌ବି: ଓଡ଼ିଶାକୁ ରୌପ୍ୟ



**ଭୁବନେଶ୍ୱର, ୧୦।୭ (ସଂଚାର ବ୍ୟୁରୋ):** ଉତ୍ତରାଖଣ୍ଡର ଡେରାଡୁନଠାରେ ଆୟୋଜିତ ଜାତୀୟ କନିଷ୍ଠ ମହିଳା (୧୮ବର୍ଷରୁ କମ୍) ରଗ୍‌ବି ସେଭେନ୍ସ ପ୍ରତିଯୋଗିତାରେ ଓଡ଼ିଶା ରୌପ୍ୟ ପଦକ ପାଇଛି। ଏହି ପ୍ରତିଯୋଗିତାର ଗତ ସଂସ୍କରଣରେ ମଧ ରାଜ୍ୟ ଦଳ ରୌପ୍ୟ ପଦକ ପାଇଥିଲା। ଏଥର ସ୍ୱର୍ଣ୍ଣ ଜିତିବା ଲକ୍ଷ୍ୟରେ ଥିଲେ ମଧ ବୁଧବାରର ଫାଇନାଲ୍‌ରେ ବିହାରଠାରୁ ୧୪-୫ରେ ହାରି ଯାଇଥିଲା। ଫଳରେ ଏହି ସ୍ୱପ୍ନ ସ୍ୱପ୍ନରେ ରହିଯାଇଥିଲା। ଏହା ପୂର୍ବରୁ ଓଡ଼ିଶା ଖେଳାଳିମାନେ ଆଜି କ୍ୱାର୍ଟରଫାଇନାଲ୍‌ରେ କେରଳକୁ ୩୨-୦, ସେମିଫାଇନାଲ୍‌ରେ ମହାରାଷ୍ଟ୍ରକୁ ୩୪-୦ରେ ହରାଇଥିଲା। ଫାଇନାଲ୍‌ରେ ଜୋର୍‌ଦାର ଲଢ଼େଇ କରିବା ସତ୍ତ୍ୱେ ଭାଗ୍ୟ କିନ୍ତୁ ସାଥ୍ ଦେଇ ନଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାହୁଲ...

ଦଳ ବିଜେଡି ସେଭଳି ସକ୍ରିୟ ଭୂମିକାରେ ନାହିଁ। ଏଭଳି ସ୍ଥିତିରେ ରାଜ୍ୟ ରାଜନୀତିରେ କଂଗ୍ରେସ ପାଇଁ ଶୂନ୍ୟସ୍ଥାନ ରହିଛି। ରାହୁଲଙ୍କ ମନ୍ତ୍ର ରାଜ୍ୟ କଂଗ୍ରେସକୁ ସଞ୍ଜୀବନୀ ଦେଇ ଉକ୍ତ ଶୂନ୍ୟସ୍ଥାନ ପୂରଣ କରିପାରୁଛି କି ନାହିଁ, ତା' ଦେଖିବାର କଥା।

ଦୀର୍ଘ ୨୬ ବର୍ଷ ଧରି ରାଜ୍ୟରେ କ୍ଷମତାଠାରୁ ଦୂରରେ ରହିଛି କଂଗ୍ରେସ। କେତେବେଳେ ଦୁର୍ବଳ ସଂଗଠନ ତ କେତେବେଳେ ଅନ୍ତଃକନ୍ଦଳ ଯୋଗୁଁ ଚର୍ଚ୍ଚାରେ ରହିଆସିଛି ଦଳ। ହେଲେ ଏବେ ରାଜ୍ୟ ରାଜନୀତିରେ କଂଗ୍ରେସ ପାଇଁ ବଡ଼ ସୁଯୋଗ ସୃଷ୍ଟି ହୋଇଛି। ପ୍ରଥମ ଥର ପାଇଁ କ୍ଷମତାକୁ ଆସିଥିବା ବିଜେପି ଗତ ବର୍ଷକ ଭିତରେ ସେଭଳି ପ୍ରଦର୍ଶନ କରିପାରିନି। ସଫଳତାଠାରୁ ଅଧିକ ସମାଲୋଚନା ପାଇଁ ଚର୍ଚ୍ଚାକୁ ଆସିଛନ୍ତି ବିଜେପି ସରକାର।

ସେପଟେ ୨୪ ବର୍ଷ ଧରି ରାଜ୍ୟରେ କ୍ଷମତାରେ ରହିଥିବା ବିଜେଡି ମଧ୍ୟ ଆଭ୍ୟନ୍ତରୀଣ କନ୍ଦଳ ସହ ଯୁଝୁଛି। ଫଳରେ ମୁଖ୍ୟ ବିରୋଧୀ ଦଳ ବିଜେଡିଠାରୁ ଯେଉଁଭଳି ବିରୋଧ ଆଶା କରାଯାଉଥିଲା, ତାହା ଦେଖିବାକୁ ମିଳୁନି। ତେଣୁ ଓଡ଼ିଶା କଂଗ୍ରେସ ପାଇଁ ଦିଲ୍ଲୀରୁ ରୋଡମ୍ୟାପ ନେଇ ଆସିବେ ରାହୁଲ। ଗତ ନିର୍ବାଚନରେ ଗୋଷ୍ଠୀ କନ୍ଦଳ, ପାଣ୍ଠି ଅଭାବ ଓ ଅସଜଡ଼ା ସଂଗଠନ ସତ୍ତ୍ୱେ ୧୪ଟି ଆସନ ଜିତିଥିଲା କଂଗ୍ରେସ। ସେତେବେଳେ ଓଡ଼ିଶାକୁ ସେଭଳି ଫୋକସ୍ କରିନଥିଲେ ଦଳ ହାଇକମାଣ୍ଡ। ଏଥର ସବୁ ବିଫଳତାକୁ ସଜାଡ଼ି ପୁଣି ହାତ ମୁଠା ଟାଣ କରିବାକୁ ଉଦ୍ୟମ କରିବ ଦଳ। ଆଉ ପଞ୍ଚାୟତ ନିର୍ବାଚନ ହେବ ଦଳ ପାଇଁ ଅଗ୍ନିପରୀକ୍ଷା। ତେଣୁ ରାହୁଲଙ୍କ ଗସ୍ତ ରାଜ୍ୟ କଂଗ୍ରେସ ପାଇଁ ବଡ଼ ବୁଷ୍ଟ ହେବ ବୋଲି କୁହାଯାଉଛି।

ରାଜ୍ୟ ବିଧାନସଭାରେ କଂଗ୍ରେସର ମାତ୍ର ୧୪ ଜଣ ବିଧାୟକ ଅଛନ୍ତି।

ହେଲେ ଗତ ବର୍ଷକ ମଧ୍ୟରେ ସରକାରଙ୍କୁ ବିଜେଡିଠାରୁ ଅଧିକ ଘେରିଛି କଂଗ୍ରେସ। ବିଧାନସଭା ହେଉ କି ରାଜରାସ୍ତା ସବୁଠି ଅଧିକ ଶୁଭିଛି କଂଗ୍ରେସ ଗର୍ଜନ। ବିରୋଧୀ ଦଳ ନମ୍ବର ୨'ରୁ ଧୀରେ ଧୀରେ ଜନତାଙ୍କ ମନରେ ନମ୍ବର ୱାନ୍ ସ୍ଥାନ କବ୍‌ଜା କରିବାକୁ ଉଦ୍ୟମ କରୁଛି। ବିଶେଷକରି ଭକ୍ତ ପିସିସି ସଭାପତି ହେବା ପରଠୁ ଅଧିକ ସଂଗଠିତ ନଜର ଆସିଛି କଂଗ୍ରେସ। ଦଳର ଛାମୁଆ ସଂଗଠନ ମଧ୍ୟ ସ୍ୱର ମିଳାଇଛନ୍ତି। ତେଣୁ ରାହୁଲଙ୍କ ଓଡ଼ିଶା ଗସ୍ତ କଂଗ୍ରେସର କର୍ମୀ ଓ ନେତାଙ୍କ ପାଇଁ ବୁଷ୍ଟର ଡୋଜ୍ ସାବ୍ୟସ୍ତ ହୋଇପାରେ। ସେପଟେ ପିସିସି ସଭାପତି ଭକ୍ତ ଦାସଙ୍କ ଅନୁରୋଧ ରକ୍ଷାକରି ଆନ୍ଦୋଳନରତ ଡ୍ରାଇଭର ମହାସଂଘ ଦିନକ ପାଇଁ ଧର୍ମଘଟକୁ କୋହଳ କରିଛି। କଂଗ୍ରେସ ସମାବେଶକୁ ଯାଉଥିବା ଗାଡ଼ିଗୁଡ଼ିକୁ ନ ଅଟକାଇବାକୁ ମହାସଂଘ ସଭାପତି ପ୍ରଶାନ୍ତ କୁମାର ମେଣ୍ଡୁଲି ଘୋଷଣା କରିଛନ୍ତି। କଂଗ୍ରେସ ବୈଠକୁ ଯାଉଥିବା ଗାଡ଼ିଗୁଡ଼ିକୁ ନ ଅଟକାଇବାକୁ ଅନ୍ୟ ଡ୍ରାଇଭରମାନଙ୍କୁ ମଧ୍ୟ ସେ ଅପିଲ୍ କରିଛନ୍ତି।

## ମାଓମୁକ୍ତ...

ରଖିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ଓଡ଼ିଶା ଏକ ପ୍ରମୁଖ ଭୂମିକା ନେଇପାରିବ ସେନେଇ ରାଜ୍ୟ ସରକାର ଯଥାସାଧ୍ୟ ଚେଷ୍ଟା କରୁଥିବା ସେ କହିଛନ୍ତି।

ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଯୋଗଦେଇଥିଲେ। ରାଞ୍ଚିରୁ ଫେରିବା ପରେ ବିମାନବନ୍ଦରରେ ଅନେକ ବିଧାୟକ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ବିପୁଳ ସମ୍ବର୍ଦ୍ଧନା ଜଣାଇଥିଲେ।

## ୨୦୩୫...

ସର୍ବବୃହତ ବ୍ୟବସ୍ଥା ମଧ୍ୟରେ ସ୍ଥାନିତ କରିଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଶ୍ରୀ ପ୍ରଧାନ ଏନ୍‌ଇପିର ପଞ୍ଚ ସଂକଳ୍ପନାର ବିଚାର ଉପରେ ଆଲୋକପାତ କରି କହିଛନ୍ତି ଯେ ଏହା ବିଶ୍ୱବିଦ୍ୟାଳୟ ଗୁରୁକୁଳରେ କୁଳପତିମାନଙ୍କର ଏକ ମାର୍ଗଦର୍ଶିକା ହେବ। ଏହି ପଞ୍ଚ ସଂକଳ୍ପ ହେଉଛି, ଆଗାମୀ ପିଢ଼ି ପାଇଁ ଉଭା ହେଉଥିବା ଶିକ୍ଷା, ବହୁମୁଖୀ ଶିକ୍ଷା, ଅଭିନବ ଶିକ୍ଷା, ସମଷ୍ଟିଗତ ଶିକ୍ଷା ଓ ଭାରତୀୟ ଶିକ୍ଷା ଉପରେ ଜୋର୍ ବୋଲି ଶ୍ରୀ ପ୍ରଧାନ କହିବା ସହ କୁଳପତିମାନଙ୍କୁ ଶିକ୍ଷାଗତ ତ୍ରିବେଣୀ ସଙ୍ଗମର ଉଦ୍ଦେଶ୍ୟଗୁଡ଼ିକୁ କାର୍ଯ୍ୟକାରି କରିବା ପାଇଁ ପରିବର୍ତ୍ତନ ଆଣିବାକୁ ଆହ୍ୱାନ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଆମର ରାଷ୍ଟ୍ରୀୟ ଶକ୍ତି ହେଉଛନ୍ତି ଯୁବବର୍ଗ, ଏନ୍‌ଇପିରେ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଆମେ ବଦ୍ଧପରିକର। ବିଶ୍ୱବିଦ୍ୟାଳୟଗୁଡ଼ିକୁ 'ଛାତ୍ରଛାତ୍ରୀ-ପ୍ରଥମେ' ପଦ୍ଧତି ଅନୁସରଣ କରିବାକୁ ହେବ। ବିଷୟଗୁଡ଼ିକର ବହୁବିଧ ସମନ୍ୱୟ, ଭାରତୀୟ ଜ୍ଞାନ ପ୍ରଣାଳୀ (ଆଇକେଏସ)କୁ ମୁଖ୍ୟଧାରାରେ ସାମିଲ କରିବା, ଦକ୍ଷତା ଓ ଉନ୍ନତ ଦକ୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଯୁକ୍ତିଚାଳିତ ଶିକ୍ଷା ପାଇଁ ରଣନୀତି ପ୍ରସ୍ତୁତ କରିବା, ନୂତନତା ଓ ପାରମ୍ପରିକ ମୂଲ୍ୟବୋଧ ସହ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ଉପରେ କେନ୍ଦ୍ରିତ କ୍ୟାମ୍ପସ ପଦକ୍ଷେପ ଏବଂ ବ୍ୟକ୍ତିଗତ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ କୁଳପତି ସମ୍ମିଳନୀ ଭଳି ସମ୍ମିଳନୀ ଆୟୋଜନ କରାଯିବା ଉଚିତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ବୈଠକର ପ୍ରଥମ ଦିନରେ ଏନ୍‌ଇପି ୨୦୨୦ର ସ୍ଥିତି, ଏହାର କାର୍ଯ୍ୟକାରିତା ଉପରେ ସମୀକ୍ଷା ସହ ମୂଲ୍ୟାଙ୍କନ ଓ ଯୋଜନା ପ୍ରସ୍ତୁତ କରିବା ପାଇଁ ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନର ୫୦ରୁ ଅଧିକ କୁଳପତି ସାମିଲ ହୋଇଥିଲେ।

ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗୁଜରାଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସହଯୋଗରେ ଆୟୋଜିତ ଏହି ବୈଠକର ଲକ୍ଷ୍ୟ ବିକଶିତ ଭାରତ-୨୦୪୭ର ଲକ୍ଷ୍ୟ ହାସଲ ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଯୋଗଦାନକୁ ସୁନିଶ୍ଚିତ କରିବା।

ସମ୍ମିଳନୀରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ହରିୟାଣା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଆସାମ ବିଶ୍ୱବିଦ୍ୟାଳୟ, ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କାଶ୍ମୀର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ବିଶ୍ୱଭାରତୀ, ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଇନ୍ଦିରା ଗାନ୍ଧୀ ଜାତୀୟ ଜନଜାତି ବିଶ୍ୱବିଦ୍ୟାଳୟ, ସିକିମ୍ ବିଶ୍ୱବିଦ୍ୟାଳୟ, ତ୍ରିପୁରା ବିଶ୍ୱବିଦ୍ୟାଳୟ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟ ସେମତ ଅନେକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଯୋଗ ଦେଇଥିଲେ।

## ସିବିଆଇ ...

ଶୁଣାଣି ଆସନ୍ତା ୧୯ ତାରିଖରେ କରାଯିବ। ସେହିପରି ଶ୍ରୀ ବର୍ମାଙ୍କର ଅନ୍ୟ କୌଣସି ଅନିୟମିତତା ସହ ସମ୍ପର୍କ ରହିଛି କି ନାହିଁ, ତା' ଜାଣିବା ସକାଶେ ସିବିଆଇ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ ଯେ ଗତ ଜୁନ୍‌ରେ ବ୍ରହ୍ମପୁରଠାରେ ଜଣେ କମ୍ପାନୀ ପ୍ରତିନିଧିଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଇପିଏଫ୍‌ଓର ଜଣେ କର୍ମଚାରୀଙ୍କୁ ପ୍ରମାଣ ସହ ସିବିଆଇ ଗିରଫ କରିଥିଲା।

## ଶନିବାର...

ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି। ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ସେ ହସ୍ପିଟାଲରେ ଥିବା ସମୟରେ ବହୁ ବିଜେଡି ନେତା ମୁମ୍ବାଇ ଯାଇଥିଲେ। ଶନିବାର ସେ ଭୁବନେଶ୍ୱର ଫେରିବା ସମୟରେ ମଧ୍ୟ ବହୁ ସଂଖ୍ୟାରେ ଶୁଭେଚ୍ଛୁ ବିମାନବନ୍ଦର ଓ ନବୀନ ନିବାସ ପହଞ୍ଚିବାର ସମ୍ଭାବନା ରହିଛି।

## ଏଆଇ...

ସତର୍କତା ସୃଷ୍ଟି ହୋଇନଥିଲା। ଏଆଇ କ୍ୟାମେରା ସମ୍ପର୍କରେ ଅତିରିକ୍ତ ଡିଜିଙ୍କୁ ବିଶ୍ୱାସ କରି ପୁଲିସ ଅଧିକାରୀମାନେ ମିଥ୍ୟା ବିଶ୍ୱାସରେ ରହିଥିଲେ ଯେ ଯଦି କୌଣସି ଅସ୍ୱାଭାବିକ ଘଟେ, ତା'ହେଲେ ସେମାନେ ନିୟନ୍ତ୍ରଣ କକ୍ଷରୁ ସତର୍କ ସୂଚନା ପାଇବେ ଯାହା କେବେ ଘଟିନଥିଲା ଏବଂ ଏହା ବହୁତ ମହଙ୍ଗା ପ୍ରମାଣିତ ହୋଇଥିଲା। ଅତିରିକ୍ତ ଡିଜିଙ୍କ ଦ୍ୱାରା ଏଆଇ କ୍ୟାମେରାଗୁଡ଼ିକର କାର୍ଯ୍ୟକ୍ଷମତା ଉପରେ ଦିଆଯାଇଥିବା ମିଥ୍ୟା ପ୍ରତିଶ୍ରୁତି ହେଉଛି ଅନିୟନ୍ତ୍ରିତ ଟ୍ରାଫିକ୍ ଏବଂ ଭିଡ଼ ପରିଚାଳନାର ମୁଖ୍ୟ କାରଣ ଯାହା ୩ ଜଣ ଭକ୍ତଙ୍କ ମୃତ୍ୟୁର କାରଣ ହୋଇଥିଲା।

ସେପଟେ ପୁଲିସ ବିଭାଗରେ ହୋଇଥିବା ଆଭ୍ୟନ୍ତରୀଣ ତଦନ୍ତରୁ ଜଣାପଡିଛି ଯେ ପୁରୀରେ ଭିଡ ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଗୋଟିଏ ହେଲେ ଏଆଇ କ୍ୟାମେରା ଲାଗି ନଥିଲା। ଏପରିକି ଏହି କାର୍ଯ୍ୟ ନେଇଥିବା ଆଇଜି ଡ୍ରୋନ ନାମକ ସଂସ୍ଥା ଟେଣ୍ଡରର ଗୋଟିଏ ବି ସର୍ତ୍ତର ଅନୁପାଳନ କରିନାହିଁ। ସର୍ବନିମ୍ନ ୫ ମେଗାପିକ୍ସେଲ ବିଶିଷ୍ଟ ଏଆଇ କ୍ୟାମେରା ପରିବର୍ତ୍ତେ ୨ ମେଗା ପିକ୍ସେଲର ସାଧାରଣ କ୍ୟାମେରା ଲଗାଯାଇଥିଲା। ତାହା ପୁଣି ୨୭୫ ନୁହେଁ, ବରଂ ୫୦ରୁ କମ କ୍ୟାମେରା ଲଗାଯାଇଥିଲା। ଟେଣ୍ଡରର ସର୍ତ୍ତ ଅନୁଯାୟୀ କୌଣସି ସ୍ଥାନରେ ଗୁଣ୍ଡାଗିରି କିମ୍ବା ଗଣ୍ଡଗୋଳ ହେଲେ, ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ କେତେ ଲୋକ ଏକତ୍ରିତ ହୋଇଛନ୍ତି, ସାଙ୍କେତିକ ଭାଷାରେ କଥା ହେବା, ଭିଡ଼ ଯୋଗୁ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ କେତେ ଉତ୍ତାପ ସୃଷ୍ଟି ହେଉଛି, ଏସବୁ ତଥ୍ୟ ନିୟନ୍ତ୍ରିତ କକ୍ଷରୁ ଜଣାପଡ଼ିବା କଥା। ହେଲେ ଟେଣ୍ଡର ନେଇଥିବା ସଂସ୍ଥା ଗୋଟିଏ ହେଲେ ସର୍ତ୍ତକୁ ପୂରଣ କରିପାରିନି। ଏଭଳି ଏକ ଜାଲିଆତି ସଂସ୍ଥାକୁ କିଭଳି ଟେଣ୍ଡର ଦିଆଯାଇଥିଲା, ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ ଓ ପୁରୀ ବାସିନ୍ଦା। ସାମଗ୍ରିକ ଭାବେ ଭିଡ଼ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଅଧିକାରୀମାନେ ଭିଡ଼ ବୃଦ୍ଧିର ଆକଳନ କରିନପାରିବା ଓ ସମୟ ମଧ୍ୟରେ ଭିଡ଼ ପରିଚାଳନାରେ ଫେଲ ମାରିଛନ୍ତି।

## ଶିଖରପୁରରେ ...

ପେପରରେ ଲିଜ୍ ସୂତ୍ରରେ ଦେଇ ମାସିକ ଭଡ଼ା ଆଦାୟ କରୁଥିବା ଜଣାପଡ଼ିଛି। କାଳିଆବୁଦାସ୍ଥିତ ଗୁରୁକ୍ଷେତ୍ର ପରିଚାଳନା କମିଟିର ମାର୍ଫତଦାର ବୋଲାଉଥିବା ୨ ଜଣ ବ୍ୟକ୍ତି ୧୦ଟଙ୍କିଆ ଷ୍ଟାମ୍ପ ପେପରରେ ଏଭଳି ତଞ୍ଚକତା କରିଥିବା ଲିଜ୍ ଚୁକ୍ତିନାମାରୁ ଜଣାପଡ଼ିଛି। ଶିଖରପୁର କଟକର ଏକ ପ୍ରମୁଖ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଦିନକୁ ଦିନ ଜାଗା ଦର ଆକାଶଛୁଆଁ ହେଉଛି। ଏପରି ସ୍ଥିତିରେ ଏହି ଅଞ୍ଚଳରେ ୨୩ ଏକରରୁ ଊର୍ଦ୍ଧ୍ୱ ଜାଗାକୁ ସିଏମସି ନିଜ ଅକ୍ତିଆରକୁ ନେବା ସକାଶେ କାହିଁକି ଉଦ୍ୟମ କରୁନାହିଁ, ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ସିଏମସିରେ ଥିବା ଆଇନ ବିଭାଗ ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀ ଏହି ଜାଗାରୁ ଜବରଦଖଲ ଉଚ୍ଛେଦ ଦିଗରେ ସେତେଟା ଆଗ୍ରହୀ ନଥିବା ପରିଲକ୍ଷିତ ହେଉଛି। ତେଣୁ ଏଠାରେ ଚାଲିଥିବା ବଡ଼ ଧରଣର ଜମି ଜାଲିଆତି ଓ ତଜ୍ଜନିତ ବ୍ୟାପକ ଅର୍ଥ କାରବାର ପଛରେ ମଧ୍ୟ ସିଏମ୍‌ସି କର୍ମଚାରୀଙ୍କର ଭୂମିକା ଥିବା ସନ୍ଦେହ ଦିନକୁ ଦିନ ଦୃଢ଼ ହେଉଛି। ଗତବର୍ଷ ଜୁଲାଇ ୬ ଓ ସେପ୍ଟେମ୍ବର ୨୫ ତାରିଖରେ ସମସ୍ତ ଜିଲ୍ଲାପାଳଙ୍କୁ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରିବା ଓ ଏହାକୁ ସୁରକ୍ଷିତ ରଖିବା ନିମନ୍ତେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶ ଜାରି କରିଥିଲେ ହେଁ ସିଏମ୍‌ସି ଓ ଜିଲ୍ଲା ପ୍ରଶାସନ ଏହାକୁ ଆଦୌ ଗୁରୁତ୍ୱ ଦେଉନଥିବା ଦେଖାଯାଉଛି। ସିଏମ୍‌ସି ଅତି ମୂଲ୍ୟବାନ ୨୩ ଏକରରୁ ଊର୍ଦ୍ଧ୍ୱ ଜମି ଜବରଦଖଲ ଉଚ୍ଛେଦ ନ କରି ଓଲଟା ଜବରଦଖଲକାରୀଙ୍କୁ ସୁରକ୍ଷା ଦେଉଥିବା ଚର୍ଚ୍ଚା ହେଉଛି। ରାଜସ୍ୱ ବିପର୍ଯ୍ୟୟ ଓ ପରିଚାଳନା ବିଭାଗର ନିର୍ଦ୍ଦେଶନାମା ଅନୁସାରେ ସିଏମ୍‌ସି ଉକ୍ତ ଜମିରୁ ଜବରଦଖଲ ଉଚ୍ଛେଦ କରିବା ସହ ସେଠାରେ ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣକୁ ମଧ୍ୟ ବନ୍ଦ କରିବା ଆବଶ୍ୟକ। ଏଥିସହ ଜାଲିଆତି କରି ୧୦ଟଙ୍କିଆ ଷ୍ଟାମ୍ପପେପରରେ ଚୁକ୍ତିନାମା କରି ଲିଜସୂତ୍ରରେ ଉକ୍ତ ଜାଗାକୁ ଭଡ଼ାରେ ଲଗାଇଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ସାଧାରଣରେ ଦାବି ହେଉଛି।

## ଅତ୍ୟାବଶ୍ୟକ...

ରାଜ୍ୟରେ ଏଲପିଜି ଗ୍ୟାସର ଅଭାବ ଦେଖାଦେବାର ଆଶଙ୍କା ସୃଷ୍ଟି ହୋଇଛି। ଡ୍ରାଇଭର ସଂଘର ଆନ୍ଦୋଳନରେ ସାଧାରଣ ଲୋକେ ମଧ୍ୟ ହନ୍ତସନ୍ତ ହେଉଛନ୍ତି। ବସଷ୍ଟାଣ୍ଡଠାରୁ ଆରମ୍ଭ କରି ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି ଯାତ୍ରୀ। ଦାବି ପୂରଣ ନେଇ ସରକାର ଲିଖିତ ପ୍ରତିଶ୍ରୁତି ନଦେଲା ପର୍ଯ୍ୟନ୍ତ ଆନ୍ଦୋଳ ପ୍ରତ୍ୟାହୃତ ହେବ ନାହିଁ ବୋଲି ଡ୍ରାଇଭର ମହାସଂଘ ତା'ର ଜିଦ୍‌ରେ ଅଟଳ ରହିଛି। ତେଲ ଓ ଗ୍ୟାସ ଟାଙ୍କି ପରିବହନ ବାଧାପ୍ରାପ୍ତ ହୋଇ ଥରେ ସପ୍ଲାଏ ଚେନ ଭାଙ୍ଗିଲେ କୋରାପୁଟ, ମାଲକାନଗିରି ପରି ଦୂର ଯାଗାରେ ସ୍ଥିତି ଅଧିକ ସଙ୍ଗୀନ ହେବାର ଆଶଙ୍କା ରହିଛି। ତେବେ ରାଜ୍ୟ ପେଟ୍ରୋଲିୟମ ଡିଲର ସଂଘ ଲୋକଙ୍କୁ ଛାନିଆ ନ ହେବାକୁ ଅପିଲ କରିଛି।

# ଅସ୍ତରଙ୍ଗରେ କଳା ପଲସର୍ ଆତଙ୍କ

**କଳା ମୁଖା ପିନ୍ଧା ଯୁବକ ଛାତ୍ରୀଙ୍କୁ ରାସ୍ତାରେ ଆକ୍ରମଣ • ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି**

**କାକଟପୁର/ଅସ୍ତରଙ୍ଗ,୧୦।୭ (ସଂଚାର ବ୍ୟୁରୋ):** ଅସ୍ତରଙ୍ଗ ରେ ଦିନଦ୍ୱିପ୍ରହରରେ କଳା ପଲସର ଆତଙ୍କ। ଅସ୍ତରଙ୍ଗ ଥାନା ଠାରୁ ୩ଶହ ମିଟର ଦୂରରେ ଗୁରୁବାର ସକାଳେ ଟ୍ୟୁସନ ସାରି ଘରକୁ ସକାଳ ୯ଘ ୩୦ମିନିଟ ସମୟରେ ଫେରୁଥିବା ବେଳେ କଳା ମୁଖାପିନ୍ଧା ୨ ଜଣ ଯୁବକ ଏଭଳି ଆକ୍ରମଣ କରିଥିବା ବେଳେ କିଛିକ୍ଷଣ ମଧ୍ୟରେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ମୁତାବକ ଗୁରୁବାର ପୂର୍ବାହ୍ନ ସମୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଠାରୁ ୩ଶହ ମିଟର ଦୂର ଅସ୍ତରଙ୍ଗ ରୁ ନୂଆଗଡ଼ ମୁଖ୍ୟ ରାସ୍ତା ରେ ୧୩ବର୍ଷର ଛାତ୍ରୀ ଜଣକ ଟ୍ୟୁସନ ରୁ ଘରକୁ ଫେରୁଥିବା ବେଳେ ଅସ୍ତରଙ୍ଗ ପାର୍କ ଯିବା ରାସ୍ତା ନିକଟରେ ୨ଜଣ ଯୁବକ କଳା ପଲସର ଧରି ଠିଆ ହୋଇଥିବା ବେଳେ ଜଣେ ହାତରେ ବାର୍ଜଶର ଠେଙ୍ଗା ଧରିଥିଲା।ଏହି ସମୟ ରାସ୍ତାର ଅନ୍ୟ ପାର୍ଶ୍ୱରୁ ଏକ ଗାଡି ଆସୁଥିବାରୁ ଛାତ୍ରୀ ଜଣକ ରାସ୍ତା ପାର୍ଶ୍ୱକୁ ଯାଇ ସାଇକେଲ ରୁ ଓହ୍ଲାଇ ପଡ଼ିଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତି ଥିବା କଳା ମୁଖା ପିନ୍ଧା ୨ ଯୁବକଙ୍କ ମଧ୍ୟରୁ ଜଣେ ବାର୍ଜଶ ଠେଙ୍ଗା ଛାତ୍ରୀ ଙ୍କ ଉପରକୁ ଫିଙ୍ଗିଥିବା ବେଳେ ଠେଙ୍ଗା ଟି ଛାତ୍ରୀର ଡାହାଣ ପଟ କାନ୍ଧ ରେ ବାଜିଲା। ହଠାତ ଛାତ୍ରୀ ଜଣକ ଭୟଭୀତ ହୋଇ ସାଇକେଲ ନେଇ ଘରକୁ ବାହାରିଥିବା ବେଳେ କଳାମୁଖା ପିନ୍ଧା ୨ ଯୁବକ ମଧ୍ୟରୁ ଜଣେ ହାତକୁ ଧରିଥିବା ବେଳେ ଅନ୍ୟ ଜଣେ ଯୁବକ ଛାତ୍ରୀ ଙ୍କ ଆଣ୍ଠୁକୁ ପିଟିଦେଲେ। ଏହା ଶହ ଶୁନଶାନ ରାସ୍ତାର ସୁଯୋଗ ନେଇ ଛାତ୍ରୀ ଙ୍କୁ ମାରିଦେବାକୁ ପ୍ରୟାସ କରିଥିଲେ, ଏହି ସମୟରେ



ଛାତ୍ରୀ ଙ୍କ ପାଟି ଶୁଣି ଯାତାୟତ କରୁଥିବା ଲୋକେ ଆସିବାରୁ କଳା ମୁଖା ପିନ୍ଧା ଦୁଇ ଯୁବକ କଳାପଲସର ଧରି ସେ ସ୍ଥାନରୁ ଫେରାର ହୋଇଯାଇଥିଲେ। ଛାତ୍ରୀ ଜଣକ ସ୍କୁଲ ଡ୍ରେସ ରେ ଥିବା ବେଳେ ଦୁର୍ବୃତ୍ତଙ୍କ ଆକ୍ରମଣ ଶିକାର ହୋଇ ଅସ୍ତରଙ୍ଗ ଥାନାରେ ପହଂଚିଥିଲେ।ଅନ୍ୟ ପଟେ ପୂର୍ବ ଶତ୍ରୁତା କୁ ନେଇ ଏଭଳି ଘଟଣା ଘଟିଛି ବୋଲି ପରିବାର ଲୋକ ଅଭିଯୋଗ କରୁଥିବା ବେଳେ, ଛାତ୍ରୀ ଙ୍କୁ ମାରିଦେବାକୁ ପୂର୍ବ ଶତ୍ରୁ ଏଭଳି ସୁପାରୀ କିଲର ଲଗାଇ ଏଭଳି ଘଟଣା ଘଟାଇଛି ବୋଲି ଚର୍ଚ୍ଚା। ୧୩ବର୍ଷୀୟ ଛାତ୍ରୀ ଙ୍କ ଅଭିଯୋଗ ପାଇବା ପରେ ଅସ୍ତରଙ୍ଗ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରୀରଖିଥିବା ବେଳେ କିନ୍ତୁ ଛାତ୍ରୀ ଙ୍କ ପରିବାର ଲୋକ ସନ୍ଦେହ କରିଛନ୍ତି ପୂର୍ବ ଶତ୍ରୁତା କୁ ନେଇ ଜଣେ ବ୍ୟକ୍ତି ଏଭଳି କାର୍ଯ୍ୟ କରିଛି ବୋଲି ଲିଖିତ ଅଭିଯୋଗ ରେ ଉଲ୍ଲେଖ କରିଛନ୍ତି। ତଦନ୍ତ ଜାରୀ ରହିଥିବା ବେଳେ ଘଟଣା ରେ ପୁଲିସ କାହାକୁ ଅଟକ ରଖିନାହିଁ କି କଳା ମୁଖା ପିନ୍ଧା ଯୁବକ କିଏ ପୋଲିସ ଟେର ପାଇନାହିଁ। ତେବେ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଦିନ ଦ୍ୱିପ୍ରହର ରେ ମୁଖ୍ୟ ରାସ୍ତା ରେ ଏଭଳି କଳା ପଲସର ଓ କଳା ମୁଖା ପିନ୍ଧା ଆତଙ୍କ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

## ଆନ୍ଦୋଳନ ପାଇଁ ପର୍ଯ୍ୟଟକଙ୍କୁ ଛାଡ଼ି ପଳାଇଲା ଡ୍ରାଇଭର



**ଗୋପ,୧୦।୭ (ସଂଚାର ବ୍ୟୁରୋ):** ଓଡ଼ିଶା ଡ୍ରାଇଭର ମହାସଂଘ ଡାକରାରେ ୭ଦଫା ଦାବି ନେଇ ତିନି ଦିନ ହେବ ରାଜ୍ୟବ୍ୟାପୀ ଆନ୍ଦୋଳନ ସହିତ ଧର୍ମଘଟକୁ ଡ୍ରାଇଭର ମାନେ ଓହ୍ଲାଇଥିବା ବେଳେ ଗୋପ କୋଣାର୍କରେ ଏହାର ପ୍ରଭାବ ଦେଖା ଦେଇଛି। ଡ୍ରାଇଭର ସଙ୍ଗଠନ ଆନ୍ଦୋଳନ ପ୍ରଭାବରେ କୋଣାର୍କ ବୁଲି ଆସୁଥିବା ପର୍ଯ୍ୟଟକ ମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ପୁରୀରୁ ଟାକ୍ସି ଭଡା ନେଇ କୋଣାର୍କ ବୁଲିବାକୁ ଆସିଥିବା ତେଲେଙ୍ଗାନାର ୧୩ ପର୍ଯ୍ୟଟକଙ୍କୁ ଡ୍ରାଇଭରଙ୍କ ଆନ୍ଦୋଳନ ଦେଖି ଗୋପ ଛକ ଠାରେ ଛାଡି ପଳାଇଯାଇଥିଲା ଟାକ୍ସି ଡ୍ରାଇଭର। ଫଳରେ କୋଣାର୍କ ବୁଲି ଆସିଥିବା ପର୍ଯ୍ୟଟକ ନାନା ଅସୁବିଧାର ସମ୍ମୁଖୀନ ହୋଇ ମୋ ବସ ଯୋଗେ କୋଣାର୍କ ଯାଇଥିଲେ। ଏପଟେ ଆନ୍ଦୋଳନ ଯୋଗୁଁ ଗୋପ, ନିମାପଡା, କୋଣାର୍କ ପେଟ୍ରୋଲ ପମ୍ପ ରେ ପେଟ୍ରୋଲ ଓ ଡିଜେଲ ସରିଯିବାରୁ ସାଧାରଣ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ମାଲ୍ ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଯିବାରୁ ଗୋପରେ ପରିବା ଦର ଆକାଶ ଛୁଆଁ ହେବାକୁ ଲାଗିଲାଣି।ଯଦି ଡ୍ରାଇଭର ମାନଙ୍କ ଦାବି ସରକାର ଖୁବ୍ ଶୀଘ୍ର ପୂରଣ ନକରନ୍ତି ତେବେ ରାଜ୍ୟବ୍ୟାପୀ ଚକ ଅଖ ଜାମ କରିଦେବେ ବୋଲି ଗୋପ ଠାରେ ଆନ୍ଦୋଳନ କରୁଥିବା ଡ୍ରାଇଭର ସଂଘ ଚେତାବନୀ ଦେଇଛନ୍ତି।

## ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ

**ବୋରିଗୁମ୍ମା,୧୦।୭ (ସଂଚାର ବ୍ୟୁରୋ):** ବୋରିଗୁମ୍ମାରେ ଥିବା ଉପାନ୍ତ ଅଞ୍ଚଳ ଚମ୍ପାପଦର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀ ଓ ଯୁବ ଏବଂ ଇକୋ କ୍ଲବ ପକ୍ଷରୁ ମିଳିତ ଭାବେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ




ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇ ଥିବାବେଳେ ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ ମାନଙ୍କୁ ବୃକ୍ଷହିଁ ଜୀବନ ଉପରେ ଦିଗଦର୍ଶନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ସ୍ଥାନରେ ବିଡ଼ିଓ ସୁକାନ୍ତ ପଟନାୟକ, ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀକାନ୍ତ କୁମାର ଶତପଥୀ, ଡା. ଦିଲିପ କୁମାର ନାଥ କିଛି ଔଷଧୀୟ ବୃକ୍ଷ ପ୍ରଥମେ ରୋପଣ କରିଥିଲେ। ପରେ ସହକାରୀ ଶିକ୍ଷକ ସ୍ମୃତି ରଞ୍ଜନ ଦଳାଇ, ବିଷ୍ଣୁ ଚେଟୀ, ତ୍ରିଲୋଚନ ମଣ୍ଡଳ, ରତିକାନ୍ତ ସେଠି, ରାଜେନ୍ଦ୍ର ମୁଦୁଲି ଏବଂ ନିତାରାଣୀ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ କିସମର ଚାରରୋପଣ କରିଥିଲେ। ଇକୋକ୍ଲବ ଅଧିକାରୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ତୋଫାନ ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜୁଗୁପୁରା ଷ୍ଟେସନରୁ ଉଦ୍ଧାର, ୱାନଷ୍ଟପ୍ ସେଣ୍ଟର୍ ଗଲା ଭିନ୍ନକ୍ଷମ ନାବାଳିକା



**ବୈଶିଙ୍ଗା, ୧୦।୭ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଜୁଗୁପୁରା ଷ୍ଟେସନରୁ ଆଜି ପୂର୍ବାହ୍ନରେ ଜନୈକା ମୂକ ଭିନ୍ନକ୍ଷମ ନାବାଳିକା ଉଦ୍ଧାର ହୋଇ ବାରିପଦା ୱନ୍ ଷ୍ଟପ୍ ସେଣ୍ଟର କୁ ଯାଇଥିବା ଜଣାଯାଇଛି। ଖବର ରୁ ପ୍ରକାଶ ଆଜି ଷ୍ଟେସନ ନିକଟରେ ୧୫/୧୬ ବର୍ଷର ନାବାଳିକା ଜଣକ ବୁଲୁଥିବାର ଦେଖି ବରିଷ୍ଠ ନାଗରିକ ବିକାଶ ମଞ୍ଚର ସମ୍ପାଦକ ଅଶ୍ୱିନୀ କୁମାର ମହାରଣା, ବିଜୟ କୁମାର ରାଉତ, ସଭାପତି ସୀତାନାଥ ବେହେରା, ଅଜୟ ଦାସ, ଗିରିଶ ରାରତ, ଅରୁଣ ରାଉତ, ହହହର ମହାପାତ୍ର ପ୍ରମୂଖ ୱାନ୍ ଷ୍ଟପ୍ ସେଣ୍ଟର, ବୈଶିଙ୍ଗା ଥାନା, ଜି ଆର ପି ପ୍ରମୂଖ ଙ୍କୁ ଜଣାଇଥିଲେ। ଖବର ପାଇ ବୈଶିଙ୍ଗା ଥାନାର ମହିଳା କନେଷ୍ଟବଳଙ୍କୁ ଥାନାଧିକାରୀ ବାରିଣୀ ଦାସ ପଠାଇଥିଲେ। ଥାନାରେ ପହଞ୍ଚିବା ପରେ ୱାନ ଷ୍ଟପ୍ ସେଣ୍ଟର ର କର୍ମକର୍ତ୍ତା ପହଞ୍ଚି ନେଇ ଯାଇଥିଲେ।

## ଉପଜିଲ୍ଲାପାଳଙ୍କୁ ଫେରାଦ ହେଲା ବିଜୁ ଛାତ୍ର ଜନତା ଦଳ

● ବଉଳିସାହି କଲେଜରେ ବିଜେପି ରାଜନୈତିକ ସଭା



**ନୟାଗଡ଼,୧୦।୭ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ସଦରବ୍ଲକ ଅନ୍ତର୍ଗତ ନୋତର ପଞ୍ଚାୟତ ବଉଳିସାହି ମହାବିଦ୍ୟାଳୟରେ ବୁଧବାର ବିଜେପି ପକ୍ଷରୁ ରାଜନୈତିକ ସଭା କରାଯାଇଥିବା ନେଇ ଆଜି ବିଜୁ ଛାତ୍ର ଜନତା ଦଳ ଉପ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛି। ଉକ୍ତ ମହାବିଦ୍ୟାଳୟ ଅଧକ୍ଷ ନିଜେ ଏହି ସଭା ଆୟୋଜନ କରିଥିବା ଏବଂ ଅଧାପକମାନେ ସହଯୋଗ କରିଥିବା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କୁହାଯାଇଛି। ବିଜେପି ଜିଲ୍ଲା ସଭାପତି ତାପସ କୁମାର ମାର୍ଥାଙ୍କ ଉପସ୍ଥିତି ଓ ତତ୍ୱାବଧାନରେ ଏହି ସଭା ଆୟୋଜନ କରାଯାଇଥିବା ଅଭିଯୋଗ ହୋଇଛି। ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ନୀଳମାଧବ ପଣ୍ଡାଙ୍କ ନେତୃତ୍ୱରେ ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କୁ ଏନେଇ ଦାବିପତ୍ର ପ୍ରଦାନ କରାଯାଇଛି। ବିଜୁ ଯୁବ ଜନତା ଦଳ ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ବେହେରା ଏବଂ ଅନେକ ଛାତ୍ରନେତା ଦାବିପତ୍ର ପ୍ରଦାନ କରିବା ସହ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ୨୪ ଘଣ୍ଟା ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବଉଳିସାହି ମହାବିଦ୍ୟାଳୟ ମୁଖ୍ୟ ଫାଟକ ତାଲା ପକାଇ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ମହାବିଦ୍ୟାଳୟ ପରିସରରେ ଦଳୀୟ କାର୍ଯ୍ୟକ୍ରମ ହୋଇଥିବା ନେଇ ଅଭିଯୋଗ ଆସିଛି। ଏହାର ତଦନ୍ତ କରାଯିବ, ଏବଂ ଯେଉଁମାନେ ସଂପୃକ୍ତ ଥିବେ ସେମାନଙ୍କ ଉପରେ କାର୍ଯ୍ୟୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ପ୍ରକାଶ କରିଛନ୍ତି।

## ସୁଦର୍ଶନ ଦାରୁପୀଠ ଚତୁର୍ଦ୍ଧାମୂର୍ତ୍ତୀଙ୍କ ଦାରୁ ସଂଗ୍ରହ



**ବାଲିଅନ୍ତା,୧୦।୭ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଗଡ଼କଣ୍ଟୁଣିଆ (ହୀରାପୁର) ସ୍ଥିତ ସୁଦର୍ଶନ ଦେବଙ୍କ ପୀଠରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ନିର୍ମାଣ ନେଇ ଦାରୁ ସଂଗ୍ରହ କାର୍ଯ୍ୟ ସମାପ୍ତ ହୋଇଛି। ବୁଧବାର ସୁଦର୍ଶନଙ୍କ ଦାରୁ ସାଗୁଆ ଖେଳ ପଡ଼ିଆ ନିକଟରୁ ଆସି ଥିଲା। ଆଜି ଗଡ଼ କଣ୍ଟୁଣିଆ ଗ୍ରାମରୁ ବଳଭଦ୍ର, ମା ସୁଭଦ୍ରା ଏବଂ କୁଆଖାଇ ନଦୀ ପଠାରୁ ଜଗନ୍ନାଥଙ୍କ ଦାରୁ ସଂଗ୍ରହ ହୋଇଥିଲା। ଏହି ଅବସରରେ ପରଂବ୍ରହ୍ମ ମନ୍ଦିର ନିର୍ମାଣ ଟ୍ରଷ୍ଟ କୋଷାଧକ୍ଷ ଚକ୍ରଧର ନାୟକ, ଲକ୍ଷ୍ମଣ ଜେନା, ପ୍ରଶାନ୍ତ ଚମ୍ପତି, ଟୁନା ଦାସ, ସୁରେନ୍ଦ୍ର ମହାରଣା, ବାମଦେବ ପରିଡା, ପ୍ରିୟବ୍ରତ ପାତ୍ର, ସୋମନାଥ ସାହୁ, ସହଦେବ ସ୍ୱାଇଁ, ବ୍ରଜ କିଶୋର ଠକର, ସତୀଶ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ବିଜୟ କୁମାର ଜେନା ଓ ସନାତନ ସାହୁଙ୍କ ସମେତ ସମସ୍ତ ଟ୍ରଷ୍ଟ କାର୍ଯ୍ୟକର୍ତ୍ତା ଏବଂ ବହୁ ସଂଖ୍ୟାରେ ସ୍ଥାନୀୟ ଶ୍ରଦ୍ଧାଳୁ ସାମିଲ ଥିଲେ ।

## ସାଇ ମନ୍ଦିରରୁ ଚୋରି, ଥାନାରେ ଅଭିଯୋଗ

**ନାଉଗାଁ,୧୦।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ରୋହିଆ ପଞ୍ଚାୟତ କୋରଣିଆ ଗ୍ରାମରେ ଥିବା ସାଇ ମନ୍ଦିରରୁ ଚୋରି ଯାଇଥିବା ଥାନାରେ ବୁଧବାର ଲିଖିତ ଅଭିଯୋଗ ହୋଇଛି। ମନ୍ଦିରର ଦାୟିତ୍ୱରେ ଥିବା ବିକାଶ ସ୍ୱାଇଁଙ୍କ ଅଭିଯୋଗ ମୁତାବକ ମଙ୍ଗଳବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିରର ପଛପାର୍ଶ୍ୱ କବାଟ ଭାଙ୍ଗି ହୁଣ୍ଡିରେ ଥିବା ଟଙ୍କା ଓ ଗଡ଼ରେଜକୁ ଭାଙ୍ଗି ଆନୁମାନିକ ୧ ଲକ୍ଷ ୫୦ ହଜାର ଟଙ୍କା ନେଇଯାଇଛି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ




**ବାଲିଆପାଳ,୧୦।୭ (ସଂଚାର ବ୍ୟୁରୋ):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ବୁଧବାର ଦିନ ସନ୍ଧ୍ୟାରେ ବାଲିଆପାଳ ବ୍ଲକ ଇଡକୋ ଛକ ନିକଟରେ ଶାବୁଦିନ ସାହାଙ୍କ ଉପରେ ମାରଣାତ୍ମକ ଆକ୍ରମଣ ହେବା ସହିତ ୧୦ ଗ୍ରାମର ସୁନାଚେନ, ମୋବାଇଲ ଏବଂ ନଗଦ ୧୩ ହଜାର ଟଙ୍କା ଲୁଟି ନେଇଥିବା ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯୁବକ ଶାବୁଦ୍ଦିନ ସାହା ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇ ଫୋନ୍ ରେ କଥା ହେଉଥିବା ସମୟରେ ବାଲିଆପାଳ ସରପଞ୍ଚ ଙ୍କ ପ୍ରତିନିଧି ହେମନ୍ତ ଦାସ, ସନ୍ତୋଷ ପାତ୍ର ଓ ନିରଞ୍ଜନ ପାତ୍ର ଙ୍କ ସହିତ କିଛି ସହଯୋଗୀ ଏହି ଘଟଣାରେ ସମ୍ପୃକ୍ତ ଥିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏ ବାବଦରେ ଶ୍ରୀ ଦାସ କିଛି ଜାଣିନାହାନ୍ତି କି ସେ ସ୍ଥାନକୁ ଯାଇନାହାନ୍ତି ବୋଲି ପ୍ରତିକ୍ରିୟାରେ କହିଛନ୍ତି। ସେହିପରି ସନ୍ତୋଷ ଙ୍କ ଠାରୁ ଶାବୁଦିନ ଟଙ୍କା ଧାର ନେଇ ଥିଲେ ଟଙ୍କା ମାଗିବାରୁ ସନ୍ତୋଷ ପାତ୍ର ଙ୍କୁ ଆକ୍ରମଣ କରିଥିବା ନେଇ ଥାନା ରେ ପାଲଟା ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ହେବ ବୋଲି ବାଲିଆପାଳ ଆଇଆଇସି ଗୋବିନ୍ଦ ବେହେରା କହିଛନ୍ତି।

## ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



**ବୋରିଗୁମ୍ମା,୧୦।୭ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ଅଞ୍ଚଳ ର ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଆଜି ହେଉଛି ୧୦, ଜୁଲାଇ।ଶ୍ରୀ ସତ୍ୟସାଇ ଭଗବାନ ଙ୍କ ପ୍ରେମତରୁ ଦିବସ।ଏହି ପରିପ୍ରେକ୍ଷୀରେ ବୋରିଗୁମ୍ମା ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ଦୁଲ୍ଲାଗୁଡ଼ା ରେ ଥିବା ଶ୍ରୀ ଶିରିଡିସାଇ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା।ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ବୋରିଗୁମ୍ମା ଭଜନ ମଣ୍ଡଳୀ ର କନଭିନର ଶରତ ଦାସ, ଏସ.ସାଇ, ଶିବ ମହାନ୍ତି, କୃଷ୍ଣଚନ୍ଦ୍ର ପଣ୍ଡା, ବାଲାମା, ଅନୁରାଧା ପଟ୍ଟନାୟକ, ଈଶ୍ୱରୀ ଆମ୍ମା, କେ.ରୋଜା ଦୋରା ଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ।ସେହିଭଳି ବୋରିଗୁମ୍ମା ବ୍ଲକ ବେଣାଗାଁ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଛି।ବିଦ୍ୟାଳୟ ପରିସର ରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ସହ ଅନ୍ୟ ବୃକ୍ଷ ରୋପଣ କରାଯାଇଥିଲା।ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ସିଆରସିସି ପ୍ରଫୁଲ୍ଲ କୁମାର ନାୟକ, ପ୍ରଧାନ ଶିକ୍ଷକ, ଶ୍ରୀକାନ୍ତ କୁମାର ପଣ୍ଡା, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ।

## ସରକାରଙ୍କ ନିର୍ଦ୍ଦେଶ ମାନୁନାହାନ୍ତି ମଦ ଦୋକାନୀ



**ନାଉଗାଁ,୧୦।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅଞ୍ଚଳର ନାଉଗାଁ ବଜାର ଓ ବ୍ଲକଛକ (ଓଡପଏଙ୍ଗା) ଠାରେ ୨ଟି ସରକାରୀ ମଦ ଦୋକାନ ରହିଛି। ଏହି ୨ଟି ଦୋକାନ ପୂର୍ତ୍ତ ବିଭାଗର ବାଲିଭଉଁରୀ-ଶିଖରଘାଟର ମୁଖ୍ୟରାସ୍ତା ପାର୍ଶ୍ୱରେ ଅବସ୍ଥିତ। ଉକ୍ତ ୨ଟି ଦୋକାନ ଖୁଲମଖୁଲା ଭାବେ ସରାକରୀ ନିୟମକୁ ଉଲଘଂନ କରୁଥିବା ବେଳେ ଅବକାରୀ ଓ ପୋଲିସ ବିଭାଗ ନିରବଦ୍ରଷ୍ଟା ସାଜିଛନ୍ତି। ମଦ ଦୋକାନ ସମ୍ମୁଖରେ ପ୍ରଦର୍ଶିତ ସୂଚନା ଫଳକ ତଥ୍ୟ ଅନୁସାରେ ପ୍ରତ୍ୟେହ ସକାଳ ୧୦ ଟାରୁ ରାତି ୧୦.୩୦ ପର୍ଯ୍ୟନ୍ତ ଖୋଲା ରହିବା ପାଇଁ ସରକାରୀ ନିୟମ ରହିଛି। ଏହି ସମୟରେ ମଦ ଦୋକାନୀ ଠିପି ବନ୍ଦ ମଦ ବିକ୍ରି କରିପାରିବେ। କିନ୍ତୁ ଏହି ବ୍ଲକର ନାଉଗାଁ ବଜାରରେ ଥିବା ସରକାରୀ ମଦ ଦୋକାନଟି ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହୁଥିବା ଭିଡିଓ ଓ ଫଟୋ ସାମାଜିକ ଗଣମାଧମରେ ଭାଇରାଲ ହେଉଥିବା ଦେଖିବାକୁ ମିଳିଛି। ଯାହାକି ଜୁଲାଇ ୬ ତାରିଖ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦୋକାନ ଖୋଲା ରହିଥିବା ଭିଡିଓ ଓ ଫଟୋରେ ଉଲ୍ଲେଖ ରହିଛି। ପୂର୍ବରୁ ଏହି ମଦ ଦୋକାନ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହୁଥିବା ନେଇ ଗଣମାଧମରେ ଖବର ପ୍ରକାଶିତ ପାଇଥିଲା। ହେଲେ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ପୂର୍ଣ୍ଣବାର ଖୋଲା ଯାଉଥିବା ଅଭିଯୋଗ ହେଉଛି। ଏହି ମଦ ଦୋକାନ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ବେଳେ ଦୋକାନ ସମ୍ମୁଖରେ ମଦ୍ୟପମାନେ ଭିଡ ଜମାଉଛନ୍ତି।

## ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ସେନା କର୍ମଚାରୀ ମୃତ

**ନାଉଗାଁ,୧୦।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ଅନ୍ତର୍ଗତ ବସନ୍ତପୁର ନିକଟରେ ବୁଧବାର ବିଳମ୍ବିତ ରାତିରେ ୨ବାଇକ ଆରୋହୀଙ୍କର ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଜଣାଯାଇଛି। ୨ଜଣଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଭାରତୀୟ ସେନାରେ କାର୍ଯ୍ୟରତ ଯବାନ। ଉକ୍ତ ଯବାନଙ୍କ ଘର ନାଉଗାଁ ବ୍ଲକ ଅନ୍ତର୍ଗତ ରୋହିଆ ପଞ୍ଚାୟତ ଅରଖିକୁଦ ଗ୍ରାମର ପ୍ରଭାସ ନାୟକ। ପ୍ରଭାସ ୬ ବର୍ଷ ୧୦ ମାସ ହେବ ଭାରତୀୟ ସେନାରେ କାର୍ଯ୍ୟ କରିଆସୁଛନ୍ତି। ବର୍ତ୍ତମାନ ସେ ଆସାମରେ କାର୍ଯ୍ୟ କରୁଥିଲେ। ଗୁରୁବାର ସେ ନିଜ କର୍ମସ୍ଥଳକୁ ଫେରିଥାନ୍ତେ। କିଛି ଦିନ ହେବ ଛୁଟି ଆଣି ସେ ବନ୍ଧୁ ଘରକୁ ଆସିଥିଲେ। ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ ସେ ଜୁଲାଇ ୪ରେ ସେ ଜଗତସିଂହପୁର ଜିଲା ତୁମ୍ବା ଗ୍ରାମର ଏକ ଝିଅକୁ ପ୍ରଥମେ କୋର୍ଟରେ ବିବାହ କରିବା ପରେ ଧ୍ୟାନକୁଦ ମନ୍ଦିରରେ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଉକ୍ତ ଦିନ ସେ କଟକରୁ ନାଉଗାଁ ବାଇକ ଯୋଗେ ଆସୁଥିବା ବେଳେ ଏକ ଗାଡି ସହ ଧକ୍କା ହୋଇଥିଲା।

## ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା, ୪ ଦିନ ଧରି ଚିକିତ୍ସା

# ୯୨୨ ରୋଗୀ ପାଇଲେ ସ୍ୱାସ୍ଥ୍ୟ ସେବା



**ନବରଙ୍ଗପୁର,୧୦।୭ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାର 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା' ଦ୍ୱାରା ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ବଦ୍ଧ ପରିକର।ମେଡିକାଲ କଲେଜର ଅଭିଜ୍ଞ ଓ ବରିଷ୍ଠ ବିଶେଷଜ୍ଞ ଡାକ୍ତର ଏଥିପାଇଁ ୪ ଦିନିଆ ନବରଙ୍ଗପୁର ଜିଲ୍ଲା କୁ ଗସ୍ତ କରି ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଛନ୍ତି। ସ୍ନାୟୁ ରୋଗ, ପେଟ ଓ ଗ୍ୟାସ ଜନିତ ରୋଗ, ମୂତ୍ରାଶୟ ଜନିତ ରୋଗ, ହୃଦରୋଗ, କିଡନୀ ଜନିତ ରୋଗ, ଅନ୍ତସ୍ରାବରେ ପୀଡ଼ିତ ବ୍ୟକ୍ତି ମାନେ ସ୍ୱାସ୍ଥ୍ୟ ସେବା ଲାଭ କରିଛନ୍ତି। ୬ ତାରିଖ ସୁଦ୍ଧା ରୋଗୀ ନିଜର ନାମ ବିଭିନ୍ନ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପଞ୍ଜୀକୃତ କରି ଜିଲା ସଦର ମହକୁମା ଡାକ୍ତରଖାନା ଆସିଥିଲେ। ସୁବାସ ଚନ୍ଦ୍ର ବୋଷ ମେଡିକାଲ କଲେଜରୁ ସାଧାରଣ ରୋଗ ଓ ଜଟିଳ ରୋଗ ନେଇ ରୋଗୀଙ୍କ ଯାଞ୍ଚ କରି ଥିଲେ। ସର୍ବମୋଟ ପେଟ ଓ ଗ୍ୟାସ ଜନିତ ରୋଗରେ ୧୯୫ ଜଣ, ହୃଦ୍ ରୋଗରେ ୧୪୭, ମୂତ୍ରାଶୟ ରୋଗୀ ୮୫, ସ୍ନାୟୁ ଜନିତ ରୋଗୀ ୩୪୭, କିଡନୀ ରୋଗରେ ୮୪ ଜଣ, ଅନ୍ତସ୍ରାବ ରୋଗ ରେ ୬୧ ଏଭଳି ମୋଟ ୯୨୨ ରୋଗୀ ସ୍ୱାସ୍ଥ୍ୟ ସେବା ପାଇଛନ୍ତି। ୧୮ ଜଣ ରୋଗୀଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ମେଡିକାଲ୍ କଲେଜ, ଏମ୍ସ ମେଡ଼ିକାଲ ଏବଂ ଅନ୍ୟ ମେଡ଼ିକାଲ କଲେଜକୁ ରେଫର କରାଯାଇଛି। ୨ ଜଣଙ୍କର ମୂତ୍ରାଶୟ ରୋଗ ର ଅସ୍ତ୍ରୋପଚାର କରାଯାଇଛି। ଏହି ଶିବିର ରେ ଇକୋ ୪୭, ଏଣ୍ଡୋସ୍କୋପି ୧୪, ଏକ୍ସରେ ୭୧, ଲାବ ଟେଷ୍ଟ ୧୬୫, ଇ ସି ଜି ୯୨ ଜଣଙ୍କର ପରୀକ୍ଷା ହୋଇଥିଲା।ଏହି ପରିପେକ୍ଷି ରେ ସୁବାସ ଚନ୍ଦ୍ର ବୋଷ ମେଡିକାଲ କଲେଜ ରୁ ସ୍ନାୟୁ ବିଭାଗ ଡାକ୍ତର ନିହାର ରଞ୍ଜନ ବିଶ୍ୱାଳ, ମୂତ୍ରାଶୟ ବିଭାଗ ଡାକ୍ତର ସବ୍ୟସାଚୀ ପଣ୍ଡା, କିଡନୀ ଜନିତ ବିଭାଗ ଡାକ୍ତର ଅରୁଣା ଆଚାର୍ଯ୍ୟ, ହୃଦରୋଗ ବିଭାଗ ଡାକ୍ତର ଯଶୋବନ୍ତ ବେହେରା, ପେଟ ଓ ଗ୍ୟାସ ଜନିତ ବିଭାଗ, ସବ୍ୟସାଚୀ ପଣ୍ଡା, ଯଶବନ୍ତ ବେହେରା, ପେଟ ଓ ଗ୍ୟାସ ଜନିତ ଡାକ୍ତର ସମୀର କୁମାର ହୋତା, ସ୍ନାୟୁ ବିଭାଗ ଡାକ୍ତର ନିହାର ରଞ୍ଜନ ବିଶ୍ୱାଳ, ଅନ୍ତସ୍ରାବ ବିଭାଗ ଡାକ୍ତର ଦେବାର୍ଚ୍ଚନ ଜେନା ପ୍ରମୁଖ ବିଶେଷଜ୍ଞ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଅନୁଷ୍ଠିତ ମୁଖ୍ୟ ମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ରେ ରୋଗୀମାନଙ୍କୁ ଚିକିତ୍ସା, ପରାମର୍ଶ ପ୍ରଦାନ କରିଛନ୍ତି। ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ସେବା ଜନିତ ପରାମର୍ଶ ଓ ମାଗଣା ଔଷଧ ପ୍ରଦାନ କରାଯାଇଥିଲା।

## ପ୍ରଥମ ବନ୍ୟା ଜଳ ପ୍ରବେଶ

# ପରିବା ଫସଲ କ୍ଷତିଗ୍ରସ୍ତ



**ଗଡ଼ିଶାଗୋଡା,୧୦।୭ (ସଂଚାର ବ୍ୟୁରୋ):** କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା ନଦୀରେ କାଲି ସଂନ୍ଧ୍ୟାରେ ବନ୍ୟା ଜଳ ପ୍ରବେଶ କରିଥିବାବେଳେ ଆଜି ସଂନ୍ଧ୍ୟା ୬ଟା ସୁଧା ଦୟାନଦୀରେ ୩.୮୦ ମି.ମି ବନ୍ୟାଜଳ ପ୍ରବାହିତ ହେଉଛି। କଣାସଠାରେ ଦୟାନଦୀର ବିପଦ ସଂଙ୍କେତ ୩.୯୯ମି. ମିଥିଲାବେଳେ ବନ୍ୟାଜଳ ବିପଦ ସଂଙ୍କେତ ପାଖାପାଖି ହୋଇଗଲାଣି ଫଳରେ ଦୋକନ୍ଦା, ବଡାସ, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡ଼ା, ବଡାସ, ବୈଦ୍ୟନାଥପାଟଣା, କଖାରୁବସ୍ତ, ସବଳଙ୍ଗ, ଗଡ଼ବଳଭଦ୍ରପୁର, ଅଠରବାଟିଆ ଗ୍ରାମର ପରିବା ଫସଲ ଜମିରେ ବନ୍ୟାଜଳ ମାଡିଯାଇଥିବାରୁ ପୋଟଳ, କଲରା, ବାଇଗଣ, ଭେଣ୍ଡି, ଜହ୍ନି, କଖାରୁ, କଞ୍ଚାଲଙ୍କା, ପୋଇ ପଶଲରେ ବନ୍ୟାଜଳ ମାଡିଯିବାରୁ ପରିବା ପସଲ ନଷ୍ଟ ହୋଇଯାଇଛି। ଚାଷୀ ଚିନ୍ତାରେ ମୁଣ୍ଡରେ ହାତଦେଇ ବସିଛନ୍ତି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟସମିତି ଓ ଗ୍ରାମ ମହାଜନମାନଙ୍କଠାରୁ ଚଢ଼ା ଦରରେ ସୁଧକୁ ଆଣି ଫସଲ କରିଥିଲେ। ତତସହିତ ଦୟା, ରାଜୁଆ, ମକରା, ନଦୀର ପଠାମାନଙ୍କରେ ହୋଇଥିବା ଫରିବା ଫସଲରେ ବନ୍ୟାଜଳ ମାଡି ନଷ୍ଟ ହୋଇଯାଇଛି। ଜମିରେ ମାଡିଥିବା ବନ୍ୟାଜଳ ଫଟୋ ଇ ମେଲରେ ପଠାଗଲା

ଫସଲ ବୀମା ଯୋଜନାର କାର୍ଯ୍ୟକାରିତା ନେଇ ଆଲୋଚନା

# କୃଷି ଋଣ ପ୍ରଦାନରେ ସ୍ୱଚ୍ଛତା ସରକାରଙ୍କ ପ୍ରତିବଦ୍ଧତା



**ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ):** ଚାଷୀଙ୍କୁ କୃଷି ଋଣ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯିବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଯଥା ସମୟରେ ବୀମା କମ୍ପାନୀ କ୍ଷତିପୂରଣ ପ୍ରଦାନ କରିବେ। ସମବାୟ ମାଧ୍ୟମରେ ଫସଲ ଋଣ ପ୍ରଦାନ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କାର୍ଯ୍ୟକାରିତା ଉପରେ ଆଜି ଅନୁଷ୍ଠିତ ଆଲୋଚନା ବୈଠକରେ ଏହି ମତ ପ୍ରକାଶ ପାଇଛି। ବୈଠକରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଅଧ୍ୟକ୍ଷତା କରି କହିଛନ୍ତି ଯେ ସରକାର କୃଷି ଓ କୃଷକର ଉନ୍ନତି ପାଇଁ ପ୍ରତିବଦ୍ଧ। ତେଣୁ ସରକାର କୃଷି ଋଣ ପ୍ରଦାନରେ ସ୍ୱଚ୍ଛତା ରକ୍ଷା ଉପରେ ପ୍ରାଥମିକତା ଦେଉଛନ୍ତି। ବୀମାଭୁକ୍ତ ଚାଷୀଙ୍କୁ ଯଥା ସମୟରେ କ୍ଷତିପୂରଣ ପ୍ରଦାନରେ ସହଯୋଗ ପାଇଁ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ବୀମା କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଉପସ୍ଥିତ ରହି ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମବାୟ ସମିତି ସମୂହର ନିବନ୍ଧକ ସିଦ୍ଧାର୍ଥ ଦାସ ଧନ୍ୟବାଦ ଦେଇଥିଲେ। ଯୁଗ୍ମ ସଚିବ ସଂଗ୍ରାମ କେଶରୀ ରାଉତ ପିପିଟି ମାଧ୍ୟମରେ ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ।

ବୈଠକରେ ନାବାର୍ଡର ସିଜିଏମ୍ ସନ୍ତୋଷ କୁମାର ତାଲୁକଦାର, ଏଜିସିଏସ୍ ସନ୍ତୋଷ କୁମାର ନାୟକ, ସମସ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ସମବାୟ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି କୃଷି ଓ କୃଷକର ଉନ୍ନତି ନିମନ୍ତେ ସେମାନଙ୍କର ମତାମତ ଦେଇଥିଲେ।




## ଦାବି ପୂରଣ କଲେ ଧର୍ମେନ୍ଦ୍ର

**ସମ୍ବଲପୁର,୧୦।୭(ସଂଚାର ବ୍ୟୁରୋ) :** ପୂର୍ବ ସରକାରରେ ବାରମ୍ବାର ଦାବି କରି ଥକିଯାଇଥିଲେ ଲୋକେ। ନୂଆ ସରକାର ଆସିବା ପରେ ଦାବି ପୂରଣ କଲେ ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସମ୍ବଲପୁର ସହରର ପ୍ରବେଶ ପଥରେ ସ୍ୱାଗତମ ତୋରଣ ସ୍ଥାପନ କରି ପ୍ରଥମ ପଦକ୍ଷେପ ନେଇଛନ୍ତି ଧର୍ମେନ୍ଦ୍ର। କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ପଦକ୍ଷେପକୁ ଧନ୍ୟବାଦ ଦେଲେ ସହରବାସୀ। ବଡ଼ ବଡ଼ ଅକ୍ଷରରେ ଲାଗିଛି ସମ୍ବଲପୁରକୁ ସ୍ୱାଗତ ତୋରଣ। ସବୁଠୁ ବଡ଼ କଥା ହେଲା ସ୍ୱାଗତଂ ତୋରଣରେ ରହିଛି ସମ୍ବଲପୁରୀ ଛିଟ। ସମଲେଶ୍ୱରୀ ମନ୍ଦିର ଡିଜାଇନରେ କରାଯାଇଛି ଏହି ତୋରଣ। ଆଉ ସେଥିରେ ରହିଛି ଶୀତଳ ଷଷ୍ଠୀର ଝଲକ। ନୂଆ ସରକାରରେ ସମ୍ବଲପୁର ସହର ସୌନ୍ଦର୍ଯ୍ୟକରଣ ଦିଗରେ ଆଉ ପାଦେ ଆଗକୁ ବଢ଼ିଛି। ସମ୍ବଲପୁର ସହରର ପ୍ରବେଶ ପଥ ବରଗଡ଼-ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥ କଟାପାଲି ଓ ଝାରସୁଗୁଡ଼ା - ସମ୍ବଲପୁର ରାଜ୍ୟ ରାଜପଥ ପରଧିଆପାଲିରେ ସ୍ୱାଗତମ ତୋରଣ ସ୍ଥାପନ କରାଯାଇଛି। ଗତ ୪ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାର ଉଦ୍ଘାଟନ କରିଛନ୍ତି। ଏଥିରେ ବ୍ୟୟ ହୋଇଛି ୨୨ ଲକ୍ଷ ୬ ହଜାର ଟଙ୍କା। ସମ୍ବଲପୁର ସହର ପଶ୍ଚିମ ଓଡ଼ିଶାର ପ୍ରାଣ କେନ୍ଦ୍ର। ଐତିହାସିକ ଓ ସାଂସ୍କୃତିକ ସହର। ସହରରେ ୫ଟି ପ୍ରବେଶ ପଥ ସ୍ଥାପନ ପାଇଁ ବିଜେଡି ସରକାର ସମୟରେ ଦାବି କରିଥିଲା ପଶ୍ଚିମାଂଚଳ ଏକତା ମଂଚ।

■ ରାସନ୍ କାର୍ଡଧାରୀଙ୍କୁ ଖୁସି ଖବର ଦେଲେ ମନ୍ତ୍ରୀ

## ଚଳିତ ମାସରେ ମିଳିବ ଗହମ

**ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ):** ଗତ ବିଜେଡି ସରକାର ଅମଳରେ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଅଧୀନରେ ଓଡ଼ିଶାର ରାସନ କାର୍ଡଧାରୀମାନଙ୍କୁ ମୁଣ୍ଡ ପିଛା ୨ କିଲୋ ଲେଖାଏଁ ଗହମ ଯୋଗାଇ ଦିଆଯାଉଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ଯଥେଷ୍ଟ ପରିମାଣର ଗହମ ଯୋଗାଉନଥିବା ଅଭିଯୋଗ କରି ବିଜେଡି ସରକାର ଗହମ ବଦଳରେ ଚାଉଳ ଦେବାକୁ ନିଷ୍ପତ୍ତି ନେଇଥିଲେ। ଏହି ଧାରା ଚଳିତ ବିଜେପି ସରକାର ଅମଳରେ ବି ଚାଲିଥିବା ବେଳେ ବିଗତ ଦିନରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗହମ ଯୋଗାଇଦିଆଯିବା ନେଇ ଘୋଷଣା କରିଥିଲେ। କିନ୍ତୁ ଅଦ୍ୟାବଧି ଏହି ଧାରା ଜାରି ରହିଥିବା ବେଳେ ଆଜି ପୁଣିଥରେ ମନ୍ତ୍ରୀ ରାସନ୍ କାର୍ଡଧାରୀଙ୍କୁ ଗହମ ଯୋଗାଇ ଦିଆଯିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଚଳିତ ମାସରେ ରାସନ କାର୍ଡଧାରୀ ଖାଉଟିଙ୍କୁ ଗହମ ଯୋଗାଇ ଦିଆଯିବ। ଏଥିସହ ରାଜ୍ୟରେ ଉପଲବ୍ଧ ଗହମ ତୁରନ୍ତ ଖାଉଟିଙ୍କୁ ବଣ୍ଟନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ରାଜ୍ୟ ଅଦ୍ୟାବଧି ଯେତିକି ଗହମ ପାଇଛି, ସେସବୁକୁ ରାସନ କାର୍ଡଧାରୀଙ୍କୁ ବିତରଣ କରାଯିବ। କେନ୍ଦ୍ର ସରକାରଙ୍କଠାରୁ ପରବର୍ତ୍ତୀ ପର୍ଯ୍ୟାୟରେ ଗହମ ଆସିଲେ ତାହା ମଧ୍ୟ ଖାଉଟିଙ୍କୁ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବରୁ ମନ୍ତ୍ରୀ ଶ୍ରୀ ପାତ୍ର କେନ୍ଦ୍ର ଖାଦ୍ୟ ଓ ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା ବିଭାଗ ମନ୍ତ୍ରୀଙ୍କ ନିକଟରେ ରାଜ୍ୟକୁ ଗହମ ଯୋଗାଣ ବୃଦ୍ଧି କରିବା ପାଇଁ ଦାବି ରଖିଥିଲେ। ସେ ଜଣାଇଛନ୍ତି ଯେ, ଲୋକଙ୍କ ଗହମ ପ୍ରତି ଚାହିଦାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି।



## କାଲିଫର୍ଣ୍ଣିଆରେ ଓଡ଼ିଆ ସମାଜର ରଥଯାତ୍ରା ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ଯୋଗଦାନ



**ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ):** ଗତ ୨୮ ତାରିଖରେ କାଲିଫର୍ଣ୍ଣିଆର ଲସ ଏଞ୍ଜେଲେସ ସହରସ୍ଥିତ ରାଧାରମଣ ବୈଦିକ ମନ୍ଦିରରେ ଚତୁର୍ଥ ବାର୍ଷିକ ରଥଯାତ୍ରା ପାଇଁ ୧୦୦୦ରୁ ଅଧିକ ଭକ୍ତ ଯୋଗଦେଇଥିଲେ। ସ୍ନାନ ପୂର୍ଣ୍ଣିମାର ଚାରି ସପ୍ତାହ ପରେ ଏବଂ ପବିତ୍ର ନେତ୍ରୋତ୍ସବ ପରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ମା’ ସୁଭଦ୍ରା ପ୍ରାମାଣିକ ପୁରୀ ଶୈଳୀରେ ଦର୍ଶନ ଦେଇଥିଲେ। କବିତା ମିଶ୍ର, ଅଶୋକ ଜେନା ଏବଂ ବସନ୍ତ ସାହୁଙ୍କ ନିର୍ଦ୍ଦେଶନାରେ ସ୍ୱେଚ୍ଛାସେବକମାନଙ୍କର ଏକ ଉତ୍ସାହିତ ଦଳ ମନ୍ଦିର ପରିସରକୁ ପରିବର୍ତ୍ତନ କରିଥିଲେ ଏବଂ ପ୍ରତ୍ୟେକ ଲଜିଷ୍ଟିକ ବିବରଣୀ ପରିଚାଳନା କରିଥିଲେ। ଉପସ୍ଥିତି ପୁଣି ଥରେ ବୃଦ୍ଧି ପାଇଲା, ଯାହା ଏହି ମନ୍ଦିର ମଣ୍ଡଳୀର ବର୍ଦ୍ଧିତ ଭକ୍ତିର ପ୍ରମାଣ। ପୁରୋହିତ ରଘୁନନ୍ଦନ ପ୍ରଭୁ ଓ କେଶବ ଦାସ ବୈଦିକ ରୀତିନୀତିର ନେତୃତ୍ୱ ନେଇଥିଲେ, ବୃନ୍ଦାବନରୁ ନୂତନ ଭାବରେ ଆସିଥିବା ରେଶମ ପୋଷାକ ପିନ୍ଧାଇଥିଲେ ଏବଂ ରଥର ସୁସଜ୍ଜିତ ସାଜସଜ୍ଜା ତଦାରଖ କରିଥିଲେ। ଚଳିତ ବର୍ଷର ରଥଯାତ୍ରା ‘ରାଜା, ଅଧ୍ୟକ୍ଷ ମନୋହର ଶ୍ରଫ୍ ଶୋଭାଯାତ୍ରାକୁ ମାର୍ଗଦର୍ଶନ କରିଥିଲେ।

ଶୋଭାଯାତ୍ରାରେ ପାରମ୍ପରିକ ସଂକୀର୍ତ୍ତନ ଓ ନୃତ୍ୟ ସମସ୍ତଙ୍କୁ ଆକର୍ଷିତ କରିଥିଲା। ରଥଟଣା ସମୟରେ ଭକ୍ତଗଣ ଟଙ୍କ ତୋରାଣି ପିଇ ଖରାରୁ ତ୍ରାହି ପାଇଥିଲେ। ରଥ ଟାଣିବା ପରେ ଜଗନ୍ନାଥଙ୍କୁ ଛପନ ଭୋଗ ଅର୍ପଣ କରାଯାଇଥିଲା ଓ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ଏକ ଦଳ ସୁନ୍ଦର ପ୍ରଦର୍ଶନ ମାଧ୍ୟମରେ ଭକ୍ତିନୈବେଦ୍ୟ ଅର୍ପଣ କରିଥିଲେ। ପରେ ସ୍ୱେଚ୍ଛାସେବୀମାନେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମହାପ୍ରସାଦ କାନିକା, ଖଜା, ଗଜା, କାକରା, ଛେନା ତାଡ଼ିଆ, ବିଭିନ୍ନ ପିଠା, ମିଠା ଓ ଅନ୍ୟାନ୍ୟ ଓଡ଼ିଆ ଖାଦ୍ୟ ବଣ୍ଟନ କରିଥିଲେ। ତିନି ଠାକୁର ମାଉସୀମା’ ମନ୍ଦିରରେ ରହି ସମସ୍ତ ଓଡିଆ ପରିବାରଙ୍କ ଦ୍ୱାରା ୭ ଦିନ ପୂଜା ପାଇଥିଲେ ଓ ଗତ ୬ ତାରିଖରେ ‘ବାହୁଡ଼ା ଯାତ୍ରା’ ଆୟୋଜିତ ହୋଇଥିଲା। ଏକାଦଶୀ ତିଥି ହେତୁ ଉକ୍ତ ଦିନ ପାରମ୍ପରିକ ଶୈଳୀରେ ଅଧରପଣା ଓ ଲକ୍ଷ୍ମୀ ନାରାୟଣ କଳି ହୋଇଥିଲା। ପ୍ରଭୁ ଉକ୍ତଦିନ ରଥରେ ରହିଥିଲେ ଓ ପରଦିନ ମା’ ଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ‘ନୀଳାଦ୍ରି ବିଜେ’ କରିଥିଲେ।

● ନଡ଼ିଆ ଭାଗବଣ୍ଟାକୁ ନେଇ ବିବାଦ

## ପୁତୁରା ଜୀବନ ନେଲା ଦାଦା

**ଜଗତସିଂହପୁର,୧୦।୭(ସଂଚାର ବ୍ୟୁରୋ):** ପୁତୁରାକୁ ହାଣି ହତ୍ୟା କଲା ଦାଦା। ଜଗତସିଂହପୁର ସଦର ଥାନା ଯାହାନପୁର ଗାଁରେ ପୁତୁରାକୁ ହାଣି ହତ୍ୟା କଲା ଦାଦା। ମୃତ ପୁତୁରା ହେଲେ ସୁମନ ଦାସ। ନଡ଼ିଆ ଭାଗବଣ୍ଟାକୁ ନେଇ ଉତ୍ୟକ୍ତ ଦାଦା ସଞ୍ଜୟ ଭୋଇ କୋଦାଳରେ ପୁତୁରାକୁ ହାଣି ହତ୍ୟା କରିଛି। ଅଭିଯୁକ୍ତ ସଞ୍ଜୟ ଜଣେ ମାନସିକ ରୋଗୀ ବୋଲି ଜଣା ପଡ଼ିଛି । ସୂଚନା ମୁତାବକ, ଜହାନପୁର ଗାଁର ସଞ୍ଜୟ ଭୋଇଙ୍କ ବାଡ଼ିରୁ ନଡ଼ିଆ ତୋଳା ହୋଇଥିଲା ଓ ଏହା ସଞ୍ଜୟ ଏବଂ ତାଙ୍କ ବଡ଼ଭାଇଙ୍କ ମଧ୍ୟରେ ବଣ୍ଟାଯିବା ପରେ ଅଭିଯୁକ୍ତ ସଞ୍ଜୟ ଅଧିକ ନଡ଼ିଆ ଦାବି କରିଥିଲେ। ତେବେ ଏହାକୁ ସଞ୍ଜୟ ଭାଇଙ୍କ ପୁଅ ପୁତୁରା ସୁମନ ପ୍ରତିବାଦ କରିଥିଲେ। ପରେ ସୁମନ ଆସି ଦାନ୍ତ ଘଷୁଥିବା ସମୟରେ ଅଭିଯୁକ୍ତ ଦାଦା ସଞ୍ଜୟ ପୁତୁରା ସୁମନର ପଛପଟୁ ଏକ କୋଦାଳରେ ଆକ୍ରମଣ କରିଥିଲା। ତେବେ ଘଟଣାସ୍ଥଳରେ ସୁମନ୍‌ର ମୃତ୍ୟୁ ଘଟିଥିବା ବେଳେ ଗ୍ରାମବାସୀ ଅଭିଯୁକ୍ତକୁ କାବୁ କରି ପୁଲିସ ଜିମା ଦେଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଆସାମୀକୁ ଗିରଫ କରିଛି ଓ ତଦନ୍ତ ଆରମ୍ଭ କରିଛି।

## ଜଙ୍ଗଲରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ଭଞ୍ଜନଗର,୧୦।୭(ସଂଚାର ବ୍ୟୁରୋ):** ଗଞ୍ଜାମ -କନ୍ଧମାଳ ଜିଲ୍ଲାର ସୀମାନ୍ତ ଅଞ୍ଚଳ ଅନ୍ତର୍ଗତ ଭଞ୍ଜନଗର ଥାନା ଅଧୀନସ୍ଥ ବାଇବାଲି ମୁନିଆକଣ ଜଙ୍ଗଲରୁ ପୋତା ହୋଇଥିବା ଅବସ୍ଥାରେ ଏକ ଅଜଣା ମୃତଦେହକୁ ଉଦ୍ଧାର କରିଛି ଭଞ୍ଜନଗର ପୁଲିସ। ତେବେ ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ଏହା ଜଣେ ପୁରୁଷ ଲୋକଙ୍କ ମୃତଦେହ ଥିବା ଜଣାପଡ଼ିଛି। କିଭଳି ଓ କେଉଁ ପରିସ୍ଥିତିରେ ମୃତଦେହଟି ଜଙ୍ଗଲରେ ମାଟି ତଳେ ପୋତାହୋଇଛି, ସେନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କିଛି ବି ଜଣାପଡ଼ିନାହିଁ। ମାଜିଷ୍ଟ୍ରେଟ ଅବିନାଶ କୁମାର ମାହାରଙ୍କ ଉପସ୍ଥିତିରେ ମାଟି ଖୋଳି ମୃତଦେହ ଉଦ୍ଧାର କରାଯାଇଛି । ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଯାଇଛି। ଏନେଇ ପୁଲିସ୍ ୨୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି। ସେହିପରି ସାଇଣ୍ଟିଫିକ ଟିମ ସହାୟତାରେ ଏସଡିପିଓ ଡକ୍ଟର ଦୀପକ କୁମାର ମିଶ୍ର ଥାନାଧିକାରୀଙ୍କ ସମେତ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛନ୍ତି। ବାଇବାଲିର ଘଞ୍ଚ ଜଙ୍ଗଲ ଭିତରେ ମାଟି ତଳୁ ପୋତାଯାଇଥିବା ଅବସ୍ଥାରେ ଏକ ମୃତଦେହ ମିଳିବା ଘଟଣାକୁ ସ୍ଥାନୀୟ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି କେତେକ ସନ୍ଦେହ କରୁଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଏସଡିପିଓ ଡ. ଦୀପକ କୁମାର ମିଶ୍ର କହିଛନ୍ତି।

## ଖୋଜୁଥିଲେ ଗଞ୍ଜେଇ, ମିଳିଲା ରୁପା

### ଆନୁମାନିକ ମୂଲ୍ୟ କୋଟିଏରୁ ଉର୍ଦ୍ଧ୍ୱ, ୨ ଅଟକ

**ସମ୍ବଲପୁର,୧୦।୭(ସଂଚାର ବ୍ୟୁରୋ):** ଗଞ୍ଜେଇ ଖୋଜୁ ଖୋଜୁ ମିଳିଲା ରୁପା, ଯାହାର ମୂଲ୍ୟ ୧୦ ଲକ୍ଷ କି ୨୦ ଲକ୍ଷ ନୁହେଁ, ବରଂ କୋଟିଏରୁ ଉର୍ଦ୍ଧ୍ୱ। କାର୍‌ର ସିକ୍ରେଟ ଚାମ୍ବରରୁ ଅବକାରୀ ବିଭାଗର କର୍ମଚାରୀମାନେ ଖୋଜୁଥିଲେ ଗଞ୍ଜେଇ। କିନ୍ତୁ ସେମାନଙ୍କୁ ମିଳିଲା ୧୧୦ କିଲୋ ଓଜନର ରୁପା ଇଟା। ଏହିସବୁ ଇଟାର ଆନୁମାନିକ ମୂଲ୍ୟ ୧ କୋଟି ୨୧ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ମିଳିଥିବା ସୂଚନାନୁସାରେ, ସମ୍ବଲପୁର ଅବକାରୀ ବିଭାଗ ରେଙ୍ଗାଲି ଝୁରିପଡା ଛକରେ ଚୋରା ଗଞ୍ଜେଇ ଧରିବା ପାଇଁ ଜଗି ରହିଥିଲା। ଏକ କାର ଯାଉଥିବା ବେଳେ ସନ୍ଦେହ ହେବାରୁ ଅବକାରୀ ବିଭାଗ ଗାଡ଼ି ଯାଞ୍ଚ କରିଥିଲା। କାରର ସିକ୍ରେଟ୍ ଚାମ୍ବରରୁ ବିପୁଳ ପରିମାଣର ରୁପା ଜବତ କରିଛି। ଏହି ରୁପା ମହାରାଷ୍ଟ୍ର ଗାଡ଼ିରେ ରାଞ୍ଚିକୁ ଚାଲାଣ କରାଯାଉଥିଲା। ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ସେମାନେ ଉକ୍ତ ରୁପାର କୌଣସି ଆବଶ୍ୟକୀୟ କାଗଜପତ୍ର ଦେଖାଇ ପାରି ନଥିଲେ। ଅଧିକ ତଦନ୍ତ ପାଇଁ ପରେ ସେମାନଙ୍କୁ ଜିଏସଟି ବିଭାଗକୁ ହସ୍ତାନ୍ତର କରାଯାଇଛି।



● କନ୍ଧମାଳରୁ ଆସିଲା ଜନନୀ ଯନ୍ତ୍ରଣା ଚିତ୍ର

## ଆସିପାରିଲାନି ଆମ୍ବୁଲାନ୍ସ, ୪ କିମି ଗର୍ଭବତୀଙ୍କୁ ବୋହିଲେ

**କନ୍ଧମାଳ,୧୦।୭(ସଂଚାର ବ୍ୟୁରୋ):** ପୁଣି ଦେଖିବାକୁ ମିଳିଛି ଜନନୀ ଯନ୍ତ୍ରଣାର କରୁଣ ଚିତ୍ର। ଦୁର୍ଗମ ପାହାଡ଼ିଆ ଅଞ୍ଚଳକୁ ଆସିପାରିଲାନି ଆମ୍ବୁଲାନ୍ସ। ଏପରି ଜନନୀ ଯନ୍ତ୍ରଣାର ଅଭାବନୀୟ ଚିତ୍ର କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ବ୍ଲକ ଗୁମିକିଆ ପଞ୍ଚାୟତର ଗୁଡ଼ିପାଙ୍ଗା ଗାଁରୁ ସାମ୍ନାକୁ ଆସିଛି। ଗୁମିକିଆ ପଞ୍ଚାୟତର ଗୁଡ଼ିପାଙ୍ଗା ଗାଁର ସୁଶାନ୍ତ ପ୍ରଧାନଙ୍କ ସ୍ତ୍ରୀ ସବିତା ମଲିକଙ୍କ ପ୍ରସବ ବେଦନା ହେବାରୁ ଆମ୍ବୁଲାନ୍ସକୁ କଲ୍ କରିଥିଲେ। କିନ୍ତୁ ଗୁଡ଼ିପାଙ୍ଗା ଗାଁକୁ ରାସ୍ତା ନଥିବା କାରଣରୁ ଆସି ପାରିନଥିଲା ଆମ୍ବୁଲାନ୍ସ। ଗର୍ଭବତୀ ମହିଳାଙ୍କ ପ୍ରସବ ବେଦନା ଅସହନୀୟ ହେବାରୁ ପରିବାର ଲୋକ ଶେଷରେ ବାଧ୍ୟ ହୋଇ ଖଟିଆରେ ବୋହି ନେବାକୁ ନିଷ୍ପତ୍ତି ନେଇଥିଲେ। ଲଗାଣ ବର୍ଷାରେ ବାଧ୍ୟ ହୋଇ ଖଟିଆରେ ପାଲ ଘୋଡ଼ାଇ ପ୍ରବଳ ବର୍ଷାରେ ଗର୍ଭବତୀ ମହିଳାଙ୍କୁ ବୋହିନେଇଥିଲେ ପରିବାର ଲୋକ। କିନ୍ତୁ ଏତିକିରେ ବି ଥମିନଥିଲା ଜନନୀ ଯନ୍ତ୍ରଣା। ପରିବାର ଲୋକ ଛତା ମୁଣ୍ଡାଇ ପ୍ରସୂତିଙ୍କୁ ନେଉଥିବା ବେଳେ ପାହାଡ଼ିଆ ଘାଟି ରାସ୍ତାରେ ଲଗାଣ ବର୍ଷା ପାଇଁ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଥିଲା। ପ୍ରସୂତିଙ୍କ ଯନ୍ତ୍ରଣା ବଢ଼ିଚାଲିଥିବା ମଧ୍ୟରେ ଗଛ କାଟି ରାସ୍ତାରୁ ହଟାଇ ପୁଣି ଆଗକୁ ବଢ଼ିଥିଲେ ପରିବାର ଲୋକ। ଶେଷରେ ଦୀର୍ଘ ୪ କିମି ପାହାଡ଼ିଆ ଘାଟି ରାସ୍ତାରେ ଅତିକ୍ରମ କରି ପରିବାର ଲୋକ ଗର୍ଭବତୀ ମହିଳାଙ୍କୁ ବୋହି ପାଟାମାହା ନିକଟରେ ପହଞ୍ଚିଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ବାଲିଗୁଡ଼ା ମେଡିକାଲକୁ ଆସିବା ପରେ ମହିଳା ଜଣଙ୍କ ଏକ କନ୍ୟା ସନ୍ତାନକୁ ପ୍ରସବ କରିଥିଲେ।



## ୬ ହାର୍ଡକୋର ମାଓବାଦୀ ଗିରଫ

**ମାଲକାନଗିରି,୧୦।୭(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ସୁକୁମା ଜିଲ୍ଲାରେ ପୁଲିସକୁ ବଡ଼ ସଫଳତା ମିଳିଛି। କୁମ୍ବିଂ ଅପରେସନ ବେଳେ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡ଼ିଲେ ୬ ଜଣ ହାର୍ଡକୋର୍ ମାଓବାଦୀ। ଏମାନଙ୍କ ମଧ୍ୟରେ ଦୁଇ ଜଣଙ୍କ ମୁଣ୍ଡ ଉପରେ ପୂର୍ବରୁ ଲକ୍ଷେ ଟଙ୍କା ଲେଖାଏଁ ପୁରସ୍କାର ରାଶି ଘୋଷଣା କରିଥିଲେ ଛତିଶଗଡ଼ ସରକାର। କୋଣ୍ଟା ଥାନା ଅଞ୍ଚଳରୁ ଦୁଇ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଥିବାବେଳେ ବେଜି ଥାନା ଅଞ୍ଚଳରୁ ୪ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୩ କିଲୋଗ୍ରାମ ଓଜନର ଗୋଟିଏ ଟିଫିନ ବୋମା, ୭ ମିଟର କୋଡେକ୍ସ ତାର, ୧୫ ମିଟର ବୈଦ୍ୟୁତିକ ତାର ଓ ୫ଟି ଡିଟୋନିଟର ମଧ୍ୟ ଜବତ କରାଯାଇଛି।

## ଶଙ୍ଖ ଛାଡ଼ିଲେ ସୁନୀତା, ଧରିଲେ ହାତ



**ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ):** ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତା ବିଶ୍ୱାଳ ବିଜେଡି ଛାଡ଼ି ପୁଣି କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି ଖବର ରାଜ୍ୟ ରାଜନୀତିରେ ହଲଚଲ ସୃଷ୍ଟି କରିଥିବା ବେଳେ ଏହାକୁ ବିଜେଡି ପାଇଁ ଏକ ବଡ଼ ଝଟକା ବୋଲି କୁହାଯାଉଛି। ଦୀର୍ଘ ଦିନ ଧରି କଂଗ୍ରେସରେ ଥାଇ ରାଜନୀତିରେ ସକ୍ରିୟ ଥିବା ସୁନୀତା କିଛି ବର୍ଷ ତଳେ ବିଜେଡିରେ ସାମିଲ୍ ହୋଇଥିଲେ। କିନ୍ତୁ ଏବେ ସେ ପୁଣି ତାଙ୍କର ପୂର୍ବତନ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ନିଷ୍ପତ୍ତି ପଛରେ ତାଙ୍କର ବ୍ୟକ୍ତିଗତ ଓ ରାଜନୈତିକ କାରଣ ଥିବା ଜଣାପଡ଼ିଛି।

ସୁନୀତାଙ୍କ ବାପା ହେମାନନ୍ଦ ଓଡ଼ିଶାରେ କଂଗ୍ରେସର ଜଣେ ବରିଷ୍ଠ ନେତା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କର ରାଜନୈତିକ ପରମ୍ପରାକୁ ଆଗେଇ ନେବା ପାଇଁ ସୁନୀତାଙ୍କ କଂଗ୍ରେସକୁ ଫେରିଥିବା କୁହାଯାଉଛି। ତେବେ ଏନେଇ ସୁନୀତା କହିଛନ୍ତି ଯେ ବାପାଙ୍କ ଆଦର୍ଶ ଓ କଂଗ୍ରେସର ମୂଲ୍ୟବୋଧ ତାଙ୍କୁ ସବୁବେଳେ ପ୍ରେରଣା ଦେଇଆସିଛି। ପୁଣି କଂଗ୍ରେସରେ ଯୋଗ ଦେଇ ରାଜ୍ୟର ଲୋକଙ୍କ ସେବା କରିବା ତାଙ୍କର ଇଚ୍ଛା ବୋଲି ସୁନୀତା କହିଛନ୍ତି। ଅନ୍ୟପକ୍ଷରେ ଏନେଇ ବିଜେଡି ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ସୁନୀତା ବିଶ୍ୱାଳଙ୍କ ପ୍ରତ୍ୟାବର୍ତ୍ତନ ଦଳ ପାଇଁ ଏକ ବଡ଼ ସଫଳତା। ରାଜନୀତିରେ ତାଙ୍କର ଅଭିଜ୍ଞତା ଓ ନେତୃତ୍ୱ ରାଜ୍ୟରେ କଂଗ୍ରେସକୁ ଆହୁରି ମଜବୁତ କରିବ ବୋଲି ଶ୍ରୀ ଦାସ ଆଶା ପ୍ରକାଶ କରିଛନ୍ତି।

## ଓଲିଉଡ ଅଭିନେତା ପାର୍ଥସାରଥୀ ଗିରଫ



**ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ):** ଓଲିଉଡ୍ ଅଭିନେତା ପାର୍ଥସାରଥୀ ରାୟଙ୍କୁ ଆଜି ପୁଲିସ୍ ଗିରଫ କରିଛି। ତାଙ୍କୁ ଆଜି ବଡ଼ଗଡ଼ ଥାନା ପୁଲିସ ଗିରଫ କରିଥିବା ବେଳେ ତାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ରହିଥିଲା। ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ (ଜେଏମ୍‌ଏଫ୍‌ସି) କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କୋର୍ଟ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ପାର୍ଥସାରଥୀଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ପାର୍ଥସାରଥୀଙ୍କ ବିରୋଧରେ ଉପରୋକ୍ତ କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ। ପାର୍ଥଙ୍କ ବିରୋଧରେ ହତ୍ୟା ଧମକ ଓ ଭିଡିଓ ଭାଇରାଲ ଭଳି ସଙ୍ଗୀନ ଅଭିଯୋଗ ଆସିଥିଲା। ସ୍ଥାନୀୟ ଖାରବେଳ ନଗର ଥାନାରେ ଦୀର୍ଘ ଦିନ ଧରି ଅଭିଯୋଗ ରହିଥିବା ବେଳେ ଏହି ମାମଲାର ଶୁଣାଣି ପାଇଁ କୋର୍ଟଙ୍କ ପକ୍ଷରୁ ବାରମ୍ବାର ସମନ ଆସିଥିଲେ ମଧ୍ୟ ପାର୍ଥସାରଥୀ ହାଜର ହୋଇନଥିଲେ। ତେଣୁ କୋର୍ଟ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। ଅଭିଯୋଗ ଅନୁସାରେ, ଜନୈକ ଯୁବତୀଙ୍କୁ ଏସିଡ୍ ଆକ୍ରମଣ ହୋଇଥିବା ବେଳେ ଏଥିରେ ୧୦ରୁ ଉର୍ଦ୍ଧ୍ୱ ଅଭିଯୁକ୍ତ ଗିରଫ ହୋଇଥିଲେ। ତେବେ ଏହି ମାମଲାରେ ପାର୍ଥଙ୍କ ବିରୋଧରେ କିଛି ଭିଡିଓ ଭାଇରାଲ୍, ଅପହରଣ ଓ ହତ୍ୟା ଉଦ୍ୟମ ନେଇ ଯୁବତୀ ଜଣଙ୍କ ଅଭିଯୋଗ ଆଣିଥିଲେ। ଏନେଇ କୋର୍ଟରେ ମାମଲା ବିଚାରାଧୀନ ଥିଲା। କୋର୍ଟଙ୍କ ଆଦେଶର ଖିଲାପ କରିଥିବାରୁ ଶେଷରେ ପାର୍ଥସାରଥୀଙ୍କୁ ଗିରଫ କରାଯାଇଛି।

ଗାଁକୁ ଛାଡୁନି କିଡ୍‌ନୀ ରୋଗ

## ୫ ବର୍ଷରେ ଗଲାଣି ୧୫ ଜୀବନ



**କନ୍ଧମାଳ,୧୦।୭(ସଂଚାର ବ୍ୟୁରୋ):** କିଡ଼ନୀ ରୋଗରେ ଆକ୍ରାନ୍ତ ପୂରା ଗାଁ। ଫଳସ୍ୱରୂପ ଗତ ୫ ବର୍ଷ ମଧ୍ୟରେ ୧୫ରୁ ଉର୍ଦ୍ଧ୍ୱ କିଡନୀ ରୋଗୀଙ୍କ ଜୀବନ ଯାଇସାରିଲାଣି। ଅଦ୍ୟାବଧି ଗାଁରେ ୨୫ରୁ ଅଧିକ ରୋଗୀ ମଧ୍ୟ ଶଯ୍ୟାଶାୟୀ ଅବସ୍ଥାରେ ଅଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ପାଖରେ ଖବର ଅଛି, କିନ୍ତୁ ବିଭାଗ କୌଣସି ପଦକ୍ଷେପ ନେଉନଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଗୋଟିଏ ପରେ ଗୋଟିଏ ମୂଲ୍ୟବାନ ଜୀବନ ଯାଇ ଗାଁ ପୁରୁଷଶୂନ୍ୟ ହେବାକୁ ବସିଛି। ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ, ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବାର ଆଶଙ୍କା ରହିଛି। ବୌଦ୍ଧ ବ୍ଲକ୍ ମନୁପାଲି ପଞ୍ଚାୟତ ଅନ୍ତର୍ଗତ ସୁଆପାବୁଲି ଗାଁ ଲୋକେ ଦୀର୍ଘ ଦିନ ଧରି ଏପରି ସାଙ୍ଘାତିକ ରୋଗ ସହ ଲଢ଼େଇ କରିଆସୁଛନ୍ତି। ଏହି ରୋଗରେ ଆକ୍ରାନ୍ତ ହୋଇ ଗତ ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥିବା ରୋଗୀଙ୍କ ମଧ୍ୟରୁ ୪୦ ପ୍ରତିଶତ ଯୁବକ। ତା’ଛଡ଼ା ଗ୍ରାମର ଅଧିକାଂଶଲୋକ ଅତ୍ୟନ୍ତ ଗରିବ ଶ୍ରେଣୀର ଓ ଦିନ ମଜୁରିଆ। ଏପରି ସ୍ଥିତିରେ କିଡ଼ନୀ ରୋଗ ପରି ସମସ୍ୟାରେ ଜର୍ଜରିତ ହୋଇ ଔଷଧ ପିଛା ଖର୍ଚ୍ଚ କରି କରି ପରିବାରଗୁଡ଼ିକ ସର୍ବସ୍ୱାନ୍ତ ହୋଇପଡ଼ିଲେଣି। ଅଦ୍ୟାବଧି ୧୫ରୁ ଉର୍ଦ୍ଧ୍ୱ ରୋଗୀ ଶଯ୍ୟାଶାୟୀ ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଅର୍ଥାଭାବରୁ ଔଷଧ ଖର୍ଚ୍ଚ ତୁଲାଇବା ସମ୍ଭବ ହେଉନାହିଁ। ଫଳରେ ସରକାରୀ ସହାୟତା ସହ ଏହାର ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଶୁଆପାବୁଲି ବ୍ୟତୀତ ଏହି ପଞ୍ଚାୟତର ଡିଗୀ ଗାଁରେ ବି କିଡ୍‌ନୀ ରୋଗରେ ଅନେକ ଲୋକ ଜୀବନ ହରାଇସାରିଛନ୍ତି। କିନ୍ତୁ ଏଠାରେ କିଡ୍‌ନୀ ରୋଗ ବ୍ୟାପିବା ପଛର ଠୋସ୍ କାରଣ କିଛି ବି ସାମ୍ନାକୁ ଆସିପାରିନାହିଁ। ପୂର୍ବରୁ ଅନେକ ଥର ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିବା ପରେ ଗାଁକୁ ଡାକ୍ତରୀ ଟିମ ଆସି ପରୀକ୍ଷା କରି ଔଷଧ ଦେଇଥିଲେ। ସେବେଠାରୁ ଆଉ କୌଣସି ଡାକ୍ତର ଟିମ ଆସିନାହାନ୍ତି କି ଔଷଧ ଦେଇନାହାନ୍ତି। ଫଳରେ ଅନେକ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁରେ ପିଇବା ପାଣିର କୌଣସି ସୁବିଧା ନାହିଁ। ଫଳରେ ପିଇବା ପାଣିଠାରୁ ଗାଧୋଇବା ପର୍ଯ୍ୟନ୍ତ ନଳକୂପ ଉପରେ ନିର୍ଭର କରନ୍ତି ଗ୍ରାମବାସୀ। ତେବେ ନଳକୂପ ପାଣିକୁ ପରୀକ୍ଷା କରିବା ସହ ଗାଁକୁ ଡାକ୍ତରୀ ଟିମ ପହଞ୍ଚି ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି ଯେ ସେ ଏକ ଟିମ୍ ପଠାଇ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରୁଥିବା କହିଛନ୍ତି। ଚେଷ୍ଟା କରୁଛି ବୋଲି କହିଛନ୍ତି । ତେବେ ଡିଗୀ ଓ ସୁଆପାବୁଲି ଗାଁରେ ମହାମାରୀ କିଡ଼ନୀ ରୋଗ ଦୂର କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ପହଞ୍ଚି ତୁରନ୍ତ ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ମାସକରେ ୬୭,୯୦୮ ଗାଡ଼ି ବିକ୍ରି

ଭୁବନେଶ୍ୱର, ୧୦ା୭(ସଂଚାର ବ୍ୟୁରୋ): ଗତ ଜୁନ୍ ମାସରେ ରାଜ୍ୟରେ ୬୭,୯୦୮ଟି ଗାଡ଼ି ବିକ୍ରି ହୋଇଛି। ଏହା ୨୦୨୪ର ଜୁନ୍‌ରେ ବିକ୍ରି ହୋଇଥିବା ୬୧,୦୬୨ଟି ଗାଡ଼ି ତୁଳନାରେ ୧୧.୨୧ ପ୍ରତିଶତ ଅଧିକ। ପ୍ରାୟ ସବୁ ପ୍ରକାର ଗାଡ଼ିର ବିକ୍ରି ବଢ଼ିଥିଲେ ମଧ୍ୟ ବାଣିଜ୍ୟିକ ଯାନ ବିକ୍ରି ହ୍ରାସ ପାଇବା ଚିନ୍ତାର କାରଣ ପାଲଟିଛି। ଓଡ଼ିଶା ଏକ ଖଣିଜ ସମ୍ପଦ ଭରା ରାଜ୍ୟ ହୋଇଥିବାରୁ ଖଣି ଖାଦାନରେ ବହୁ ସଂଖ୍ୟାରେ ବାଣିଜ୍ୟିକ ଯାନ ବ୍ୟବହାର ହୋଇଥାଏ। ଯେହେତୁ ଏହି ଧରଣର ଗାଡ଼ି ବିକ୍ରି କମ୍ ହୋଇଛି, ତାହା ଏହା ସୂଚାଉଛି ଯେ ଖଣି କାର୍ଯ୍ୟକଳାପ ଓ ପରିବହନ କ୍ଷେତ୍ର ଚାପରେ ରହିଛି। ଫେଡେରେସନ୍ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ (ଏଫ୍ଏଡିଏ) ଜାରି କରିଥିବା ତଥ୍ୟ ଅନୁଯାୟୀ ଜୁନ୍ ମାସରେ ୫୩,୪୩୨ଟି ଦୁଇଚକିଆ, ୧,୮୯୯ଟି ତିନିଚକିଆ, ୨,୨୫୧ଟି ବାଣିଜ୍ୟିକ ଯାନ, ୬,୭୧୭ଟି ଯାତ୍ରୀବାହୀ ଯାନ ଓ ୩୦୦୨ଟି ଟ୍ରାକ୍ଟର ବିକ୍ରି ହୋଇଛି। ଟ୍ରାକ୍ଟର ବିକ୍ରିରେ ୫୧.୬୯ ପ୍ରତିଶତ ବୃଦ୍ଧି ଘଟିଛି। ଚାଷ ଋତୁ ଚାଲିଥିବାରୁ ଟ୍ରାକ୍ଟର ଚାହିଦା ବଢ଼ିଛି। ସାଧାରଣତଃ ଏହି ସମୟରେ ଏବଂ ଅମଳ ଋତୁରେ ଅଧିକ ଟ୍ରାକ୍ଟର ବିକ୍ରି ହୋଇଥାଏ। ଗତବର୍ଷ ଜୁନ୍ ତୁଳନାରେ ୨ଚକିଆ ବିକ୍ରି ୯.୩୦ ପ୍ରତିଶତ, ୩ଚକିଆ ୯.୫୨ ପ୍ରତିଶତ ଓ ଯାତ୍ରୀବାହୀ ଯାନ ୧୫.୯୯ ପ୍ରତିଶତ ବଢ଼ିଛି।



| କେଉଁ ଗାଡ଼ି କେତେ | |
|---|---|
| ଗାଡ଼ି | ଜୁନ୍ ବିକ୍ରି |
| ୨ଚକିଆ | ୫୪,୪୩୨ |
| ୩ଚକିଆ | ୧,୮୯୯ |
| ବାଣିଜ୍ୟିକ | ୨,୨୫୧ |
| ଯାତ୍ରୀବାହୀ | ୬,୭୧୭ |
| ଟ୍ରାକ୍ଟର | ୩,୦୦୨ |

ସାରା ଦେଶରେ ଜୁନ୍ ମାସରେ ୨୦,୦୩,୮୭୩ଟି ଗାଡ଼ି ବିକ୍ରି ହୋଇଛି ଯାହା ୨୦୨୪ର ଜୁନ୍‌ରେ ହୋଇଥିବା ୧୯,୧୧,୩୫୪ ଗାଡ଼ି ତୁଳନାରେ ୪.୮୪ ପ୍ରତିଶତ ଅଧିକ। ଦେଶରେ ସବୁ ପ୍ରକାର ଗାଡ଼ି ବିକ୍ରି ବଢ଼ିଛି। ୨ଚକିଆ ବିକ୍ରି ୪.୭୩ ପ୍ରତିଶତ, ୩ଚକିଆ ୬.୬୮ ପ୍ରତିଶତ, ବାଣିଜ୍ୟିକ ଯାନ ୬.୬୦ ପ୍ରତିଶତ, ଯାତ୍ରୀବାହୀ ଯାନ ୨.୪୫ ପ୍ରତିଶତ ଓ ଟ୍ରାକ୍ଟର ବିକ୍ରି ୮.୬୮ ପ୍ରତିଶତ ବଢ଼ିଛି। ଉଭୟ ରାଜ୍ୟ ଓ ଦେଶରେ ୨ଚକିଆ ଗାଡ଼ି ଓ ଟ୍ରାକ୍ଟର ବିକ୍ରିରେ ଘଟିଥିବା ବୃଦ୍ଧି ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳ ଅର୍ଥନୀତିରେ ଥିବା ଉତ୍ସାହକୁ ଦର୍ଶାଉଛି। ଏହି ଦୁଇ ପ୍ରକାର ଗାଡ଼ି ମଧ୍ୟରୁ ଅଧିକାଂଶ ଗ୍ରାମାଞ୍ଚଳରେ ବିକ୍ରି ହୋଇଥାଏ।

## ୧୦ ମିନିଟରେ ପହଞ୍ଚିବ ଆମାଜନ ସାମଗ୍ରୀ




ନୂଆଦିଲ୍ଲୀ, ୧୦ା୭: ଏଣିକି ୧୦ ମିନିଟରେ ମିଳିବ ଆମାଜନର ଡେଲିଭରି। ଆମାଜନ ନାଓ ପ୍ଲାଟଫର୍ମ ମାଧ୍ୟମରେ ଗ୍ରାହକମାନେ ଏହି ସୁବିଧା ପାଇପାରିବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଦିଲ୍ଲୀରେ ଏହି ସେବା ଆରମ୍ଭ ହୋଇଛି। ଦେଶରେ ତୁରନ୍ତ ବ୍ୟବସାୟ ବା କ୍ୱିକ୍ କମର୍ସର କ୍ରେଜ୍ ବଢ଼ିଚାଲିଛି। ଏ କ୍ଷେତ୍ରରେ ସ୍ୱିଗି ଇନଷ୍ଟାମାର୍ଟ, ଜିଓମାର୍ଟ, ଜେପଟୋ, ବ୍ଲିଙ୍କିଟ୍ ପରି କମ୍ପାନି ଏ କ୍ଷେତ୍ରରେ ଆଗୁଆ ରହିଛି। ବିଭିନ୍ନ ନିତିଦିନିଆ ସାମଗ୍ରୀ ଅର୍ଡର କରିବାର ଅଳ୍ପ କିଛି ସମୟ ମଧ୍ୟରେ ଅର୍ଡର ହୋଇଥିବା ସମଗ୍ରୀ ଗ୍ରାହକଙ୍କ ଘରେ ପହଞ୍ଚୁଛି। ଅନ୍ୟପକ୍ଷରେ ଆମାଜନ, ଫ୍ଲିପକାର୍ଟ ପରି ଇ-କମର୍ସ ପ୍ଲାଟଫର୍ମରେ ସାମଗ୍ରୀ ଅର୍ଡର କରିବାଠାରୁ ଡେଲିଭରି ପର୍ଯ୍ୟନ୍ତ ଦିନେରୁ ଏକ ସପ୍ତାହ କିମ୍ବା ଅଧିକ ସମୟ ଲାଗିଥାଏ। ଏହି କାରଣରୁ ଆମାଜନ ପକ୍ଷରୁ ଆମାଜନ ନାଓ ଆରମ୍ଭ କରାଯାଇଛି। ତରନ୍ତ ସେବା (କ୍ୱିକ ସର୍ଭିସ) କ୍ଷେତ୍ରରେ ଆମାଜନ ନାଓର ପ୍ରବେଶ ସହିତ ଆଗାମୀ ଦିନରେ ପ୍ରତିଯୋଗିତା ତୀବ୍ର ହେବାର ସମ୍ଭାବନା ରହିଛି। ଜୁନ୍ ମାସରେ, ଇ-କମର୍ସ କମ୍ପାନୀ ଆମାଜନ ବେଙ୍ଗାଲୁରୁରେ ଏହାର ଦ୍ରୁତ ବିତରଣ ସେବା ଆରମ୍ଭ କରିଥିଲା। ଏବେ ଏହା ପ୍ରଥମେ ପଶ୍ଚିମ ଦିଲ୍ଲୀରୁ ଏହାକୁ ଆରମ୍ଭ କରିଛି, ଯାହା ଧୀରେ ଧୀରେ ଅନ୍ୟ ସହରରେ ଆରମ୍ଭ ହେବ।

## ଏମ୍‌ଜିଏମ୍ ମିନେରାଲ୍ସ ଖଣିକୁ ପଞ୍ଚତାରକା ପୁରସ୍କାର

ଭୁବନେଶ୍ୱର, ୧୦ା୭: କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍) ପକ୍ଷରୁ ଏମ୍‌ଜିଏମ୍ ମିନେରାଲନ୍ସ ଲିମିଟେଡ୍‌ର ପଟାବେଡା ଲୌହ ଖଣିକୁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପଞ୍ଚ ତାରକା ମୂଲ୍ୟାଙ୍କନ କରି ପୁରସ୍କୃତ କରାଯାଇଛି। ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ଏକ ସମାରୋହରେ କମ୍ପାନି ତରଫରୁ ଖଣି ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ଓ ମୁଖ୍ୟ ପ୍ରବନ୍ଧକ ହିମାଂଶୁ ଶେଖର ପଟ୍ଟନାୟକ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଅତିଥି ଭାବେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା, କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି କିଷନ ରେଡ୍ଡି, ଆଇବିଏମ୍‌ର ମହାନିୟନ୍ତ୍ରକ ପୀୟୂଷ ନାରାୟଣ ଶର୍ମା ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।



## ନିବେଶକ ହରାଇଲେ ୧.୨୨ ଲକ୍ଷ କୋଟି ଟଙ୍କା

ନୂଆଦିଲ୍ଲୀ, ୧୦ା୭: ଭାରତୀୟ ସେୟାର ବଜାର ଗୁରୁବାର ଲଗାତାର ଦ୍ୱିତୀୟ ଦିନରେ ହ୍ରାସ ସହ ବନ୍ଦ ହୋଇଛି। ସାପ୍ତାହିକ ଏକ୍ସପାଏରୀ ପୂର୍ବରୁ ବଜାରରେ ଅସ୍ଥିରତା ଦେଖିବାକୁ ମିଳିଛି। ଟିସିଏସର ତ୍ରୈମାସିକ ପରିଣାମ ପୂର୍ବରୁ ନିବେଶକ ସତର୍କ ହୋଇଛନ୍ତି। ଏହା ବ୍ୟତୀତ ଭାରତ-ଆମେରିକା ଟ୍ରେଡ୍ ଡିଲ୍ ନେଇ ଜାରି ଅନିଶ୍ଚିତତା ବଜାରର ସେଣ୍ଟିମେଣ୍ଟ ଉପରେ ପ୍ରଭାବ ପକାଇଛି। କାରବାର ଶେଷରେ ବିଏସ୍ଇ ସେନ୍‌ସେକ୍ସ ୩୪୫.୮୦ ଅଙ୍କ ବା ୦.୪୧ ପ୍ରତିଶତ ହ୍ରାସ ସହ ୮୩,୧୯୦.୨୮ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନିଫ୍ଟି ୧୨୦.୮୫ ଅଙ୍କ ବା ୦.୪୭ ପ୍ରତିଶତ ହ୍ରାସ ପାଇ ୨୫,୩୫୫.୨୫ ସ୍ତରରେ ବନ୍ଦ ହୋଇଛି। ନିଫ୍ଟି ଆଇଟି ସେକ୍ଟର ଆଜି ଟପ୍ ଲୁଜର୍ସ ହୋଇଛି। ଇନଫୋସିସ୍, ୱିପ୍ରୋ, ଟିସିଏସ୍ ଓ ଟେକ୍ ମହିନ୍ଦ୍ରା ପରି ସେୟାର ଲାଲ୍ ସଂକେତରେ ବନ୍ଦ ହୋଇଛି। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ବୈଶ୍ୱିକ ଆର୍ଥିକ ଅନିଶ୍ଚିତତା ଯୋଗୁ ଆଇଟି କମ୍ପାନିଗୁଡ଼ିକର ପ୍ରଦର୍ଶନ ଦୁର୍ବଳ ରହିପାରେ। ଏହା ବ୍ୟତୀତ ଟେଲିକମ୍, ଫାର୍ମା ଓ ଏଫଏମସିଜି ସେୟାରରେ ହ୍ରାସ ଦେଖିବାକୁ ମିଳିଛି। ବିଏସଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ଆଜି ଜୁଲାଇ ୧୦ରେ ହ୍ରାସ ପାଇ ୪୬୦.୧୭ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିନ ଜୁଲାଇ ୯ରେ ଏହା ୪୬୧.୩୯ ଲକ୍ଷ କୋଟି ଟଙ୍କା ଥିଲା। ଏହିପରି ବିଏସ୍ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ଆଜି ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କୁ ୧.୨୨ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବିଏସ୍ଇ ସେନ୍‌ସେକ୍ସର ୩୦ ମଧ୍ୟରୁ ୬ ସେୟାର ଆଜି ସବୁଜ ସଂକେତରେ ବନ୍ଦ ହୋଇଛି।



## ଡିଏମ୍‌ଏଫ୍ ପାଣ୍ଠି ସଂଗ୍ରହରେ ଓଡ଼ିଶା ପ୍ରଥମ

ଭୁବନେଶ୍ୱର, ୧୦ା୭: ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ସଂଗ୍ରହରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି। ଚଳିତ ବର୍ଷ ଏପ୍ରିଲ୍ ୨୫ ସୁଦ୍ଧା ୧,୦୮,୨୧୨.୪୨ କୋଟି ଟଙ୍କାର ଡିଏମ୍‌ଏଫ୍ ପାଣ୍ଠି ସଂଗ୍ରହ କରାଯାଇଥିଲା। ସେଥିରୁ କେବଳ ଓଡ଼ିଶା ୩୧,୩୨୪ କୋଟି ଟଙ୍କା ସଂଗ୍ରହ କରିଛି। ଫଳରେ ଶ୍ରେଷ୍ଠ ପାଞ୍ଚଟି ରାଜ୍ୟ ମଧ୍ୟରେ ଓଡ଼ିଶା ଶୀର୍ଷରେ ରହିଛି। କେନ୍ଦ୍ର ଖଣି ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ଜାତୀୟ ସ୍ତରୀୟ କର୍ମଶାଳାରେ ମାର୍ଗଦର୍ଶିକା ଅନୁସାରେ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର ଯୋଜନା (ପିଏମକେକେୱାଇ) କାର୍ଯ୍ୟକାରୀ କରି ଡିଏମ୍‌ଏଫ୍‌ର ଉଲ୍ଲେଖନୀୟ ଉପଯୋଗିତା ପାଇଁ ଓଡ଼ିଶାକୁ ପ୍ରଶଂସା କରାଯାଇଥିଲା। ରାଜ୍ୟ ସରକାରଙ୍କ ତରଫରୁ ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ସଚିବ ପ୍ରଦ୍ୟୁମ୍ନ କୁମାର ମହାକୁଡ଼ ପ୍ରଶଂସା ପତ୍ର ଗ୍ରହଣ କରିବା ସହ ସମ୍ବର୍ଦ୍ଧିତ ହୋଇଥିଲେ। କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି କିଷନ ରେଡ୍ଡି ମଧ ଓଡ଼ିଶାକୁ ପ୍ରଶଂସା କରିଥିଲେ। ଏହି ଅବସରରେ କୋଇଲା ଓ ଖଣି ରାଷ୍ଟ୍ର ମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଏବଂ କେନ୍ଦ୍ର ଖଣି ସଚିବ ସଚିବ ଏଲ୍ କାନ୍ତା ରାଓ ଉପସ୍ଥିତ ଥିଲେ। କେନ୍ଦୁଝର ସମେତ ୪ଟି ଜିଲ୍ଲାର ଜିଲ୍ଲାପାଳ ଡିଏମ୍‌ଏଫ୍ ପାଣ୍ଠି ସଂଗ୍ରହ ଓ ଉପଯୋଗିତାରେ କିଭଳି ସ୍ୱଚ୍ଛତା ବଜାୟ ରଖାଯାଉଛି, ତାହା ଜଣାଇଥିଲେ। କର୍ମଶାଳାରେ ଏକ କଫିଟେବୁଲ୍ ବୁକ୍ ଉନ୍ମୋଚିତ ହୋଇଥିଲା । ବିଭିନ୍ନ ରାଜ୍ୟରୁ ସ୍ୱୟଂ ସହାୟିକା ଗୋଷ୍ଠୀମାନେ ନୂଆଦିଲ୍ଲୀସ୍ଥିତ ଜନପଥ ଠାରେ ଆୟୋଜିତ ହାଣ୍ଡଲୁମ ହାଟରେ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ।ଦେଶର ୨୩ଟି ରାଜ୍ୟର ୬୪୬ଟି ଜିଲ୍ଲାରେ ଡିଏମଏଫ୍ ପ୍ରତିଷ୍ଠା କରାଯାଇଛି । ଡିଏମଏଫ୍ ପାଣ୍ଠି ସ୍ଥାପନରେ ଏହା ଚଳିତ ବର୍ଷ ଏକ ଦଶନ୍ଧି ପୂରଣ କରିଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ଯୋଜନାରେ ଡିଏମ୍‌ଏଫ୍ ପାଣ୍ଠି ଉପଯୋଗ କରାଯାଉଛି ।




## ଚୀନର କଟକଣା ପରେ ନିଷ୍ପତ୍ତି

# ଭାରତ ପାଇଁ ରେୟାର ଆର୍ଥ ମ୍ୟାଗନେଟ୍ ଉତ୍ପାଦନ କରିବେ ମହିନ୍ଦ୍ରା ଓ ଉନୋ ମିଣ୍ଡା

**ନୂଆଦିଲ୍ଲୀ, ୧୦ା୭:** ପ୍ରମୁଖ ଭାରତୀୟ କାର ନିର୍ମାତା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏବଂ ପ୍ରମୁଖ ଅଟୋ ପାର୍ଟ୍ସ ନିର୍ମାତା ୟୁନୋ ମିଣ୍ଡା ଭାରତ ପାଇଁ ରେୟାର ଆର୍ଥ ମ୍ୟାଗନେଟ୍ ଉତ୍ପାଦନ କରିବାକୁ ଯୋଜନା କରୁଛନ୍ତି। ଚୀନ୍ ଉପରେ ଦେଶର ନିର୍ଭରତା ହ୍ରାସ କରିବା ପାଇଁ ଭାରତ ସରକାରଙ୍କ ପ୍ରସ୍ତାବ ପରେ ଦୁଇ କମ୍ପାନୀ ଏହି ପଦକ୍ଷେପ ନେଇଛନ୍ତି। ସରକାରୀ ସୂତ୍ରରୁ ସୂଚନା ନେଇ ଏଭଳି ରିପୋର୍ଟ ପ୍ରକାଶ କରିଛି ରୟଟର୍ସ। ବର୍ତ୍ତମାନ ବିଶ୍ୱର ପ୍ରାୟ ୯୦ ପ୍ରତିଶତ ବିରଳ ପୃଥିବୀ ଚୁମ୍ବକ ଚୀନ୍ ଯୋଗାଉଛି। ଟ୍ରମ୍ପଙ୍କ ଟାରିଫ ଧମକ ପରେ ଏପ୍ରିଲ୍‌ରେ, ବେଜିଂ ଏହି ଚୁମ୍ବକ ରପ୍ତାନି ଉପରେ କଟକଣା ଲଗାଇଥିଲା। ହେଲେ କଟକଣା ପରେ ଚୀନ ଆମେରିକା ଏବଂ ୟୁରୋପକୁ ଚୁମ୍ବକ ପଠାଇବା ପୁଣିଥରେ ଆରମ୍ଭ କରିଥିବା ବେଳେ, ଭାରତୀୟ କମ୍ପାନୀଗୁଡ଼ିକ ଏପର୍ଯ୍ୟନ୍ତ କ୍ଲିୟରାନ୍ସ ପାଇଁ ଅପେକ୍ଷା କରିଛନ୍ତି, ଯାହା ଘରୋଇ ଅଟୋମେକର ଏବଂ ଯୋଗାଣକାରୀଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି।

ଚୀନ ଜାଣିଶୁଣି ଭାରତକୁ ଏଭଳି ହଇରାଣ କରୁଥିବା ବେଳେ ମୋଦି ସରକାର ଏବେ ଏହି ରେୟାର ଆର୍ଥ ମ୍ୟାଗ୍‌ନେଟ୍‌ର ଭଣ୍ଡାର ଏବଂ ଆତ୍ମନିର୍ଭରଶୀଳତା ପାଇଁ ଗୁରୁତ୍ୱ ଦେଉଛନ୍ତି। ବିରଳ ଚୁମ୍ବକର ଅଭାବ ଦୂର କରିବା ପାଇଁ ସରକାର ବିରଳ ପୃଥିବୀ ଚୁମ୍ବକର ସଂରକ୍ଷଣ କରିବା ଏବଂ ସ୍ଥାନୀୟ ଉତ୍ପାଦନ ପାଇଁ ପ୍ରୋତ୍ସାହନ ପ୍ରଦାନ କରିବା ବିଷୟରେ ବିଚାର କରୁଛନ୍ତି। ଏହି ଚୁମ୍ବକଗୁଡ଼ିକ ବୈଦ୍ୟୁତିକ ଯାନ (ଇଭି), ବୈଦ୍ୟୁତିକ ନିର୍ମାଣ ଏବଂ ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏନେଇ ଜଣେ ସରକାରୀ ବରିଷ୍ଠ ଅଧିକାରୀ କହିଛନ୍ତି "କିଛି କମ୍ପାନୀ ମହିନ୍ଦ୍ରା ସମେତ ବିରଳ ପୃଥିବୀ ଚୁମ୍ବକ ଉତ୍ପାଦନ ନିବେଶ କିମ୍ବା ସ୍ଥାପନ କରିବାକୁ ଆଗ୍ରହ ଦେଖାଇଛନ୍ତି। ଆମର ନିଜସ୍ୱ ଉତ୍ପାଦନ ପାଇଁ ବର୍ଷେ କିମ୍ବା ଦୁଇ ବର୍ଷ ସମୟ ଲାଗିବ। ତେବେ ଆମକୁ ଏ ଦିଗରେ ଆତ୍ମନିର୍ଭର ହେବାର ଉପାୟ ଖୋଜିବାକୁ ପଡିବ।"



ନିକଟରେ ଏନେଇ ଭାରୀ ଶିଳ୍ପ ମନ୍ତ୍ରଣାଳୟ ସହିତ କମ୍ପାନୀଗୁଡ଼ିକର ଏକ ବୈଠକ ହୋଇଥିଲା। ଏଥିରେ ମହିନ୍ଦ୍ରା କହିଥିଲା ଯେ ସେ ଏକ ପାର୍ଟନର୍ସିପ୍ ମାଧ୍ୟମରେ ବିରଳ ଚୁମ୍ବକ ଯୋଗାଣ କରିବାକୁ ଇଚ୍ଛୁକ ଅଛି। ଏହି ବୈଠକରେ ଯୋଗ ଦେଇଥିବା ଉନୋ ମିଣ୍ଡା ମଧ ଏଥିରେ ରୁଚି ଦେଖାଇଥିଲା।

ସେହିପରି ଏ ଦିଗରେ ଆଉ ଏକ କମ୍ପାନୀ ସୋନା କମଷ୍ଟାର ମଧ ଆଗ୍ରହ ଦେଖାଇଛି। ଫୋର୍ଡ ଏବଂ ଷ୍ଟେଲାଣ୍ଟିସ୍ ଭଳି ଗ୍ଲୋବାଲ ଫାର୍ମଗୁଡ଼ିକୁ ଗିଅର୍ସ ଏବଂ ଇଲେକ୍ଟ୍ରିକ୍ ମୋଟର ଯୋଗାଉ କରୁଥିବା ସୋନା କମଷ୍ଟାର ପ୍ରଥମ ଭାରତୀୟ କମ୍ପାନୀ ଭାବେ ଘରୋଇ ଚୁମ୍ବକ ଉତ୍ପାଦନ କରିବାର ଯୋଜନା ଘୋଷଣା କରିଥିଲା। କମ୍ପାନୀ ଜୁନ୍ ମାସରେ ରଏଟର୍ସକୁ ଏନେଇ ପ୍ରତିକ୍ରିୟା ଦେଇଥିଲା। ତେବେ ଏନେଇ ମହିନ୍ଦ୍ରା, ୟୁନୋ ମିଣ୍ଡା କିମ୍ବା ଭାରୀ ଶିଳ୍ପ ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ତେବେ ଦୁଇ କମ୍ପାନୀଙ୍କର ନିବେଶ ନିଷ୍ପତ୍ତି ନେଇ ଏବେ ବି ଆଲୋଚନା ଜାରି ରହିଛି। ଏବଂ କଞ୍ଚାମାଲ ଉପଲବ୍ଧତା ଏବଂ ସରକାରୀ ପ୍ରୋତ୍ସାହନ ଉପରେ ନିର୍ଭର କରିବାର ସମ୍ଭାବନା ରହିଛି। ଭାରତରେ ବିଶ୍ୱର ପଞ୍ଚମ ବୃହତ ବିରଳ ପୃଥିବୀ ଖଣିଜ ପଦାର୍ଥର ଭଣ୍ଡାର ରହିଛି। ତେଣୁ କଞ୍ଚାମାଲ ଉପଲବ୍ଧତା ନେଇ କୌଣସି ଚିନ୍ତା ନାହିଁ। ତଥାପି, ଏହି ଖଣିଜ ପଦାର୍ଥକୁ ବାହାର କରିବା ଏବଂ ଏହାର ପ୍ରୋସେସିଂ କରିବା ଓ ନିୟାମକ କଟକଣା ଆଦି ସମସ୍ୟା ରହିଥିବା କାରଣୁ ଏ ଦିଗରେ ସେତେଟା ବିକାଶ ହୋଇପାରି ନାହିଁ। ଭାରତରେ ବିରଳ ପୃଥିବୀ ଖଣି ବର୍ତ୍ତମାନ ଏକ ସରକାରୀ ମାଲିକାନା ସଂସ୍ଥା ଆଇଆରଇଏଲ୍ ଦ୍ୱାରା ତଦାରଖ କରାଯାଉଛି।

## ଇଣ୍ଡିଗୋ ୪୦ ନୂଆ ବିମାନ କିଣିବ

ନୂଆଦିଲ୍ଲୀ, ୧୦ା୭: ଦେଶର ଅଗ୍ରଣୀ ଏୟାରଲାଇନ୍ସ ଇଣ୍ଡିଗୋ ୪୦ଟି ଏୟାରବସ୍ ଏ୩୫୦ ବିମାନ କିଣିବାକୁ ନିଷ୍ପତ୍ତି ନେଇଛି। ପୂର୍ବ ବରାଦ ସହ ଏହାକୁ ମିଶାଇବା ପରେ କମ୍ପାନିର ମୋଟ ବିମାନ ବରାଦ ସଂଖ୍ୟା ୧୦୦କୁ ବୃଦ୍ଧି ପାଇଛି। ଏୟାରବସ୍‌ର କାର୍ଯ୍ୟନିର୍ବାହୀ ଉପସଭାପତି ବେନୋଟ୍ ଡି ସେଣ୍ଟ-ଏକ୍ସୁପେରି କହିଛନ୍ତି। ୨୦୨୪ରେ ଇଣ୍ଡିଗୋ ପକ୍ଷରୁ ୩୦ଟି ଏ୩୫୦-୯୦୦ ବିମାନ କିଣିବାକୁ ବରାଦ ଦିଆଯାଇଥିଲା। ସେଗୁଡ଼ିକର ଡେଲିଭରି ୨୦୨୭ ମଧ୍ୟଭାଗ ଆଡ଼କୁ ଆରମ୍ଭ ହେବ। ସେଗୁଡ଼ିକ ହେଉଛି ଲମ୍ବା ଦୂର ଯାତ୍ରା କରିବା ଉପଯୋଗୀ ଚଉଡ଼ା ବିମାନ ଯାହାକୁ ବିଭିନ୍ନ ଦେଶକୁ ଯାତ୍ରା ଲାଗି ବ୍ୟବହାର କରାଯାଏ। ଏହି ବିମାନ ଲଗାତାର ଭାବେ ୧୫-୧୮ ଘଣ୍ଟା ଉଡ଼ିପାରୁଛି। ଇଣ୍ଡିଗୋ ନିୟମିତ ବ୍ୟବଧାନରେ ଏହାର ଅନ୍ତର୍ଜାତୀୟ ନେଟ୍‌ୱର୍କ ବଢ଼ାଉଛି। ବର୍ତ୍ତମାନ ୪୦୦ରୁ ଅଧିକ ବିମାନ ପରିଚାଳନା କରୁଥିବା ଏହି ସଂସ୍ଥା ନିଜକୁ ଏକ ଦୃଢ଼ ଅନ୍ତର୍ଜାତୀୟ ଏୟାରଲାଇନ୍ସ ଭାବେ ଉପସ୍ଥାପନ କରିବା ଉପରେ କାମ କରୁଛି।




### ସୁନା ରୂପା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୪୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ,୨୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୪୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୨୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮, ୪୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ହଜାର ୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୫୫୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮,୪୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦ ହଜାର ୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୪୦୦ ଓ ୯୦ ହଜାର ୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୦୯ , ୦୦୦ ଟଙ୍କା ହୋଇଛି।

### ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୫ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ପଇସା ରହିଛି।

## ଦ୍ୱିତୀୟ ବନ୍ୟା ନଛାଡୁଣୁ ଆସିଲା ତୃତୀୟ ବନ୍ୟା

# କଲବଲ କରୁଛି ସୁବର୍ଣ୍ଣରେଖାନଦୀର ବନ୍ୟା



**ବାଲିଆପାଳ,୧୦।୭ (ସଂଚାର ବ୍ୟୁରୋ):** ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ବୃଦ୍ଧି ପାଇ ପୁଣିଥରେ କୂଳ ଲଂଘି ବାଲିଆପାଳ ବ୍ଲକର ଗାଁ ଗଣ୍ଡାରେ ପ୍ରବେଶ କରିବା ଆରମ୍ଭ କରିଛି। ଦ୍ୱିତୀୟ ବନ୍ୟାର ପାଣି ନଛାଡୁଣୁ ପୁଣି ଥରେ ତୃତୀୟ ବନ୍ୟା ଆସିବା ଫଳରେ ବନ୍ୟା ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କ ମାନସିକସ୍ଥିତି କୁ ଦୋହଲାଇ ଦେଇଛି।ସୁବର୍ଣ୍ଣରେଖା ନଦୀର ଜଳ ପତନ ରାଜଘାଟ ଠାରେ ଏହାର ବିପଦ ସଂକେତ ୧୦.୩୬ ମିଟର ତଳେ ୧୦.୦୫ ମିଟରରେ ସ୍ଥିର ରହିଛି। ତେବେ ଗାଲୁଡିହ ବ୍ୟାରେଜରୁ ଏକ ଲକ୍ଷ କ୍ୟୁସେକ ବନ୍ୟାଜଳ ନିଷ୍କାସିତ ହୋଇଥିବାରୁ ଏହି ଜଳସ୍ତର ଆଗକୁ ଆହୁରି ବୃଦ୍ଧି ପାଇବା ତେବେ ଏହାର ପ୍ରଭାବରେ ଆଜି ଏହାର ପ୍ରଭାବରେ ଜଳ ମୁହଁରେ ଥିବା ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ଘଣ୍ଟୁଆ, କୁମ୍ଭାରୀ ପ୍ରଭୃତି ପଞ୍ଚାୟତ ଜଳମଗ୍ନ ହୋଇଛି। ଚଡପାଳ ପଡା, ତଳ ଧାନଦା, ଚଡବଢାପାଳ, ପାଳଚମ୍ପେଇ, ଛୋଟଖାନପୁର, ସୂର୍ଯ୍ୟାପୁର, ରାଉତପାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଗମୁହ, ତଳ ବାଲିଆପାଳ, ରାମନଗର- ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉର୍ଦ୍ଧ୍ବରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଉ, ନଖପାଳ, ପ୍ରଭୃତି ଗ୍ରାମ ପାଣି ଘେରରେ ରହିଛି। ପାଳପଡା-ଚଡ ପାଳପଡା, ପାରୁଳିଆ-ପାଳ ଚମ୍ପେଇ, ପଞ୍ଚୁଗୁଡି-ଚଉର୍ଦ୍ଧ୍ବଳିକୁଦ, ଜାମକୁଣ୍ଡା-ତାଳପଦା, ଜାମକୁଣ୍ଡା-କୁହ୍ଲାଚଉ, ଜାମକୁଣ୍ଡା-ନୟାବାଲି, ପ୍ରଭୃତି ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ବନ୍ୟା ଯୋଗୁଁ ଲୋକେ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ପ୍ରଶାସନ ପକ୍ଷରୁ ବୌଧିଗୁଡିକୁଦ, ବଡଡାଳପଦା ଏବଂ ବିଷ୍ଣୁପୁର ଗ୍ରାମକୁ ବୋଟ ଯୋଗାଇଦିଆଯାଇଛି। ୧୦ଟି ବୋଟ ମହଜୁଦ ରଖାଯାଇଛି। ବୋଟ ଚାଲିବା ଭଳି ଅଧିକ ପାଣି ଆସିଲେ ସମସ୍ତ ବୋଟକୁ ନିୟୋଜିତ କରାଯିବ ବୋଲି ବିଡିଓ ରାଧାରଞ୍ଜନ ଦାସ କହିଛନ୍ତି। ସେହିପରି ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ ଏବଂ ପିଇବା ପାଣି ମହଜୁଦ ସହ ବନ୍ୟାର ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ଥିବା ବିଡିଓ ଶ୍ରୀ ଦାସ କହିଛନ୍ତି। ସେହିପରି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲିଆପାଳ ଗସ୍ତରେ ଆସି ବନ୍ୟାର ସମୀକ୍ଷା କରିବା ସହ ବନ୍ୟାକୁ ନେଇ କୌଣସି ଭୟଭୀତ ନହେବାକୁ ଜନସାଧାରଣଙ୍କୁ କହିଛନ୍ତି। ସୂଚନା ଯୋଗ୍ୟ ଜୁନ ୨୧ ତାରିଖରେ ସୁବର୍ଣ୍ଣରେଖା ନଦୀରେ ପ୍ରଥମ ବନ୍ୟା ଅସିଥିବା ବେଳେ ଜୁନ ୩୦ ତାରିଖରେ ଦ୍ୱିତୀୟ ବନ୍ୟା ଆସିଥିଲା। ସେବେଠାରୁ ଲଘୁଚାପ ଜନିତ ବର୍ଷା ପୁଣି ଆଜି ସୁବର୍ଣ୍ଣରେଖା ନଦୀରେ ତୃତୀୟଥର ବନ୍ୟା ଆସିଛି। ଚାଷ ବାସ ସବୁ କିଛି ଉଜୁଡି ଦେଉଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବାଲିଆପାଳ ଗସ୍ତ କରି ୭ଦିନର ରିଲିଫ ଘୋଷଣା କରିଥିଲେ। ତେବେ ରିଲିଫ ନଆସୁଣୁ ପୁଣି ବନ୍ୟା ଲୋକଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଉଛି।

## ବସଷ୍ଟାଣ୍ଡ ପରିସର

# ସମତୁଲ ହେଲା, ଡ୍ରେନେଜ ବ୍ୟବସ୍ଥା କେବେ ?

**ହିଞ୍ଜିଲିକାଟୁ,୧୦।୭ (ସଂଚାର ବ୍ୟୁରୋ):** ହିଞ୍ଜିଳି ବସଟର୍ମିନାଲ ପରିସରରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ବସଷ୍ଟାଣ୍ଡ ପରିସର ପୋଖରୀ ଭ୍ରମ ସୃଷ୍ଟି ହେଉଥିଲା। ଲଗାଣ ବର୍ଷା ହେଲେ ପରିସ୍ଥିତି ଆହୁରି ଶୋଚନୀୟ ହୋଇପଡୁଥିଲା। ବସ ଟର୍ମିନାଲ ନିକଟରେ ପୌରପରିଷଦ କାର୍ଯ୍ୟାଳୟ ରହିଥିଲେ ମଧ୍ୟ ଏହି ସମସ୍ୟା ଅଧିକାରୀ ଠାରୁ ଆରମ୍ଭ କରି ଯନ୍ତ୍ରୀ ମାନେ ଆଖିରେ ଦେଖୁଥିଲେ ମଧ୍ୟ ସମାଧାନ କେମିତି କରାଯିବ ତାହା ନେଇ ଇଚ୍ଛା ପ୍ରକାଶ କରିନଥିଲେ। ତେବେ ଏନେଇ ଜୁନ ୧୭ ତାରିଖରେ ଦୈନିକ ସଂଚାର ଖବର କାଗଜରେ ପ୍ରକାଶିତ ହୋଇଥିଲା ଉକ୍ତ ଖବର। ଖବର ପ୍ରକାଶିତ ହେବା ପରେ ପ୍ରଶାସନ ତତ୍ପରତା ଦେଖାଇ ସମତୁଲ କରିଛି। କିନ୍ତୁ ଆଗାମୀ ଦିନରେ ଯେପରି ସମସ୍ୟାର ସ୍ଥାୟୀ ସମାଧାନ ସହ ଡ୍ରେନେଜ ବ୍ୟବସ୍ଥା କରିବାକୁ ସହରବାସୀ ଦାବି କରିଛନ୍ତି।



## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

**କଳିଙ୍ଗନଗର,୧୦।୭ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଅନ୍ତର୍ଗତ ପଞ୍ଚାୟତ ହାଇସ୍କୁଲ ଶାଳୀଜଙ୍ଗା ରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟାଳୟ ରେ ଦୀର୍ଘ ଚାରି ଦଶନ୍ଧି ଧରି ଚାକିରୀ କରି ସମସ୍ତ ଙ୍କର ପ୍ରଶଂସା ଭାଜନ ହୋଇଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଜୟ କୁମାର ସାହୁ ଙ୍କୁ ଗ୍ରାମବାସୀ ଓ ବିଦ୍ୟାଳୟ ର ବର୍ତମାନ ଓ ପୂର୍ବତନ କର୍ମଚାରୀ, ଛାତ୍ର ଛାତ୍ରୀ ସମୁହ ଲୁହ ଗଡ଼ାଇ ବିଦାୟ ଦେଉଥିବା ର ଦୃଶ୍ୟ ସମସ୍ତ ଙ୍କୁ ଭାବ ବିହ୍ଵଳ କରିଥିଲା, ଶ୍ରୀଯୁକ୍ତ ସାହୁ ଜଣେ ଛାତ୍ର ବତ୍ସଳ, ପରୋପକାରୀ, ମେଳାପୀ ବ୍ୟକ୍ତି ଥିଲେ। ତେଣୁ ସମସ୍ତେ ବିଦ୍ୟାଳୟ ରେ ଏକ ସଭା ର ଆୟୋଜନ କରି ତାଙ୍କୁ ଉତ୍ତରୀୟ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ସଭା ଆରମ୍ଭ ପୂର୍ବ ରୁ ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଗଣେଶ୍ୱର ମିଶ୍ର ଙ୍କ ସ୍ମୃତି ରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶ୍ରୀ ସାହୁ ପିଲାମାନଙ୍କୁ ନିଜର ପୁଅ ଝିଅ ପରି ଶ୍ରଦ୍ଧା କରୁଥିବା, ବୃକ୍ଷ ରୋପଣ କରି ପରିବେଶ ସୁରକ୍ଷା ପାଇଁ ସେ ସଦା ସର୍ବଦା ତତ୍ପର ଥିଲେ। ଏହି ଅବସରରେ ମୋ ସ୍କୁଲ ଅଭିଯାନ ର ସଭାପତି ବସନ୍ତ କୁମାର ଦାସ, ପ୍ରଧାନ ଶିକ୍ଷକ ବଳଭଦ୍ର ସ୍ୱାଇଁ, ବିଦ୍ୟାଳୟ ସମ୍ପାଦକ ଫକୀର ଚରଣ ଦାସ, ପୂର୍ବତନ ପ୍ରଧାନ ଶିକ୍ଷକ ବସନ୍ତ କୁମାର ବାରିକ, ଗ୍ରାମବାସୀ ବଳରାମ ଦାସ, ଅଜିତ କୁମାର ଦାସ, ବିଜୟ ସାହୁ, ନିତ୍ୟାନନ୍ଦ ଦାସ, ଗୌରୀ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏକ ଶୋଭାଯାତ୍ରା ରେ ବିଦାୟୀ କର୍ମଚାରୀ ଙ୍କୁ ଗ୍ରାମ ପରିକ୍ରମା କରାଇଥିଲେ।

## ସଦଭାବନା ଭବନରେ ଜାତୀୟ ମତ୍ସ୍ୟଚାଷୀ ଦିବସ ଅନୁଷ୍ଠିତ




**ସୁନ୍ଦରଗଡ଼,୧୦।୭ (ସଂଚାର ବ୍ୟୁରୋ):** ଗୁରୁବାର ସଦ ଭାବନା ଭବନରେ ଜାତୀୟ ମତ୍ସ୍ୟଚାଷୀ ଦିବସ ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଅଧିକାରୀ ଡ଼କ୍ଷ. ସନ୍ତୋଷ ପାଣିଗ୍ରାହୀ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଓ ଭାରତୀୟ ପ୍ରଶାସନିକ ସେବାର ପ୍ରଶିକ୍ଷୁ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ ସ୍ୱାଗତ ଅଭିଭାଷଣ ରଖିବା ସହ ମତ୍ସ୍ୟ ବିଭାଗର ଦୁଇଟି ପ୍ରମୁଖ କ୍ଷେତ୍ର ଯଥା ମତ୍ସଚାଷ ଓ ଉତ୍ପାଦନ ବୃଦ୍ଧି କ୍ଷମତାର ଅଭିବୃଦ୍ଧି ନିମନ୍ତେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଭାରତୀୟ ପ୍ରଶାସନିକ ସେବାର ପ୍ରଶିକ୍ଷୁ ଅଧିକାରୀ ପୀବି ରାସିଦ ଏହି ସଭାରେ ଏକ ବ୍ୟବସ୍ଥିତ ମାଛ ଚାଷ ବିକାଶ ନୀତିର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଜାତୀୟ ମତ୍ସ୍ୟଚାଷୀ ଦିବସ ଅବସରରେ ସଫଳ ମତ୍ସ୍ୟ ଚାଷୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ମତ୍ସ୍ୟ ଚାଷୀ ଭାବେ ହିତେଶ୍ୱର ପଟେଲ ଙ୍କୁ ମତ୍ସ୍ୟ ପୋଖରୀ ଯୋଜନାରେ ପୁରସ୍କୃତ କରାଯାଇଥିଲା। ସୁଲୁତାନା ବେଗମ ବାୟୋଫ୍ଲକ ପଦ୍ଧତିରେ ମାଛ ଚାଷ ପାଇଁ ଏବଂ ବୀଣାପାଣି ସ୍ୱୟଂ ସହାୟକ ଗୋଷ୍ଠୀ, ରିତାରାଣୀ ପଟେଲ ଶ୍ରେଷ୍ଠ ଯାଆଁଳା ଉତ୍ପାଦନକାରୀ ଭାବେ ପୁରସ୍କୃତ ହୋଇଥିଲେ। ଏହି ଜାତୀୟ ମତ୍ସ୍ୟଚାଷୀ ଦିବସର ପୃଷ୍ଠଭୂମି ୧୯୫୭ ମସିହାରୁ ପରିଚିତ। ପ୍ରତ୍ୟେକ ବର୍ଷ ଜୁଲାଇ ୧୦ ତାରିଖରେ ମତ୍ସ୍ୟ ଚାଷ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ସଫଳତା ପାଇଁ ଡ. ହିରାଲାଲ ଚୌଧୁରୀ ଓ ଡ. କେ ଏଚ ଆଲିକୁନା ଙ୍କ ଅବଦାନକୁ ମତ୍ସ୍ୟଚାଷୀ ଦିବସ ଭାବେ ପାଳନ କରାଯାଏ। ଏହି ପୃଷ୍ଠଭୂମିର ସମ୍ୟକ୍ ଆଲୋଚନା ସହ ସହକାରୀ ମତ୍ସ୍ୟ ଅଧିକାରୀ ଲେଫ୍ରିପଡକ୍ଷ ଜ୍ୟୋତିର୍ମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଳ ନିଷ୍କାସନ ସୁବିଧା ନାହିଁ, ଗାଁ ଦାଣ୍ଡରେ ପାଣି ଜମି ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

**ଯାଜପୁର ରୋଡ଼, ୧୦।୭(ସଂଚାର ବ୍ୟୁରୋ):** ସାମାନ୍ୟ ବର୍ଷାରେ ଗାଁ ଦାଣ୍ଡ ସମେତ ଅନ୍ୟ ସ୍ଥାନରେ ମଧ୍ୟ ପାଣି ଜମେ। ଲଘୁଚାପ ବର୍ଷା ରେ ଅବସ୍ଥା ଆହୁରି ଖରାପ। ଦାଣ୍ଡରେ ଲହଡି ମାରେ ବର୍ଷା ପାଣି। ଯାହା ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି କରେ।ଲୋକେ ଆଣ୍ଠୁଏ ପାଣିରେ ପଶି ଯାତାୟାତ କରିବାକୁ ବାଧ୍ୟ ହୁଅନ୍ତି। ଏହାଦ୍ୱାରା ଗ୍ରାମରେ ଏକ ସନ୍ତସନ୍ତିଆ ସ୍ଥିତି ମଧ୍ୟ ଉପୁଜୁଛି। ଏହା ଦୀର୍ଘ ଦିନର ସମସ୍ୟା ହୋଇଥିଲେ ମଧ୍ୟ କାହାର ନଜର ଏଥିପ୍ରତି ପଡ଼ି ନାହିଁ ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି। ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ଅନ୍ଧାରୀ ପଞ୍ଚାୟତ ରଗଡ଼ି ଗ୍ରାମର ଏହିଭଳି ଅବସ୍ଥା। ଏଠାରେ ବାସ କରୁଥିବା ଶତାଧିକ ପରିବାର ପାଇଁ ଗାଁ ଦାଣ୍ଡରେ ଜାମୁଥିବା ପାଣି ସମସ୍ୟା ବହୁଳ ହୋଇଛି। ତେଣୁ ଏହା ଦ୍ୱାରା ଗ୍ରାମ ପରିବେଶ ଦୂଷିତ ହେବା ସହ ଅପରିଷ୍କାର ପରିସ୍ଥିତି ସୃଷ୍ଟି କରିଛି। ଏହା ଦ୍ୱାରା ମଶା ମାଛିଙ୍କ ପାଦୁର୍ଭାବ ବଢୁଛି। ପୋକ ଜୋକ ସରୀସୃପ ପାଣିରେ ଆଶ୍ରୟ ନେଉଥିବା ବେଳେ ଏଥିରୁ ଦୁର୍ଗନ୍ଧ ବାହାରୁଛି। ଯାହା ଅଞ୍ଚଳ ଲୋକଙ୍କ ପାଇଁ ବିପଦ ଆଣିଛି। ପାଣିରେ ଚଳପ୍ରଚଳ କରିବା ଦ୍ୱାରା ଗୋଡ଼ କୁଣ୍ଡାଇ ହୋଇ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଥିବା ଲୋକେ ଅଭିଯୋଗ କରିଛନ୍ତି। ଛୋଟ ଛୋଟ ପିଲାମାନଙ୍କୁ ମଧ୍ୟ ପାଣିରେ ପଶି ସ୍କୁଲକୁ ଯିବାକୁ ପଡୁଛି । ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଛି ।

## ନିଖିଳ ଓଡ଼ିଶା ଉଦ୍ୟାନ ସାଥୀ ସଂଘ ପକ୍ଷରୁ ରାଲି

**ଫୁଲବାଣୀ,୧୦।୭ (ସଂଚାର ବ୍ୟୁରୋ):** ଉଦ୍ୟାନ ବିଭାଗ ଫୁଲବା ଅଧୀନରେ ଥିବା କାର୍ଯ୍ୟରତ ଉଦ୍ୟାନ ପୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆ ଆଜି ରାଲି ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରମିକ ସ ସଂଗଠନଙ୍କ ତରଫରୁ ଚାଲିଥିବା ସର୍ବଭାରତୀୟ ଧର୍ମ ଘଟ ଅବସରରେ ଏହି ବିକ୍ଷୋଭ ଆୟୋଜିତ ହୋଇଛି। ୨୦୧୨ ମସିହାରୁ ମନରେଗା ଯୋଜନାରେ କାମ କରୁ ଥି ଲେ ମଧ୍ୟ ମଧ୍ୟ ଏମାନଙ୍କୁ ଠିକଭାବେ ଦରମା ମିଳୁ ନାହିଁ। ଏପରିକି ଚଳିତବର୍ଷ ଅନୁଦାନ ବନ୍ଦ ଫଳରେ ବିଭିନ୍ନ ପ୍ରକଳ୍ପରେ କାମ ଅଚଳାବସ୍ଥା ସୃଷ୍ଟି ହୋଇଛି। କାର୍ଯ୍ୟରତ ଉଦ୍ୟାନ ସାଥୀ ଓ ଶ୍ରମିକମାନେ କ ହରାଇବାର ଆଶଙ୍କା ସୃଷ୍ଟି ହୋଇଛି। ବ୍ଲକ ଅଞ୍ଚଳରେ ବିଭାଗୀୟ କାର୍ଯ୍ୟରେ ନିୟୋଜନ ସହ ଆର୍ଥିକ ଅନୁଦାନ ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ସଭାପତି ଜ୍ଞାନଚାନ୍ଦ ପ୍ରଧାନଙ୍କ ଆହ୍ୱାନକ୍ରମେ ଜିଲ୍ଲା ସଭାପତି ସୁ ଶାନ୍ତ ବଳିଆରସିଂ, ସଦସ୍ୟ ପ୍ରଭଞ୍ଜନ ପ୍ରଧାନ, ସଭାପତି, ସରୋଜ ମହାନନ୍ଦ, ନବୀନ ଦିଗାଲ, ପ୍ରଦୀପ ନାୟକ, ସତ୍ୟ ପ୍ରଧାନ ଓ ସୁ ସୁ ଦାମ ମାଝୀ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।




## ସରିଲା ବନ ମହୋତ୍ସବ ସପ୍ତାହ

# ଚାଲିଛି ବେଧଡକ ଗଛକଟା, ବିଭାଗ ନିରବ



**କଳିଙ୍ଗନଗର,୧୦।୭ (ସଂଚାର ବ୍ୟୁରୋ):** ବର୍ଷା ଦିନ ବୃକ୍ଷ ରୋପଣ ର ଦିନ। ତିନି ଦିନ ହେବ ସଦ୍ୟ ସମାପ୍ତ ହୋଇଛି ବନ ମହୋତ୍ସବ। ଏହି ସପ୍ତାହ ରେ କିପରି ଗଛ ବଞ୍ଚିବ। ଜଙ୍ଗଲ ସୁରକ୍ଷା ରହିବ ବନ ବିଭାଗ ବୃକ୍ଷ ରୋପଣ ସହ ସଚେତନତା କାର୍ଯ୍ୟକ୍ରମ କରିଥିବା ବେଳେ ଧୂଳିଗଡ଼ ଜଙ୍ଗଲ ଟିରେ ଦୈନିକ ଶାଳ ଶହ ବହୁ ମୂଲ୍ୟବାନ ଗଛ ଲୋକେ କାଟିନେଉଛନ୍ତି। ପଞ୍ଚାୟତ ଜଙ୍ଗଲ ସୁରକ୍ଷା କମିଟି ସବୁ ଜାଣି ଅଜଣା ହେଉଛି। ଖବର ମୁତାବକ ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ଜଙ୍ଗଲ ଟି ବହୁ ପୁରାତନ। ଦୁଃଖ ର କଥା ଧୀରେ ଧୀରେ ଲୋପ ପାଇବା ରାସ୍ତା ରେ ଏହି ଜଙ୍ଗଲ ଅସାମାଜିକ ଲୋକ ଙ୍କ ଆଡାସ୍ଥଳୀ ପାଲଟିଥିବା ଜଙ୍ଗଲଟି ରେ ଏବେ ଗଛ କଟା ଦୈନିକ ଚାଲିଛି। ଦିନ ଦି ପ୍ରହର ରେ ଅବାଧ ରେ ଜଙ୍ଗଲ ଲୁଟ ଚାଲିଛି ବନ ବିଭାଗ ଶୋଇଛି। ୩୦ ଏକର ବିଶିଷ୍ଟ ଏହି ପୁରାତନ ଜଙ୍ଗଲ ଟି ଶିଳ୍ପାଞ୍ଚଳ ପାଖରେ ଏହାକୁ ବଞ୍ଚାଇ ରଖିଲେ ପରିବେଶ ପ୍ରଦୂଷିତ ହୁଅନ୍ତା ନାହିଁ। ଏହି ଜଙ୍ଗଲ ଟିରେ ବହୁ ଔଷଧୀୟ ଗଛ ସହ ଶାଳ, ଚାକୁଣ୍ଡା, ପିଆଶାଲ, ଆକାଶୀଆ ଅର୍ଜୁନ ଆଦି ବହୁ ମୂଲ୍ୟବାନ ଗଛ ଲୋପ ପାଉଛି। କୋଟି କୋଟି ଟଙ୍କା ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଆସୁଛି କିନ୍ତୁ ପୁରୁଣା ଜଙ୍ଗଲ କୁ ସୁରକ୍ଷା ପାଇଁ କାହାର ନଜର ନାହିଁ। ଏହି ଜଙ୍ଗଲ ପାଖରେ ବେଆଇନ ଭାବ ରେ ଜୁଆ ଖେଳ କୁକୁଡ଼ା ଲଢେଇ ଓ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ରାତିରେ ଚୋର ମାନଙ୍କ ର ଆଡ୍ଡା ସ୍ଥଳୀ ପାଲଟିଛି। ଜଙ୍ଗଲ ପାଖକୁ ଲାଗିଥିବା ସାହି ଟିରେ ଚୋରା ଦେଶୀ ମଦ ବେପାରୀଙ୍କ ଆଡ୍ଡା ସ୍ଥଳୀ ହୋଇଛି। ଏହି ଜଙ୍ଗଲକୁ ଲାଗି ରହିଥିବା ସାହିର କିଛି ଲୋକ ଦେଶୀ ମହୁଲି ଜଙ୍ଗଲ ଭିତରେ ଲୁଚାଇ ନିର୍ଭୟରେ ବିକୁଛନ୍ତି। ପୋଲିସ ସବୁ ଜାଣି କାହା ଚାପରେ କି ଆଉ କେଉଁ କାରଣ ରୁ ଚୋରା ମଦ ବେପାରୀଙ୍କୁ ଗିରଫ କରୁନାହାଁ।

## ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ବିକ୍ଷୋଭ




**ଫୁଲବାଣୀ,୧୦।୭ (ସଂଚାର ବ୍ୟୁରୋ):** ସର୍ବ ଭାରତୀୟ ସ୍ତରରେ ୧୨ ଦଫା ଦାବି ନେଇ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜିଲ୍ଲା ସଭାପତି ଘନ ଶବରଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଫୁଲବାଣୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧ ଧିକ ଲୋକ ମାଦିକୁନ୍ଦା ଛକରୁ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳ ପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ଥିଲେ। ୪ଟି ଲେବର କାର୍ଡ ପ୍ରତ୍ୟାହାର, ଭବିଷ୍ୟନିଧି ମାସିକ ପେନ୍‌ସନ୍ ବୃଦ୍ଧି ଆଦି ଦାବି କରାଯାଇଛି ଛି। ଏହି ବିକ୍ଷୋଭରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଶ୍ରମିକ ନେତା ମାନେ ଯୋଗ ଦେଇଥିଲେ।

## ସ୍କୁଲକୁ ପାଣି ଦେଇ ଯିବାକୁ ପଡ଼େ ଛାତ୍ରଛାତ୍ରୀ ମାନଙ୍କୁ



**ସୁବର୍ଣ୍ଣପୁର,୧୦।୭ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ମହାଦେବପାଲି ଉପ୍ରା ବିଦ୍ୟାଳୟ ପାଣି ଘେରରେ ରହିଛି ଫଳରେ ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟକୁ ଯିବାକୁ ହେଲେ ପାଣି ଭିତରେ ଯିବାକୁ ପଡୁଛି। ପ୍ରକାଶ ଥାଉ କି ଯେ ଉକ୍ତ ସ୍କୁଲଟି ସୋନପୁର - ବିନିକା ମୁଖ୍ୟ ରାସ୍ତା କଡ଼ରେ ଥିବାବେଳେ ସ୍କୁଲ ପାର୍ଶ୍ୱରେ ଶାଖା କେନାଲ ମୁଖ୍ୟ ରାସ୍ତା ପାରି ହୋଇ ତଳକୁ ଯାଇଛି। ନୂତନ ଭାବେ ରାସ୍ତାକାମ ହୋଇଥିବା ବେଳେ ମାଟି ଶାଖା କେନାଲ ଭିତରେ ପଡ଼ିଥିଲା। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଅଦ୍ୟାବଧି ଶାଖା କେନାଲରୁ ମାଟି ହଟାଯାଇ ନାହିଁ ଫଳରେ ସାମାନ୍ୟ ବର୍ଷାରେ ସ୍କୁଲରେ ପାଣି ଜମା ହୋଇ ରହୁଛି। ଯଦି ଶାଖା କେନାଲରେ ପାଣି ଆସେ ତାହାହେଲେ ସ୍କୁଲ ପରିସର ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯିବ। ଏନେଇ ଅଭିଭାବକ ମାନେ ବିଭାଗୀୟ ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ ମଧ ଅଦ୍ୟାବଧି କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅପର ପକ୍ଷେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ଦୁଇଟି ନୂତନ ଶ୍ରେଣୀ କୋଠରୀ ରହିଛି।ଫଳରେ ପୁରାତନ ଆଜେବେଷ୍ଟର ଘରେ ଛାତ୍ରଛାତ୍ରୀ ବାଧହୋଇ ପଢୁଛନ୍ତି। ଛାତ୍ରଛାତ୍ରୀ ମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀ ଦୃଷ୍ଟିଦେବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅଭିଭାବକବୃନ୍ଦଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି।

## ଗୋପବନ୍ଧୁ ପ୍ରଭାତ ଶାଖାର ଗୁରୁ ପୂର୍ଣ୍ଣିମା ପାଳନ

**କଳିଙ୍ଗନଗର,୧୦।୭ (ସଂଚାର ବ୍ୟୁରୋ):** ଆଜି ପବିତ୍ର ଆଷାଢ଼ ମାସ ବ୍ୟାସ ପୂର୍ଣ୍ଣିମା ଦିବସ ରେ ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ର ଗୋପବନ୍ଧୁ ସ୍ୱୟଂ ସେବକ ମାନଙ୍କ ପ୍ରଭାତ ଶାଖା ପକ୍ଷ ରୁ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷ ରୁ ଶାଖା ର ସମସ୍ତ ସ୍ୱୟଂ ସେବକ ଭାଇ ମାନେ ଉପସ୍ଥିତ ହେବା ପରେ ପ୍ରଥମେ ଗୁରୁପୂଜନ ହୋଇଥିଲା। ତାପରେ ଶାଖା ର ପରିଚାଳକ ଗୋପୀନାଥ ରାଉତ ଙ୍କ ଦ୍ୱାରା ଧ୍ୱଜ ସ୍ଥାପନ ସାମୁହିକ ଧ୍ୱଜ ପ୍ରଣାମ, ଦଣ୍ଡ ପୂଜନ କରାଯାଇଥିଲା। ଏହା ପରେ ସଙ୍ଘ ସହ ବିଭାଗ କାର୍ଯ୍ୟବାହ ମାନନୀୟ ବରୁଣ କୁମାର ବନଛୋର ଉପସ୍ଥିତ ସ୍ୱୟଂ ସେବକ ମାନଙ୍କୁ ଆଜିର ଗୁରୁ ପୂର୍ଣ୍ଣିମା ଦିବସ ର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ସେବା ସମର୍ପଣ ଭାବ ନ ରହିଲେ ଏକ ଅଖଣ୍ଡ ସୁରକ୍ଷିତ ରାଷ୍ଟ୍ର ନିର୍ମାଣ ହୋଇ ପାରିବ ନାହିଁ, ବ୍ୟକ୍ତି ସ୍ୱୟଂ ନିଜକୁ ଜ୍ଞାନଅର୍ଜନ ଓ ଶକ୍ତିଶାଳୀ କରିବା ପାଇଁ ନିତ୍ୟ ଶାଖା କୁ ଆସିବାର ଆବଶ୍ୟକ ତା ଅଛି ବୋଲି ବୁଝାଇ କହିଥିଲେ। ଏହାପରେ ସମସ୍ତ ଭାଇ ମାନେ ସମର୍ପଣ ଭାବେ ବିଧି ଅନୁସାରେ ଗୁରୁ ଦକ୍ଷିଣା ପ୍ରଦାନ କରିଥିଲେ। ଶେଷରେ ରମାକାନ୍ତ ନନ୍ଦ ଙ୍କ ଦ୍ୱାରା ସଙ୍ଘ ପ୍ରାର୍ଥନା କରାଯାଇଥିଲା। ଗୋପବନ୍ଧୁ ଶାଖା ର କୁମର ମୁଦୁଲି, ଅରୁଣ ମହାରଣା, ସୁବାଷ ଚନ୍ଦ୍ର ବଳ ସାମନ୍ତ, ଶ୍ରୀକାନ୍ତ ମହାପାତ୍ର, ସନ୍ତୋଷ କୁମାର ତ୍ରିପାଠୀ, ସରୋଜ ସାହୁ, ଇନ୍ଦ୍ରଜିତ ବେହେରା, ଅଜୟ କୁମାର ଦାସ ପ୍ରମୁଖ ଙ୍କ ସହ ଏକାଧିକ ସ୍ୱୟଂ ସେବକ ଉପସ୍ଥିତ ଥିଲେ।

# ଧର୍ମଦାଣ୍ଡି ନାଳରେ ଭାସିଗଲେ ଦୁଇଭାଇ



### ଜଣଙ୍କ ଶବ ଉଦ୍ଧାର ଅନ୍ୟ ଜଣେ ନିଖୋଜ

**ସୁବର୍ଣ୍ଣପୁର,୧୦।୭ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବନ୍ଧପାଲି ପଞ୍ଚାୟତ ଅନ୍ତର୍ଗତ ମାଝିମୁଣ୍ଡା ଗ୍ରାମର ଧର୍ମ ଦାଣ୍ଡି ନାଳରେ ଗାଧୋଉଥିବା ବେଳେ ନିଖୋଜ ହୋଇ ଯାଇଥିବା ଦୁଇ ଭାଈ ଙ୍କ ମଧ୍ୟରୁ ଟିକେଶ୍ୱର ବାରିକ ଙ୍କ ଶବ ଉଦ୍ଧାର କରିଛି ଆଜି ଡୁଙ୍ଗୁରିପାଲି ଅଗ୍ନିଶମ ବାହିନୀ। ଉଭୟ ଦୁଇଜଣ ବ୍ୟକ୍ତି ହେଉଛନ୍ତି ମାଝୀମୁଣ୍ଡା ଗ୍ରାମର ଦୁଇଭାଇ ଟିକେଶ୍ୱର ବାରିକ (୩୫) ଓ ନିରଞ୍ଜନ ବାରିକ (୩୦)। ବିଲରେ ଚାଷ କାମ ସାରି ଦୁଇ ଭାଇ ଆସି ଧର୍ମଦାଣ୍ଡି ନାଳ କୁ ଗାଧୋଇବାକୁ ଯାଇ ଥିଲେ। ବଡ଼ ଭାଇ ଗାଧୋଉଥିବା ବେଳେ ହଠାତ୍ ପାଣି ମାଡ଼ି ଆସିଥିବାରୁ ସେ ଭାସି ଯାଉଥିବା ଦେଖି ସାନ ଭାଇ ବଡ଼ ଭାଇକୁ ବଞ୍ଚାଇବାକୁ ଯାଇ ସେ ମଧ୍ୟ ଗଭୀର ପାଣି ସ୍ରୋତ ରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଦୁଇ ଭାଇ ଭାସୁଥିବା ଦେଖି ମଧ୍ୟ ପାଣିର ଅଧିକ ସ୍ରୋତ ଥିବାରୁ ଉଦ୍ଧାର କରିବା କୁ ସାହସ କରି ନ ଥିଲେ। ତୁରନ୍ତ ଅଗ୍ନିଶମ ବାହିନୀ କୁ ଖବର ଦେବା ପରେ ଅଗ୍ନିଶମ ବିଭାଗ ଘଟଣା ସ୍ଥଳକୁ ଆସି ଖୋଜା ଖୋଜି କରିଥିଲେ। କିନ୍ତୁ ବର୍ଷା ଓ ରାତି ଅନ୍ଧାର ରେ ଗତ କାଲି ନିଖୋଜ ଭାଇ ଦ୍ୱୟ ଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇ ନ ଥିଲା। ଆଜି ସକାଳେ ମୃତ ବଡ ଭାଇ ଟିକେଶ୍ୱର ବାରିକ ଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିବା ରେ ସଫଳ ହୋଇଛି। କିନ୍ତୁ ପାଣି ପାଗ ଅନୁକୂଳ ସତ୍ତ୍ୱେ ଆଜି ଗଭୀର ନାଳ ପାଣି ର ତୀବ୍ର ଗତି ସ୍ରୋତ ପାଇଁ ଅଗ୍ନିଶମ ବାହିନୀ ର କର୍ମଚାରୀ ଦୀର୍ଘ ଦଶ ବାର ଘଣ୍ଟା ର ସର୍ଚ୍ଚ ଅପରେସନ ଓ ଆପ୍ରାଣ ଉଦ୍ୟମ ସତ୍ତ୍ୱେ ବି ନିଖୋଜ ସାନ ଭାଈ ର ସନ୍ଧାନ ପାଇ ନ ଥିଲେ। ଏ ଧର୍ମ ଦାଣ୍ଡି ନାଳ ଆଗକୁ କର୍ଲକ୍ଷଟୁଲି ଅଙ୍ଗନଦୀ ଠାରେ ଯୋଡ଼ି ହୋଇ ଥିବା ରୁ ପାଣିର ସ୍ରୋତ ରେ ଦୂର କୁ ଭାସି ଯାଇ ଥିବା ଅନୁମାନ କରାଯାଉଛି। ନଦୀ ର ତଳ ମୁଣ୍ଡ ର ଅଗ୍ନିଶମ ବିଭାଗ ଓ ପୋଲିସ ସହାୟତାରେ ଅନୁସନ୍ଧାନ ଜାରି ରହିଥିବା ଜଣା ଯାଇଛି।

## ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳିତ

**ସୁବର୍ଣ୍ଣପୁର,୧୦।୭ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଆଜି ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ର ସମସ୍ତ ବ୍ଲକ୍ ରୁ ମତ୍ସ୍ୟ ଚାଷୀ ଯୋଗଦେଇଥିଲେ। ମତ୍ସ୍ୟ ଚାଷୀ ଙ୍କୁ ମାଛ ଚାଷ ଉପରେ ସରକାର ଙ୍କ ପ୍ରମୁଖ ଯୋଜନା ଉପରେ ଆଲୋକପାତ କରି ମତ୍ସ୍ୟ ଚାଷୀ କିପରି ମାଛ ଚାଷ କରି ଉପକୃତ ହୋଇପାରିବେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଜୟ କୁମାର ସାହୁ ସ୍ୱାଗତ କରିବା ସହ ଚାଷୀ ଙ୍କୁ ମାଛ ଚାଷ କରି କିପରି ଉପକୃତ ହେବେ। ଚାଷୀ ଙ୍କୁ ସରକାର ଙ୍କ ପ୍ରମୁଖ ଯୋଜନା ମାନ ବୁଝାଇଥିଲେ। ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଅଧିକାରୀ ଡ଼ ରଞ୍ଜନ ଦାସ ଯୋଗଦେଇ ମାଛ ଚାଷ କରିବା ସଙ୍ଗେ ସଙ୍ଗେ ଗାଈ, କୁକୁଡ଼ା, ବତକ, ରଖି କିପରି ଚାଷୀ ସରକାର ଙ୍କ ପ୍ରମୁଖ ଯୋଜନା ଗୁଡ଼ିକର ରୁ ଚାଷୀ କିପରି ଉପକୃତ ହେଇପାରିବେ ଯୋଜନା ଗୁଡ଼ିକୁ ବୁଝାଇଥିଲେ। ମାଛଚାଷ କରି ଲାଭବାନ ହୋଇଥିବା ମତ୍ସ୍ୟ ଚାଷୀ ଙ୍କୁ ତିନି ଜଣଙ୍କୁ ସମ୍ମାନିତ କରିଥିଲେ।ଏଥିରେ ମଞ୍ଚ ପରିଚାଳନା ପୁରନ୍ଦର ପଣ୍ଡା କରିଥିଲେ ମସ୍କିମା ଲାକ୍ରା, ଅମିତ ଲାକ୍ରା, ସାଗର ମିତ୍ର ଅଙ୍କିତ ମିଶ୍ର, ଏଫୋଓ ସଦର ପ୍ରତାପ କିଶୋର ମେହେର, ଏଫୋଓ ଉଲୁଣ୍ଡା ଶ୍ରବଣ କୁମାର କଅଁର, ଚିତ୍ତରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।





# ପର୍ଯ୍ୟଟନ

## ଆସ ତିଆରି କରିବା ଲସି



**ଆବଶ୍ୟକ ସାମଗ୍ରୀ:** ସିମେଇ, ଦହି, ବରଫ, ଚିନି, କଟା ଫଳ, ରୋଜ୍ ଏସେନ୍ସ, ଡ୍ରାଏ ଫ୍ରୁଟସ୍( କିସ୍‌ମିସ୍, କାଜୁ ଏବଂ ବାଦାମ) ଏବଂ ଆଇସ୍‌କ୍ରୀମ୍।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ୍‌ରେ ପ୍ୟାନ୍ ବସାଇ ସେଥିରେ ପାଣି ଗରମ କରନ୍ତୁ। ଏହା ପରେ ସେଥିରେ କଞ୍ଚା ସିମେଇ ପକାଇ ସିଝାନ୍ତୁ। କିଛି ସମୟ ଫୁଟିଲା ପରେ ସିମେଇ ସିଝିଯିବ। ଏହାପରେ ପାଣିରୁ ଛାଣି ସିମେଇକୁ ଏକ ପାତ୍ରରେ ରଖନ୍ତୁ। ଏହାକୁ ଥଣ୍ଡା ପାଣିରେ କିଛି ସମୟ ଭିଜାଇ ରଖନ୍ତୁ। ଏହି ପରି କଲେ ସିମେଇ ଲାଗିବ ନାହିଁ। ଏହା ପରେ ବସା ଦହି ନେଇ ସେଥିରେ ଆବଶ୍ୟକ ଅନୁସାରେ ଚିନି ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ପରେ ରୋଜ୍ ଏସେନ୍ସ ପକାଇ ଆଉ ଥରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ଦୁଇଟି କାଚ ଗ୍ଲାସ୍ ନେଇ ସେଥିରେ ସିଝାଇ ରଖିଥିବା ସିମେଇ ପକାନ୍ତୁ। ପରେ ସେଥିରେ ଦହି ପକାନ୍ତୁ। ଅଧା ଦହି ପକାଇ ସେଥିରେ କଟା ହୋଇଥିବା ଫଳ ଗୁଡ଼ିକୁ ପକାଇ ବରଫ ପକାନ୍ତୁ। ଏହା ପରେ ପୁଣି ଦହି ପକାଇ ଗ୍ଲାସ୍ ଫୁଲ୍ କରି ଦିଅନ୍ତୁ। ଏପରି କଲା ପରେ ସେଥିରେ ନିଜ ପସନ୍ଦ ଅନୁସାରେ ଆଇସ୍‌କ୍ରୀମ୍ ପକାନ୍ତୁ। ଏହା ପରେ ସେଥିରେ ଡ୍ରାଏ ଫ୍ରୁଟସ୍‌କୁ ପକାଇ ସଜାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଲସି।

## ସିଝା ମକା ଚଟପଟି ଫ୍ରାଏ

**ଆବଶ୍ୟକ ସାମଗ୍ରୀ:** ସିଝା ଆଳୁ: ୩ଟି, ସିଝା ମକା: ୧କପ, କୋରା ପନୀର: ୫୦ ଗ୍ରାମ, କର୍ଣ୍ଣଫ୍ଲୋର: ୨ଚାମଚ, କଟା କଞ୍ଚାଲଙ୍କା: ୨ଟି, କଟା ଧନିଆ ପତ୍ର: ଆବଶ୍ୟକ ପରିମାଣରେ, ଗୋଲମରିଚ ଗୁଣ୍ଡ: ୧ ଚାମଚରୁ ସାମାନ୍ୟ କମ, ଚିଜ ଖଣ୍ଡ: ୩ ରୁ ୪ଟି, ପେଷା ପାଉରୁଟିର, ମାଟିଆ ଭାଗ: ୧କପ, ଚାଟ ମସଲା: ଅଳ୍ପ, ଲୁଣ: ଆବଶ୍ୟକ ପରିମାଣରେ, ତେଲ: ଆବଶ୍ୟକ ପରିମାଣରେ

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ସିଝା ଆଳକୁ ଭଲ ଭାବେ ଚକଟି ଦିଅନ୍ତୁ। ଏହି ଚକଟା ଆଳୁରେ କର୍ଣ୍ଣଫ୍ଲୋର, କୋରା ପନିର, ମକା ପକାନ୍ତୁ। ଏହାପରେ ଏଥିରେ କଞ୍ଚାଲଙ୍କା, ଧନିଆ ପତ୍ର, ଲୁଣ, ଗୋଲମରିଚ ଗୁଣ୍ଡ ଭଲ ଭାବେ ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏବେ ଗ୍ୟାସ ଲଗାଇ ପାତ୍ରରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ମଧରେ ଏହି ମିଶ୍ରଣରୁ ଛୋଟ ବଲ ଆକୃତିର କରି ଏହାର ମଧ ଭାଗକୁ ଖାଲ କରନ୍ତୁ। ଏହି ଖାଲ ମଧରେ ଚିଜ ଅଳ୍ପ ଚାଟ ମସଲାକୁ ରଖନ୍ତୁ ଓ ସମ୍ପୂର୍ଣ୍ଣ ବଲ ଆକୃତିର କରି ଦିଅନ୍ତୁ। ଏହି ବଲକୁ ତେଲରେ ଭଲ ଭାବେ ଛାଣି ଦିଅନ୍ତୁ। ଏହାକୁ ଏକ ପାତ୍ରକୁ କାଢ଼ି ଚଟଣି କିମ୍ବା ସସ ସହ ଖାଆନ୍ତୁ ଓ ମଜା ନିଅନ୍ତୁ।



## ଆସ ଖାଇବା ଗୁପ୍‌ଚୁପ୍

ଗୁପଚୁପ ଏହି ଜିନିଷ ଟି ପ୍ରାୟ ସମସ୍ତ ଙ୍କର ଅତି ପ୍ରିୟ ଖାଦ୍ୟ ଭାବରେ ଜଣାଶୁଣା। ଗାଁ ଗହଳି ଠାରୁ ଯେ କୌଣସି ସ୍ଥାନ ଆମେ ଦେଖିବା ଯଦି ଗୋଟିଏ ଗୁପଚୁପ ଗାଡି ଠିଆ ହୋଇଛି କେଉଁଠି ତ ତା ନିକଟରେ ସଭିଙ୍କ ଭିଡ଼। ଆଜି ପର୍ଯ୍ୟନ୍ତ ଆମେ ସମସ୍ତଙ୍କର ଧାରଣା ରହିଥିଲା ଯେ ଗୁପଚୁପ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଯାଇଥାଏ। କିନ୍ତୁ ନିକଟରେ ହୋଇଥିବା ଗୋଟିଏ ଅଧ୍ୟୟନ ଅନୁସାରେ ଗୁପଚୁପ ମଧ ଦୂର କରିଥାଏ ଅନେକ ଶାରୀରିକ ସମସ୍ୟା। କିନ୍ତୁ ଏହା ସ୍ୱାସ୍ଥ୍ୟକର ପରିବେଶ ରେ ପ୍ରସ୍ତୁତ ହେବା ସହିତ ସଫା ସୁତୁରା ସ୍ଥାନରେ ପରିବେଷଣ କରାଯାଉଥିବା ଉଚିତ। ଗୁପଚୁପ ପାଣି ହେଲା ସବୁଠୁ ଗୁରୁତ୍ୱପୂର୍ଣ୍ଣ, ଏହାକୁ ସର୍ବଦା ସଫା ପାଣିରେ ଅଦା, ପୁଦିନା, ଧନିଆ ପତ୍ର ସହିତ ଖଟା ଦ୍ରବ୍ୟ ମିଶାଇ ପ୍ରସ୍ତୁତ କରିବା ଉଚିତ। ଏହାଛଡା ଅନେକ ଗୁଡିଏ ପୁଷ୍ଟିକର ଜିନିଷ ରେ ଗୁପଚୁପ ର ପ୍ରସ୍ତୁତି ହୋଇଥାଏ, ଅଟା, ସୁଜି, ଆଳୁ, ସିଝା ମଟର, କଞ୍ଚାଲଙ୍କା, ଆମଚୁର ପାଉଡର ଇତ୍ୟାଦି।

**ହେଲଦି ଡାଇଜେସନ:** ଗୁପଚୁପ ଗହମ ଅଟା , ସୁଜି, ବୁଟ, ମଟର ଓ ଆଳୁ ଆଦିରେ ପ୍ରସ୍ତୁତ ହୋଇଥିବା କାରଣରୁ କାର୍ବୋହାଇଡ୍ରେଟ ଓ ଫାଇବର ର ଗୋଟିଏ ଭଲ ସ୍ରୋତ ଅଟେ। ତେଣୁ ଏହାକୁ ଖାଇବା ଦ୍ୱାରା ଶରୀର କୁ ଭରପୁର ଫାଇବର ମିଳିଥାଏ, ଯାହାକି ଡାଇଜେସନ ସିଷ୍ଟମ ରେ ସୁଧାର ଆଣିଥାଏ।

**ଓଜନ ହ୍ରାସ:** ଆପଣ ଜାଣିଲେ ଏହା ଆଶ୍ଚର୍ଯ୍ୟ ହୋଇ ପାରନ୍ତି କିନ୍ତୁ ଆପଣ ଗୁପଚୁପ ଖାଇବା ଦ୍ୱାରା ଓଜନ ହ୍ରାସ ହୋଇଥାଏ। କାହିଁକି ନା ଗୁପଚୁପ ରେ ଦିଆଯାଉ ଥିବା ଅଧିକାଂଶ ଜିନିଷ ସିଝା ଅଟେ ଓ ସେଥିରେ ପାଣି ମଧ ରହିଥାଏ। ଏହି କାରଣରୁ ଏଥିରେ କ୍ୟାଲୋରୀ ଖୁବ କମ ମାତ୍ରାରେ ରହିଥାଏ ଯେଉଁ କାରଣରୁ ଓଜନ ହ୍ରାସ ହୋଇଥାଏ।



## ଚାନ୍ଦିପୁର ବେଳାଭୂମି

**ରେଳ କିମ୍ବା ସଡକ ପଥରେ ବାଲେଶ୍ୱର ପର୍ଯ୍ୟନ୍ତ ଯାତ୍ରା କରି ଏବଂ ପରେ ବସ୍, ଅଟୋ କିମ୍ବା ଟ୍ୟାକ୍ସି ଧରି ଚାନ୍ଦିପୁରରେ ପହଞ୍ଚିହେବ। ୧୬ ନମ୍ବର ଜାତୀୟ ରାଜପଥ (ଏନ୍‌ଏଚ୍-୧୬) ଦେଇ ବାଲେଶ୍ୱରକୁ ସଡ଼କ ଯୋଗାଯୋଗ କରାଯାଇଥାଏ।**





ଆମେ କହୁଛୁ ଓଡ଼ିଶାର ଏକ ନିଛାଟିଆ ବେଳାଭୂମି, ଯେଉଁଠି ରହସ୍ୟମୟଭାବେ ସମୁଦ୍ର ଅଦୃଶ୍ୟ ହେବାର ଦୃଶ୍ୟ ଦେଖିବାକୁ ମିଳୁଛି। ଏହା ହେଉଛି ଚାନ୍ଦିପୁର ବେଳାଭୂମି ଏବଂ ଏହାର ପର୍ଯ୍ୟଟକମାନଙ୍କ ସହିତ ଲୁଚକାଳି ଖେଳିବାର ଅନନ୍ୟ ବୈଶିଷ୍ଟ୍ୟ ପାଇଁ ଜଣାଶୁଣା। ଆପଣଙ୍କ ଆଖି ସାମ୍ନାରେ ଜିନିଷ ଅଦୃଶ୍ୟ ହେଉଥିବା ଆପଣ ଦେଖିଛନ୍ତି କି? ଆଚ୍ଛା, ଏପରି ଘଟଣା ବେଳେବେଳେ ଘଟେ, ଯେତେବେଳେ ଆମେ କୌଣସି ସ୍ଥାନରେ ଜିନିଷ ରଖିଥାଉ ଏବଂ ଭୁଲି ଯାଆନ୍ତୁ ଯେ ଆମେ ଏହାକୁ କେଉଁଠାରେ ରଖିଛୁ। କିନ୍ତୁ, ଯଦି ଆମେ ଆପଣଙ୍କୁ ଏକ ସମୁଦ୍ର ବିଷୟରେ କହିବୁ ଯାହା ଅଦୃଶ୍ୟ ହୋଇଯାଏ ତେବେ କ'ଣ ହେବ? ହଁ, ଆପଣ ଠିକ୍ ପଢ଼ିଛନ୍ତି। ଆମେ କହୁଛୁ ଓଡ଼ିଶାର ଏକ ନିଛାଟିଆ ବେଳାଭୂମି ବିଷୟରେ, ଯେଉଁଠି ରହସ୍ୟମୟଭାବେ ସମୁଦ୍ର ଅଦୃଶ୍ୟ ହେଉଥିବା ଦେଖିବାକୁ ମିଳୁଛି। ଏହା ହେଉଛି ଚାନ୍ଦିପୁର ବେଳାଭୂମି, ଏବଂ ଏହାର ପର୍ଯ୍ୟଟକମାନଙ୍କ ସହିତ ଲୁଚକାଳି ଖେଳିବାର ଅନନ୍ୟ ବୈଶିଷ୍ଟ୍ୟ ପାଇଁ ଜଣାଶୁଣା। ତେବେ ଚାନ୍ଦିପୁର ବେଳାଭୂମିରେ ଥିବାବେଳେ ଆଖି ସାମ୍ନାରେ ସମୁଦ୍ର ଅଦୃଶ୍ୟ ହୋଇ ପୁଣିଥରେ ଦେଖାଯାଉଥିବା ଦେଖିବାକୁ ମିଳୁଛି। ଏହାର କାରଣ ହେଉଛି ସମୁଦ୍ରରେ ଜୁଆର ସମୟରେ, ଉଚ୍ଚ ଜୁଆର ଓ ନିମ୍ନ ଜୁଆର ମଧ୍ୟରେ ଅବଧି ୨-୫ କିଲୋମିଟର ପଛକୁ ଗତି କରି ଉଚ୍ଚ ଜୁଆର ସମୟରେ କୂଳକୁ ଫେରି ଆସିଥାଏ। ଏହି ଅସ୍ୱାଭାବିକ ପ୍ରାକୃତିକ ଘଟଣା ପ୍ରତିଦିନ ଘଟୁଛି, ଯେଉଁଠାରେ କେହି ପ୍ରକୃତରେ ସମୁଦ୍ରକୁ ଦେଖିପାରିବେ ଏବଂ ତା'ପରେ ଏହାକୁ ସେମାନଙ୍କ ଆଖି ସାମ୍ନାରେ ଅଦୃଶ୍ୟ ହେଉଥିବା ଦେଖିପାରିବେ। ଏହାର ଅନନ୍ୟ ପରିସ୍ଥିତି ହେତୁ ସମୁଦ୍ର କୂଳ ଜୈବ ବିବିଧତାକୁ ସମର୍ଥନ କରେ। ବୁଢ଼ାବଳଙ୍ଗ ନଦୀ (ବଳରାମଗଡ଼ି)ର ସଙ୍ଗମସ୍ଥଳରେ ନିକଟସ୍ଥ ମାଛଧରା ବଜାର ଏବଂ ସମ୍ପ୍ରଦାୟ ମିର୍ଜାପୁରଆଡ଼କୁ ସମୁଦ୍ର କୂଳରେ ଘୋଡ଼ାଶୁ କଙ୍କଡ଼ା ମଧ ଦେଖିବାକୁ ମିଳେ।

ଏହି ନିଆରା ଘଟଣା ବ୍ୟତୀତ, ଏହି ବେଳାଭୂମି ଅନ୍ୟ ବେଳାଭୂମି ପରି ଏବଂ ସମୁଦ୍ର କୂଳକୁ ଏକ ଭଲ ଅନୁଭୂତି ପ୍ରଦାନ କରେ। ଏହା ମଧ ମଜାଦାର କଥା ଯେ ଯେତେବେଳେ ସମୁଦ୍ର ତଳକୁ ଖସିଯାଏ, ସେତେବେଳେ ପ୍ରକୃତରେ ଏହାର ବାଲି ଉପରେ ଚାଲିପାରିବେ ଏବଂ ପ୍ରକୃତରେ କେହି ସମୁଦ୍ର ଉପରେ ବୁଲୁଥିବାର ଭ୍ରମ ସୃଷ୍ଟି କରିପାରେ।

ପର୍ଯ୍ୟଟକ ଏବଂ ମର୍ଣ୍ଣିଂ ବିଚ୍ ଭ୍ରମଣକାରୀମାନେ ଏହି ଦୃଶ୍ୟ ଦେଖି ଅନେକ ସମୟରେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି, ଯାହା ମଧ ଏହି ବେଳାଭୂମି ଲୋକଙ୍କ ମଧରେ ବେଶ୍ ଲୋକପ୍ରିୟ ହେବାର ଅନ୍ୟତମ କାରଣ। ଯଦି ରିପୋର୍ଟ ଅନୁଯାୟୀ, ଚନ୍ଦ୍ର ଚକ୍ର ଉପରେ ନିର୍ଭର କରୁଥିବାରୁ ଜୁଆର ଦୂର ହୋଇ ପୁନଃ ଦେଖାଯିବାର କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ। ଚାନ୍ଦିପୁର ବାଲେଶ୍ୱର ରେଳ ଷ୍ଟେସନଠାରୁ ପ୍ରାୟ ୧୬ କିଲୋମିଟର ଦୂରରେ ଅବସ୍ଥିତ। ଏହା ଏକ ଉପଯୁକ୍ତ ପିକନିକ୍ ସ୍ପଟ୍ ଅଟେ। ଓଡ଼ିଶା ପର୍ଯ୍ୟଟନର ପାନ୍ଥନିବାସ (ଗେଷ୍ଟ ହାଉସ୍) ଏଠାରେ ଅବସ୍ଥିତ। ଗ୍ରୀଷ୍ମ ଋତୁର ତାପମାତ୍ରା ୨୫-୪୦ ଡିଗ୍ରୀ ସେଲସିୟସ ରହୁଥିବାବେଳେ ଶୀତ ଋତୁର ତାପମାତ୍ରା ୧୭-୨୭ ଡିଗ୍ରୀ ସେଲସିୟସ ରହିଥାଏ। ପର୍ଯ୍ୟଟନ ଋତୁ ସାଧାରଣତଃ ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ହୋଇଥାଏ।

ଚାନ୍ଦିପୁର ହେଉଛି ଅବଦୁଲ କଲାମ ଦ୍ୱୀପରେ ଭାରତୀୟ ରଣନୀତିକ ବାହିନୀ କମାଣ୍ଡର ସମନ୍ୱିତ ପରୀକ୍ଷା ରେଞ୍ଜ (ଆଇଟିଆର)ର ଅବସ୍ଥିତି, ଯାହା ପୂର୍ବରୁ ହ୍ୱିଲର ଦ୍ୱୀପ ନାମରେ ପରିଚିତ ଥିଲା। ଆଣବିକ କ୍ଷମତା ସମ୍ପନ୍ନ ପୃଥ୍ୱୀ, ଅଗ୍ନି ଓ ଶୌର୍ଯ୍ୟ ବ୍ୟାଲେଷ୍ଟିକ୍ କ୍ଷେପଣାସ୍ତ୍ର ସହିତ ଆକାଶ ଓ ବାରାକ୍ ୮ଟି ଭୂପୃଷ୍ଠରୁ ଆକାଶ କ୍ଷେପଣାସ୍ତ୍ର ସମେତ ଅନେକ ଭାରତୀୟ କ୍ଷେପଣାସ୍ତ୍ରର ପରୀକ୍ଷଣ ଓ ଉତକ୍ଷେପଣ କରାଯାଉଛି।

ବାଲେଶ୍ୱର ଜିଲ୍ଲାର ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନଗୁଡ଼ିକ ହେଲା ପଞ୍ଚଲିଙ୍ଗେଶ୍ୱର, ଖିରାଚୋରା ଗୋପୀନାଥ ମନ୍ଦିର, ଚାନ୍ଦିପୁର ବେଳାଭୂମି, ଇମାମୀ ଜଗନ୍ନାଥ ମନ୍ଦିର ଏବଂ ନୀଳଗିରି ଜଗନ୍ନାଥ ମନ୍ଦିରର ପ୍ରମୁଖ।

## ଭିତରକନିକା ଜାତୀୟ ଉଦ୍ୟାନ

ଭିତରକନିକା ଜାତୀୟ ଉଦ୍ୟାନ ପୂର୍ବ ଭାରତର ଓଡ଼ିଶାର ଉତ୍ତର-ପୂର୍ବ କେନ୍ଦ୍ରାପଡ଼ା ଜିଲ୍ଲାରେ ଅବସ୍ଥିତ ଏକ ୧୪୫ ବର୍ଗ କିଲୋମିଟର (୫୬ ବର୍ଗ ମାଇଲ) ବୃହତ ଜାତୀୟ ଉଦ୍ୟାନ। ଏହା ଭୁବନେଶ୍ୱରଠାରୁ ୧୬୭ କି.ମି. ଦୂରରେ ଅବସ୍ଥିତ। ଏହା ୧୬ ସେପ୍ଟେମ୍ବର ୧୯୯୮ରେ ନାମିତ ହୋଇଥିଲା ଏବଂ ୧୯ ଅଗଷ୍ଟ ୨୦୦୨ରେ ରାମସାର ସାଇଟ ମାନ୍ୟତା ପାଇଥିଲା। ଚିଲିକା ହ୍ରଦ ପରେ ଏହି ଅଞ୍ଚଳକୁ ରାଜ୍ୟର ଦ୍ୱିତୀୟ ରାମସାର ସାଇଟଭାବେ ମଧ ମନୋନୀତ କରାଯାଇଛି। ଏହା ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟଦ୍ୱାରା ଘେରି ରହିଛି, ଯାହା ୬୭୨ ବର୍ଗ କିଲୋମିଟର (୨୫୯ ବର୍ଗ ମାଇଲ) ପର୍ଯ୍ୟନ୍ତ ପରିବ୍ୟାପ୍ତ। ଗହୀରମଥା ବେଳାଭୂମି ଏବଂ ସାମୁଦ୍ରିକ ଅଭୟାରଣ୍ୟ ପୂର୍ବଦିଗରେ ଅବସ୍ଥିତ, ଯାହା ବଙ୍ଗୋପସାଗରରୁ ଜଳାଶୟ ଅଞ୍ଚଳ ଏବଂ ଲୁଣା ଜଙ୍ଗଲକୁ ଅଲଗା କରିଥାଏ। ବ୍ରାହ୍ମଣୀ, ବୈତରଣୀ, ଧାମରା ଓ ପଥଶାଳା ନଦୀରେ ଜାତୀୟ ଉଦ୍ୟାନ ଓ ବନ୍ୟପ୍ରାଣୀ ଅଭୟାରଣ୍ୟ ଜଳମଗ୍ନ ହୋଇଛି। ଏଠାରେ ଅନେକ ଲୁଣା ଜଙ୍ଗଲ ପ୍ରଜାତି ରହୁଛି ଏବଂ ଏହା ଭାରତର ଦ୍ୱିତୀୟ ବୃହତ୍ତମ ଲୁଣା ଜଙ୍ଗଲ ଇକୋସିଷ୍ଟମ ଅଟେ। ଜାତୀୟ ଉଦ୍ୟାନରେ ସଲ୍ଟୱାଟର କୁମ୍ଭୀର (କ୍ରୋକୋଡିଲୁସ୍ ପୋରୋସସ୍), ଭାରତୀୟ ଅଜଗର, କିଙ୍ଗ୍ କୋବ୍ରା, କଳା ଇବି, ଡାର୍ଟର ଏବଂ ଅନ୍ୟାନ୍ୟ ପ୍ରଜାତିର ଉଦ୍ଭିଦ ଓ ଜୀବଜନ୍ତୁ ରହୁଛନ୍ତି। ଏସୀୟ ଜଳ ନିରୀକ୍ଷକ ଭଳି ଅନ୍ୟାନ୍ୟ ଅର୍ଦ୍ଧଜଳୀୟ ସରୀସୃପ ଏବଂ ଅନେକ ସାପ ସହିତ ୨୩ ଫୁଟ ଲମ୍ବର ଏହି ବିଶାଳ ଲୁଣା ପାଣି କୁମ୍ଭୀରକୁ ଦେଖିବା ପାଇଁ ଏହା ଏକ ଜଣାଶୁଣା ସ୍ଥାନ। ଏହି ଉଦ୍ୟାନରେ ପ୍ରଚୁର ମାତ୍ରାରେ ଅକ୍ଷ ହରିଣ (ଚିତାଲ) ଏବଂ ୟୁରେସିଆନ ବନ୍ୟ ଘୁଷୁରୀ ଅଛନ୍ତି ଏବଂ ସମସ୍ତ ପ୍ରମୁଖ ସ୍ଥାନରେ ଦେଖିବାକୁ ମିଳେ। ଏଠାରେ ଆଠ ପ୍ରକାରର କିଙ୍ଗଫିସର ଦେଖିବାକୁ ମିଳେ ଏବଂ ଉଦ୍ୟାନ ଭିତରେ ଥିବା ଅନେକ ନାଳ ଓ ନଦୀକୂଳ ପ୍ରଣାଳୀରେ ଦେଖିବାକୁ ମିଳେ। ଖୋଲାରୁ ଡାଙ୍ଗମାଳ ପର୍ଯ୍ୟନ୍ତ ଡଙ୍ଗା ଯାତ୍ରା ବହୁତ ଲୋକପ୍ରିୟ, କାରଣ ଖୋଲା ପାର୍କର ପ୍ରବେଶ ଦ୍ୱାର ମଧରୁ ଅନ୍ୟତମ। ଘଞ୍ଚ ମେନଗ୍ରୋଭ ଜଙ୍ଗଲ ଦେଇ ଅତିକ୍ରମ କରୁଥିବା ଏହି ରାସ୍ତାଟି ମନୁଷ୍ୟ ନିର୍ମିତ ନାଳ ଦେଇ ଗତି କରି ମୁହାଣ ପରିବେଶ ଏବଂ ଏହାର ଜୀବଜନ୍ତୁଙ୍କ ସମ୍ପଦର ଝଲକ ପ୍ରଦାନ କରିଥାଏ। ସକାଳେ କିମ୍ବା ସୂର୍ଯ୍ୟାସ୍ତ ପୂର୍ବରୁ ଏହି ନାଳ ଦେଇ ଯାତ୍ରା କରିବାର ସର୍ବୋତ୍ତମ ସମୟ ଅଟେ। ଭିତରକନିକାର ଏକ ସମୃଦ୍ଧ ଐତିହାସିକ ଓ ସାଂସ୍କୃତିକ ଅତୀତ ରହିଛି। ଏହା ତତ୍କାଳୀନ କନିକା ରାଜାଙ୍କ ଶିକାର ସ୍ଥଳ ଥିଲା। ଭିତରକନିକା ଟ୍ରେଲ ଓ ଡାଙ୍ଗମାଳ ସମେତ ଅନେକ ସ୍ଥାନରେ ଶିକାର ଟାୱାର ଓ କୃତ୍ରିମ ପାଣି ଭର୍ତ୍ତି ଦେଖିବାକୁ ମିଳୁଛି। ଏହା ମଧ ମଧ୍ୟଯୁଗୀୟ ହିନ୍ଦୁ ମନ୍ଦିରର ଘର, ଯାହା ସମଗ୍ର ଅଭୟାରଣ୍ୟରେ ଦେଖିବାକୁ ମିଳେ, ତଥାପି ମୁଖ୍ୟ ଆକର୍ଷଣ ହେଉଛି ବନ୍ୟଜନ୍ତୁ। ଏହି ଉଦ୍ୟାନକୁ ବୁଲିବା ପାଇଁ ନଭେମ୍ବରରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଅତ୍ୟନ୍ତ ଭଲ ସମୟ। ଏହି ସମୟରେ ତାପମାନ ୧୬ ଡିଗ୍ରୁ ୨୫ ଡିଗ୍ରୀ ପର୍ଯ୍ୟନ୍ତ ରହିଥାଏ। ପାର୍କ ମଇରୁ ଜୁଲାଇ ପର୍ଯ୍ୟନ୍ତ ଓ କୁମ୍ଭୀର ଗଣନା ପାଇଁ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଥାଏ।



## ଜୈବବିବିଧ ଐତିହ୍ୟସ୍ଥଳ

ସଂପ୍ରତି କୋରାପୁଟ ଜିଲ୍ଲାର ଗୁପ୍ତେଶ୍ୱର ଓ ଧୋନ୍ଦ୍ରାଖୋଲ ସଂରକ୍ଷିତ ଜଙ୍ଗଲକୁ ରାଜ୍ୟର ଚତୁର୍ଥ ଜୈବବିବିଧ-ଐତିହ୍ୟସ୍ଥଳ (ବିଏଚ୍‌ଏସ୍) ଭାବେ ଘୋଷଣା କରାଯାଇଛି। ଓଡ଼ିଶା ଜୈବ ବିବିଧତା ପରିଷଦ୍ ପକ୍ଷରୁ କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ, ଏହି ଜଙ୍ଗଲ ବହୁ ବିରଳ ଜୀବଜନ୍ତୁରେ ପରିପୂର୍ଣ୍ଣ ଏବଂ ଜୈବ ବିବିଧତାର ଏକ ସଂରକ୍ଷିତ ପରିସର। ଏହା ୨୮ ପ୍ରଜାତିର ସ୍ତନ୍ୟପାୟୀ, ୧୮ ଉଭୟଚର, ୧୮୮ ପକ୍ଷୀ, ୪୮ ସରୀସୃପ, ୧୪୧ ପ୍ରଜାପତି, ୪୫ ମାଛ, ୪୩ ରାତ୍ରିଚର କୀଟପତଙ୍ଗ, ୪୧ କଙ୍କି, ୩୦ ଛୋଟବଡ଼ ବୁଢ଼ିଆଣୀ, ୨୦ ଅମେରୁଦଣ୍ଡୀ ଓ ୬ ପ୍ରଜାତିର କଙ୍କଡ଼ାବିଛାଙ୍କ ବାସସ୍ଥାନ। ଗୁପ୍ତେଶ୍ୱର ଜଙ୍ଗଲରେ ବିରଳ ପ୍ରଜାତିର ମଗର, କାଙ୍ଗେର ଉପତ୍ୟକାରେ ଦେଖାଯାଉଥିବା ରକ୍ ଗେକୋ (ପାହାଡ଼ୀ ଝିଟିପିଟି ପ୍ରଜାତି), ସନ୍ତସନ୍ତିଆ ବୁଦାରେ ବାସ କରୁଥିବା ବେଙ୍ଗ ମଧ ଦେଖିବାକୁ ମିଳନ୍ତି। ଏଥିସହ ଏହା ଚୂଳିଆ ବାଜ, କଳାବାଜ, କୁମ୍ଭାଟୁଆ, କଳା କାଠହଣା, ପାହାଡ଼ୀ ଶାରୀ, କଷ୍ଟଫେଡ୍ ଆଦି ପକ୍ଷୀ ସମୁଦାୟଙ୍କ ଆଶ୍ରୟସ୍ଥଳୀ। ଦକ୍ଷିଣ ଓଡ଼ିଶାରେ ଦେଖାଯାଉଥିବା ମୋଟ ୧୬ ପ୍ରକାରର ବାଦୁଡ଼ି ପ୍ରଜାତି ମଧ୍ୟରୁ ଗୁପ୍ତେଶ୍ୱର ଜଙ୍ଗଲରେ ୮ ପ୍ରଜାତିର ବାଦୁଡ଼ି ଦେଖାଯା'ନ୍ତି। ଗୁପ୍ତେଶ୍ୱର ଜଙ୍ଗଲରେ ଦୁଇଟି ରାତ୍ରିଚର ପ୍ରଜାତି ସ୍ତନ୍ୟପାୟୀ ହିପୋସାଇଡ୍ରୋସ୍ ଗେଲେରିଟସ୍ ଓ ରାଇନୋଲୋଫସ୍ ରୁକ୍ସି (କଳା, ଧୂସର ଓ ଈଷତ୍ ହଳଦିଆ ବାଦୁଡ଼ି ପ୍ରଜାତିର ଛୋଟ ପକ୍ଷୀ) ଦେଖାଯା'ନ୍ତି। ଏହି ୨ ପ୍ରଜାତିର ପକ୍ଷୀ ଇଣ୍ଟରନ୍ୟାସନାଲ୍ ୟୁନିଅନ୍ ଫର୍ କଞ୍ଜର୍ଭେସନ୍ ଅଫ୍ ନେଚର୍ (ଆଇୟୁସିଏନ୍)ର ଆସନ୍ନ ଲୁପ୍ତପ୍ରାୟ ଶ୍ରେଣୀ ଅନ୍ତର୍ଭୁକ୍ତ ବୋଲି କହନ୍ତି



ନେଚର୍ ଇନିସିଏଟିଭ୍ ଅନୁଷ୍ଠାନର ଶ୍ରୀକାନ୍ତ ଶେଖର ସାହୁ। ଏଥିସହ ଗୁପ୍ତେଶ୍ୱର ଜୈବମଣ୍ଡଳରେ ୧୮୨ ପ୍ରଜାତିର ବୃକ୍ଷଲତା, ୧୭୭ ଜଡ଼ିବୁଟି, ୭୬ ଗୁଳ୍ମ, ୧୪ ଅର୍କିଡ୍ ଓ ୬୯ ପ୍ରଜାତିର ବିପନ୍ନ ଔଷଧୀୟ ଉଦ୍ଭିଦ ରହିଛି। ଗୁପ୍ତେଶ୍ୱର ଜୈବମଣ୍ଡଳରେ ୧୮୨ ପ୍ରଜାତିର ବୃକ୍ଷଲତା, ୧୭୭ ଜଡ଼ିବୁଟି, ୭୬ ଗୁଳ୍ମ, ୧୪ ଅର୍କିଡ୍ ଓ ୬୯ ପ୍ରଜାତିର ବିପନ୍ନ ଔଷଧୀୟ ଉଦ୍ଭିଦ ରହିଛି। ପରିବେଶ ଆଇନ୍ ବିଶେଷଜ୍ଞ ଶଙ୍କର ପ୍ରସାଦ ପାଣି କହନ୍ତି, ''୨୦୧୬ରେ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ୍ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଗୁପ୍ତେଶ୍ୱର ସଂରକ୍ଷିତ ଜଂଗଲରେ ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ ଉପରେ ଦେଇଥିବା ନିର୍ଦ୍ଦେଶ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ପଲିଥିନ୍ ଓ ପ୍ଲାଷ୍ଟିକ୍ ନିଷେଧ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ ନ କଲେ ଗୁପ୍ତେଶ୍ୱରର ଜୈବବିବିଧତା ଅଚିରେ ବିପଦପ୍ରବଣ ହୋଇପଡ଼ିବ।'' ସେହିପରି କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ପ୍ରଫେସର ଶରତ କୁମାର ପଳିତା କହନ୍ତି, "ଗୁପ୍ତେଶ୍ୱର ଜୈବମଣ୍ଡଳ ହେଉଛି ଶୁଷ୍କ ପର୍ଣ୍ଣମୋଚୀ ଓ ଆର୍ଦ୍ର ପର୍ଣ୍ଣମୋଚୀ ଜଙ୍ଗଲ। ଏହି ସଂରକ୍ଷିତ ଜଙ୍ଗଲରେ ଆଦିମ ଦୁରୁଆ ଜନଜାତି ବାସ କରନ୍ତି। ଛତିଶଗଡ଼ରେ ସେମାନଙ୍କୁ ଜନଜାତିର ମାନ୍ୟତା ମିଳିଥିବା ବେଳେ ଏଠାରେ ଏହି ସମ୍ପ୍ରଦାୟଙ୍କୁ ଜନଜାତି ମାନ୍ୟତା ମିଳିନାହିଁ। ସେମାନଙ୍କୁ ଜନଜାତି ମାନ୍ୟତା ଦେଇ ତାଙ୍କର ଜୀବନଜୀବିକା ସୁରକ୍ଷିତ ରଖିପାରିଲେ ଗୁପ୍ତେଶ୍ୱର ଜୈବମଣ୍ଡଳ ମଧ ସୁରକ୍ଷିତ ରହିବ।"



# ଖରିଫ ଚାଷ ପାଇଁ ପ୍ରସ୍ତୁତ ଚାଷୀ



**ଫୁଲବାଣୀ,୧୦।୭ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଖରିଫ ଚାଷ ପାଇଁ କନ୍ଧମାଳରେ ପାଗ ଅନୁକୂଳ ରହିଛି। ଜୁନ-ଜୁଲାଇରେ ଗତ ବର୍ଷ ଅପେକ୍ଷା ଏଥରକ ଭଲ ବର୍ଷା ହୋଇଛି। ମୌସୁମୀର ପହିଲି ବର୍ଷା ପରେ ବିଲକୁ ଓହ୍ଲାଇଛି ଚାଷୀ। ଜିଲ୍ଲାର ଅଧିକାଂଶ ଧାନ ଜମିରେ ବର୍ତ୍ତମାନ ତଳି ପଡ଼ିବା ପ୍ରକ୍ରିୟା ଚାଲିଛି। ସୂଚନା ଅନୁଯାୟୀ ଗତ ବର୍ଷ ଜୁନରେ କନ୍ଧମାଳରେ ୧୧୫.୭୪ ମିମି ଅନୁପାତରେ ସମୁଦାୟ ୯୨୩ ମିମି ବର୍ଷା ହୋଇଥିବା ବେଳେ ଜୁଲାଇର ପ୍ରଥମ ସପ୍ତାହରେ ୩.୩୫ ହାରାହାରିରେ ସମୁଦାୟ ୩୨୨.୩ ମିମି ବର୍ଷା ହୋଇଥିଲା। ଚଳିତ ବର୍ଷ ଜୁନରେ ୨୧୭.୧୪ ହାରାହାରିରେ ସମୁଦାୟ ୨୬୦୩ ମିମି ବର୍ଷା ହୋଇଛି। ସେହି ଭଳି ଜୁଲାଇର ପ୍ରଥମ ସପ୍ତାହରେ ୧୫.୨୧ ହାରାହାରିରେ ୧୫୨୧ ବର୍ଷା ହୋଇଛି। ବର୍ଷା ସ୍ୱାଭାବିକ ଠାରୁ ଅଧିକ ରହିଥିବାରୁ ଏହା ଖରିଫ ଚାଷର ପ୍ରସ୍ତୁତି ପାଇଁ ଅନୁକୂଳ ହୋଇଛି। ସେ ଅନୁଯାୟୀ ଚାଷୀ ସହିତ କୃଷି ବିଭାଗ ମଧ୍ୟ ତାର ପ୍ରସ୍ତୁତି ଆରମ୍ଭକରି ଦେଇଛି। ଜିଲ୍ଲା କୃଷି କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ କନ୍ଧମାଳରେ ଚଳିତ ଖରିଫ ଋତୁରେ ସମୁଦାୟ ୯୧, ୫୭୬ ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ସେଥି ମଧ୍ୟରୁ ୪୦, ୩୫୫ ହେକ୍ଟରରେ ଧାନ ଚାଷ କରାଯିବ। ଏଥି ସହିତ ୭୪୨୮ ହେକ୍ଟରରେ ମକା, ୯୭୦୦ ହେକ୍ଟରରେ ମାଣ୍ଡିଆ ଜାତୀୟ ଫସଲ, ୭୩୨୮ ହେକ୍ଟରରେ ଡାଲି ଜାତୀୟ ଫସଲ, ୩୭୨୯ ହେକ୍ଟରରେ ତୈଳବୀଜ, ୧୨, ୪୭୦ ହେକ୍ଟରରେ ପରିବା, ୮୪୦୩ ହେକ୍ଟରରେ ମସଲା ଜାତୀୟ ଫସଲ ଓ ୬୪୦ ହେକ୍ଟରରେ କପା ଓ ୧୫୨୩ ହେକ୍ଟରରେ ଅନ୍ୟାନ୍ୟ ଫସଲ ପାଇଁ ଲକ୍ଷ୍ୟ ରଖା ଯାଇଥିବା ଜିଲ୍ଲା ସହକାରୀ କୃଷି ଅଧିକାରୀ ରାମ ପ୍ରସାଦ ପାତ୍ର ସୂଚନା ଦେଇଛନ୍ତି। ଠିକ ସମୟରେ ଆବଶ୍ୟକ ଅନୁଯାୟୀ ବର୍ଷା ହୋଇଥିବାରୁ ଜିଲ୍ଲାରେ ଚଳିତ ବର୍ଷ ଖରିଫ ଚାଷରୁ ଭଲ ଉତ୍ପାଦନ ହେବା ଆଶା କରୁଛି କୃଷି ବିଭାଗ। ଧାନଚାଷ ପାଇଁ ସରକାରଙ୍କ ପକ୍ଷରୁ ସବ୍‌ସିଡି ଦରରେ ଚାଷୀଙ୍କୁ ବିହନ ଯୋଗାଇ ଦିଆଯାଇଛି। ଜିଲ୍ଲାରେ ରହିଥିବା ୨୨ଟି ଲ୍ୟାମ୍ପସ୍ ଲ୍ୟାମ୍ପସ୍ ଦ୍ୱାରା ବର୍ତ୍ତମାନ ସୁଦ୍ଧା ସମୁଦାୟ ୫୭୨ କ୍ୱିଣ୍ଟାଲ ଧାନ ବିହନ ଯୋଗାଇ ଦିଆ ଯାଇଥି ଇଥିବା ସମବାୟ ଅଧିକାରୀ ଗଙ୍ଗାଧର କହଁର ସୂଚନା ଦେଇଛନ୍ତି କନ୍ଧମାଳରେ ପ୍ରାୟ ୬୫ ଭାଗ ଜମି ଜଙ୍ଗଲ ଆଚ୍ଛାଦିତ ହୋଇଥିବା ବେଳେ ଚାଷ ଜମିର ପରିମାଣ ମଧ୍ୟ କମ। ଏଥିସହିତ ଜଳସେଚିତ ଜମିର ପରିମାଣ ୨୦ ପ୍ରତିଶତରୁ କମ ରହିଛି। ଚାଷୀମାନେ ମୁଖ୍ୟତଃ ବର୍ଷା ଉପରେ ନିର୍ଭରଶୀଳ। ଚଳିତ ବର୍ଷ ପ୍ରଥମରୁ ହିଁ ଭଲ ବର୍ଷା ହୋଇଥିବାରୁ ଚାଷୀ ଖରିଫ ଋତୁରେ ଭଲ ଫସଲ ଆଶା କରୁଛି।

ବଢ଼ିବ ବ୍ରହ୍ମପୁର

# ସାକାର ହେବ ସହରତଳି ଅଞ୍ଚଳବାସୀଙ୍କ ସ୍ୱପ୍ନ




**ବ୍ରହ୍ମପୁର,୧୦।୭ (ସଂଚାର ବ୍ୟୁରୋ):** ବଢ଼ିବାକୁ ଯାଉଛି ରେଶମ ସହର। ବୃହତ୍ ବ୍ରହ୍ମପୁର ଗଠନ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଦୀର୍ଘ ବର୍ଷ ଧରି ସହରତଳି ଅଞ୍ଚଳବାସୀ ଏନେଇ ସ୍ୱର ଉତ୍ତୋଳନ କରି ଆସୁଥିବା ବେଳେ ଏବେ ଏହା ବାସ୍ତବ ରୂପ ନେବାକୁ ଯାଉଛି। ସହରର ପାର୍ଶ୍ୱବର୍ତ୍ତୀ ୧୩ ପଂଚାୟତକୁ ମିଶ୍ରଣ ନେଇ ମହାନଗର ନିଗମ ବୈଠକରେ ମଞ୍ଜୁରୀ ପରେ ଗ୍ରେଟର ବ୍ରହ୍ମପୁର ବାଟ ଫିଟିଛି। ଏନେଇ ବୁଧବାର କାଉନସିଲ୍ ବୈଠକରେ ପ୍ରଥମେ ନୂତନ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ ସ୍ୱାଗତ କରାଯିବା ପରେ ମେୟର ସଂଘମିତ୍ରା ଦଳେଇ ପଂଚାୟତ ମିଶ୍ରଣକୁ ନେଇ କର୍ପୋରେଟର ମାନଙ୍କ ମତାମତ ଲୋଡ଼ିଥିଲେ। କର୍ପୋରେଟର ମାନେ ଏହାକୁ ସମର୍ଥନ କରିବା ସହ ଏଥିପାଇଁ ସମସ୍ତ ସୁବିଧା ସୁଯୋଗ ସମ୍ପର୍କରେ ମଧ୍ୟ ନିଜ ନିଜର ମତ ଦେଇଥିଲେ। ବ୍ରହ୍ମପୁର ମହାନଗର ନିଗମରେ ସାମିଲ ହେବାକୁ ଥିବା ପଂଚାୟତ ଗୁଡିକ ହେଲା-ରଙ୍ଗେଇଲୁଣ୍ଡା ବ୍ଲକ୍ ର ଡୁରା,ଗାଉଞ୍ଜୁ, ଫୁଲଟା, ସାତକୁଟୁଣି,ଭାବିନୀପୁର,ହଳଦିଆପଦର, ବଡ କୁଶତୋଳି, ଏବଂ କୁକୁଡ଼ାଖଣ୍ଡି ବ୍ଲକ୍ ର ଜଗଦଳପୁର, ଲାଠି, ଅନନ୍ତେଇ,ନିମଖଣ୍ଡି, ଆଙ୍କୁଶପୁର ଓ ଦକ୍ଷିଣପୁର ପଂଚାୟତ। ଏ ସମସ୍ତ ପଂଚାୟତ ଗୁଡିକୁ ମହାନଗରରେ ମିଶାଇବାର ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ରାଜ୍ୟ ସରକାର। ଗତ ୫ ତାରିଖରେ ଜିଲ୍ଲାପାଳ ବ୍ରହ୍ମପୁର ମହାନଗର ନିଗମକୁ ଚିଠି ଲେଖିଥିଲେ। ପୌର ଅଧିନୟମ ଅନୁଯାୟୀ , ଯେ କୌଣସି ପୌର ସଂସ୍ଥା କିମ୍ବା ମହାନଗର ନିଗମର ସୀମା ବୃଦ୍ଧି ପାଇଁ ରେଜୋଲ୍ୟୁସନ ଆବଶ୍ୟକ। ବିଏମସି ବୈଠକରେ ଏହାକୁ ମଞ୍ଜୁରୀ ମିଳିଥିବା ବେଳେ ରାଜ୍ୟ ସରକାରଙ୍କୁ ଏହି ରେଜୋଲ୍ୟୁସନ୍ କପି ପଠାଯିବ। ତେବେ ସହରରେ ପଂଚାୟତ ଗୁଡିକର ମିଶ୍ରଣ ନେଇ ନିୟମ କଣ ରହିଛି ଏବଂ ଏହାର ପ୍ରକ୍ରିୟା ସମ୍ପର୍କରେ ଡେପୁଟି କମିଶନର କଲ୍ୟାଣି ସଂଘମିତ୍ରା ବୈଠକରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବାରୁ ସାଧାରଣ ଲୋକେ ଏହି ପଦକ୍ଷେପକୁ ଖୁବ୍ ପ୍ରଶଂସା କରିଛନ୍ତି।

## ପ୍ରତିକ୍ରିୟା

**ବିଜୟ କୁମାର ପଣ୍ଡା (ବ୍ରହ୍ମପୁର ବାସୀ)**
ବୃହତ୍ ବ୍ରହ୍ମପୁର ଗଠନ ହେଲେ ସହରର ଅଧିକ ଉନ୍ନତି ଘଟିବ। ମୌଳିକ ସୁବିଧାରୁ ବଞ୍ଚିତ ସହରତଳି ଅଞ୍ଚଳବାସୀ ମହାନଗର ନିଗମର ସମସ୍ତ ସୁବିଧା ସୁଯୋଗ ପାଇପାରିବେ। ବିଳମ୍ବ ହେଲେ ବି ସରକାର ଏବଂ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ।

**କାହ୍ନୁ ଚରଣ ପତି (ବରିଷ୍ଠ ବିଜେପି ନେତା)**
ସହର ନିକଟବର୍ତ୍ତୀ ବିଭିନ୍ନ ପଞ୍ଚାୟତକୁ ମହାନଗର ନିଗମରେ ସାମିଲ ପଦକ୍ଷେପ ସ୍ୱାଗତଯୋଗ୍ୟ। ବିଜେପି ସରକାର ଅମଳରେ ସହରତଳି ଅଞ୍ଚଳବାସୀଙ୍କ ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଏହାଦ୍ୱାରା ବିଏମସିର ରାଜସ୍ୱ ବଢ଼ିବ ଏବଂ ବୃହତ୍ ପ୍ରକଳ୍ପ ମାନ ଗଢ଼ି ଉଠିବାରେ ସହାୟକ ହେବ।

**ଅଶୋକ କୁମାର ଶୁକ୍ଳ (ବିଧାୟକ ପ୍ରତିନିଧି, ବ୍ରହ୍ମପୁର)**
ଗ୍ରେଟର ବ୍ରହ୍ମପୁର ଗଠନ ହେଲେ ସହରର ଆକାର ବଢ଼ିବା ସହ ବିଭିନ୍ନ ଶିଳ୍ପାନୁଷ୍ଠାନ ଗଢ଼ି ଉଠିବ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଅନେକ ସୁବିଧା ମିଳିବ ଓ ସରକାରୀ ଅନୁଦାନ ମଧ୍ୟ ମିଳିବ।ରାଜନୈତିକ ଉଦାସୀନତା ଯୋଗୁଁ ପୂର୍ବ ସରକାରଙ୍କ ଦୀର୍ଘବର୍ଷ ଶାସନରେ ଏହା ସମ୍ଭବ ହୋଇପାରିନଥିଲା।

## ଷ୍ଟିୟରିଂ ଛାଡ଼ ଆନ୍ଦୋଳନ: ଗାଡ଼ି ଗଡୁନି, ଜନତା ହୀନସ୍ତା

**ହିଞ୍ଜିଳିକାଟୁ,୧୦।୭ (ସଂଚାର ବ୍ୟୁରୋ):** କିଏ ଅଧ ବାଟରେ ହୀନସ୍ତା, ତ ଆଉ କିଏ ଘରକୁ ଫେରିନପାରି ହଇରାଣ। ଦିନ ତମାମ୍ ଗାଡ଼ି ଖଣ୍ଡେ ପାଇଁ ସାଂଘାତିକ ସମସ୍ୟା ଭୋଗିଛନ୍ତି ସାଧାରଣ ଜନତା। ଏହି ଦୃଶ୍ୟ ଦେଖିବାକୁ ମିଳିଛି ହିଞ୍ଜିଳିକାଟୁ ସହରରେ। ୩ୟ ଦିନରେ ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ପ୍ରଭାବିତ ହୋଇଛି ଜୀବନ ଯାତ୍ରା। ଆଉ ଏହି ମଉକାରେ କିଛି ଅଟୋ ଡ୍ରାଇଭରଙ୍କ ଆକାଶଛୁଆଁ ଭଡ଼ା, ଯାତ୍ରୀଙ୍କୁ ନାକଦମ୍ କରିଛି। ଅନ୍ୟପଟେ ବସ ଉପରେ ନିର୍ଭର ହୋଇ ରହୁଥିବା ଯାତ୍ରୀ ସମସ୍ୟା ଭୋଗିଛନ୍ତି। ଗାଡ଼ି ଚଳାଚଳ ବନ୍ଦ କାରଣରୁ ଲୋକଙ୍କ ଯାତାୟତ ଠପ୍ ହୋଇଯାଇଛି।ସେପଟେ ତେଲ ଟାଙ୍କିରେ ତେଲ ସରିଯିବ ବୋଲି ହୁରି ପଡ଼ିଥିବା ବେଳେ ଭୟରେ ଛାନିଆ ହୋଇ ତେଲ ଟାଙ୍କିକୁ ଦୌଡ଼ୁଛନ୍ତି ଲୋକେ।

# ଯୁବ ସମାଜସେବୀ ରଞ୍ଜନ ମହାପାତ୍ରଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର



**ବାଲିପାଟଣା,୧୦।୭ (ସଂଚାର ବ୍ୟୁରୋ):** ମାଆ ପାଇଁ ଗଛଟିଏ ୨.୦ ଅଭିଯାନ ଉପଲକ୍ଷେ ଖୋର୍ଦ୍ଧା ବନଖଣ୍ଡ ଅଧିନସ୍ଥ ବରୁଣେଇ ଶିଆଳିଆ ଠାରେ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲିଅନ୍ତା ବ୍ଲକ୍ ଯଶୁଆପୁର ଗ୍ରାମର ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର ଙ୍କୁ ସମ୍ମାନ ଜନକ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଅଛି। ପରିବେଶ ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି ଏବଂ ପରିବେଶ ସଚେତନତା ଭଳି ଉଲ୍ଲେଖନୀୟ କାର୍ଯ୍ୟକ୍ରମ କରୁଥିବାରୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ସ୍ୱତନ୍ତ୍ର ଉତ୍ସବ ରେ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମାନ୍ୟବର ମନ୍ତ୍ରୀ ପୃଥିବିରାଜ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ବେଗୁନିଆ ର ମାନ୍ୟବର ବିଧାୟକ ପ୍ରଦୀପ କୁମାର ସାହୁ, ଜୟଦେବ ର ବିଧାୟକ ନବକିଶୋର ମଲ୍ଲିକ, ଖୋର୍ଦ୍ଧା ଜିଲ୍ଲାପରିଷଦ ଅଧ୍ୟକ୍ଷା ରୁପଶ୍ରୀ ରାଣୀ ଗୁମାନସିଂହ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା ପୋଲିସ ଅଧିକ୍ଷକ ସାଗରିକା ନାଥ ବନ ବିଭାଗ ର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ରଞ୍ଜନ ଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ପ୍ରୋତ୍ସାହନ ରାଶି ସହିତ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀ ରଞ୍ଜନ ନିଜ ଗ୍ରାମରେ ଯଶୁଆପୁର ବିକାଶ ପରିଷଦ ଦ୍ୱାରା ବୃକ୍ଷ ରୋପଣ, ରକ୍ତଦାନ ଶିବିର, ଅହାହାୟ ମାନଙ୍କ ପାଇଁ ସାହାରା ସାଜିବା, ପକ୍ଷୀଙ୍କ ପାଇଁ ପିଇବା ପାଣି ଯୋଗାଇବା, ଜଳ ସଂରକ୍ଷଣ, ନୂତନ ଜଙ୍ଗଲ ସୃଷ୍ଟି, ପ୍ଲାଷ୍ଟିକକୁ ବର୍ଜନ କରିବା ସମ୍ପର୍କରେ ସଚତନତା ଇତ୍ୟାଦି କରି ଆସୁଛନ୍ତି। ତା ସହିତ ନିଜ ଗ୍ରାମକୁ ସବୁଜ ସୁନ୍ଦର ଗଢ଼ି ତୋଳିବା ପାଇଁ ସଦାସର୍ବଦା ପ୍ରୟାସ ଜାରୀ ରଖିଛନ୍ତି।

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

- ଜଙ୍ଗଲ ଭିତରେ ହତ୍ୟା କରିଥିବା ସନ୍ଦେହ



**କନ୍ଧମାଳ,୧୦।୭ (ସଂଚାର ବ୍ୟୁରୋ):** ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଫୁଲବାଣୀ ସହର ଉପକଣ୍ଠ ଗୁଦାରୀ ଏୟାରଷ୍ଟ୍ରିପ ନିକଟସ୍ଥ ଭାଲୁକୁଟି ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଯୁବକ ଜଣକ ଗୋଚ୍ଛାପଡ଼ା ଥାନା ବିନକିମେଣ୍ଡି (ନେଡିପଦର) ଗ୍ରାମର ତପନ ରଣା ବୋଲି ଜଣାପଡ଼ିଛି। ତପନ ଗତ ୬ ତାରିଖରୁ ନିଖୋଜ ଥିଲେ। ସୂଚନା ଅନୁଯାୟୀ, ତପନ ୪ ତାରିଖ ଦିନ ଜଣେ ସମ୍ପର୍କୀୟଙ୍କ ବାଇକ ଧରି କଟିଙ୍ଗିଆ ଯାଇଥିଲେ, ପରେ ଆଉ ଘରକୁ ଫେରିନଥିଲେ। ୬ ତାରିଖ ଦିନ ଯୁବକଙ୍କ କିଛି ସାଙ୍ଗ ସେ ଖଜୁରୀପଡ଼ା ଥାନା ଅନ୍ତର୍ଗତ ଗୁଦାରୀ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ସୂଚନା ଦେଇଥିଲେ। ଖବର ପାଇ ପରିବାର ଲୋକେ ସେହି ସ୍ଥାନକୁ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇନଥିଲେ। ପରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ବି କୌଣସି ସନ୍ଧାନ ମିଳିନଥିଲା। ତପନଙ୍କ ମୋବାଇଲ ପ୍ରଥମେ ରିଙ୍ଗ୍ ହେଉଥିଲା, କିନ୍ତୁ କେହି ଫୋନ ଉଠାଉନଥିଲେ। ମଙ୍ଗଳବାରଠାରୁ ତାଙ୍କ ଫୋନ୍ ସୁଇଚ୍ ଅଫ୍ ବୋଲି କହୁଥିଲା। ପରିବାର ଲୋକେ ଶେଷରେ ବାଧ୍ୟ ହୋଇ ଗୋଚ୍ଛାପଡ଼ା ଥାନାରେ ଲିଖିତ ଭାବରେ ଜଣାଇଥିଲେ। ଏନେଇ ଗୋଚ୍ଛାପଡ଼ା ପୁଲିସ ତଦନ୍ତ କରୁଥିବା ବେଳେ ଗୁରୁବାର ସକାଳେ ଜଙ୍ଗଲ ଭିତରେ ତପନଙ୍କ ମୃତଦେହ ପଡ଼ିଥିବା ଦେଖି କିଛି ଲୋକ ପୁଲିସକୁ ଖବର ଦେଇଥିଲେ। ଖଜୁରୀପଡ଼ା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣା ସ୍ଥଳରୁ ଏକ ବାଇକ ଏବଂ ମୋବାଇଲ ମିଳିଛି।

# ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳନ

**ସୁବର୍ଣ୍ଣପୁର,୧୦।୭(ସଂଚାର ବ୍ୟୁରୋ):** ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ସ୍ତରରେ ଷଷ୍ଠ ରୁ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କ କନିଷ୍ଠ ଓ ବରିଷ୍ଠ ରେ ସାହିତ୍ୟ ସମ୍ପର୍କୀତ ସାଧାରଣ ଜ୍ଞାନ ସହିତ ଇଂରାଜୀ ରୁ ଓଡ଼ିଆ ଅନୁବାଦ, ପ୍ରବନ୍ଧ, କବିତା ଆବୃତ୍ତି ଓ ବକ୍ତୃତା ଜିଲ୍ଲା ସଂସ୍କୃତି ଭବନ ଓ ଜିଲ୍ଲା ପାଠାଗାର, ସୋନପୁର ଠାରେ ଅଦ୍ୟ ତା ୧୦.୦୭.୨୦୨୫ ପୂର୍ବାହ୍ନ ୯.୦୦ ଘଟିକରୁ ଆରମ୍ଭ ହୋଇଥିଲା। ଏହି ପ୍ରତିଯୋଗୀତାରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ), ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ), ସୁବର୍ଣ୍ଣପୁର,



ଅଞ୍ଜଳିନା ପ୍ରଧାନ, ସମ୍ମାନିତ ଅତିଥି, ସମୀର କୁମାର ନାଏକ, ଡେପୁଟି କାର୍ଯ୍ୟ ନିର୍ବାହୀ ଅଧିକାରୀ, (ଓ ଆରଏମଏସ) ଡ଼ଜଗଇଙ୍ଗ, ସୁବର୍ଣ୍ଣପୁର ଓ ସୁଶ୍ରୀ ଯମୁନା ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ, ସୁବର୍ଣ୍ଣପୁର, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ୧୨ (ବାର) ଜଣ ବିଭିନ୍ନ ବର୍ଗର ବିଚରକମାନେ ଉପସ୍ଥିତ ରହି ପ୍ରତ୍ୟେକ ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଚୟନ କରିଥିଲେ। ପ୍ରତ୍ୟେକ ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।ଏହି ପ୍ରତିଯୋଗିତାର ପ୍ରତ୍ୟେକ ବର୍ଗର ପ୍ରଥମ ସ୍ଥାନ ଅଧିକାର କରିଥିବା କନିଷ୍ଠ ଓ ବରିଷ୍ଠ କୃତି ପ୍ରତିଯୋଗୀ ମାନେ ଭୁବନେଶ୍ୱର ସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଠାରେ ଯଥାକ୍ରମେ ଆଗାମୀ ନର୍ବାଚନରେ ତା୧୩.୦୭.୨୦୨୫ ଓ ୨୦.୦୭.୨୦୨୫ ରିଖ ଦିନ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ। ସେହି ପ୍ରତିଯୋଗୀମାନଙ୍କ ତାଲିକା ଜିଲ୍ଲା କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୯୭ ତା ୧୦.୦୭.୨୦୨୫ ରେ ସଚିବ, ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ଙ୍କ ନିକଟକୁ ପଠାଯାଇଛି ଏହାର ଏକକିତା ସଂଲଗ୍ନ କରାଯାଇଛି।

## ଜୟଦୁର୍ଗା ହାଇସ୍କୁଲରେ ଚାରା ରୋପଣ

**ନର୍ଲା,୧୦।୭(ସଂଚାର ବ୍ୟୁରୋ):** ନର୍ଲାରୋଡ ସ୍ଥିତ ଜୟଦୁର୍ଗା ହାଇସ୍କୁଲ ଠାରେ ଜାତୀୟ ବନମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଶ୍ୱମ୍ବର ଭୋଇଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ପିଆଶାଳ, ନିମ୍ବ, କଦମ୍ବ ଓ ଜାମୁକୋଳି ଆଦି ବୃକ୍ଷ ରୋପଣ କରାଯାଇଥିଲା। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତଥା ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କର ବୃକ୍ଷର ଉପାଦେୟତା, ପରିବେଶ ଉପରେ ପ୍ରଭାବ ବିଷୟରେ ଶିକ୍ଷାର୍ଥୀ ମାନଙ୍କୁ ସୂଚନା ଓ ପ୍ରେରଣା ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ସାରା ଦେଶରେ ପାଳିତ ହେଉଥିବା 'ଏକ ପେଡ ମା କେ ନାମ' ନାମକ ବୈଶିଷ୍ଟ୍ୟପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟର ମିନି ନର୍ସରୀରୁ ଛାତ୍ରଛାତ୍ରୀ ମାନଙ୍କୁ ବୃକ୍ଷ ପ୍ରଦାନ କରି ନିଜ ଘରେ ଲଗାଇବା ପାଇଁ ପ୍ରୋତ୍ସାହିତ କରାଯାଇଥିଲା। ସ୍କୁଲର ଶିକ୍ଷକ ନାରାୟଣ ପଧାନ, ଚକ୍ରଧର ସା, ସଞ୍ଜୟ ସେନାପତି ଓ ଶିକ୍ଷୟିତ୍ରୀ ବବି ରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## ବାଇକ ଦୁର୍ଘଟଣାରେ ବାପା ମୃତ ,ପୁଅ ଗୁରୁତର



**କଳିଙ୍ଗନଗର,୧୦।୭(ସଂଚାର ବ୍ୟୁରୋ):** ଆଜି ଅପରାହ୍ନ ରେ ଏକ ଦୁଃଖଦ ଅଘଟଣ ଘଟିଯାଇଛି। ପୁଅ ସମ୍ମୁଖରେ ବାପାଙ୍କର ଜୀବନ ଦୀପ ଲିଭି ଯାଇଛି। ଏପରି ଏକ ହୃଦୟ ବିଦାରକ ଦୃଶ୍ୟ ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଅନ୍ତର୍ଗତ ଓଲ୍ଲଳ ରାସ୍ତା ରେ ଦେଖିବାକୁ ମିଳିଛି। ସୂଚନା ମୁତାବକ ଓଲ୍ଲଳ ପଞ୍ଚାୟତ ଡଙ୍କାଗାଡ଼ିଆ ଗାଁ ର ବାପା ସିଙ୍ଗରାଇ କିସ୍କୋ (୪୦) ତାଙ୍କ ପୁଅ ଜିତେନ୍ଦ୍ର କିସ୍କୋ (୧୦) ଏକ ବାଇକ ଯୋଗେ ଡୁବୁରୀ ହାଟରୁ ଘର ପାଇଁ ପନିପରିବା ଓ କିଛି ଘର ସାମଗ୍ରୀ କିଣି ଓଲ୍ଲଳ ବାରଖାଇ ପୂର୍ତ୍ତ ବିଭାଗ ରାସ୍ତାରେ ଅପରାହ୍ନ ସମୟରେ ଯାଉଥିବା ସମୟରେ ଓଲ୍ଲଳ ଗାଁ ପାଖରେ ଥିବା ଗଣ୍ଡା ନାଳ ର ଅନତୀ ଦୂର ରେ କୌଣସି କାରଣ ବଶତଃ ବାଇକ ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣା ରେ ବାପା ସିଙ୍ଗରାଇ କିସ୍କୋ ଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକ ପୋଲିସ କୁ ଖବର ଦେଲା ପରେ ଦାନଗଦି ପୋଲିସ ସଙ୍ଗେ ସଙ୍ଗେ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ପୁଅ ଜିତେନ୍ଦ୍ର କୁ ଉଦ୍ଧାର କରି ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ପାଇଁ ଭର୍ତ୍ତୀ କରିଛନ୍ତି। ଏହି ଘଟଣା ଟି ସ୍ଥାନୀୟ ଅଞ୍ଚଳ ରେ ଶୋକ ର ଛାୟା ଖେଳାଇ ଦେଇଛି।

## ନିମ୍ନମାନର କାମ: ସିମେଣ୍ଟ କମକୁ ବାଲି ଅଧିକ

# ୧୦ ଦିନରେ କଂକ୍ରିଟ ରାସ୍ତା ଫାଟି ଆଁ



**ନୀଳଗିରି,୧୦।୭(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଗ୍ରାମାଞ୍ଚଳର ରାସ୍ତାର ଉନ୍ନତିକରଣ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରି କଂକ୍ରିଟ୍ ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ସଠିକ୍ କାମ ବଦଳରେ ନିମ୍ନମାନର କାର୍ଯ୍ୟ କରାଯାଇଥିବାର ଅଭିଯୋଗ। ରାସ୍ତା ନିର୍ମାଣ କରାଯିବାର ମାତ୍ର ୧୦ରୁ ୧୫ ଦିନ ଭିତରେ କଂକ୍ରିଟ ରାସ୍ତା ଫାଟି ଆଁ କରିବା ସହ ରାସ୍ତାରେ ଉଭୟ ପାର୍ଶ୍ୱରେ ଅତଡ଼ା ଖସିବା ଭଳି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସୂଚନା ନୀଳଗିରି ବ୍ଲକ ଅଧୀନ ତେଲିପାଳ ପଞ୍ଚାୟତର ଜ୍ଞାନରଞ୍ଜନ ଶଙ୍ଖୁଆଙ୍କ ଘରଠାରୁ ପଶ୍ଚିମା ଠାକୁରାଣୀ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ଚଳିତ ୨୦୨୫/୨୬ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୩ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ରାସ୍ତା ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଏହି ରାସ୍ତାର କାମ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବା ନିୟମ ରହିଥିବା ବେଳେ ଏହି କାର୍ଯ୍ୟରେ କେହି ଅଧିକାରୀ ଉପସ୍ଥିତ ରହୁ ନଥିବାରୁ ଠିକାଦର ନିଜ ମନମୁତାବକ କାର୍ଯ୍ୟ କରିଥିଲେ। ଏହା ସହ ସମ୍ପୃକ୍ତ ଠିକାଦାର ଗ୍ରାମବାସୀଙ୍କ କଥାକୁ ଜମାରୁ ଗୁରୁତ୍ୱ ଦେଲେନାହିଁ। ତେବେ ୩ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହୋଇଥିବା ଏହି ରାସ୍ତାର କାମ ସିମେଣ୍ଟ ଅଧିକ ଭାଗ ବଦଳରେ ବାଲି ଅଧିକ ଦେଇ କଂକ୍ରିଟ ରାସ୍ତା ନିର୍ମାଣ ଫଳରେ ରାସ୍ତା ମଝି ମଧ୍ୟ ଫାଟିକି ଆଁ ହେବା ସହ ରାସ୍ତାର ପାର୍ଶ୍ୱରେ ଅତଡ଼ା ଖସିବା ଭଳି ହୋଇଥିବା ଅଭିଯୋଗ ହୋଇଛି। ନୀଳଗିରି ବ୍ଲକ ପକ୍ଷରୁ ଏହି କାର୍ଯ୍ୟକୁ ତଦାରଖ କରାଯାଉଥିବା ବେଳେ ଠିକାଦାରଙ୍କୁ ଆକଟ କରାଯାଇ ନଥିବା ଯୋଗୁଁ ଏଭଳି ପରିସ୍ଥିତି ହୋଇଥିବା କୁହାଯାଉଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମଧୁସ୍ମିତା ମହାନ୍ତିଙ୍କୁ ପଚରାଯିବାରୁ ସେ ଏହି ପ୍ରସଙ୍ଗରେ ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି। ଏଥିପ୍ରତି ଜିଲ୍ଲାପାଳ ଙ୍କୁ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଜମିରେ ପାଣି ମଡ଼ାଇବା ହେଲା କାଳ

# ବିଦ୍ୟୁତ ସଂସ୍ପର୍ଶରେ ଆସି ଦୁଇ ସମୁଦି ମୃତ



**ଭବାନୀପାଟଣା,୧୦।୭(ସଂଚାର ବ୍ୟୁରୋ):** ଚାଷଜମିରେ ପାଣି ମଡାଉଥିବା ବେଳେ ଅଘଟଣ ଘଟି ବିଦ୍ୟୁତ ସଂସ୍ପର୍ଶରେ ଆସି ୨ ଚାଷୀଙ୍କ ମୃତ୍ୟୁ ହୋଇଛି। ସମ୍ପର୍କରେ ମୃତକ ଦୁଇଜଣ ସମୁଦି ହେବେ, ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ ପୋଡ଼ାଗୁଡ଼ା ପଞ୍ଚାୟତ ର ବଡ଼ ପୋଡ଼ାଗୁଡ଼ା ଗ୍ରାମ ନିକଟରେ। ଗାଁର ଚାଷୀ ଧନୁର୍ଯ୍ୟ ମଶ୍ରା (୫୭)ଓ ତାଙ୍କ ସମୁଦି କଛାର ପଡା ଗାଁର ଅନିରୁଦ୍ଧ ନାଏକ (୫୫) ଗୁରୁବାର ସକାଳୁ ବଡ଼ ପୋଡ଼ାଗୁଡ଼ା ମହାଜନଗୁଡ଼ା ରାସ୍ତା ମଝିରେ ଥିବା ମୁଣ୍ଡୁରା ନଦୀ ଠାରୁ ଚାଷଜମି ରେ ଧାନ ଚାଷ ପାଇଁ ପାଣି ମଡାଉଥିବା ବେଳେ କୌଣସି କାରଣରୁ ମୋଟର ର ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଛଟପଟ ହେଉଥିବା ଦେଖି ତାଙ୍କ ସମୁଦି ଧାଇଁ ଯାଇ ତାଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିବା ସମୟରେ ସେ ମଧ୍ୟ ବିଦ୍ୟୁତ ସଂସ୍ପର୍ଶରେ ଆସି ଯାଇଥିଲେ, ଦୁଇ ସମୁଦି ବିଦ୍ୟୁତ ଆଘାତ ରେ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପରେ ନିକଟରେ ଥିବା କିଛି ଚାଷି ଏହା ଦେଖି ପରିବାର ଲୋକ ଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଆସିବା ବେଳକୁ ଦୁହିଁଙ୍କ ମୃତ୍ୟୁ ହୋଇ ସାରିଥିଲା। ଘଟଣା ପରେ ପରିବାର ଲୋକେ ଉଦ୍ଧାର କରି ସ୍ଥାନୀୟ ଆମପାଣି ପୁଲିସକୁ ସୂଚନା ଦେଇଥିଲେ।

## ଲଗାଣ ବର୍ଷାରେ ଭାଙ୍ଗିଲା ମାଟିଘର

**ବରଗଡ଼,୧୦।୭(ସଂଚାର ବ୍ୟୁରୋ):** ବରଗଡ଼ ଜିଲାରେ ବର୍ଷା ଲାଗି ରହିଛି। ବର୍ଷା ଯୋଗୁ ଜିଲାରେ ଜନ ଜୀବନ ପ୍ରଭାବିତ ହୋଇଛି। ଜିଲାର ଗାଁଠୁ ସହର ପର୍ଯ୍ୟନ୍ତ ଅନେକ ଗଳିକନ୍ଦିରେ ବର୍ଷାପାଣି ନିଷ୍କାସିତ ନ ହୋଇ ଜମି ରହିଛି। ଫଳରେ ଯାତାୟାତ ସମସ୍ୟା ଉପୁଜିଛି। ସେହିପରି କେତେକ ସ୍ଥାନରେ ମାଟିଘର ଭାଙ୍ଗିଥିବା ସୂଚନା ମିଳିଥିବାବେଳେ ଉଭୟ ଗାଁ ଏବଂ ସହରର ତଳି ଅଞ୍ଚଳରେ ରହିଥିବା ଘର ଗୁଡ଼ିକ ବର୍ଷାପାଣି ଘେରରେ ରହିଛି। ଫଳରେ ପୂର୍ବାପେକ୍ଷା ବର୍ଷା ପରିମାଣ ହ୍ରାସ ପାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଲୋକଙ୍କ ଦୁର୍ଦ୍ଦଶା ଥମି ନାହିଁ। ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ.୧ ଜୀରା କଲୋନୀ ଭଳି କେତେକ ଅଞ୍ଚଳରେ ଏବେ ମଧ୍ୟ ଲୋକଙ୍କ ଦୁଃଖ ଲାଗି ରହିଛି। ଜୀରା କଲୋନୀ ଜଳମଗ୍ନ ହୋଇଯିବା ପରେ ସେମାନଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ କମ୍ୟୁନିଟି ସେଣ୍ଟରକୁ ଅଣାଯାଇଥିଲା।

# ବଢ଼ାପାଳରୁ ଚୌମୁଖ ସ୍ଥାୟୀ ନଦୀବନ୍ଧ କେବେ ?

## ବାଲିଆପାଳରେ ପ୍ରଥମ କ୍ରିୟାନୁଷ୍ଠାନ ବୈଠକ ଅନୁଷ୍ଠିତ



**ବାଲିଆପାଳ,୧୦।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣରେଖା ନଦୀରେ ପ୍ରତିବର୍ଷ ଆସୁଥିବା ବନ୍ୟା ପାଣି ଧନଜୀବନ, ଚାଷ ବାସ, ଗୃହପାଳିତ ପଶୁ ତଥା ଜୀବନ ଜୀବିକା କ୍ଷତିଗ୍ରସ୍ତ ହୋଇ ଚାଲିଛି। ତେବେ ଏ ସମସ୍ୟାର ଦୀର୍ଘକାଳୀନ ସ୍ଥାୟୀ ପ୍ରତିକାର ଦାବୀରେ ସ୍ଥାନୀୟ ଆର୍ମ ସଙ୍ଗଠନର ସଭା ଗୃହରେ ଏକ ଜରୁରୀକାଳୀନ ବୈଠକ ଆୟୋଜିତ ହୋଇଯାଇଛି। ପୂର୍ବରୁ ନିଖିରା ପଞ୍ଚାୟତର ପାଳପଡ଼ା ଗ୍ରାମ, ବଢ଼ାପାଳରୁ କେନ୍ଦୁବାଡିଆ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୮ କିଲୋମିଟର ବ୍ୟାପୀ ନଦୀବନ୍ଧ ୧୯୯୭-୨୦୦୭ ମସିହାରେ ଆର୍ମ ସଂଗଠନ ଦ୍ୱାରା ସୁବର୍ଣ୍ଣରେଖା କୂଳବର୍ତ୍ତି ଗ୍ରାମପଞ୍ଚାୟତର ଲୋକଙ୍କ ସହଯୋଗରେ ନିର୍ମାଣ କରା ଯାଇଥିବା ନଦୀବନ୍ଧ ଯୋଗୁଁ ପୂର୍ବରୁ ବନ୍ୟା ଦ୍ୱାରା ଯେମିତି ପ୍ରଭୂତ କ୍ଷୟକ୍ଷତି ହେଉଥିଲା ତାହା ଏବେ କିଛି ମାତ୍ରାରେ କମି ଯାଇଛି। ମାତ୍ର ପରବର୍ତ୍ତୀ ସମୟରେ ନଦୀ ବନ୍ଧର ରକ୍ଷଣାବେକ୍ଷଣ ଅଭାବ ଏବଂ ବାକିଥିବା ବନ୍ଧ ନିର୍ମାଣ ନହେବା ଯୋଗୁଁ ଅଦିନିଆ ବନ୍ୟା ଦ୍ୱାରା ଧନଜୀବନ, ବିଶେଷ କରି ଧାନ, ଝୋଟ, ପରିବାଚାଷ କରି ଚଳୁଥିବା ଗ୍ରାମବାସୀ ଗଭୀର ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ବନ୍ୟା ପରେ ସରକାର ଚୂଡ଼ା ଚିନି ବଣ୍ଟନ କରି ଦାୟିତ୍ୱ ସାରି ଦେଉଛନ୍ତି। ବେସରକାରୀ ସଂସ୍ଥା ମଧ୍ୟ ରିଲିଫ ବଣ୍ଟନ କରୁଛନ୍ତି। ମାତ୍ର ତାହା ସୁବର୍ଣ୍ଣରେଖା ବନ୍ୟାର ସ୍ଥାୟୀ ସମାଧାନ ନୁହଁ। ସରକାରଙ୍କ ଚୂଡ଼ା ଚିନିରେ ସୁବର୍ଣ୍ଣରେଖା ବନ୍ୟାର ପ୍ରତିକାର ହୋଇଯିବ ନାହିଁ ବୋଲି କ୍ଷୋଭର ସହ ବୈଠକରେ ଉପସ୍ଥିତ ଜନ ପ୍ରତିନିଧିମାନେ ପ୍ରକାଶ କରିଥିଲେ। ଏହି ବୈଠକରେ ଯୁବ ବିକାଶ ସାମାଜିକ ସଂଗଠନର ନିର୍ଦ୍ଦେଶକ ଗୋବିନ୍ଦ ବଲ୍ଲଭ ଦଳାଇ ସଭାପତିତ୍ୱ କରିଥିଲେ। ସଭା ଆରମ୍ଭରେ ଆର୍ମ ସଙ୍ଗଠନର ମୁଖ୍ୟ ରାଜେନ୍ଦ୍ର ରଣା ଏଭଳି ଏକ ଜନହିତକର କାର୍ଯ୍ୟର ବହୁମୁଖି ଦିଗ ବିଷୟରେ ଆଲୋକପାତ କରିବା ସହିତ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ।